# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୪/୨୦୧୮ (୨୦ ପୃଷ୍ଠା+ମନ ମିଜାଜ) Bhubaneswar, Thursday, October 4 / 2018 ★★★★

୪୪ଶ ଭାଗ ୩୧୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







LEGENDS ARE MADE, NOT BORN.
come home to
Siyaram's
#RanveerForSiyarams
#ComeHome
MiSTAiR SUITINGS
MARCONI ITALIAN FASHION
ROYALÈ LINEN™ Premium Linen Fabric
MORETTI Italian Fashion
VICTORY SHIRTINGS
SPIRIT 100% Cotton Shirting
Miniature A gift of tradition
unicode Complete Uniform Solutions
For trade/corporate enquiries, contact: 022-30400500. Toll-free No.: 1800 209 4005. For franchisee enquiries, contact: 09820197273.
Email: enquiries@siyaram.com | www.siyaram.com Follow us on:
makani

# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୪/୨୦୧୮ | Bhubaneswar, Thursday, October 4 / 2018 | ପୃଷ୍ଠା-୧




**ନୂଆ ସିଜେଆଇ ଜଷ୍ଟିସ୍ ଗୋଗୋଇଙ୍କ ଶପଥଗ୍ରହଣ**

ସୁପ୍ରିମକୋର୍ଟର ନୂଆ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ବୁଧବାର ଜଷ୍ଟିସ୍ ରଞ୍ଜନ ଗୋଗୋଇ ଶପଥ ଗ୍ରହଣ କରିଛନ୍ତି।

୦୯

୧୬

**ପଙ୍କଜଙ୍କ ଅର୍ଦ୍ଧଶତକରେ ଭାରତ ବିଜୟୀ**

ବୁଧବାର ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ଦୃଷ୍ଟିହୀନ କ୍ରିକେଟ ମ୍ୟାଚରେ ପଙ୍କଜ ଭୁଏ ଓ ଅଜୟ ରେଡ୍ଡୀ ଅର୍ଦ୍ଧଶତକ ହାସଲ କରି ଭାରତକୁ ବିଜୟୀ କରାଇଛନ୍ତି।








■ ବନ୍ଦ ନେଲା ହିଂସାର ରୂପ: ପୋଲିସ-ଆନ୍ଦୋଳନକାରୀ ଖଣ୍ଡଯୁଦ୍ଧ

# ବଡ଼ଦାଣ୍ଡ ରଣକ୍ଷେତ୍ର



ପୁରୀ ବଡ଼ଦାଣ୍ଡର ଏକ ଟ୍ରାଫିକ ପୋଷ୍ଟକୁ ପୋଡ଼ି ଦିଆଯାଇଛି।



ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍‌କୁ ଆନ୍ଦୋଳନକାରୀମାନେ ଭାଙ୍ଗୁଛନ୍ତି।



ସିଂହଦ୍ୱାର ନିକଟ ଜୋତା ଷ୍ଟାଣ୍ଡଗୁଡ଼ିକୁ ପୋଡ଼ି ଦିଆଯାଉଛି। (ଅଧିକ ଫଟୋ: ପୃଷ୍ଠା-୮)



ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଭଙ୍ଗାରୁଜା ପରେ ଆଲମିରାକୁ ବାହାରକୁ ଫିଙ୍ଗାଯାଉଛି।

ପୁରୀ ଅଫିସ, ୩।୧୦

ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ବିରୋଧ କରି ବୁଧବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦିଆଯାଇଥିବା ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ନେଇଛି ହିଂସାର ରୂପ। ପୋଡ଼ାଜଳା, ଭଙ୍ଗାରୁଜାରେ ଅଶାନ୍ତ ହୋଇପଡିଛି ଶ୍ରୀକ୍ଷେତ୍ର। ରଣକ୍ଷେତ୍ର ପାଲଟିଛି ବଡ଼ଦାଣ୍ଡ। ଗଳି, କନ୍ଦିରେ ଆତଙ୍କରାଜ ଭିଆଇଛନ୍ତି ବିକ୍ଷୋଭକାରୀ। ଆନ୍ଦୋଳନକାରୀଙ୍କ ଆକ୍ରୋଶରୁ ବର୍ତ୍ତି ପାରିନାହାନ୍ତି ଜିଲାପାଳ ଏବଂ ଏସ୍‌ପି। ବାଦ୍ ପଡ଼ିନି ରାଜସ୍ୱ ମନ୍ତ୍ରୀଙ୍କ ବାସଭବନ। ଦୀର୍ଘ ୬ ଘଣ୍ଟା ଧରି ଆନ୍ଦୋଳନକାରୀଙ୍କ କବ୍‌ଜାରେ ରହିଥିଲା ବଡ଼ଦାଣ୍ଡ। ପରିସ୍ଥିତି ସମ୍ପୂର୍ଣ୍ଣ ଅଣାୟତ୍ତ ହେବା ପରେ ଚେଇଁ ଉଠିଥିଲା ପୋଲିସ। ବଡ଼ଦାଣ୍ଡରେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ହୋଇଥିଲା ଖଣ୍ଡଯୁଦ୍ଧ। ହିଂସାରେ ଶ୍ରୀକ୍ଷେତ୍ର ଥରହର ହୋଇଥିଲେ ହେଁ କାଳିଆର ନୀତିରେ ଘଟିନି ବିଭ୍ରାଟ।

ଭକ୍ତଙ୍କ ସ୍ୱଚ୍ଛନ୍ଦ ଦର୍ଶନ ଲାଗି ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଥିଲା ଧାଡ଼ି ଦର୍ଶନ ବ୍ୟବସ୍ଥା। ପ୍ରଥମ ଦିନରୁ ଜଗନ୍ନାଥ ସେନା ଏହାକୁ ବିରୋଧ କରିବା ସହ ☞ପୃଷ୍ଠା-୨

- ■ ସିଂହଦ୍ୱାର ଫାଣ୍ଡି, ସୂଚନା କେନ୍ଦ୍ର ପୋଡ଼ିଲେ
- ■ ଶ୍ରୀମନ୍ଦିର କାର୍ଯ୍ୟାଳୟ, ମନ୍ତ୍ରୀଙ୍କ ବାସଭବନରେ ଭଙ୍ଗାରୁଜା
- ■ ଏସ୍‌ପିଙ୍କ ଅଫିସ୍‌ରେ ଧସେଇ ପଶିଲେ
- ■ ବଡ଼ଦାଣ୍ଡର ସବୁ ଟ୍ରାଫିକ ପୋଷ୍ଟ ଜାଳିଦେଲେ
- ■ ମନ୍ଦିର ଭିତରୁ ପୋଲିସକୁ ଟେକା ମାଡ଼
- ■ ୫୦ରୁ ଊର୍ଦ୍ଧ୍ୱ ପୋଲିସ ଓ ଜନତା ଆହତ

# କ୍ୟାମ୍ପସ ଅଶାନ୍ତ

ଭୁବନେଶ୍ୱର, ୩।୧୦(ବ୍ୟୁରୋ)

ଛାତ୍ର ସଂସଦ ନିର୍ବାଚନର ଆଦ୍ୟ ପର୍ବ କୁହାଯାଉଥିବା ନାମାଙ୍କନପତ୍ର ଦାଖଲ ଦିନରୁ ଅଶାନ୍ତ ହୋଇପଡ଼ିଛି କଲେଜ କ୍ୟାମ୍ପସ। ବୁଧବାର ନାମାଙ୍କନପତ୍ର ଦାଖଲ କାର୍ଯ୍ୟକ୍ରମ ଥିବାବେଳେ ରାଜ୍ୟର ଏକାଧିକ କଲେଜରେ ହିଂସା ସୃଷ୍ଟି ହୋଇଛି। କେତେକ କଲେଜ କ୍ୟାମ୍ପସରେ ବୋମାମାଡ଼ ମଧ୍ୟ ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସହିତ ୧୨ଟି କଲେଜରେ ନିର୍ବାଚନକୁ ବାତିଲ କରିଦିଆଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ସାଇନ୍-ଏ-ଡାଏ ଘୋଷଣା କରାଯାଇଛି। ଏହାବ୍ୟତୀତ ଅନେକ କଲେଜରେ ଶାନ୍ତିଶୃଙ୍ଖଳାରେ ନାମାଙ୍କନପତ୍ର ଦାଖଲ ହୋଇଛି। ଗୁରୁବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

ଆସନ୍ତା ୧୧ ତାରିଖରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବାବେଳେ ବୁଧବାର ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ରହିଥିଲା। କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ପ୍ରାର୍ଥୀମାନେ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତେବେ ହିଂସା ଏବଂ ଉତ୍ତେଜନାମୂଳକ ☞ପୃଷ୍ଠା-୨

**ଛାତ୍ର ସଂସଦ ନିର୍ବାଚନ**

- ■ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସହିତ ୧୨ କଲେଜରେ ନିର୍ବାଚନ ବାତିଲ
- ■ ଅନନ୍ତପୁର ସାରସ୍ୱତ କଲେଜ, ଆନନ୍ଦପୁର, ଏନ୍‌ସି କଲେଜରେ ବୋମାମାଡ଼
- ■ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସାଇନ୍-ଏ-ଡାଏ
- ■ ନାମାଙ୍କନପତ୍ର ଦାଖଲ ସରିଲା, ଆଜି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଲୋପ ପାଇବ ହାତୀବଂଶ

**ଆଜିର ମନ୍ତବ୍ୟ**

" ପ୍ରକୃତିର ସମ୍ମାନ ଭାରତୀୟ ସଂସ୍କୃତିର ସଦା ଅଂଶବିଶେଷ ହୋଇରହିଛି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ







**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE
03.10.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 62 | 109 | 119 |
| ANG | 60 | 106 | 116 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers


■ ପ୍ରୋଟିନ୍ ବିକଶିତ କରିବାରେ ବିବର୍ତ୍ତନର ସିଦ୍ଧାନ୍ତ

# ୩ ଗବେଷକଙ୍କୁ ରସାୟନ ବିଜ୍ଞାନରେ ନୋବେଲ

ଷ୍ଟକ୍‌ହୋମ୍,୩।୧୦(ଏ.ଏଫ୍.ପି.)

ଆମେରିକୀୟ ବୈଜ୍ଞାନିକ ଫ୍ରାନ୍ସେସ୍ ଏଚ୍. ଆର୍ନୋଲ୍ଡ, ଜର୍ଜ ପି. ସ୍ମିଥ୍ ଏବଂ ବ୍ରିଟିଶ୍ ଗବେଷକ ଗ୍ରେଗୋରୀ ୱିଣ୍ଟର ରସାୟନ ବିଜ୍ଞାନରେ ଚଳିତବର୍ଷର ନୋବେଲ ପୁରସ୍କାର ବିଜେତା। ଏହି ୩ ଜଣଙ୍କୁ ମିଳିତ ଭାବେ ଉକ୍ତ ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନିତ କରିବା ପାଇଁ ବୁଧବାର ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସେସ୍ ପକ୍ଷରୁ ଘୋଷଣା କରାଯାଇଛି। ଜୈବ ଇନ୍ଧନରୁ ସବୁକିଛିକୁ ମେଡିସିନରେ ପରିବର୍ତ୍ତିତ କରିବା ଲାଗି ଏମାନେ ପ୍ରୋଟିନ୍ ବିକଶିତ କରିଛନ୍ତି। ତିନି ବୈଜ୍ଞାନିକ ଏଥିପାଇଁ ବିବର୍ତ୍ତନର ସିଦ୍ଧାନ୍ତକୁ ପ୍ରୟୋଗ କରିଥିବା ବିଚାରକ ମଣ୍ଡଳୀ କହିଛନ୍ତି। ଆର୍ନୋଲ୍ଡ ହେଉଛନ୍ତି ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାରେ ପଞ୍ଚମ ମହିଳା। ☞ପୃଷ୍ଠା-୧୩



ଜର୍ଜ ପି. ସ୍ମିଥ୍



ଫ୍ରାନ୍ସେସ୍ ଏଚ୍. ଆର୍ନୋଲ୍ଡ



ଗ୍ରେଗୋରୀ ୱିଣ୍ଟର

ଜଣେ ଯୁବତୀଙ୍କ ପାଇଁ ମନ ପସନ୍ଦର ବର ଯୋଗାଡ଼ ନ କରିପାରିବାରୁ ଏକ ମ୍ୟାଟ୍ରିମୋନି କମ୍ପାନୀକୁ ୬୫ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିଛି। ଚଣ୍ଡିଗଡ଼ରେ ରହୁଥିବା ଜଣେ ଯୁବତୀ ମନପସନ୍ଦର ବର ପାଇଁ ୱେଡିଂ ୱିଶ୍ ପ୍ରାଇଭେଟ୍ ଲିମିଟେଡ୍ ମ୍ୟାଟ୍ରିମୋନି କମ୍ପାନୀରେ ୫୮ ହଜାର ୬ଶହ ୫୦ ଟଙ୍କା ଦେଇ ୨୦୧୬ ଜୁନ୍ ୨ ତାରିଖରେ ପଞ୍ଜୀକରଣ କରିଥିଲେ। ୩ ମାସ ବିତିଗଲେ ମଧ୍ୟ କମ୍ପାନୀ ପ୍ରତିଶ୍ରୁତି ପାଳନ କରିପାରି ନ ଥିଲା। ଯୁବତୀ ଏନେଇ ଉପଭୋକ୍ତା ଫୋରମରେ ମାମଲା ଦାଏର କରିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................



ସିଲି
ପରିବାରବର୍ଗ



ଭବାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified





### SALE

Bolero Plus, Bolero SLE, Innova 2016, TATA ACE, Magic. 9853020992. D-63381





### SALE

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/ 47 lakh onwards. Contact: 7381087905. D-64182

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Commercial Plot just opposite to the 2nd Proposed International Airport for 7 Lakhs with Great Bypass Highway going beside the Airport. Contact: 7205555455. D-8709

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64331

1500 sqft. gharabari residential yellow zone plot at Patia, Bhubaneswar Rs. 36,75,000/-. Contact: 7504392698. D-64191

Book a 3BHK duplex house Jagamara, Bhubaneswar having land area 1260 sqft. and 1900 construction area price 77 lakh Bank finance available. 9078151122. D-64192

Gharabari plot with revenue road and electricity near Patia Station, Bhubaneswar. 7077110394. D-8711

3BHK apartment, 1st floor, super built-up 1970 sft. near Gastro Hospital, Nayapalli. 7205072051. D-64513

**2/3 BHK flats within 400 mtrs of Patia Bigbazar. Contact: 9337416101, 8249655435.** D-64702

ଭୁବନେଶ୍ୱର ବାଳକାଟି ବଜାରରୁ 3km. ଦୂରତାରେ 30' road, eletricity ସୁବିଧାଥାଇ ଘରବାରି ପାଚେରି ପ୍ଲଟ୍ ପିଚୁରୋଡ୍‌କୁ ଲାଗି sqft. 480/-ରେ ବିକ୍ରିହେବ। 9438855652, 9090053827. D-64335

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64336





3 BHK apartment, 3rd floor near Station Bazar, Bhubaneswar. Contact: 7205072051. D-64512





Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

Physiotherapy and herbal massage by trained ladies/ gents therapist. 7008773793. D-65009

Herbal full body massage by smart/ expert therapist. Contact: 8338067247. D-64193

Experience full body massage with us by experts. Enquiry: 7377048581. D-64194

All type of massage and good therapy full body massage Sai herbal spa. 7609005923. D-64205

Opening newly ayurvedic full body massage ladies, gents. 7438851534, 7609923705. D-38535

### LOST

ଆମର ଜଣେ ଏଜେଣ୍ଟ Pramod Kumar Samal ଯେ କି Sujoy Associatesରେ HDFC Bank ତରଫରୁ କାର୍ଯ୍ୟରତ। ତାଙ୍କର ID Card No.- 343384 ଗତ ତା 28.09.18 ସନ୍ଧ୍ୟା ପ୍ରାୟ ୫ଟା ରୁ ୬ଟା ମଧ୍ୟରେ ଦୁହୁରିଆ ଛକଠାରୁ ବଳଭଦ୍ରପୁର (କେନ୍ଦ୍ରାପଡା) ଗ୍ରାମ ମଧ୍ୟରେ ଏକ HDFC Bankର money receipt book ଯାହାର No.- 4468990 ଓ ଉକ୍ତ ବହିରେ 10ଟି ଅବ୍ୟବହୃତ money receipt (49535891-49535900) କେଉଁଠି ହଜିଯାଇଛି କିମ୍ବା କିଏ ନେଇଯାଇଛି। ଯଦି କୌଣସି ବ୍ୟକ୍ତି ଉକ୍ତ ବହିଟିକୁ ପାଆନ୍ତି ଆମକୁ ଫେରାଇବାକୁ ଅନୁରୋଧ। Sujoy Associates. 7381884933. D-8715

I, Sumita Giri have lost my original B.Tech Degree Certificate of 2012-2016 session bearing registration number 1201308318 belongs from BPUT. If found please contact: 8250075482. D-8710

### AFFIDAVIT

By virtue of an affidavit before Notary Public, Cuttack on dated 3.10.2018, I have changed my name Smita Dhamel to Smita Priyadarshini. Henceforth, I shall be known as Smita Priyadarshini for all purposes. D-8714



ଦ୍ୱିତୀୟ ଜନ୍ମବାର୍ଷିକୋତ୍ସବ ଶୁଭେଚ୍ଛା

(ସୋନମ୍)

**ପ୍ରିୟାଂସୀ ପ୍ରତ୍ୟୁଷା ବିହାରୀ**

ଗ୍ରାମ– ସାମନ୍ତରାପୁର, ପୋ– ପଦନପୁର,
ଭାୟା– ଡ଼ମପଡ଼ା, ଥା– ବାଙ୍କୀ, ଜି–କଟକ
ଜନ୍ମତାରିଖ: ୦୪।୧୦।୨୦୧୬
(ଆଶ୍ୱିନ ଶୁକ୍ଳପକ୍ଷ, ଚତୁର୍ଥୀ ତିଥି)

ତୋର ଦ୍ୱିତୀୟ ଜନ୍ମବାର୍ଷିକୋତ୍ସବରେ ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅପାର କରୁଣା ତୋ ଦୀର୍ଘାୟୁ କାମନା କରି ତୋର ଭବିଷ୍ୟତ ଉଜ୍ଜ୍ୱଳ ତଥା ତୋର ଚଲାପଥକୁ କୁସୁମିତ କରନ୍ତୁ, ଏହାହିଁ ପ୍ରଭୁଙ୍କ ପାଖରେ ପ୍ରାର୍ଥନା କରନ୍ତ, ତୋର: ମାଆ, ବାପା, ଜେଜେମା, ଜେଜେବାପା, ବଡବାପା, ବଡମାଆ, ଦାଦା, ଖୁଡୀ, ପିଉସା, ପିଉସୀ। ଶୁଭେଚ୍ଛା ସହ: ସାଇପ୍ରିତମ୍, ପୁନମ୍, ସୋହମ୍, ରୋହନ୍, ପାୟଲ୍। ଧ–୮୭୧୨

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କିଛି ତଥ୍ୟ

୨୦୧୮–୧୯ ଆର୍ଥିକ ବର୍ଷର ଏପ୍ରିଲ–ଅଗଷ୍ଟ ସମୟ ମଧ୍ୟରେ ଘରୋଇ ବଜାରର ରପ୍ତାନି ୧୬.୧୩% ବୃଦ୍ଧି ଘଟି ୧୩୬.୧୦ ବିଲିୟନ ଡଲାର ଛୁଇଁଛି।
**–ବାଣିଜ୍ୟ ମନ୍ତ୍ରଣାଳୟ**

## ମନେ ପଡ଼ନ୍ତି

### ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ହେମପ୍ରଭା ମହାନ୍ତି**

ଆବିର୍ଭାବ: ୨୩।୦୩।୧୯୩୯
ତିରୋଧାନ: ୨୪।୦୯।୨୦୦୮
ଆଶ୍ୱିନ କୃଷ୍ଣପକ୍ଷ ଦଶମୀ
ସ୍ୱା– ଶ୍ରୀ ରାଧାମୋହନ ମହାନ୍ତି

ତୁମର ଆଦର୍ଶ, ଧର୍ମପରାୟଣତା, ପରୋପକାରିତା, ସରଳ ଆମାୟିକ ଜୀବନ, ତ୍ୟାଗ, ସ୍ନେହ ଆମର ପଥ ପ୍ରଦର୍ଶକ ହେଉ। ଈଶ୍ୱର ତୁମର ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ଏହାହିଁ ଆମର ପ୍ରାର୍ଥନା। ସ୍ୱାମୀ– ଶ୍ରୀ ରାଧାମୋହନ ମହାନ୍ତି, ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟସ୍ୱଜନ। ଧ–୬୩୩୮୨

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ଅରବିନ୍ଦ ଦାଶ**

Tech-Mahindra, BBSR (ମ୍ୟାନେଜର)
ସେକ୍ଟର–୫(୨୯୮), ନୀଳାଦ୍ରିବିହାର,
ଭୁବନେଶ୍ୱର (Home)
ଆବିର୍ଭାବ: ୩୦।୦୫।୧୯୭୭
ତିରୋଧାନ: ୨୩।୦୯।୨୦୧୮

ବାବୁରେ, ଅଧ୍ୟୟନ କୃତତ୍ୱ ପରେ ସମର୍ପିତ କମ୍ପାନୀ ସେବା ସତ୍ତ୍ୱେ ଜୀବନ ଯନ୍ତ୍ରଣାକୁ ହଜମ କରି ପାରିବାରିକ ସୁଖ ସମୃଦ୍ଧି ସହ ସହଯୋଗକରି ଉଜ୍ଜ୍ୱଳ ଭବିଷ୍ୟତ ସ୍ୱପ୍ନରେ ଆଗେଇ ଚାଲୁଥିଲୁ। ମାତ୍ର ନିଷ୍ଠୁର ଦୈବ ଆମଠାରୁ ତତେ ଛଡେଇନେଲା। ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ପ୍ରାର୍ଥନା ତୋର ଆତ୍ମା ସେପାରିରେ ଶାନ୍ତିରେ ରହୁ। ହତଭାଗ୍ୟ ତାତା, ବୋଉ, ବାପୁନ, ମାମା, ଡାଡୁଲ୍ ଏବଂ ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ। ଧ–୮୬୮୭

### ଓଡ଼ିଆ ଅଧ୍ୟାପିକାଙ୍କ ପି.ଏଚ୍‌ଡି ଲାଭ



ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟ, ବାଙ୍ଗରା, ବାଲେଶ୍ୱରରେ ଅବସ୍ଥାପିତ ଓଡ଼ିଆ ବିଭାଗର ଅଧ୍ୟାପିକା

**ଶ୍ରୀମତୀ ଅସ୍ମିତା ସିଂହ,** ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ବିଭାଗରେ ପି.ଏଚ୍‌ଡି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ସୁନାମଧନ୍ୟ ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକ ଡକ୍ଟର ଭାଗୀରଥି ନାୟକଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ଗବେଷଣା ସନ୍ଦର୍ଭ ସ୍ୱାଧୀନତା ପରବର୍ତ୍ତୀ କ୍ଷୁଦ୍ରଗଳ୍ପରେ ହାସ୍ୟ ଓ ବ୍ୟଙ୍ଗ ଡଃ ଗିରିବାଳା ମହାନ୍ତି, ପ୍ରଫେସର ପି.ଜି ଡିପାର୍ଟମେଣ୍ଟ ଅଫ୍ ଓଡିଆ, ଶାନ୍ତିନିକେତନ ଓ ଡଃ ଆଦିକନ୍ଦ ସାହୁ, ପ୍ରଫେସର ଅଫ ଓଡ଼ିଆ, ଚନ୍ଦ୍ରଲୋକ, କଳିଙ୍ଗନଗର ଭୁବନେଶ୍ୱରଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚପ୍ରଶଂସିତ ହୋଇଅଛି। ଡଃ ଅସ୍ମିତା ସିଂହ ବାଲେଶ୍ୱର ଜିଲ୍ଲା– ସୁନହଟ ନିବାସୀ ଅବସରପ୍ରାପ୍ତ ରେଭିନ୍ୟୁ ସୁପରଭାଇଜର ଶ୍ରୀଯୁକ୍ତ କୃପାସିନ୍ଧୁ ସିଂହଙ୍କର କନ୍ୟା ଓ ମିତ୍ରପୁର ସ୍ଥିତ ଗୋବର୍ଦ୍ଧନପୁର ଗ୍ରାମନିବାସୀ ଅବସରପ୍ରାପ୍ତ ରେଭିନ୍ୟୁ ଡିପାର୍ଟମେଣ୍ଟର ବରିଷ୍ଠ କିରାଣି ଶ୍ରୀଯୁକ୍ତ ଭଗବାନ ଚନ୍ଦ୍ର ବିଶ୍ୱାଳଙ୍କର ପୁତ୍ରବଧୂ ଅଟନ୍ତି। ସ୍ୱାମୀ ଶ୍ରୀ ଶରତ କୁମାର ବିଶ୍ୱାଳ ଜଣେ ଆୟୁର୍ବେଦ ଡାକ୍ତର ଭାବରେ କାର୍ଯ୍ୟରତ ଏବଂ ତାଙ୍କର ପୂର୍ଣ୍ଣ ସହଯୋଗ ପାଇଁ ସେ ସଫଳତା ପାଇଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ସହକର୍ମୀ, ପିତାମାତା, ଶାଶୁଶ୍ୱଶୁର, ଭାଇଭାଉଜ ଓ ଭଉଣୀଭିଣୋଇଙ୍କୁ ଦେଇଛନ୍ତି। ଧ–୮୭୧୩

## ଖଟିରେ ଖଟିରେ...

### ଏମିତି ଶୁଣିବ

ଭାଇ କ'ଣ ଟିକେ କିଛି ଦଉନା। ଇରେ ମୁଁ କ'ଣ ଦେବି, ବାୟା ହେଇଯାଇଛୁ ନା କ'ଣ। ମୁଁ କିଏ କହିଲୁ, ମୁଁ କ'ଣ କିଛି ଦେଇପାରିବି, ତୋ ପାଖରେ ପରା ଆମ ଦଳର ରାଇଜ ଛାତ୍ର ମୁଖିଆ ଅଛନ୍ତି, ଗୋଟେ କାମ କର ତାଙ୍କଠାରୁ ନେଇଯା। ପୁରୀ ଜିଲା ଗଡ଼ ଏରିଆ ମାନ୍ୟବରଙ୍କୁ ଜଣେ କର୍ମୀ କିଛି ଖର୍ଚ୍ଚ ପାଣି ମାଗୁମାଗୁ ବାବୁ ଆମର ଧଡାସ୍ କିନା ଏମିତି ପୁଳାଏ କଥା କହି ଚାଲିଲେ। ଆଉ ଯେମିତି ବାବୁ ସେଠାରୁ ଯାଇଛନ୍ତି, କର୍ମୀ ଭାଇ ଜଣକ ଛାତ୍ର ନେତା ମହାଶୟଙ୍କୁ ମାଗିଲେ, ସେଇଠୁ ଆମ ମାନ୍ୟବରଙ୍କ ଢାଞ୍ଚାରେ ସେ ମଧ୍ୟ ସମାନ ଉତ୍ତର ପୁଳାଏ ଦେଇଦେଲେ। ଆଉ ମହାଶୟ ଜଣକ ତାଙ୍କ ପାଖରେ ଥିବା ଜିଲା ଛାତ୍ର ନେତାଙ୍କଠାରୁ ନେଇଯିବାକୁ କହି ସେଠାରୁ ଖସିଲେ। ଶେଷରେ କର୍ମୀ ଭାଇଜଣକ ପୂରା ରାଗି ପଞ୍ଚମ ହୋଇ ତାଙ୍କ ସାଙ୍ଗରେ ଆସିଥିବା ଜଣେ ବାବୁଙ୍କୁ କହିଲେ, ଇରେ ହେ ଆମ ଦଳଟା ପୂରା ଗଲାଣି। ଏଠି ତ ଚେର ଖରାପ ହେଲାଣି ଡାଳ, ପତ୍ର ସବୁ ଭଲ ଖୋଜିଲେ କୁଆଡୁ ଆସିବ। ଏଗୁଡାକ ତ ସବୁ ନବା ଶିଖିଗଲେଣି ଦେବେ କେମିତି। ହଉ ଆଗକୁ ଆସୁଛି, ସେତେବେଳେ ଆମକୁ ମାଗିବ, ଆଉ ଏମିତି ଶୁଣିବ।

### ଧନ୍ୟ ମୁଖିଆ, ଧନ୍ୟ ହ୍ୱାଟ୍ସଆପ୍

ନିର୍ବାଚନ ପାଖେଇ ଆସୁଛି। ଖଟିଗୁଡାକ ବି ଚଳଚଞ୍ଚଳ ହୋଇ ଯାଉଛି। ଏବେ ସବୁଠି ପ୍ରାୟ ଭୋଟ୍ ଚିନ୍ତା। ଗାନ୍ଧୀ ଜୟନ୍ତୀରେ ବି ଖଟି ଜମିଥିଲା। କେଶରୀ ଟକିଜ୍ ଖଟିରେ ପାପୁଲି ମୁଖିଆଙ୍କ ମୁଡ୍ ନେଇ ସରଗରମ ଆଲୋଚନା ଚାଲିଥିଲା। ଜଣେ ଖଟି ମେମ୍ବର ହାତରେ ଚା' ଧରି ମୁଖିଆ ୪୪ ସଂଖ୍ୟା କୁଆଡୁ ପାଇଲେ ବୋଲି ପ୍ରଶ୍ନ କଲେ। ଯୋଗକୁ ସେଠି ଉପକୂଳିଆ ଟୋକାଟିଏ ଥିଲା। ସେ କହିଲା, ମୁଖିଆ ଜୁଲାଇ ସୁଦ୍ଧା ୫୦ ପ୍ରାର୍ଥୀ ଘୋଷଣା କରିବେ ବୋଲି କହିଥିଲେ। ହେଲେ ଜୁଲାଇରୁ ତାଲିକା ଗଡ଼ି ଗଡ଼ି ଅକ୍ଟୋବରରେ ପହଞ୍ଚିଲା। ହେଲେ ଫାଇନାଲ ହୋଇପାରିଲା ନାହିଁ। ତେଣୁ କାଳେ ଅପଦସ୍ଥ ହେବେ, ସେଥିପାଇଁ ବୁମ୍‌ଧାରୀଙ୍କୁ ୪୪ ସଂଖ୍ୟା କୁହାଗଲା। ହେଲେ ତା' ପରେ ହ୍ୱାଟ୍ସଆପ୍‌ରେ ମିଛ ତାଲିକାର କମାଲ ସମସ୍ତେ ଦେଖିଲେ। ଏକଥା ଶୁଣିବା ପରେ ପ୍ରଶ୍ନ ପଚାରିଥିବା ବ୍ୟକ୍ତି କହିଲେ, ଧନ୍ୟ ମୁଖିଆ। ଧନ୍ୟ ହ୍ୱାଟ୍ସଆପ୍।

## ପ୍ରଥମ ପୃଷ୍ଠାରୁ...

### ବଡ଼ଦାଣ୍ଡ ...

୩ ତାରିଖରେ ବନ୍ଦ ଡାକରା ଦେଇଥିଲା। କିନ୍ତୁ ଅସନ୍ତୋଷକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଲାଗି ପଦକ୍ଷେପ ଆରମ୍ଭ କରିଥିଲା। ପୂର୍ବ ନିଷ୍ପତ୍ତି ଅନୁଯାୟୀ ସେନା ପକ୍ଷରୁ ବୁଧବାର ପୁରୀ ବନ୍ଦ୍‌ର ପ୍ରସ୍ତୁତି ଚାଲିଥିବା ବେଳେ ଭୋରୁ ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କୁ ପୋଲିସ ତାଙ୍କ ମୋଚିସାହିସ୍ଥିତ ବାସଭବନରୁ ଉଠାଇ ନେଇଥିଲା। ଏହା ପରେ ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ଉତ୍ତେଜନାର ରୂପ ନେଇଥିଲା। ଧୀରେ ଧୀରେ ଏହା ହିଂସା ଆଡକୁ ମୁହାଁଇଥିଲା।

ପ୍ରଥମେ ଆନ୍ଦୋଳନକାରୀ ସିଂହଦ୍ୱାର ନିକଟରୁ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ପୁଣି ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଏହାପରେ ଆରମ୍ଭ ହୋଇଥିଲା ହିଂସାକାଣ୍ଡ। ଆନ୍ଦୋଳନକାରୀ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ ଭାଙ୍ଗି ଭିତରକୁ ଧସେଇ ପଶିଥିଲେ। ବାଇଶିପାହାଚରେ ହୋଇଥିବା ବ୍ୟାରିକେଡକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ସିଂହଦ୍ୱାରରେ ଦର୍ଶନ ପାଇଁ ହୋଇଥିବା ଶେଡ୍‌ରେ ନିଆଁ ଲଗାଇ ଦେଇଥିଲେ। ସିଂହଦ୍ୱାର ସୂଚନା କେନ୍ଦ୍ରକୁ ଭଙ୍ଗାରୁଜା କରିବା ସହ ନିକଟରେ ଥିବା ସୂଚନା ଓ ଲୋକସମ୍ପର୍କ ବିଭାଗର ସୂଚନା କେନ୍ଦ୍ରରେ ନିଆଁ ଲଗାଇ ଦେଇଥିଲେ। ସିଂହଦ୍ୱାର ଥାନା ନିକଟରେ ମାଗଣାରେ ଭକ୍ତଙ୍କ ଚପଲ ରଖିବା ପାଇଁ ରହିଥିବା ୪ଟି କ୍ୟାବିନ୍‌କୁ ଭାଙ୍ଗି ପୋଡ଼ି ଦେଇଥିଲେ। ଆନ୍ଦୋଳନ ଯେତିକି ବ୍ୟାପୁଥିଲା ସେମାନଙ୍କ ସହ ଅସାମାଜିକଙ୍କ ସଂଖ୍ୟା ମଧ୍ୟ ବଢୁଥିଲା। ପରେ ବିକ୍ଷୋଭକାରୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। କାର୍ଯ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ରେକର୍ଡ ଜାଳି ଦେଇଥିଲେ। ଏହାପରେ ବିକ୍ଷୋଭକାରୀ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କୁ ଟାର୍ଗେଟ କରିଥିଲେ। ଆନ୍ଦୋଳନକାରୀ ମନ୍ତ୍ରୀଙ୍କ କୁମୁଟି ସାହିସ୍ଥିତ ବାସଭବନରେ ପହଞ୍ଚି ଫୁଲକୁଣ୍ଡ ଫିଙ୍ଗା ଫୋପଡ଼ା କରିବା ସହ ସିସିଟିଭି ଭାଙ୍ଗିଦେଇଥିଲେ। ସେଠାରୁ ଯାଇ ଏସ୍‌ପିଙ୍କ ଆବାସିକ କାର୍ଯ୍ୟାଳୟରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଦୀର୍ଘ ସମୟ ଧରି ସେଠାରେ ନାରାବାଜି କରିବା ସହ ଟାୟାର ଜାଳି ଧାରଣା ଦେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭକାରୀ ଧାରଣା ଦେଇଥିଲେ। ସେଠାରୁ ପୁଣି ବଡ଼ଦାଣ୍ଡକୁ ଆସି ଅରାଜକତା ଆରମ୍ଭ କରିଦେଇଥିଲେ। ପୋଲିସଠାରୁ ସାଧାରଣ ଜନତା କାହାକୁ ବି ଛାଡି ନ ଥିଲେ। ବଡ଼ଦାଣ୍ଡ ଦେଇ ଯାଉଥିବା ପର୍ଯ୍ୟଟକ ଏପରି କି ଖବରଦାତାଙ୍କୁ ବି ଗୋଡ଼େଇ ଗୋଡ଼େଇ ପିଟିଥିଲେ। କେହି ଯଦି ମୋବାଇଲ ଫୋନରେ ଫଟୋ ଉତ୍ତୋଳନ କରୁଥିଲେ ସେମାନଙ୍କୁ ବି ଛାଡି ନ ଥିଲେ ଆନ୍ଦୋଳନକାରୀ। ଏତେସବୁ ଘଟଣା ପରେ ବି ପୋଲିସ ପଦାକୁ ବାହାରି ନ ଥିଲା। ବଡ଼ଦାଣ୍ଡ ବିକ୍ଷୋଭକାରୀଙ୍କ କବ୍‌ଜାକୁ ଚାଲିଯିବା ପରେ ବାହାରିଥିଲା ପୋଲିସ। ବଡ଼ଦାଣ୍ଡରେ ଆରମ୍ଭ କରିଦେଇଥିଲା ଲାଠି ଚାର୍ଜ। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଏବଂ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ପହଞ୍ଚିଥିଲେ ଘଟଣାସ୍ଥଳରେ। ଆନ୍ଦୋଳନକାରୀଙ୍କୁ ଲାଠିମାଡ଼, ଲୁହବୁହା ବାଷ୍ପ ଓ ରବର ବୁଲେଟ୍ ମାଡ଼ କରି ହଟାଇବାକୁ ଉଦ୍ୟମ କରିଥିଲା ପୋଲିସ। କିନ୍ତୁ ଆନ୍ଦୋଳନକାରୀ ଟେକା ଓ କାଚ ବୋତଲ ଫିଙ୍ଗି ପୋଲିସକୁ ପାଲଟା ଆକ୍ରମଣ କରିଥିଲେ। ଏଥିରେ ଜିଲାପାଳ ଏବଂ ଏସ୍‌ପି ସାମାନ୍ୟ ଆହତ ହୋଇଛନ୍ତି। ଏହାପରେ ଅଧିକ ପୋଲିସ ଫୋର୍ସ ମଗାଯାଇଥିଲା। ଶହ ଶହ ପୋଲିସ ଲାଠି ଧରି ଆନ୍ଦୋଳନକାରୀଙ୍କୁ ସିଂହଦ୍ୱାର ପର୍ଯ୍ୟନ୍ତ ଘଉଡ଼ାଇ ନେଇଥିଲେ। ଏଥିରୁ ବର୍ତ୍ତିବା ପାଇଁ ଶହ ଶହ ସଂଖ୍ୟାରେ ବିକ୍ଷୋଭକାରୀ ଶ୍ରୀମନ୍ଦିର ଭିତରକୁ ପଶି ଯାଇ ପୋଲିସ ଉପରକୁ ଟେକା ପଥର ମାଡ଼ କରିଥିଲେ। ଶ୍ରୀମନ୍ଦିର ଭିତରେ ଲାଠି ଚାର୍ଜ ହୋଇପାରିବ ନାହିଁ କି ସଶସ୍ତ୍ର ପୋଲିସ ପଶିପାରିବ ନାହିଁ। ଏହାର ସୁଯୋଗ ନେଇ ବିକ୍ଷୋଭକାରୀ ଅଧିକ ଉଗ୍ର ହୋଇଥିଲେ। ଏମିତି ପୋଲିସ–ଜନତା ମୁହାଁମୁହିଁରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏଥିରେ ୨୦ ଜଣ ପୋଲିସ ଅଧିକାରୀ ଓ ୬ ଜଣ ଗଣମାଧ୍ୟମ ପ୍ରତିନିଧି ଅଛନ୍ତି। ଏହାସହିତ ସାଧାରଣ ଜନତା ଓ ବିକ୍ଷୋଭକାରୀ ମଧ୍ୟ ଆହତ ହୋଇଛନ୍ତି।

ଦିନ ପ୍ରାୟ ସାଢେ ୧ଟାରେ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ପୁରୀରେ ପହଞ୍ଚିଥିଲେ। ଟାଉନ୍ ଥାନାଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଫ୍ଲାଗ୍‌ମାର୍ଚ୍ଚ କରାଇଥିଲେ। ଏହାସତ୍ତ୍ୱେ ଥମି ନ ଥିଲେ ଆନ୍ଦୋଳନକାରୀ। ଏପରି କି ସିଂହଦ୍ୱାର ଚକଡ଼ାରେ ଆଇଜିଙ୍କୁ ଟେକା ପଥର ମାଡ଼ କରିବା ସହ ଠେଲାପେଲା କରିଥିଲେ। ପୋଲିସ ଉଗ୍ରରୂପ ଧାରଣ କରିବାରୁ ଆନ୍ଦୋଳନକାରୀ ପଛଘୁଞ୍ଚା ଦେଇଥିଲେ। ତଥାପି ଚାପା ଉତ୍ତେଜନା ଲାଗି ରହିଛି। ପୁରୀ ବନ୍ଦ ଯୋଗୁ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ ଓ ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଥିଲା। ପୁରୀ ସହର ଏକରକମ୍ ଠପ୍ ହୋଇଯାଇଥିଲା। ବଡ଼ଦାଣ୍ଡରେ ହିଂସା ଯୋଗୁ ଶ୍ରୀମନ୍ଦିର ଭିତରେ ରହିଥିବା ଭକ୍ତ ବାହାରକୁ ବାହାରି ପାରି ନ ଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିବା ଶ୍ରଦ୍ଧାଳୁ ବି ଶ୍ରୀମନ୍ଦିରକୁ ଯାଇପାରି ନ ଥିଲେ। ଏପରି କି ବାଇଶିପାହାଚରେ ପିଣ୍ଡଦାନ କର୍ମ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଏ ସମ୍ପର୍କରେ ଜିଲାପାଳ ଦାସ କହିଛନ୍ତି, ଅସାମାଜିକଙ୍କ ଆକ୍ରମଣରେ ବହୁ ପୋଲିସ ଅଧିକାରୀ ଆହତ ହୋଇଛନ୍ତି। ସିଡିଏମ୍‌ଓଙ୍କୁ ଡକାଯାଇଥିଲେ ବି ଆନ୍ଦୋଳନକାରୀ ତାଙ୍କୁ ଛାଡି ନ ଥିଲେ। ସେମାନେ ଶାସନ ବ୍ୟବସ୍ଥାକୁ ଅଚଳ କରିଦେବା ପାଇଁ ଉଦ୍ୟମ କରିଥିଲେ। ଏଭଳି କରିବା ଦୁଃଖଦାୟକ। ଧାଡ଼ି ଦର୍ଶନକୁ ନେଇ ଲୋକମାନଙ୍କ ଚିନ୍ତାଧାରା ଭୁଲ୍ ରହିଛି। ପ୍ରଥମ ଦିନରେ ଦେଖାଦେଇଥିବା ସମସ୍ୟା ଦ୍ୱିତୀୟ ଦିନରେ ସୁଧାର ଅଣାଯାଇଥିଲା। ସ୍ଥାନୀୟ ଲୋକଙ୍କ ହିତକୁ ଦେଖି ଏହାର ପୁନଃ ସମୀକ୍ଷା କରାଯିବ।

### କ୍ୟାମ୍ପସ ...

ପରିସ୍ଥିତି ଯୋଗୁ କେତେକ ସ୍ଥାନରେ ନିର୍ବାଚନକୁ କଲେଜ କର୍ତ୍ତୃପକ୍ଷ ବାତିଲ କରିବା ସହ କଲେଜଗୁଡ଼ିକୁ ସାଇନ୍–ଏ–ଡାଏ ଘୋଷଣା କରିଛନ୍ତି। ବାଲେଶ୍ୱରର ଅନନ୍ତପୁର ସାରସ୍ୱତ କଲେଜ, କେନ୍ଦୁଝରର ଆନନ୍ଦପୁର କଲେଜ ଏବଂ ଯାଜପୁରର ଏନ୍‌ସି କଲେଜରେ ବୋମାମାଡ଼ ହୋଇଛି। ବୋମାମାଡ଼ ପରେ ଅନନ୍ତପୁର ସାରସ୍ୱତ ଏବଂ ଏନ୍‌ସି କଲେଜରେ ନିର୍ବାଚନ ବାତିଲ ହୋଇଛି। ତେବେ ଆନନ୍ଦପୁର କଲେଜରେ ମଙ୍ଗଳବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଥିଲେ ମଧ୍ୟ ବୁଧବାର ପ୍ରାର୍ଥୀପତ୍ର ଦାଖଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

ବାରିପଦାସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଛାତ୍ରୀନିବାସ ଏବଂ ଷ୍ଟାଫ୍ କ୍ୱାର୍ଟର୍ସ ସମ୍ମୁଖରେ ବାଣ ଫୁଟାଇଥିଲେ। ପୂର୍ବରୁ ସୋମବାର ମଧ୍ୟ କେତେଜଣ ଦୁର୍ବୃତ୍ତ ବିଶ୍ୱବିଦ୍ୟାଳୟର ୫ ଏବଂ ୬ନଂ ଗେଟ୍ ପାଖରେ ବାଣ ଫୁଟାଇଥିଲେ। ଏହି ଦୁଇଟି ଘଟଣା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରିଛନ୍ତି। ସେହିପରି ପୂର୍ବରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ବାଚନ ବାତିଲ କରିଥିଲେ। ଏହାକୁ ନେଇ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ଲାଗି ରହିଥିଲା। ମଙ୍ଗଳବାର ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ରାଜନୀତି ବିଭାଗର ଜଣେ ପ୍ରଫେସରଙ୍କ ନାମରେ ଥାନାରେ ଏତଲା ଦାୟର କରାଯାଇଥିଲା। ଏହାକୁ ନେଇ ବିଶୃଙ୍ଖଳା ସୃଷ୍ଟି ହେବା ଆଶଙ୍କା କରି କର୍ତ୍ତୃପକ୍ଷ ବୁଧବାର ବିଶ୍ୱବିଦ୍ୟାଳୟକୁ ସାଇନ୍–ଏ–ଡାଏ ଘୋଷଣା କରିଛନ୍ତି। ତେବେ ଛାତ୍ର ଅଶାନ୍ତି ଏବଂ ହିଂସା ଯୋଗୁ ମୟୂରଭଞ୍ଜର ବାରିପଦା କଲେଜ, କଟକର ନରସିଂହପୁର କଲେଜ, ଯାଜପୁରର ଏନ୍‌ସି କଲେଜ, ବାଲେଶ୍ୱରର ଉପେନ୍ଦ୍ର ନାଥ କଲେଜ ଏବଂ ଅନନ୍ତପୁର ସାରସ୍ୱତ କଲେଜରେ ନିର୍ବାଚନ ବାତିଲ ହେବା ସହିତ ସାଇନ୍–ଏ–ଡାଏ ଘୋଷଣା କରାଯାଇଛି। ନିର୍ବାଚନ ବାତିଲ ହୋଇଥିବା ଅନ୍ୟ କଲେଜଗୁଡିକ ହେଲା ମୟୂରଭଞ୍ଜର ବାରିପଦା ମହିଳା କଲେଜ, ବେତନଟୀ କଲେଜ, କେନ୍ଦୁଝରର ଶାଳପଡା କଲେଜ, କେନ୍ଦ୍ରାପଡ଼ାର ବିରୂପା କଲେଜ, ଭୁବନେଶ୍ୱରର ଜୟଦେବ କଲେଜ, ବାଲେଶ୍ୱରର ଔପଦା ଡିଗ୍ରୀ କଲେଜ ଏବଂ ଢେଙ୍କାନାଳର କାମାକ୍ଷାନଗର କଲେଜ। ଅନ୍ୟପଟେ ବୁଧବାର ନୟାଗଡ଼ ଜିଲା ଓଡଗାଁ ରଘୁନାଥ ସମବାୟ କଲେଜରେ କୌଣସି ଛାତ୍ରୀଛାତ୍ର ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ଭୁବନେଶ୍ୱରସ୍ଥିତ ରାଜଧାନୀ କଲେଜରେ ନାମାଙ୍କନପତ୍ର ଦାଖଲ ପରେ ଛାତ୍ର ଅଶାନ୍ତି ଦେଖାଦେଇଥିଲା। କେତେଜଣ ଛାତ୍ରୀଛାତ୍ର କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ।

ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ପାଇଁ ଯେଉଁସବୁ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ବିଶୃଙ୍ଖଳିତ ପରିସ୍ଥିତି ରହିଛି ସେଠାରେ ପୋଲିସ ସୁରକ୍ଷା ଯୋଗାଇଦେବା ପାଇଁ ପୋଲିସ ଡିଜି ଏବଂ ଗୃହ ବିଭାଗ ସଚିବଙ୍କୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜିର ଚନ୍ଦ୍ର ରାହୁଙ୍କ ଦ୍ୱାରା କବଳିତ ହୋଇ ପାରିବାରିକ ଜୀବନରେ କୌଣସି ବ୍ୟତିକ୍ରମ ସୃଷ୍ଟିକରିପାରନ୍ତି। ଭୁଲ୍ ନିଷ୍ପତ୍ତି ଜନିତ ସମସ୍ୟା ସୃଷ୍ଟି ସାମାଜିକ ଜୀବନକୁ ମଧ୍ୟ ପ୍ରଭାବିତ କରିପାରେ। ଅବଶ୍ୟ ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇଲେ ମଧ୍ୟ ସକାଳ ସମୟଟି ମାନସିକ ଅସ୍ଥିରତା ମଧ୍ୟରେ କଟିବ। ଶାରୀରିକ ଅସୁସ୍ଥତା କେତେକାଂଶରେ ଦୂରୀଭୂତ ହେବା ସୂଚନା ରହିଛି।

**ବୃଷ**



ଭଲ ରୂପେ ନ ବୁଝି ନ ଶୁଝି କୌଣସି କଥାରେ ହଁ ଭରିବା ନୂତନ ସମସ୍ୟାକୁ ଆମନ୍ତ୍ରଣ କରିପାରେ। ଆରମ୍ଭ କରିବାକୁ ଯାଉଥିବା କାମଟି ପୂର୍ଣ୍ଣାଙ୍ଗ ହେଲେ ମଧ୍ୟ ଏଥିପାଇଁ ସାମାନ୍ୟ ହଇରାଣ ହେବାକୁ ପଡ଼ିବ। ବୁଧଙ୍କ ସୁପ୍ରଭାବରୁ ଆର୍ଥିକ ସମସ୍ୟା ଦୂରହେବାରେ ପଡ଼ୋଶୀଙ୍କ ଅବଦାନକୁ ଭୁଲି ହେବନି। ଆଜି ବନ୍ଧୁମିଳନ ସାଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ**



କୌଣସି ବିବାଦୀୟ ମନ୍ତବ୍ୟ ଦେଇ ଘରେ କିମ୍ବା ବାହାରେ ସମାଲୋଚନାର ପାତ୍ର ହେବାକୁ ପଡ଼ିବ। ଦରକାରୀ କାଗଜପତ୍ର ହଜିଯାଇପାରେ। ଆପଣଙ୍କ ଅନୁରୋଧକୁ ଉପେକ୍ଷା କରି ନାହିଁ ନାହିଁ କରୁଥିବା ଲୋକଟି ଶେଷରେ ଆପଣଙ୍କ କଥାରେ ହଁ ଭରିବ। ସାଧାରଣ କଥାକୁ କେନ୍ଦ୍ରକରି ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇପାରନ୍ତି।

**କର୍କଟ**



ପାପଗ୍ରହ ଯୁକ୍ତ ଚନ୍ଦ୍ର ଏକାଧାରରେ ଦୈହିକ ଏବଂ ମାନସିକ ସ୍ଥିତିକୁ କମ୍‌ଜୋର୍ କରିବ। କର୍ମକ୍ଷେତ୍ରରେ ଦାୟିତ୍ୱବୋଧର ଚାପ ବୃଦ୍ଧିପାଇବା ସାଙ୍ଗକୁ ପରିବାର ସକାଶେ ଆଦୌ ସମୟ ଦେଇପାରିବେ ନାହିଁ। ପରିସ୍ଥିତିର ତାଡ଼ନାରେ ଅଥବା ବାଧ୍ୟବାଧକତାରେ ଆକସ୍ମିକ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ସିଂହ**



ସମସ୍ୟା ଆସିଲେ ମଧ୍ୟ ତାହାର ଯଥାଯଥ ସମାଧାନର ପନ୍ଥା ଖୋଜି ପାଇବାରେ ଅସୁବିଧା ହେବନାହିଁ। ନିଜସ୍ୱ ବିଚାରଧାରା ଓ କୌଶଳପୂର୍ଣ୍ଣ କାର୍ଯ୍ୟପଦ୍ଧତି ଯୋଗୁ ବହୁଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ଅଫିସିଆଲି କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଧାପନ୍ତରିଆ ରହିଯାଇପାରେ।

**କନ୍ୟା**



ରାଶି ଓ କର୍ମାଧିପତିଙ୍କ ସବଳତା କାରଣରୁ ନିଜ ଲୋକମାନେ ଯେତେ ବିରୁଦ୍ଧାଚରଣ କଲେ ମଧ୍ୟ ଆପଣଙ୍କ ପାଇଁ ଆଜି କିଛି ଫରକ ପଡ଼ିବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଏବଂ ବିଜ୍ଞ ବ୍ୟକ୍ତିମାନଙ୍କର ପ୍ରଶଂସାଭାଜନ ହେବେ। ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**ତୁଳା**



ସାମାନ୍ୟ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ସୁରୁଖୁରୁରେ ଅତିବାହିତ ହେବ। କୌଣସି ନୂତନ କର୍ମାରମ୍ଭ କରିବା ସକାଶେ ସହଯୋଗର ଅଭାବ ରହିବନାହିଁ। ଆଜି ଅର୍ଥ ସଙ୍କଟକୁ ଦୂରେଇବାରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଅତୀତରୁ ଭଲ ସମ୍ପର୍କ ରହିଥିବା ମହିଳାଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି।

**ବିଛା**



କୌଣସି କାମ ଅଟକି ରହିବ ନାହିଁ କିମ୍ବା ସହଜରେ ମଧ୍ୟ ସମ୍ପନ୍ନ ନ ହୋଇପାରେ। ଏଥିପାଇଁ ବହୁ ମେହେନତ କରିବାକୁ ପଡ଼ିବା ସହ ଅନ୍ୟର ସାହାଯ୍ୟ ଆଶାୟୀ ହେବେ। ଯାତ୍ରା କାଳରେ ପରିବହନରେ କିମ୍ବା ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ ଏବଂ ପ୍ରଶଂସିତ ମଧ୍ୟ ହେବେ।

**ଧନୁ**



ଶନିଙ୍କ ରାଶ୍ୟାବସ୍ଥାନ ସାଙ୍ଗକୁ ଆଜିର ଅଷ୍ଟମ ଚନ୍ଦ୍ର ମାନସିକ ଅସ୍ଥିରତା ଜନିତ ଭାବପ୍ରବଣ ରହିବେ। ବନ୍ଧୁଙ୍କ ସହ ଯୋଗାଯୋଗ କଲେ ନିଶ୍ଚିତ ଉପକୃତ ହେବେ, କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ତଥାପି ନିରାଶ ହେବାକୁ ପଡ଼ିବ ନାହିଁ। ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ମକର**



ଶୁଭଗ୍ରହ ଏବଂ ଉଚ୍ଚସ୍ଥ ମଙ୍ଗଳ ଜନିତ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ତଥାପି ସାମୟିକ ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବାରୁ ସାମୟିକ ମନ ଦୁଃଖ ହୋଇପାରେ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବା ଆଶଙ୍କା ରହିଛି। ବାଣିଜ୍ୟ,ବ୍ୟବସାୟ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ।

**କୁମ୍ଭ**



ବିରୋଧ କରୁଥିବା ବ୍ୟକ୍ତିମାନେ ପରିସ୍ଥିତି ପ୍ରତି ଗୁରୁତ୍ୱ ଦେଇ ଦୂରେଇ ରହିବାର ଉପକ୍ରମ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ ଏବଂ ଋଣ ପରିଶୋଧର ଯୋଜନା କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ମିଳିବ।

**ମୀନ**



ଯାହା କରିବାକୁ ଯାଉଛନ୍ତି ପୁନର୍ବାର ତାହାର ପୁନର୍ବିଚାର କରିନେବା ଭଲ ହେବ। ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ କର୍ମକ୍ଷେତ୍ରର ଦାୟିତ୍ୱ ନିଭାଇବାକୁ ଯାଇ ଦେଖାଦେଇପାରେ। ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

ଆଜି ଆଶ୍ୱିନ କୃଷ୍ଣ ଦଶମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଅକ୍ଟୋବର ୪ ତାରିଖ, ବିଶ୍ୱ ପଶୁକଲ୍ୟାଣ ଦିବସ,ରାଶି ନକ୍ଷତ୍ର–ପୁଷ୍ୟା/କର୍କଟ, ଦଶମୀର ଶ୍ରାଦ୍ଧ। ଦିବା ଘ୫।୪୧ମି. ଗତେ ଘ୭।୧୫ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୧୨ମି. ମଧ୍ୟେ ଘ୧୧।୫୩ମି. ଗତେ ମାହେନ୍ଦ୍ର ବେଳା । ଅପରାହ୍ନ ଘ୧।୦୪ମି. ଗତେ ଘ୨।୩୨ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୪ ଅକ୍ଟୋବର, ୨୦୧୮



ମାନସିକ ବିକାରଗ୍ରସ୍ତ ପିଲାଙ୍କ ସମ୍ପର୍କରେ ସୂଚନା ଏବେ ସହଜରେ ମିଳିପାରିବ। ଛୋଟ ପିଲାଙ୍କ ରକ୍ତ ଏବଂ ମୂତ୍ର ପରୀକ୍ଷାରୁ ସେମାନଙ୍କଠାରେ ମାନସିକ ବିକାର ରହିଛି କି ନାହିଁ ତାହା ଜଣାପଡିଯିବ। ଏ ସମ୍ପର୍କରେ ଓହିଓ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ମାନସିକ ବିକାର ଗ୍ରସ୍ତ ପିଲାଙ୍କୁ ରୋଗ ଚିହ୍ନଟପରେ ଆବଶ୍ୟକ ଚିକିତ୍ସା ଦିଆଯାଇପାରିବ।



## ସଂକ୍ଷେପରେ

### ଏସ୍‌ସିବିରେ ଷଷ୍ଠ ଡେଙ୍ଗୁ ମୃତ୍ୟୁ

#### ଚିକିତ୍ସିତ ହେଉଛନ୍ତି ୧୧୭ ଆକ୍ରାନ୍ତ

**କଟକ ଅଫିସ, ୩।୧୦:** ବୁଧବାର ଏସ୍‌ସିବି ମେଡିକାଲରେ ଆଉ ଜଣେ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିରଞ୍ଚି ମେହେନା (୪୨)। ତାଙ୍କ ଘର କଟକ ଜିଲା ନରସିଂହପୁର ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମରେ। ବିରଞ୍ଚି ଗତ ୨୭ ତାରିଖରେ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ଚାଲିଥିଲା। ହେଲେ ଆଇସିୟୁରେ ତାଙ୍କର ମୃତ୍ୟୁ ଘଟିଛି। ବିରଞ୍ଚିଙ୍କ ମୃତ୍ୟୁକୁ ମିଶାଇ ଏସ୍‌ସିବିରେ ଚଳିତବର୍ଷ ମୋଟ ୬ଜଣ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ଘଟିଲାଣି। ପୂର୍ବରୁ ସେପ୍ଟେମ୍ବର ୨୩ରେ ଏସ୍‌ସିବିରେ ପଞ୍ଚମ ଡେଙ୍ଗୁ ମୃତ୍ୟୁ ଘଟିଥିଲା। ମୃତକ ଥିଲେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅରଖିଆ ଅଞ୍ଚଳର ସୌମ୍ୟରଞ୍ଜନ ନାୟକ(୧୮)। ଏହା ପୂର୍ବରୁ ମୃତ ଡେଙ୍ଗୁ ରୋଗୀମାନେ ହେଲେ ରାୟଗଡ଼ା ଉପକାରାଗାରର ବିଚାରାଧୀନ ବନ୍ଦୀ ରବୀନ୍ଦ୍ର ନାୟକ, କଟକ ଜିଲା ଟାଙ୍ଗୀ ବ୍ଲକ ଅଞ୍ଚଳର ପ୍ରତିମା ସ୍ୱାଇଁ, କେନ୍ଦୁଝର ଜିଲାର ତ୍ରୈଲୋକ୍ୟ ବାରିକ ଓ ପୁରୀ ଜିଲାର ପ୍ରଶାନ୍ତ ମହାରଣା। ଅନ୍ୟପକ୍ଷରେ ବୁଧବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବିରେ ୧୦୭ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୱାର୍ଡରେ ୯୬ ଜଣ ରୋଗୀ ଥିବାବେଳେ ୧୧ ଜଣ ଗୁରୁତର ରୋଗୀ ଆଇସିୟୁରେ ରହି ଚିକିତ୍ସିତ ହେଉଛନ୍ତି।

### ଏସିଆନ୍ ଯୋଗ ପ୍ରତିଯୋଗିତାରେ ଓଡ଼ିଶା ଚତୁର୍ଥ

**କଟକ ଅଫିସ,୩।୧୦:** କେରଳ ଥିରୁଭାନନ୍ତପୁରମଠାରେ ଚାଲିଥିବା ୮ମ ଏସିଆନ ଯୋଗ ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ଚତୁର୍ଥ ସ୍ଥାନ ଅଧିକାର କରିଛି। ଓଡ଼ିଶା ପୋଲିସ ତରଫରୁ ପ୍ରତିଯୋଗିତାରେ ଭାଗ ନେଇଥିବା ଏସ୍‌ଆଇ ଚନ୍ଦ୍ରକାନ୍ତ ବାରିକ୍ ଏହି ସଫଳତା ଅର୍ଜନ କରିଛନ୍ତି। ଏଥିପାଇଁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସୂଚନାଯୋଗ୍ୟ, ୨୦୧୭ରେ ଚନ୍ଦ୍ରକାନ୍ତ ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

### ରାଜ୍ୟରେ ୫୫,୮୬୮ ଝିଅ ଯାଉନାହାନ୍ତି ସ୍କୁଲ




## ୭ ପୂର୍ବରୁ ଓଡ଼ିଶାରୁ ଚାଲିଯିବ ମୌସୁମୀ

**ଭୁବନେଶ୍ୱର,୩।୧୦(ବ୍ୟୁରୋ)**

- ସ୍ୱାଭାବିକଠାରୁ ୧୨ ପ୍ରତିଶତ ଅଧିକ ହୋଇଛି ବର୍ଷା
- ୧୦୮ ବ୍ଲକରେ ସର୍ବାଧିକ, ୪ ବ୍ଲକରେ ସର୍ବନିମ୍ନ
- ୯ରେ ଲଘୁଚାପ ସମ୍ଭାବନା, ଉପକୂଳ ଦକ୍ଷିଣ ଓଡ଼ିଶାରେ ସ୍ୱଳ୍ପ ବର୍ଷା

ଆସନ୍ତା ୭ ତାରିଖ ବେଳକୁ ରାଜ୍ୟରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଚାଲିଯିବ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ବିଧିବଦ୍ଧ ଭାବେ ଘୋଷଣା ହେବ। ମୌସୁମୀ ଉତ୍ତର ଭାରତରୁ ଚାଲି ଯାଇଛି। ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ ପହିଲାରୁ ସେପ୍ଟେମ୍ବର ୩ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ୧୨ ପ୍ରତିଶତ ଅଧିକ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ରାଜ୍ୟର ୧୦୮ଟି ବ୍ଲକରେ ଅଧିକ ବର୍ଷା ହୋଇଥିବା ବେଳେ ୧୭୩ ବ୍ଲକରେ ସ୍ୱାଭାବିକ ବର୍ଷା ହୋଇଛି। ୨୯ ବ୍ଲକରେ ୧୯ରୁ ୩୯ ପ୍ରତିଶତ ମଧ୍ୟରେ ବର୍ଷା ହୋଇଥିବା ବେଳେ ୪ଟି ବ୍ଲକରେ ୩୯ରୁ ୫୪ ପ୍ରତିଶତ କମ୍ ବର୍ଷା ହୋଇଛି। ମୌସୁମୀ ବିଦାୟ ନେବା ପରେ ଆସନ୍ତା ୯ ତାରିଖ ବେଳକୁ ଚେନ୍ନାଇ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଓଡ଼ିଶାମୁହାଁ ହୋଇପାରେ। ଓଡ଼ିଶା ଅତିକ୍ରମ କରିବା ବେଳକୁ ଏହା ଦୁର୍ବଳ ହୋଇଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

## ଅଗ୍ନିକାଣ୍ଡରେ ୧୦ମ ଶ୍ରେଣୀ ଛାତ୍ରୀ ଜୀବନ୍ତ ଦଗ୍ଧ

**ରାଜନଗର, ୩।୧୦ (ଡି.ଏନ୍.ଏ.)**

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ଗ୍ରାମରେ ଅଗ୍ନିକାଣ୍ଡ ଘଟି ବୁଧବାର ଜଣେ ଦଶମ ଶ୍ରେଣୀ ଛାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସେ ହେଲେ ସେହି ଗ୍ରାମର ଅଭୟ ରାଉଳଙ୍କ ଝିଅ ପ୍ରିୟସ୍ମିତା(୧୬)। ଅପରାହ୍ନରେ କୌଣସି କାରଣରୁ ଅଭୟଙ୍କ ଘରେ ନିଆଁ ଲାଗି ଯାଇଥିଲା। ସେହି ସମୟରେ ପ୍ରିୟସ୍ମିତା ଘର ଭିତରେ ରହିଯାଇଥିବା ବେଳେ ବାହାରକୁ ବାହାରି ପାରି ନଥିଲେ। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବରପାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ପ୍ରିୟସ୍ମିତାଙ୍କ ମୃତ୍ୟୁ ଘଟି ସାରିଥିଲା। ପ୍ରିୟସ୍ମିତା ଜରିମୂଳସ୍ଥିତ ସାବିତ୍ରୀଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପାଠ ପଢୁଥିଲେ। ଅଗ୍ନିକାଣ୍ଡରେ ଅଭୟଙ୍କ ୩ ବଖରା ଜଳି ଯାଇଛି।

## ଗୁଳି ବିନିମୟ: ୩ ମାଓବାଦୀ ନିହତ

**ମାଲକାନଗିରି,୩।୧୦(ଡି.ଏନ୍.ଏ.)**

- ବନ୍ଧୁକ, ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ
- କଲେଜ ଛାତ୍ରଙ୍କୁ ଅପହରଣ

ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ବୁଧବାର ନିରାପତ୍ତା ବାହିନୀଙ୍କୁ ବଡ଼ ସଫଳତା ମିଳିଛି। ଜିଲାର ମାର୍କାଗୁଫଡ଼ା ଓ ମୁଲେର ନିକଟସ୍ଥ ଜଙ୍ଗଲରେ ମାଓବାଦୀ ଏବଂ ଯବାନଙ୍କ ମଧ୍ୟରେ ଗୁଳି ବିନିମୟରେ ୩ ମାଓବାଦୀ ନିହତ ହୋଇଛନ୍ତି। ଏକାଧିକ ମାଓବାଦୀ ଆହତ ହୋଇଥିବା ଅନୁମାନ କରାଯାଉଛି । ଏହି ଘଟଣା ପରେ କେତେଜଣ ମାଓବାଦୀଙ୍କୁ ପୋଲିସ ଗିରଫ କରିଥିବା ସୂଚନା ମିଳିଛି । ଘଟଣାସ୍ଥଳରୁ ୩୧୫ ବୋର ବନ୍ଧୁକ, ୪ଟି ଦେଶୀ ବନ୍ଧୁକ ସହ ବହୁ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସେହି ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଛି। ସେଥିପାଇଁ ସମ୍ପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇପାରିନାହିଁ।

ଅନ୍ୟପକ୍ଷେ ସୀମାନ୍ତ ଛତିଶଗଡ଼ ସୁକୁମା ଜିଲା ଭେଜି ଅଞ୍ଚଳର ଜଣେ କଲେଜ ଛାତ୍ରଙ୍କୁ ମାଓବାଦୀମାନେ ବୁଧବାର ଅପହରଣ କରି ନେଇଥିବା ଖବର ମିଳିଛି । ଅପହୃତ ଛାତ୍ର ହେଲେ ମୁକେଶ ପଡ଼ିୟମ୍। ଏଭଳି ଛାତ୍ର ଅପହରଣ ଘଟଣା ପ୍ରଥମ ବୋଲି କୁହାଯାଉଛି। କେଉଁ କାରଣରୁ ମୁକେଶଙ୍କୁ ଅପହରଣ କରାଯାଇଛି ତାହା ସ୍ପଷ୍ଟ ହୋଇନି । କେନ୍ଦ୍ର ଓ ରାଜ୍ୟ ସରକାର ଏହି ଘଟଣାକୁ ଗୁରୁତର ସହ ନେବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସୀମାନ୍ତରେ ଲାଲବାହିନୀ ଅପହରଣ ଅଭିଯାନ ଜୋରଦାର କରିଛି। ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ବ୍ୟବସାୟୀ ଏବଂ ସ୍ଥାନୀୟ ଅଞ୍ଚଳର ଜଣାଶୁଣା ବ୍ୟକ୍ତିଙ୍କ ପରେ ଏବେ ସେମାନଙ୍କ ଟାର୍ଗେଟରେ କଲେଜ ଛାତ୍ରମାନେ ରହିଥିବା ସ୍ପଷ୍ଟ ହୋଇଛି ।

## ▪ ସମାଧାନର ବାଟ ଫିଟୁନି

## ୧୦ ତାରିଖ ପର୍ଯ୍ୟନ୍ତ ଆଇନଜୀବୀଙ୍କ ଆନ୍ଦୋଳନ

**କଟକ ଅଫିସ, ୩।୧୦**

**ହାଇକୋର୍ଟରେ ହାଜର ହେଲେ କ୍ରାଇମବ୍ରାଞ୍ଚ ଆଇଜି**

ମାଡ଼ ଘଟଣାକୁ ନେଇ କଟକରେ ପୋଲିସ-ଆଇନଜୀବୀଙ୍କ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ନିମନ୍ତେ କୌଣସି ବାଟ ବାହାରୁନାହିଁ। ଅଗଷ୍ଟ ୨୯ ତାରିଖରୁ ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏପରିସ୍ଥଳେ ଏହି ଆନ୍ଦୋଳନ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ବୁଧବାର ହାଇକୋର୍ଟ ବାର୍ ପକ୍ଷରୁ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାର ଶୁଣାଣି ମଧ୍ୟ ବୁଧବାର ହୋଇଥିଲା। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିଥିଲେ। ତେବେ ଆଇନଜୀବୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ବିଜନ ରାୟ ଯୁକ୍ତି ବାଢିଥିଲେ ଯେ, ସିଆର୍‌ପିସିର ଧାରା ୪୧ ଅନୁଯାୟୀ ମୁଦାଲାମାନଙ୍କୁ ଗିରଫ କରାଯିବା କଥା। ମାତ୍ର ଏଠାରେ ପୋଲିସ ଆଇନ ଅନୁଯାୟୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଏହାପରେ ହାଇକୋର୍ଟ କ୍ରାଇମବ୍ରାଞ୍ଚ ଆଇଜି ବୋଥ୍ରାଙ୍କୁ ମୁଦାଲାମାନଙ୍କ ଗିରଫ ସମ୍ପର୍କରେ ଜବାବ ଦାଖଲ କରିବାକୁ ଆଦେଶ ଜାରି କରିଛନ୍ତି। ଆସନ୍ତା ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ମାମଲାର ଶୁଣାଣି ପରେ ହାଇକୋର୍ଟ ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସମ୍ପାଦକ ସତ୍ୟବ୍ରତ ମହାନ୍ତି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଅଗଷ୍ଟ ୨୮ ତାରିଖରେ ହାଇକୋର୍ଟର ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କ ବାଇକ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ପୋଲିସ ମାଡ଼ ମାରିଥିବା ନେଇ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ ହୋଇଥିଲା।








**Honda Motorcycle and Scooter India Pvt. Ltd., Registered Office:** Commerical Complex II, Sector-49-50, Golf Course Extension Road, Gurugram - 122 018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

#Finance scheme available with select financiers at their sole discretion. Up to 95% finance as per financier policy and subject to income documentation of customer. Saving has been calculated on finance scheme and depends on specific loan amount, tenure and Rate of interest against general scheme available in the market. Scheme is available for limited time period only and can be withdrawn from market without any prior notice. ^Only available in disc variant. **Conditions apply. Accessories shown in the picture are not a part of the standard equipment. Product shown in the picture may vary from actual product in market.

BEST DEAL HONDA Buy. Sell. Exchange | ALWAYS WEAR HELMET WHILE RIDING | Also available: Annual Maintenance Contract** Road Side Assistance** Engine Health Assurance**

Follow us on

**Honda Exclusive Authorized Dealerships: ATTAGHAR:** Sidhivinayak Honda - 9124260000, 9658080060; **BALUGOAN:** Khimji Honda - 7735734881, 7735737648; **BANKI:** Shree Honda - 06723-240099, 9658201234; **BHUBANESWAR:** Shivam Honda - 0674-2546296, 7873024320; Gugnani Honda - 0674-2313716, 7852930865; PGL Honda - 0674-2354418, 9090912345; Khimji Honda - 7735734884, 7077726314; **CHANDIKHOL:** Basanti Honda - 06725-227011, 9658482265; **CUTTACK:** Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; **JAJPUR:** TEZ Honda - 06726-221847, 7504994444; **JAGATSINGHPUR:** Kanchan Murali Honda - 06724-222122, 223112, 7381348387, 7504237557; **JAGATPUR:** Durga Honda - 9337390774, 0671-2490462; **JATNI:** PGL Honda - 0674-2492419, 7788001027; **KENDRAPADA:** Baldev Honda - 9937129275, 9437167191; **KEONJHAR:** Pritam Honda - 06766 - 254138,8908881717; **KHURDA:** Sai Honda - 07852930002, 06755-223555; **NAYAGRAH:** Pattnaik Honda - 7205028044, 9937083142; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 06752-225555, 9040088747; **PARADIP:** Anil Honda - 06722-220909, 9438523425; **RAHAMA:** Navjyoti Honda - 9938339189; **UTTARA:** Gugnani Honda - 0674-3272244; **PATTAMUNDAI:** Satya Honda - 9937711139; **SALEPUR:** S.N.Honda - 9437439076.

**For Bulk/Institutional enquiries, please write us at: institutionalsales@honda2wheelersindia.com**

ତୁମ ହୃଦୟରେ ସର୍ବଦା ସମସ୍ତଙ୍କ ପାଇଁ ଶୁଭେଚ୍ଛା ଜାଗ୍ରତ ହୋଇ ଥାଉ। ପ୍ରେମ ମଧ ଜାଗ୍ରତ ହୋଇ ଥାଉ ଏବଂ ତୁମେ ସେସବୁକୁ ଖୁବ୍ ଶାନ୍ତ ଭାବରେ ଓ ସମଭାବରେ ସବୁଠାରେ ବୁଣି ଦେଇ ଯାଅ। –ଶ୍ରୀମା



# ଲୋପ ପାଇବ ହାତୀବଂଶ



## ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

ଆମେ ଗର୍ବ କରିପାରୁ ଯେ ଏବେ ଆମର ୨୬,୦୦୦ ହାତୀ ଅଛନ୍ତି– କିନ୍ତୁ ଅନେକ ଲକ୍ଷ ହାତୀଙ୍କ ମଧ୍ୟରୁ ଏବେ ଏତିକି ମାତ୍ର ଅଛନ୍ତି ଏବଂ ପ୍ରତିବର୍ଷ ସେମାନଙ୍କ ସଂଖ୍ୟା କମି କମି ଯାଉଛି। ଆମର ମାତ୍ର ହଜାରେ ଦନ୍ତାହାତୀ ଅଛନ୍ତି, ତେଣୁ ଜୀନୀୟ ବିବିଧତା ପତଳା ହୋଇଯାଉଛି। ସବୁଠାରୁ ଦୁଃଖର କଥା ହେଉଛି ୩,୫୦୦ ହାତୀ ଏବେ ମଣିଷ ହାତରେ ବନ୍ଦୀ ଜୀବନ ବିତାଉଛନ୍ତି।

ଗୋଟିଏ ହାତୀ ଆବେଗିକ ଦୃଷ୍ଟିରୁ ଠିକ୍ ମଣିଷ ପରି। ସେ କାନ୍ଦେ, ଶୋକ କରେ, ପିଲାମାନଙ୍କୁ ସୁରକ୍ଷା ଦିଏ, ବୟସ୍କମାନଙ୍କୁ ସମ୍ମାନ କରେ, ପାଣିରେ ଖେଳିବାକୁ ଭଲ ପାଏ ଏବଂ ତା'ର ପାରିବାରିକ ବନ୍ଧନ ସୁଦୃଢ଼ ଥାଏ। ହାତୀ ହେଉଛି ଏକ ବନ୍ୟ ପ୍ରାଣୀ, ଯାହାର ବୁଦ୍ଧିମତ୍ତା ମଣିଷଠାରୁ କିଛି କମ୍ ନୁହେଁ। ଏପରି ଏକ ପ୍ରାଣୀ, ଯାହାର ସ୍ୱପ୍ନ ଅଛି, ମହତ୍ତ୍ୱାକାଂକ୍ଷା ଅଛି, ତାକୁ ପୋଷା ମନାଯାଇପାରିବ ନାହିଁ। ତାକୁ ଚାବୁକ ଓ ଚେନ୍ ଦ୍ୱାରା କିମ୍ବା ଅନ୍ଧ କରିଦିଆଯିବା ଦ୍ୱାରା ଅଧୀନକୁ ଅଣାଯାଏ। କିନ୍ତୁ ତା'ର ଅନ୍ତଃପ୍ରକୃତି ସେହିପରି ବଣ୍ୟ ରହିଥାଏ। ତାମିଲନାଡୁରେ ଅନେକ ଗାଁ ଅଛି, ଯାହା ହାତୀ ଧରିବା ପାଇଁ ବିଖ୍ୟାତ। ଏହି ଗାଁରେ ହାତୀକୁ ଧରି ଗୋଟିଏ ଆବଦ୍ଧ ସ୍ଥାନରେ ମାସ ମାସ ଧରି ପିଟାଯାଏ, ଯେମିତିକି ସିଏ ସହଜରେ ଚାଲିପାରିବ ନାହିଁ। ତା' ପରେ ସେ ଟିକିଏ ସୁସ୍ଥ ହୋଇଆସିଲା ପରେ ତାକୁ ମନ୍ଦିରକୁ ବିକ୍ରି କରିଦିଆଯାଏ କିମ୍ବା ଭିକାରି ବନେଇ ଦିଆଯାଏ।

କେରଳର ମନ୍ଦିର ଓ ରାଜସ୍ଥାନର ଆମେର ଦୁର୍ଗର ହାତୀମାନଙ୍କ ଉପରେ ନିର୍ମିତ ଚଳଚ୍ଚିତ୍ର ଦେଖିଛନ୍ତି କି? ସେଗୁଡ଼ିକ ଦେଖନ୍ତୁ। ମରୁଭୂମିର ଗରମରେ ପିଚୁରାସ୍ତାରେ ପର୍ଯ୍ୟଟକମାନଙ୍କୁ ପିଠିରେ ବସାଇ ଆମେର ଦୁର୍ଗ ଆରୋହଣ କରୁଥିବା ହାତୀମାନେ ହେଉଛନ୍ତି ଅନ୍ଧ। ଯେଉଁ ହାତୀମାନଙ୍କୁ ଚଳଚ୍ଚିତ୍ରରେ ଦେଖାଯାଇଥିଲା, ସେମାନେ ମାତ୍ର ତିନିବର୍ଷରେ ମରିଯାଇଥିଲେ– ସମସ୍ତେ ଥିଲେ ଯୁବକ ବା ମଧ୍ୟବୟସ୍କ। କେରଳରେ ବ୍ୟକ୍ତିଗତ ମାଲିକାନାରେ ୫୫୦ରୁ ଅଧିକ ହାତୀ ରହିଛନ୍ତି। ପ୍ରାୟ ୨୦୦ରୁ ଅଧିକ ହାତୀ ପ୍ରତିବର୍ଷ ମରନ୍ତି। କେରଳରେ ମିଳନ ଋତୁରେ ହାତୀମାନଙ୍କୁ ମାସ ମାସ ଧରି ମୋଟା ଚେନ୍‌ରେ ବାନ୍ଧି ରଖାଯାଏ। ତା'ପରେ ତାଙ୍କୁ ଚେନ୍‌ରୁ ମୁକ୍ତ କରିବା ପୂର୍ବରୁ ବଶୀଭୂତ କରିବା ପାଇଁ ୪/୬ ଜଣ ମାହୁନ୍ତ ମିଶିପ୍ରବଳପିଟନ୍ତି।ଅନେକହାତୀପ୍ରବଳମାଡ଼ଖାଇମରିଯାନ୍ତି।

ଏପରି କାମ କରୁଥିବା କୌଣସି ମାହୁନ୍ତଙ୍କୁ ଆଜିଯାଏ ଜେଲରେ ଭର୍ତ୍ତି କରାଯାଇ ନାହିଁ। ବରଂ ଆସାମରେ ଏପରି କାମ ପାଇଁ ଜଣେ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ସେହି ମହିଳାଙ୍କ ସ୍ୱାମୀ ପରିବେଶ ମନ୍ତ୍ରଣାଳୟରେ ଚାକିରି କରୁଥିଲେ। ମହିଳା ଜଣକ ପିଟି ପିଟି ଗୋଟିଏ ହାତୀକୁ ମାରିଦେଇଥିବାର ଏକ ଗୁପ୍ତ ଭିଡିଓ ପ୍ରକାଶ ପାଇଲା। ତଥାପି ତାଙ୍କୁ କୌଣସି ଦଣ୍ଡ ମିଳିଲା ନାହିଁ। ମନ୍ଦିରଗୁଡ଼ିକରେ ଅଧାରୁ ଅଧିକ ହାତୀ ମରୁଥିଲେ ମଧ କୌଣସି ମନ୍ଦିରର ହାତୀଙ୍କୁ ଆଜିଯାଏ ଜବତ କରାଯାଇ ନାହିଁ। କର୍ଣ୍ଣାଟକ ଓ ତାମିଲନାଡୁରେ ହାତୀମାନଙ୍କ ଅବସ୍ଥା ତଦ୍ରୂପ। କର୍ଣ୍ଣାଟକରେ ୪୦ ଓ ତାମିଲନାଡୁରେ ୪୦ଟି ହାତୀ ମନ୍ଦିରଗୁଡ଼ିକରେ ଅଛନ୍ତି। ଅଧିକାଂଶ ଯକ୍ଷ୍ମା ରୋଗରେ ପୀଡ଼ିତ। ମନ୍ଦିରରେ ହାତୀମାନଙ୍କୁ ରଖାଯିବାର ଉଦ୍ଦେଶ୍ୟ ପର୍ଯ୍ୟଟକ ଓ ଭକ୍ତମାନଙ୍କଠାରୁ ପଇସା ଆଦାୟ କରିବା।

କୌଣସି ଜଙ୍ଗଲ ଅଧିକାରୀ ବା ଡାକ୍ତରଙ୍କୁ ହାତୀ ପରିଚାଳନା ବା ହାତୀମାନଙ୍କ ରୋଗ ଚିକିତ୍ସା ପାଇଁ ତାଲିମ ଦିଆଯାଇ ନାହିଁ। ହାତୀମାନଙ୍କୁ ମାରି ବୀମାରାଶି ଦାବି କରାଯାଏ। ଏହାର ଗୋଟିଏ ସହଜ ବାଟ ଅଛି। କଳଙ୍କିଲଗା କଣ୍ଟା ଉପରେ ସେମାନଙ୍କୁ ଚାଲିବାକୁ ଦିଆଯାଏ। ଏହାଫଳରେ ସେମାନଙ୍କ ଗୋଡ଼ରେ ଘାଆ ହୋଇ ଘାଆ ଶୁଖି ନ ପାରି ହାତୀ ମରିଯାଏ। ତା' ନ ହେଲେ ହାତୀଙ୍କୁ ବଡ଼ ଚେନ୍‌ରେ ବାନ୍ଧି ପାଣିରେ ବୁଡ଼େଇ ମାରିଦିଆଯାଏ। ତା'ପରେ ବୀମାରାଶି ଦାବି କରାଯାଏ।

ଦିଲ୍ଲୀରେ ୨୩ଟି ହାତୀ ଥିଲେ, ଯେଉଁମାନଙ୍କୁ ବିଜ୍ଞାପନ ପ୍ରସାର ଲାଗି ଦୈନିକ ଭଡ଼ାରେ ଲଗାଯାଉଥିଲା। ହାତୀ ପିଠିରେ କାଠର ବଡ଼ ବଡ଼ ବ୍ୟାନର ବାନ୍ଧି ତାଙ୍କୁ ରାସ୍ତାରେ ଚଲାଯାଉଥିଲା। ବାଟରେ ଗଲାବେଳେ ରାସ୍ତାକଡ଼ ଓସ୍ତଗଛରୁ ପତ୍ର ଛିଣ୍ଡାଇ ସେମାନେ ଖାଉଥିଲେ। ବର୍ତ୍ତମାନ ସେମାନଙ୍କ ମଧ୍ୟରୁ ମାତ୍ର ୬ଟି ହାତୀ ବଞ୍ଚିଛନ୍ତି। ଅନ୍ୟ ହାତୀଗୁଡ଼ିକ ଗାଡ଼ି ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ଉକ୍ତ ୬ଟି ହାତୀଙ୍କୁ ଦିଲ୍ଲୀରୁ ଅପସାରଣ ପାଇଁ ଚାରିବର୍ଷ ତଳେ ଆଦେଶ ଦିଆଯାଇଥିଲା। ମୁଖ୍ୟ ବନପାଳ ତାହା କରିପାରିବେ ନାହିଁ, କାରଣ ମାଲିକମାନେ ହାତୀ ମାଧ୍ୟମରେ ଟଙ୍କା ରୋଜଗାର କରୁଛନ୍ତି, ତେଣୁ ସେମାନେ ହାତୀମାନଙ୍କ ଅପସାରଣକୁ ରୋକିବା ପାଇଁ ଯାହାକିଛି ବି କରିପାରିବେ। କିଛି ବର୍ଷ ତଳେ ଦୁଇଟି ହାତୀଙ୍କୁ ଟ୍ରକ୍ ଧକ୍କା ଦେଲା। ଗୋଟିଏ ହାତୀ ସାଙ୍ଗେ ସାଙ୍ଗେ ମରିଗଲା। ଅନ୍ୟ ହାତୀଟିର ଗୋଡ଼ ଓ ପିଞ୍ଜରା ହାଡ଼ ଭାଙ୍ଗିଗଲା। ତା'ର ମାଲିକ ଆହତ ହାତୀକୁ ରାସ୍ତା ଉପରେ ଛାଡ଼ି ଚାଲିଗଲା। ଉକ୍ତ ହାତୀକୁ ଘରୋଇ ଖର୍ଚ୍ଚରେ ମଥୁରାସ୍ଥିତ ହାତୀ ଅଭୟାରଣ୍ୟକୁ ନିଆଗଲା। ତା'ର ସେବା କରି ସ୍ୱାସ୍ଥ୍ୟ ଫେରାଇ ଅଣାଗଲା। ସେ ସୁସ୍ଥ ହୋଇଯିବା ପରେ ମାଲିକ ଆସି ତାକୁ ଫେରି ପାଇବା ପାଇଁ ଦାବି କଲା, ଯଦିଚ ତା' ପାଖରେ ମାଲିକାନାର କୌଣସି କାଗଜପତ୍ର ନ ଥିଲା।

ସର୍କସଗୁଡ଼ିକରେ ହାତୀ ରଖିବା ଆଇନତଃ ନିଷିଦ୍ଧ। ତଥାପି ଅନେକ ସର୍କସବାଲା ହାତୀ ରଖିଛନ୍ତି। ଚିଡ଼ିଆଖାନାଗୁଡ଼ିକ ମଧ ହାତୀ ରଖିବା ମନା। କିନ୍ତୁ ଏବେ ବି ରାଜ୍ୟ ଚିଡ଼ିଆଖାନାଗୁଡ଼ିକରେ ୬୪ଟି ହାତୀ ଅଛନ୍ତି ଏବଂ ସେମାନେ ସେହି ହାତୀମାନଙ୍କୁ ସମର୍ପଣ କରିବାକୁ ମନା କରୁଛନ୍ତି। ହରିୟାଣାରେ ୨୦ ବର୍ଷ ତଳେ ଗୋଟିଏ ସରକାରୀ ହାତୀ ଉଦ୍ଧାର କେନ୍ଦ୍ର ଖୋଲାଯାଇଥିଲା। ସେଗୁଡ଼ିକ ଖାଲି ପଡ଼ିଛି କାରଣ ଉଦ୍ଧାର ହାତୀମାନଙ୍କ ରକ୍ଷଣାବେକ୍ଷଣ ପାଇଁ ସରକାର ଟଙ୍କାଟିଏ ବି ମଞ୍ଜୁର କରୁନାହାନ୍ତି। କୁଚନାହିପୁରନ୍ଦ ତାଲୁକଦାରଗୁଡ଼ିକର ମହାରାଜାମାନେ ହାତୀ ରଖି ବାହାଘର ଓ ନିର୍ବାଚନ ପାଇଁ ଭଡ଼ାରେ ଲଗାଉଛନ୍ତି।

ନିକଟରେ ହୋଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଯେଉଁମାନେ ହାତୀ ରଖିଛନ୍ତି, ସେମାନେ ତାହା ବେଆଇନଭାବେ ରଖିଛନ୍ତି। କାରଣ ସେମାନଙ୍କ ପାଖରେ କୌଣସି ମାଲିକାନା ପ୍ରମାଣପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ନାହିଁ, ଯାହା ଆଇନ ଅନୁଯାୟୀ ରହିବା ଆବଶ୍ୟକ। ୧୩ଟି ରାଜ୍ୟରୁ ସଂଗୃହୀତ ୧୫୪୫ଟି ହାତୀ ନମୁନାରୁ ଜଣାପଡ଼ିଥିଲା ଯେ, ଏହି ହାତୀଙ୍କ ମଧ୍ୟରୁ ୪୪ ପ୍ରତିଶତଙ୍କ ମାଲିକମାନଙ୍କ ପାଖରେ ମାଲିକାନା ପ୍ରମାଣପତ୍ର ଥିଲା ଏବଂ ସେମାନଙ୍କ ମଧ୍ୟରୁ ୪୮ ପ୍ରତିଶତ ହାତୀଙ୍କ ଦେହରେ ମାଇକ୍ରୋଚିପ୍ ଲାଗିଥିଲା। ଭାରତୀୟ ପ୍ରାଣୀ କଲ୍ୟାଣ ପରିଷଦ ତରଫରୁ ଏହି ଅନୁସନ୍ଧାନ କରାଯାଇଥିଲା।

ମୁଁ ଜାଣିପାରୁନାହିଁ, ଏହି ଲୋକ ବା ଗୋଷ୍ଠୀମାନେ କିପରି ହାତୀ ରଖିପାରୁଛନ୍ତି। କାରଣ ବନ୍ୟଜନ୍ତୁ ସୁରକ୍ଷା ଆଇନ ୧୯୭୨ ଅନୁସାରେ ଯେଉଁମାନଙ୍କ ପାଖରେ ହାତୀ ଅଛି, ତାହା ସେମାନେ ରଖିପାରିବେ, କିନ୍ତୁ ଆଉ କୌଣସି ନୂଆ ହାତୀଙ୍କୁ ଜଙ୍ଗଲରୁ ଧରିଆଣି କେହି ରଖିପାରିବେ ନାହିଁ। ଅଥଚ ବର୍ତ୍ତମାନ ଯେଉଁମାନେ ହାତୀ ରଖିଛନ୍ତି, ସେ ହାତୀଗୁଡ଼ିକ ତରୁଣ ବା ଯୁବକ। ୧୯୭୨ ମସିହାରେ ସେମାନେ ଜନ୍ମ ବି ହୋଇ ନ ଥିଲେ। ସେମାନଙ୍କୁ ରଖିବା ପାଇଁ କିପରି ଅନୁମତି ଦିଆଗଲା? ଏଥିରୁ ଆମକୁ ବୁଝିବାକୁ ପଡ଼ିବ, ଜଙ୍ଗଲ ବିଭାଗର ବାଡ଼ କିପରି ଘାସ ଖାଇଯାଉଛି।

ତେବେବନ୍ଦୀହାତୀମାନେଯେକେବଳନିଷ୍ଠୁରତାରଶିକାର ହେଉଛନ୍ତି ତାହା ନୁହେଁ, ଜଙ୍ଗଲର ହାତୀମାନେ ବି ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲ କ୍ଷୟ ଯୋଗୁ ସମସ୍ୟାରେ ରହୁଛନ୍ତି। ସେମାନଙ୍କ ଉପରେ ଶିକାରୀମାନଙ୍କର ଲୋଲୁପ ଦୃଷ୍ଟି ପଡୁଛି। ଖାଦ୍ୟ ଓ ଜଳ ଅନୁସନ୍ଧାନରେ ଜନବସତିକୁ ଆସି ସେମାନେ ମଣିଷମାନଙ୍କ ଆକ୍ରମଣର ଶିକାର ହେଉଛନ୍ତି। ଅନେକ ହାତୀ ଟ୍ରେନ୍ ଦୁର୍ଘଟଣାରେ ମରୁଛନ୍ତି। ଗତବର୍ଷ ୩୦,୦୦୦ ହାତୀ ଥିଲେ ଓ ଏ ବର୍ଷ ଅଛନ୍ତି ୨୬,୦୦୦। ଅର୍ଥାତ୍ ଆଉ କିଛିବର୍ଷ ଭିତରେ ହାତୀବଂଶ ଲୋପ ପାଇଯିବେ। ହାତୀବଂଶ ଲୋପ ପାଇଗଲେ ଆମେ ୧୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ଜଙ୍ଗଲିଆ ଗଛ ଓ ବୁଦା ବି ହରାଇବା, କାରଣ ହାତୀମାନଙ୍କ ଗୋବର ଦ୍ୱାରା ହିଁ ଏମାନଙ୍କର ବୀଜବିକ୍ଷେପ ହୁଏ। ତେଣୁ ହାତୀବଂଶ ବଞ୍ଚାଇବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ।

Email: gandhim@nic.in

# ଅରଣ୍ୟ ଆଖିର ଲୁହ



**ବିମଳ ପ୍ରସନ୍ନ ଦାସ**

ବନ୍ୟପ୍ରାଣୀଙ୍କ ଅବକ୍ଷୟର ପ୍ରଭାବ କେତେ ଭୟାବହ, ତାହା ସହଜରେ ଅନୁମେୟ। ପଶୁଘରେ ମଣିଷ ଠେଲି ପଶୁଛି। ଫଳରେ ଅନେକ ବନ୍ୟପ୍ରାଣୀ ବିଲୁପ୍ତପ୍ରାୟ। କିଙ୍ଗ୍‌କୋବ୍ରା, ଡାଏନା ମଙ୍କି, ହୁଲୁକୁ ଗିବନ ଆଦି ଅନେକ ପ୍ରାଣୀ ବିଲୁପ୍ତପ୍ରାୟ ଖାତାରେ ନାମ ପଞ୍ଜୀକୃତ କରିସାରିଛନ୍ତି। ଏପରି କି ଭାରତୀୟ ଚିତାର ବି ଏଥିରୁ ନିସ୍ତାର ନାହିଁ।

ବିଶ୍ୱ ସର୍ଜନାରେ ମଣିଷ ହିଁ ଭଗବାନଙ୍କର ଶ୍ରେଷ୍ଠ କୃତି। ଆହାର, ବିହାର, ନିଦ୍ରା, ମୈଥୁନ ଓ ଭୟ ପଶୁପକ୍ଷୀଙ୍କର ରହିଛି, ମଣିଷର ବି। ମାତ୍ର ମନ, ବୁଦ୍ଧି, ବିବେକ ମଣିଷକୁ ଶ୍ରେଷ୍ଠ ଜୀବ ଭାବରେ ପରିଚିତ କରିଛି। ମଣିଷର କ୍ଷୁଧା ବିବିଧ ଓ ବହୁମୁଖୀ। ସେ ସଦା ଅସନ୍ତୁଷ୍ଟ। ତା'ର ଅଲକ୍ଷ୍ୟରେ ରହିଛି ଏକ ଐଶ୍ୱରୀୟ ଆଦର୍ଶର ଅନ୍ୱେଷା ଓ ଆହ୍ୱାନ। ସେହି ଚେତନାରେ ଉପନୀତ ହେଲେ ସେ ସ୍ୱତଃ ଅନୁଭବ କରିବ ବଣ, ପାହାଡ଼, ନଦୀ, ଝରଣା, ପଶୁପକ୍ଷୀ, ଜଳବାୟୁ, ଉଦ୍ଭିଦ ଓ ଜୀବଜଗତ ସମସ୍ତେ ନିୟତିର ନୀତିରେ ବନ୍ଧା। ଏହା ହିଁ ସୃଷ୍ଟିର ସନ୍ତୁଳନ। ଗୋଟିଏ ଅନ୍ୟର ପରିପୂରକ। ଗୋଟିକୁ ବାଦ୍ ଦେଲେ ଅନ୍ୟଟି ସ୍ଥିତିହୀନ।

ମଣିଷ, ପଶୁପକ୍ଷୀ ଓ ଉଦ୍ଭିଦର ସହାବସ୍ଥାନ ପ୍ରକୃତିର ନିଷ୍ପତ୍ତି। ଯଦି ମଣିଷର ଜୀବନ ଏକ କ୍ରମାଗତ ବିକାଶର ଇତିହାସ, ସେଥିରେ ଉଦ୍ଭିଦ ଓ ପଶୁପକ୍ଷୀଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ଏମାନଙ୍କ ଅନୁପସ୍ଥିତି ମଣିଷକୁ ଏକ ନିଃସଙ୍ଗ ନିର୍ବାକ୍ ମୂଲକର ଦୟନୀୟ ଜୀବଟିଏ କରିଥାନ୍ତା। ଈଶ୍ୱରଙ୍କ ସୃଷ୍ଟିରେ କେହି ଅବାଞ୍ଛିତ ବା ଅପାଂକ୍ତେୟ ନୁହନ୍ତି। ସୁତରାଂ ସକଳ ଉପାଦାନ ଓ ଉପକରଣରେ ସଂହତ ସମାହାର ସୃଷ୍ଟିକୁ ମଞ୍ଜୁଳ ଓ ମଧୁମୟ କରିଛି। ମଣିଷର ମଣିଷପଣିଆ ଦେବତ୍ୱରେ ପରିପୂର୍ଣ୍ଣତା ଲାଭ କରେ। ବିବର୍ତ୍ତନର ନିୟମରେ ଜଡ଼, ଉଦ୍ଭିଦ, ପଶୁସ୍ତରରୁ ଜୀବନ ବିକଶିତ ହୋଇଆସିଛି। ଯଦି ଉଦ୍ଭିଦରୁ ପଶୁର ଉଦ୍ଭବ ଓ ପଶୁ ପରେ ମଣିଷ ଦେବତ୍ୱରେ ଉପନୀତ ହେବା ଏକ ଅବଧାରିତ ସତ୍ୟ, ତା'ହେଲେ ମଣିଷ ଏଯାବତ୍ ଶ୍ରେଷ୍ଠ, ମାତ୍ର ଶେଷ ନୁହେଁ। ଶ୍ରୀମଦ୍ ଭାଗବତ କହିଛନ୍ତି– ''ଜନ୍ତୁଙ୍କ ବାହ୍ୟ ଅଭ୍ୟନ୍ତର। ଏ ସର୍ବ କୃଷ୍ଣଙ୍କ ଶରୀର।।'' ଦେବଭୂମି ଭାରତର ସଂସ୍କୃତି ହେଉଛି – ''ନମୋ ବ୍ରହ୍ମଣ୍ୟଦେବାୟ ଗୋବ୍ରାହ୍ମଣହିତାୟ ଚ। ଜଗଦ୍ଧିତାୟ କୃଷ୍ଣାୟ ଗୋବିନ୍ଦାୟ ନମୋନମଃ।।''

ମାତ୍ର ଦୁଃଖର ସହିତ ସ୍ୱୀକାର କରିବାକୁ ହେଉଛି– ବେଦ, ଉପନିଷଦର ଦେଶ ଭାରତରେ ପ୍ରତ୍ୟହ ୫୦,୦୦୦ରୁ ଅଧିକ ଗୋରୁଙ୍କୁ ହତ୍ୟା କରାଯାଏ। କାହିଁ କେଉଁ ଅନାଦି କାଳରୁ ଗୋରୁମାନେ ମଣିଷର ବିକାଶରେ ଅତୁଳନୀୟ ଅବଦାନ ଦେଇ ଆସିଛନ୍ତି। ଆଜି ମଧ୍ୟ ସେମାନେ ମା'ର ପ୍ରତିରୂପ ଭାବରେ ଆରାଧ୍ୟ। କାମଧେନୁ, ସୁରଭି, ନନ୍ଦିନୀ– ଏ ସବୁ ସେହି ଚେତନାର ପ୍ରତୀକ ଓ ଗୋଟିଏ ଗୋଟିଏ କାଳଜୟୀ କିମ୍ବଦନ୍ତୀ। ପାଶ୍ଚାତ୍ୟ ସଭ୍ୟତାର ସର୍ବଗ୍ରାସୀ ପ୍ରଭାବରେ ଆମେ ଆମ ମହାନ୍ ସଂସ୍କୃତିରୁ ଦୂରେଇ ଯାଉଛୁ। ଏହାକୁ ଲକ୍ଷ୍ୟକରି ଦରଦୀ କବି ଗଙ୍ଗାଧରଙ୍କ ହୃଦୟ ଉଦ୍‌ବେଳିତ ହୋଇଛି– ''କୁକୁରକୁ କୋଳେ ଧରି ଦିଅନ୍ତି ଚୁମ୍ବନ, କଂସେଇକୁ ଦିଅନ୍ତି ଗୋ ବାଛୁରୀ ଜୀବନ।''

## ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ

ମୁନିଋଷିମାନେ ପଶୁପକ୍ଷୀଙ୍କ ଗରିମାମୟ ଭୂମିକାକୁ ସ୍ୱୀକାର କରିବା ସହିତ ସେମାନଙ୍କୁ ଭଗବାନଙ୍କ ବିଭିନ୍ନ ଅବତାରସ୍ୱରୂପ ଭାବରେ ଅଭିହିତ କରିଛନ୍ତି। ଦଶାବତାର ମଧ୍ୟରେ ମତ୍ସ୍ୟ, କଚ୍ଛପ, ବରାହ, ନରସିଂହ ଅବତାର ରହିଛି। ବିଭିନ୍ନ ଦେବଦେବୀଙ୍କ ବାହନ ଭାବରେ ପଶୁପକ୍ଷୀମାନଙ୍କୁ ସମ୍ମାନ ଦିଆଯାଏ। ପକ୍ଷୀରାଜ ଗରୁଡ଼ ବିଷ୍ଣୁଙ୍କ ବାହନ ହେବାବେଳେ ପେଚା ମହାଲକ୍ଷ୍ମୀଙ୍କର, ବୃଷଭ ମହାଦେବଙ୍କର, ହଂସ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର, ମୂଷା ବିଦ୍ୟାଦାତା ଗଣନାଥଙ୍କର, ମୟୂର କାର୍ତ୍ତିକେୟଙ୍କର, ପଶୁରାଜ ସିଂହ ମହିଷମର୍ଦ୍ଦିନୀ ଦୁର୍ଗାଙ୍କର, ଉଚ୍ଚୈଃଶ୍ରବା ଅଶ୍ୱ ଦେବରାଜ ଇନ୍ଦ୍ରଙ୍କର, ମଗର ଜଳଦେବତା ବରୁଣଙ୍କର, ଗରୁଡ଼ଙ୍କ ଭାଇ ଅରୁଣ ସୂର୍ଯ୍ୟଦେବଙ୍କ ବାହନ ଭାବରେ ଶାସ୍ତ୍ରାନୁମୋଦିତ। ଏହା ବ୍ୟତୀତ ଗ୍ରହରାଜ ଶନି କାଉକୁ ବାହନ କରିଛନ୍ତି। ଆମ ପରମ୍ପରାରେ ନାଗପଞ୍ଚମୀରେ ସର୍ପଦେବତା ପୂଜିତ ହୋଇ ଆସୁଛନ୍ତି। ତ୍ରେତୟା ଯୁଗରେ ଭଗବାନଙ୍କ ରାମାବତାରରେ ବଗ, ଜଟାୟୁ, ମର୍କଟ, ଭଲ୍ଲୁକ– ଏପରି କି ଗୁଣ୍ଡୁଚି ମୂଷାର ତ୍ୟାଗପୂତ ଅବଦାନ ଅନିର୍ବଚନୀୟ। ମଣିଷ କିନ୍ତୁ ଅଜ୍ଞାନତା ଓ ଅହଂକାରରେ ଅନ୍ଧ। ଶ୍ରେଷ୍ଠ ଜୀବ ମଣିଷ ନିଦ୍ରିତ ଥିବା ବେଳେ ସାମାନ୍ୟ ପକ୍ଷୀ ଉଷାକୁ ସ୍ୱାଗତ କରେ।

ଗତ ୬/୭ ବର୍ଷ ପୂର୍ବେ ଇଣ୍ଡୋନେସିଆରେ ଘଟିଥିବା ପ୍ରଳୟଙ୍କରୀ ସୁନାମି ହେତୁ ସମୁଦ୍ର କୂଳରେ ଗୋଟିଏ ମିନିଟ୍‌ରେ ଆନନ୍ଦରେ ଭ୍ରମଣରତ ପ୍ରାୟ ୧,୫୦,୦୦୦ ପର୍ଯ୍ୟଟକ ସମୁଦ୍ରରେ ଲୀନ ହୋଇଗଲେ। ଯେଉଁ ପର୍ଯ୍ୟଟକମାନେ ହାତୀ ଉପରେ ବସି ବୁଲୁଥିଲେ, ହାତୀ ସେମାନଙ୍କୁ ତତ୍‌କ୍ଷଣାତ ନିରାପଦ ଦୂରତ୍ୱକୁ ନେଇ ଚାଲିଯିବାରୁ ସେମାନେ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା ପାଇଗଲେ; ମାତ୍ର ଏଠି ମଣିଷ ହାରିଗଲା। ପଶୁଟିଏ ଆସନ୍ନ ବିପଦକୁ ଜାଣିଲା ବେଳେ, ଶ୍ରେଷ୍ଠ ଜୀବ ମଣିଷ ଅଜ୍ଞ! ଏହା ହିଁ ବିଡ଼ମ୍ବନା।

ଏସବୁ ସତ୍ତ୍ୱେ ନିର୍ଦ୍ଦୋଷ, ନିରୀହ ପଶୁପକ୍ଷୀଙ୍କୁ ନିର୍ମମ ମଣିଷ ନିର୍ବିଚାରରେ ବିଲୋପ କରିଚାଲିଛି। ସତେଯେପରି ଆଜିର ମଣିଷ ରାକ୍ଷସ ପାଲଟି ଯାଇଛି। ମଣିଷର ଅତ୍ୟାଚାରରୁ ଜୀବଜନ୍ତୁ, କାଠ, ପଥର, ନଦୀ, ପର୍ବତ, ସମୁଦ୍ର କେହି ମୁକ୍ତ ନୁହନ୍ତି। ୫୯୩ରୁ ଊର୍ଦ୍ଧ୍ୱ ପ୍ରଜାତିର ପଶୁପକ୍ଷୀ ବିଲୁପ୍ତ ହୋଇଗଲେଣି। ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ ଜୀବଜନ୍ତୁଙ୍କ ସହିତ ପଚିଶ ହଜାର ପ୍ରଜାତିର ବୃକ୍ଷଲତା ବିଲୁପ୍ତିର ପ୍ରତୀକ୍ଷାରେ। ଏହି ଧାରା ଅବାରିତ ରହିଲେ କେବଳ ପଶୁପକ୍ଷୀଙ୍କ ଛବି ହିଁ ଦେଖିବା, ଠିକ୍ ଯେପରି ଡାଇନୋସର ଛବି ଆମେ ଦେଖୁଛୁ। ଆମ ରାଜ୍ୟର ପରିସ୍ଥିତି ମଧ୍ୟ କମ୍ ସଙ୍ଗିନ ନୁହେଁ। ଚନ୍ଦକା ହେଉ ବା ଶିମିଳିପାଳ ଅଭୟାରଣ୍ୟ ସବୁ ବିପର୍ଯ୍ୟସ୍ତ। ଅରଣ୍ୟ ଆଖିର ଲୁହ ସ୍ୱାର୍ଥାନ୍ଧ ମଣିଷ ପାଇଁ ବିପର୍ଯ୍ୟୟ ସୃଷ୍ଟି କରିବା ଅବଶ୍ୟମ୍ଭାବୀ।

ମୋ–୯୪୩୮୧୮୬୨୨୬

## ଏଇ ଭାରତରେ

ଆତଙ୍କବାଦୀ ହିଂସା, ସଂଘର୍ଷ ମଧ୍ୟରେ ବିତୁଛି କଶ୍ମୀରୀଙ୍କ ପ୍ରତିଟି କ୍ଷଣ। କେତେବେଳେ ଆତଙ୍କବାଦୀ ତ ଆଉ କେତେବେଳେ ସୁରକ୍ଷା ବାହିନୀର କେଉଁ ଗୁଳି କାହା ଶରୀରକୁ ଭେଦ କରିବ ତାହା କଳନା କରିବା ଅସମ୍ଭବ। ଟେକାମାଡ଼କାରୀ, ଚରମପନ୍ଥୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ମୁହାଁମୁହିଁ ହେବା ଏଠାରେ ଏକ ସାଧାରଣ ଘଟଣା। ଏଭଳି ସଂଘର୍ଷ ଏବଂ ଅସ୍ଥିରତା ମଧ୍ୟରେ ଶ୍ରୀନଗରର ନର୍‌ୱାଡ଼ା ଅଞ୍ଚଳର ରିଫାତ୍ ମାସୁଦୀ କଶ୍ମୀରୀ ଯୁବକଙ୍କ ପାଇଁ ଏକ ସୁନେଲି ଭବିଷ୍ୟତର ସ୍ୱପ୍ନ ଦେଖିଛନ୍ତି। ରିଫାତ୍ ହେଉଛନ୍ତି ଜମ୍ମୁ–କଶ୍ମୀରର ଏକ କ୍ରିକେଟ୍ ବ୍ୟାଟ୍ ନିର୍ମାଣକାରୀ କାରଖାନାର ମାଲିକାଣୀ। ତାଙ୍କର ସ୍ୱପ୍ନ ହେଲା ଭାରତୀୟ କ୍ରିକେଟ୍ ଟିମ୍‌ର ଖେଳାଳିମାନେ ତାଙ୍କ କାରଖାନାର ବ୍ୟାଟ୍‌ରେ ମ୍ୟାଚ୍ ଖେଳି ଦେଶ ପାଇଁ ଗୌରବ ଆଣି ଦିଅନ୍ତୁ। କେବଳ ସେତିକି ନୁହେଁ ଆଜି ଟେକା ହାତରେ ଧରି ମୃତ୍ୟୁମୁହଁକୁ ଧାଉଁଥିବା ପଥଭ୍ରଷ୍ଟ କଶ୍ମୀରୀ ଯୁବକ ତାଙ୍କ କମ୍ପାନୀରେ ବ୍ୟାଟ୍ ଧରି ବିଶ୍ୱବିଜୟୀ ହୁଅନ୍ତୁ ବୋଲି ୪୦ ବର୍ଷୀୟା ରିଫାତ୍ ଆଶା ରଖିଛନ୍ତି। ରିଫାତ୍‌ଙ୍କ ସଂଘର୍ଷମୟ ଜୀବନକାହାଣୀ ଆରମ୍ଭ ହୁଏ ୧୯୯୯ରେ, ଯେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ପାକିସ୍ତାନକୁ ବସ୍ ଯାତ୍ରା ଆରମ୍ଭ କରିଥିଲେ। ରିଫାତ୍‌ଙ୍କ ଶ୍ୱଶୁର ୧୯୭୦ରେ ଏହି ବ୍ୟାଟ୍ ନିର୍ମାଣକାରୀ କାରଖାନା ତିଆରି କରିଥିଲେ। କିନ୍ତୁ ଅନୁପ୍ରବେଶ ଏବଂ ଆତଙ୍କବାଦୀ ସମସ୍ୟା ଯୋଗୁ ବେପାର ଠପ୍ ହୋଇ ଯାଇଥିଲା। ଦେଶବିଦେଶରେ କଶ୍ମୀରୀ ଉତ୍ପାଦର ଆଦରକୁ ଦୃଷ୍ଟିରେ ରଖି ରିଫାତ୍ ପୁଣିଥରେ ଉତ୍ପାଦନ ଆରମ୍ଭ କରିଥିଲେ। ଏହାପରେ ୧୯୯୯ରେ ପାକିସ୍ତାନକୁ ବସ୍ ସେବା ତାଙ୍କ ବ୍ୟବସାୟର ଗତିକୁ ତୀବ୍ର କରି ଦେଇଥିଲା। ଟେକାମାଡ଼କାରୀ ୧୯ ବର୍ଷୀୟ ଅଫ୍‌ସାନ ଆଶିକ୍ ଫୁଟ୍‌ବଲ ଖେଳାଳି ପାଲଟିବା, ପର୍‌ଭେଜ ରସୁଲ, ମନ୍‌ଜୁର ଦର୍ ଏବଂ ଉମର ନାଜିର୍ କ୍ରିକେଟ ଖେଳାଳିରେ ପରିଣତ ହେବା ତାଙ୍କୁ ବେଶ୍ ପ୍ରଭାବିତ କରିଛି।

## ଚିରନ୍ତନୀ

ହୁଡ଼ା କରେ ଗାଁଆର ମଶାଣି
ଦୁକୁ ଦୁକୁ ଜଳେ କା'ର ଜୁଇ
କାନ୍ଧରେ ଧାନହଳା ଥୋଇ
ଝୁଲି ଝୁଲି ଆସେ ରାଧୁ ଭୋଇ
ପାଶେ ଯାଇ ପଚାରିଲି ମୁହିଁ
''ମଶାଣିରେ ଜଳେକା'ର ଜୁଇ ?''
(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | | E | | 9 | | | | | D | | | | 6 |
| | 7 | | | 0 | | | | E | 2 | | | 3 | | 4 |
| | A | | | 6 | 5 | | | | C | | 4 | | | |
| 4 | | E | | | | 0 | C | | | | | 7 | | |
| | 8 | | | | | B | 3 | | | | 6 | 2 | | |
| 2 | | | C | | | | B | | | | | 4 | 3 | |
| | | | 0 | 1 | | D | 7 | 8 | A | | C | | | |
| | | | | | | | | | 8 | | | 9 | | C |
| 6 | | 1 | | 9 | | | | 0 | 7 | | | | | |
| 9 | | | | | | | | | | | E | 1 | 2 | B |
| | | | | E | 0 | | | C | 9 | | | | D | |
| E | | | | | | 9 | | | | | 7 | | | 3 |
| 5 | B | 9 | D | | | | 1 | | E | | 2 | | 8 | |
| | | | 3 | B | | | A | | | 5 | | | 1 | |
| | 3 | A | | | C | | | 7 | 1 | | D | | B | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 6 | 8 | E | D | 2 | A | 1 | 9 | 4 | 5 | 0 | C | B | 7 |
| D | A | 7 | B | 1 | 6 | 8 | C | 0 | 9 | 2 | E | 5 | 4 | 3 |
| C | E | 2 | 9 | 4 | 5 | 6 | B | 3 | 8 | 7 | 1 | A | D | 0 |
| 5 | 9 | 0 | A | C | 7 | 2 | 4 | D | 6 | B | 3 | 8 | 1 | E |
| 1 | 4 | B | 0 | 3 | 8 | E | 7 | 5 | C | D | A | 9 | 6 | 2 |
| 9 | 7 | 1 | 8 | B | 3 | 5 | 2 | 4 | A | 0 | D | 6 | E | C |
| 6 | B | 5 | C | 2 | 0 | 1 | 8 | A | E | 3 | 7 | D | 9 | 4 |
| 0 | 2 | E | 4 | 7 | D | 3 | 9 | C | B | 8 | 6 | 1 | 5 | A |
| 4 | 3 | C | 6 | A | 1 | D | E | B | 5 | 9 | 2 | 0 | 7 | 8 |
| A | 8 | D | 5 | E | 9 | 7 | 0 | 6 | 1 | C | 4 | 3 | 2 | B |
| 8 | 0 | 4 | 1 | 6 | C | 9 | 5 | 2 | 7 | A | B | E | 3 | D |
| 2 | 1 | 6 | 3 | 8 | B | 0 | A | E | D | 4 | 5 | 7 | C | 9 |
| B | 5 | A | 7 | 9 | 4 | C | D | 1 | 3 | E | 8 | 2 | 0 | 6 |
| 7 | C | 3 | D | 0 | E | B | 6 | 8 | 2 | 1 | 9 | 4 | A | 5 |
| E | D | 9 | 2 | 5 | A | 4 | 3 | 7 | 0 | 6 | C | B | 8 | 1 |

ଗତକାଲିର ଉତ୍ତର

# ଜୀବନ : ଛଳନାର ଏକ ଦସ୍ତାବିଜ



**ଡ. ସୁବାସ ଚନ୍ଦ୍ର ପାତ୍ର**

ପ୍ରଖ୍ୟାତ ସାରସ୍ୱତ ସାଧକ ମନୋଜ ଦାସ ତାଙ୍କ 'ସାରୁଗଛ ମୂଳେ' କବିତାରେ ଦେଖୁଛନ୍ତି ଏ ପୃଥିବୀର ଅଧିକାଂଶ ମଣିଷ କେମିତି ଜଣେ ଜଣେ ଚିତ୍ରିତ ବେଙ୍ଗ, ଏପରିକି ଏଠି ବ୍ୟଙ୍ଗକାର ମଧ ଜଣେ ବେଙ୍ଗ। ସରଳ, ନିରୀହ ଜୀବନଯାପନ କରୁଥିବା ମଣିଷ ମଧ ମିଥ୍ୟା ଓ ଛଳନାରୁ ସମ୍ପୂର୍ଣ୍ଣ ମୁକ୍ତ ନୁହେଁ। ତେଣୁ ସେ ଦୃଷ୍ଟିରୁ ଦେଖିଲେ ମଣିଷର ଜୀବନ ବହୁଳାଂଶରେ ଛଳନାର ଏକ ପ୍ରାମାଣିକ ଚିତ୍ର। ଭାଷା, ସଂସ୍କୃତି, ସଂସ୍କାର, ପରମ୍ପରାର ଦ୍ୱାହି ମଣିଷକୁ ଛଳନାମୁକ୍ତ କରିବା ପରିବର୍ତ୍ତେ ତା'ର ଛଳଭାବକୁ ଅଧିକ ଦୃଢ଼ୀଭୂତ କରେ।

ପ୍ରଥମେ ଭାଷା। ଭାଷା କଥା ପଡ଼ିଲେ ଅନେକ ଲୋକଙ୍କ ସ୍ୱରର ତୀବ୍ରତା ଓ କଲମର ତୀକ୍ଷ୍ଣତା ବଢ଼ିଯାଏ। କେତେ ସ୍ୱାଭିମାନଭରା କଥା କହି ବା ଲେଖି ଲୋକଙ୍କ ଭିତରେ ଏକ ଭାଷା ଜାଗରଣ ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି ଏମାନେ, କିନ୍ତୁ ଦୈନନ୍ଦିନ ଜୀବନରେ ନିଜର ତଥା ନିଜ ପରିବାର ସଦସ୍ୟମାନଙ୍କର ବ୍ୟବହାର ଥାଏ ଓଲଟା। ମଜାର କଥା ମାତୃଭାଷା ବାବଦରେ ଆମର ସମସ୍ତପ୍ରକାର ଛଳନାତ୍ମକ ବ୍ୟବହାର ସତ୍ତ୍ୱେ ଦୋଷର ଟୋକେଇଟି ନେଇ ଆମେ ମୁଖ୍ୟମନ୍ତ୍ରୀଙ୍କ ଦୁଆରମୁହଁରେ ଥୋଇଦେଉ। ପ୍ରସଙ୍ଗକ୍ରମେ ମନେପଡ଼େ ୧୯୭୬–୭୮ ମସିହାରେ ରେଭେନ୍‌ଶାରେ ସ୍ନାତକୋତ୍ତର ପାଠ ପଢ଼ିବାର ସ୍ମୃତି। ପିକ୍‌ନିକ୍‌ରେ ଯାଇଥାଉ ନରାଜ। ଶୀତଦିନ। ଜଳଖିଆରେ ଥିଲା ପୁରି, ବନ୍ଧାକୋବି ତରକାରି, ସିଝା ଅଣ୍ଡା, କଦଳି ଓ ରସଗୋଲା। ଆମ ସହିତ ଥାଆନ୍ତି ଇଂଲିଶ୍ ମାଧ୍ୟମ ବିଦ୍ୟାଳୟରୁ ଆସିଥିବା କେତେକ ସହପାଠିନୀ। ବନ୍ଧୁଜଣକ ଟିଫିନ ଭରା ଶାଳପତ୍ର ଠୋଲାଟି ସେହି ଗୋଷ୍ଠୀର ଜଣେ ସହପାଠିନୀଙ୍କୁ ବଢ଼େଇ ଦେଲାବେଳେ ସେ ହଠାତ୍ ଚିତ୍କାର କରି କହି ଉଠିଲେ, 'ଏ ମା! ମୁଁ ଏତେ ପୁରିମାନଙ୍କୁ ଖାଇପାରିବି ନାହିଁ।' ସମସ୍ୟା ଖାଲି 'ପୁରିମାନଙ୍କ' ପାଖରେ ନ ଥିଲା, ସେ ସମଗ୍ର ବାକ୍ୟଟିକୁ ଯେମିତି ତାଳ, ଅନ୍ତଃସ୍ୱରରେ କହିଲେ ଏବଂ ଶବ୍ଦଗୁଡ଼ିକୁ ଯେପରି ଉଚ୍ଚାରଣ କଲେ ଜଣାପଡ଼ିଲାନି ସେ ଓଡ଼ିଆ ଭାଷା କହୁଥିଲେ ବୋଲି। ଏ ତ ୪୨ ବର୍ଷ ତଳର କଥା। ଏବେ ବି ଅନେକ ପୁଅଝିଅ, ବାପାମାଆଙ୍କୁ କହିବାର ଶୁଣାଯାଏ, 'ବାପା! ତୁମେ ମୋତେ 'ଟ୍ୱେଣ୍ଟି ଟଙ୍କା' ଦେବ।' ପିଲାଙ୍କୁ ଦୋଷ ଦେଇ ଲାଭ ନାହିଁ। ବେଶ୍ ବୟସ୍କ ଲୋକ କିଣାକିଣି କ୍ଷେତ୍ରରେ ସାମାନ୍ୟ କେତେଟଙ୍କାର ଅନୁଗ୍ରହ ପାଇଁ ଅଣଓଡ଼ିଆ ବ୍ୟବସାୟୀଙ୍କ ସହିତ ଦକ୍ଷିଣ ଓଡ଼ିଶା ହୋଇଥିଲେ ତେଲୁଗୁରେ, ଉତ୍ତର ଓଡ଼ିଶା ହୋଇଥିଲେ ବଙ୍ଗଳାରେ ଓ ପଶ୍ଚିମ ଓଡ଼ିଶା ହୋଇଥଲେ ହିନ୍ଦୀରେ କଥା ହେବାକୁ ପଛାନ୍ତି ନାହିଁ। କିଣାବିକା ଜନିତ ଲାଭକ୍ଷତି ତ ଦୂରର କଥା, ଟ୍ରେନ୍‌ରେ ଆପଣାର ଥଇଥାନ ପାଇଁ ଅଣଓଡ଼ିଆ ଯାତ୍ରୀଙ୍କ ସହ କ୍ଷେତ୍ର ଦେଖି ଆମେ ଉପରିଲିଖିତ ୩ଟି ଭାଷାରୁ ଗୋଟିଏ ପ୍ରୟୋଗ କରୁ ଏବଂ ତା' ପରଦିନ ମାତୃଭୂମି ଓ ମାତୃଭାଷା ଉପରେ ସାରଗର୍ଭକ ଭାଷଣ ଦେଉ!

ଆମେ ଆମର ସଂସ୍କାର, ସଂସ୍କୃତି ଓ ପରମ୍ପରା ନେଇ ଗର୍ବ କରୁ, କିନ୍ତୁ ବେଳେବେଳେ ସେହି ତଥାକଥିତ ସଂସ୍କାର ପାଳନ ବେଳେ ଏମିତି କିଛି କାଣ୍ଡ ଭିଆଉ ଯାହା ଆମ ଛଳନାକୁ ନିର୍ମମ ଭାବରେ ଧରାପକାଏ। ନୀରଦ ଚୌଧୁରୀ, ଯାହାଙ୍କ ଭାରତବିରୋଧୀ ମନ୍ତବ୍ୟ ଅନେକଙ୍କୁ କଷ୍ଟଦିଏ, ଗୋଟିଏ ପ୍ରସଙ୍ଗରେ କିନ୍ତୁ ଆମ ସଂସ୍କାରକେନ୍ଦ୍ରିକ ଛଳନା ସର୍ବସମକ୍ଷରେ ପ୍ରକାଶିତ କରି ଏ ବାବଦରେ ଆମକୁ ଭାବିବାକୁ ବାଧ୍ୟକରନ୍ତି। ସେ କହନ୍ତି, ଭାରତୀୟମାନେ ସେମାନଙ୍କ ବାପା, ମାଆ, ଜେଜେବାପା, ଜେଜେମା'ଙ୍କୁ ବହୁତ ଭଲପାଆନ୍ତି ବୋଲି ଦାବି କରନ୍ତି କିନ୍ତୁ ସେମାନଙ୍କ ଦାହସଂସ୍କାର ବେଳେ ଏମିତି କିଛି କରନ୍ତି ଯାହା ସେମାନଙ୍କର ଦାବିକୁ ନ୍ୟୁନ କରେ। ଅବଶ୍ୟ ସେ ମୃତ ବାପା, ମାଆ ବା ଜେଜେବାପା, ଜେଜେମା'ଙ୍କ ଆଙ୍ଗୁଠିରୁ ବା ହାତରୁ ବା ବେକରୁ ଗହଣା ହଡ଼ପ କଥା କହିନାହାନ୍ତି, ଯାହା ଆମେ ସଚରାଚର ଦେଖୁ। ସେ ଭିନ୍ନ ଏକ ପ୍ରସଙ୍ଗ ଆଡ଼କୁ ଦୃଷ୍ଟି ନିକ୍ଷେପ କରିଛନ୍ତି। ସେ କହନ୍ତି ଯେଉଁ ପୁଅ ବା ନାତି ବାପା ବା ଜେଜେଙ୍କ ପାଇଁ ତାଙ୍କ ମୃତଦେହ ଉପରେ ଛାତି ଫଟେଇ କାନ୍ଦେ, ସେ ମାତ୍ର କେଇକ୍ଷଣ ପରେ ଶ୍ମଶାନରେ ମୃତଦେହ ଶୀଘ୍ର ଜଳିଯିବାର ବ୍ୟବସ୍ଥା କରିବାକୁ ଯାଇ ଖେଞ୍ଚଣା ବାଡ଼ିରେ ନିଜର 'ପ୍ରିୟତମ' ବ୍ୟକ୍ତିର ମୃତଦେହକୁ ନିଷ୍ଠୁର ଭାବରେ ଖଣ୍ଡବିଖଣ୍ଡିତ କରେ। ଆମ ସଂସ୍କୃତି ବା ସଂସ୍କାରର ଯାବତୀୟ ମହନୀୟତା ସତ୍ତ୍ୱେ ଛଳନା ଆମକୁ ଛାଡ଼ି ଯାଏ ନାହିଁ।

ବେଳେବେଳେ ଅତି ନିରୀହ ମଣିଷ ଏକ ଦ୍ୱୈତ ମାନସିକତାର ଶିକାର ହୋଇ ଏପରି କିଛି ବ୍ୟବହାର ପ୍ରଦର୍ଶନ କରନ୍ତି, ଯାହାକୁ ପାଠୁଆ ଲୋକେ ଛଳନା ବୋଲି କହି ପାରନ୍ତି। ସେ ଲୋକଟି କିନ୍ତୁ ଏ ବାବଦରେ ସଂପୂର୍ଣ୍ଣ ଅଜ୍ଞ। ଅତି ନିରିମାଖୀ ମଣିଷଟିଏ ଦୈନନ୍ଦିନ ଜୀବନରେ ଜୀବନର ଦାୟ ଆଗରେ ନତମସ୍ତକ ହୋଇ ଛଳନାର ଆଶ୍ରୟ ଯେ ନ ନିଏ ସେ କଥା କହି ହେବନାହିଁ। ତେବେ ଦ୍ୱୈତ ମାନସିକତାର ଶିକାର ହୋଇ ବ୍ୟବହାରଗତ ଅସଙ୍ଗତିର ଉଦାହରଣ ପାଇଁ ଆମକୁ କିଶୋର ସାହୁ ପାଖକୁ ଯିବାକୁ ପଡ଼ିବ। ସ୍ୱାଧୀନତା ପୂର୍ବର କଥା। 'ଲୁଣ ମାରିବା ବେଆଇନ' କଥାକୁ ଖାତିର ନ କରି ସେ ଲୁଣ ମାରିଲା। ବ୍ରିଟିଶ ସରକାରଙ୍କ ଚାମଚାଗିରି କରୁଥିବା ଛୋଟ ଜମିଦାର ପ୍ରାଣକୃଷ୍ଣ ବେହେରାଙ୍କ ଗୁଣ୍ଡାମାନେ ତାକୁ ଧରି ଆଣିଲେ। ବେତ ଅଭାବରେ ଗୋରୁବନ୍ଧା ପଘାରେ ତାକୁ ନିର୍ଘାତ ମାଡ଼ହେଲା। ଅସହ୍ୟ ଯନ୍ତ୍ରଣା ଭୋଗି ଘରକୁ ଫେରିଲା କିଶୋର। ବ୍ୟଥା ଦୂର ହେବାର ପାଞ୍ଚସାତ ଦିନ ପରେ ସଞ୍ଜରେ ଗାଁ ହାଟରୁ ଫେରିଲାବେଳେ ସାଥୀ ପଥଚାରୀ ତାକୁ ଟର୍ଚ୍ଚଟି ମାଗିବାରୁ ସେ କହିଲା, ''ମୋର ବିଲାତି ଟର୍ଚ୍ଚ, ମୁଁ ଏହାକୁ ହାତଛଡ଼ା କରେନାହିଁ।'' ଖାଲି ଟର୍ଚ୍ଚ ନୁହେଁ, ସାଇକେଲ ଓ ଅନ୍ୟାନ୍ୟ ବିଲାତି ସାମଗ୍ରୀର ସେ ଜଣେ ବିଶ୍ୱସ୍ତ ଗ୍ରାହକ। ସେ ସବୁବେଳେ କହୁଥାଏ, ''ବ୍ରିଟିଶ ଜିନିଷ ଭଳି ଜିନିଷ ନାହିଁ।'' ବିଲାତି ଜିନିଷ ଓ ବିଲାତି ଆଇନ ଯାହା ତାକୁ ପଘାରେ ମାଡ଼ ଖୁଆଇଲା, ଏହା ଭିତରେ କ'ଣ ଅସଙ୍ଗତି ଅଛି, ସେ ଜାଣିପାରିଲା ନାହିଁ। ଏହା ହେଉଛି ଶାସକ–ଶାସିତ କେନ୍ଦ୍ରିକ ଦ୍ୱୈତ ମାନସିକତା। ଶାସିତ ଶାସକ ଦ୍ୱାରା ଶୋଷିତ ହୁଏ, ନିର୍ଯାତିତ ହୁଏ କିନ୍ତୁ ଶାସକର ଭାଷା, ତା'ର ଖାଦ୍ୟ, ପୋଷାକ, ଉତ୍ପାଦିତ ଦ୍ରବ୍ୟ ପ୍ରତି ତା'ର ଥାଏ ଚରମ ଆକର୍ଷଣ। ସାଧାରଣ ଲୋକଟିଏ ବୁଝିପାରେ ନାହିଁ ଏ ବି ଏକ ପ୍ରକାର ଛଳନା।

ଦ୍ୱୈତ ମାନସିକତାର ଶିକାର ହେଉ ବା ନ ହେଉ, ମଣିଷର ମନ ଛଳନାର ଏକ ଗନ୍ତାଘର। ତା'ର ଛାଇ ଭଳି ଛଳନା ତାକୁ ଜାବୁଡ଼ି ଧରିଛି। ବେଳେବେଳେ ଦୈନନ୍ଦିନ ଜୀବନରେ ଛଳନାତ୍ମକ ଅଭିନୟ ଏକ ଆବଶ୍ୟକତା ହୋଇପାରେ, କିନ୍ତୁ ଛଳନାର ଉପସ୍ଥିତି ହିଁ ସାମାଜିକ ଜୀବନକୁ କ୍ଷଣଭଙ୍ଗୁର କରେ ଏବଂ ଜୀବନରେ ବୁଣିଦିଏ ଅନିଶ୍ଚିତତାର ମଞ୍ଜି।

ବାଲେଶ୍ୱର, ମୋ– ୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ଧରିତ୍ରୀ ନିରପେକ୍ଷ

ମହାଶୟ,

ମୁଁ ଯେତେ ଖବରକାଗଜ ପଢୁଛି, ସେଥିମଧ୍ୟରୁ ସବୁଠୁ ବେଶି ଭଲ ଲାଗେ ଧରିତ୍ରୀ। ତା'ର କାରଣ ଧରିତ୍ରୀ ନିରପେକ୍ଷ ଏବଂ ସର୍ବଭାରତୀୟ ସ୍ତରର ଲେଖା ପ୍ରକାଶ କରେ। ଅନ୍ୟ ଖବରକାଗଜ ଦଳୀୟ ମନୋଭାବ ନେଇ ଲେଖନ୍ତି। ତା'ର ପ୍ରମାଣ ମୋ ପାଖରେ ଅଛି। ସେଥିପାଇଁ ଧରିତ୍ରୀ ମୋର ପ୍ରଥମ ପସନ୍ଦର ଖବରକାଗଜ ହୋଇଯାଇଛି।

ପ୍ରଭାତ ପାଣି, ବରିଷ୍ଠ ନାଗରିକ, ବଡ଼ବାଗ ସାହି, ରୁଦ୍ରପୁର, ଯାଜପୁର

### ଏଲଇଡି ବଲ୍‌ବ କିଣି ଉପଭୋକ୍ତା ହଟହଟା

ବିଦ୍ୟୁତ୍ ଖର୍ଚ୍ଚ କମାଇବା ପାଇଁ କେନ୍ଦ୍ର ସରକାର ଶସ୍ତାରେ ଏଲଇଡି ବଲ୍‌ବ ଯୋଗାଇଦେଲେ। ଏହି ବଲ୍‌ବ ଯୋଗାଇବା ବେଳେ ଏଥିରେ ୩ ବର୍ଷ ୱାରେଣ୍ଟି ରହିଥିଲା। କିନ୍ତୁ କିଛିମାସ ପରେ ଏଗୁଡିକ ଅଚଳ ହୋଇଯାଉଛି। ଅଚଳ ହୋଇ ପଡିଥିବା ବଲ୍‌ବଗୁଡିକୁ ଆଉ ପରିବର୍ତ୍ତନ କରାଯାଉ ନାହିଁ। ତେଣୁ ସରକାର ଏହାଦ୍ୱାରା ଉପଭୋକ୍ତାମାନଙ୍କୁ ଠକିଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଉପଭୋକ୍ତାମାନେ ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ପୁରୁଣା ବଲ୍‌ବ ପରିବର୍ତ୍ତନ ପାଇଁ ଯେତିକିସଂଖ୍ୟକ ବଲ୍‌ବ ଆବଶ୍ୟକ ସେତିକି ଉପଲବ୍ଧ ରହୁନାହିଁ। ଫଳରେ ବଲ୍‌ବ ପରିବର୍ତ୍ତନରେ ସମସ୍ୟା ସୃଷ୍ଟି ହେଉଛି। ଏ ସଂକ୍ରାନ୍ତରେ ଅନୁସନ୍ଧାନ କରାଯାଇ ଉପଭୋକ୍ତାମାନଙ୍କୁ ତୁରନ୍ତ ବଲ୍‌ବ ଯୋଗାଇଦିଆଯିବାର ବ୍ୟବସ୍ଥା କରାଯାଉ।

ଦେବଦିତ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୪ ଅକ୍ଟୋବର ୧୯୯୩**

- ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ ପାକିସ୍ତାନ ପିପୁଲ୍‌ସ ପାର୍ଟି ସହିତ କୌଣସି ନିର୍ବାଚନୀ ବୁଝାମଣା କରିବାର ସମ୍ଭାବନାକୁ ଅଗ୍ରାହ୍ୟ କରିଦେଇଛନ୍ତି।
- ମହାରାଷ୍ଟ୍ର ଥାନେ ଜିଲାର ତିନ୍‌ହାଥୀ ନିକଟରେ ନାପ୍‌ଥା ବୋଝେଇ ଏକ ଟ୍ୟାଙ୍କର ଓଲଟି ପଡିବା ଫଳରେ ସେଥିରେ ନିଆଁ ଲାଗି ୧୪ ଜଣ ଜୀବନ୍ତ ଦଗ୍ଧ।

# ଚାମ୍ପିୟନ୍ସ ଅଫ୍ ଦି ଆର୍ଥ ଆୱାର୍ଡ ଗ୍ରହଣ କଲେ ମୋଦି

ନୂଆଦିଲ୍ଲୀ,୩।୧୦(ପି.ଟି.)

ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମର ସର୍ବଶ୍ରେଷ୍ଠ ସମ୍ମାନ 'ଚାମ୍ପିୟନ୍ସ ଅଫ୍ ଦି ଆର୍ଥ' ଆୱାର୍ଡ ଗ୍ରହଣ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭାରତ ଗସ୍ତରେ ଆସିଥିବା ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ନିକଟରୁ ଏଠାରେ ଅନୁଷ୍ଠିତ ସମ୍ମାନ ସମାରୋହରେ ବୁଧବାର ପ୍ରଧାନମନ୍ତ୍ରୀ ପୁରସ୍କାର ଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟ ସୌର ମେଣ୍ଟ ଗଠନ ପାଇଁ ମୋଦି ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ୍ ମାକ୍ରଁଙ୍କୁ ମିଳିତ ଭାବେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱଚ୍ଛ ଏବଂ ସବୁଜ ପରିବେଶ ତାଙ୍କ ସରକାରଙ୍କ ପ୍ରମୁଖ ନୀତି ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ସମାରୋହରେ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି, ଜଳବାୟୁ ଏବଂ ବିପର୍ଯ୍ୟୟ ସଂସ୍କୃତି ସହ ଜଡ଼ିତ। ଜଳବାୟୁ ଯେପର୍ଯ୍ୟନ୍ତ ସଂସ୍କୃତିର ଅଂଶବିଶେଷ ନ ହୁଏ, ସେପର୍ଯ୍ୟନ୍ତ ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇ ପାରିବ ନାହିଁ। କୃଷି ଏବଂ ଶିଳ୍ପ ନୀତିଠୁ ଆରମ୍ଭକରି ପାଇଖାନା ନିର୍ମାଣ ଯାଏ, ଏକ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା ହିଁ ତାଙ୍କ ସରକାରଙ୍କ ଲକ୍ଷ୍ୟ। ଆଗାମୀ ଦୁଇବର୍ଷ ମଧ୍ୟରେ ନିର୍ଗମନ ମାତ୍ରା ୨୦ରୁ ୨୫% ହ୍ରାସ କରିବା ପାଇଁ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୋଦି କହିଛନ୍ତି। ଏହି ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ, ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ, କ୍ଲାଇମେଟ୍ ଜଷ୍ଟିସ ବିଷୟରେ ମଧ୍ୟ ସେ କହିଛନ୍ତି। ଏହି ଅବସରରେ ଗୁଟେରେସ୍ କହିଛନ୍ତି, ଏକ ସବୁଜ ଅର୍ଥନୀତି ଶ୍ରେଷ୍ଠ ଅର୍ଥନୀତି। ସବୁଜ ଅର୍ଥନୀତି ଉପରେ ବିଶ୍ୱାସ କରୁଥିବା ଲୋକଙ୍କ ସାଥୀରେ ଟେକ୍ନୋଲୋଜି ବିଦ୍ୟମାନ ହୁଏ। କିନ୍ତୁ ଯେଉଁମାନେ ଧୂସର ଅର୍ଥନୀତି ଉପରେ ବିଶ୍ୱାସ କରନ୍ତି, ତାଙ୍କ ଭବିଷ୍ୟତ ମଧ୍ୟ ଧୂସର ବୋଲି ଗୁଟେରେସ୍ କହିଛନ୍ତି।



'ଚାମ୍ପିୟନ୍ସ ଅଫ୍ ଦି ଆର୍ଥ' ଆୱାର୍ଡ ଗ୍ରହଣ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ଭର୍ତ୍ତୃହରିଙ୍କ ଉପରେ ଆଧାରିତ ପୁସ୍ତକ ଉନ୍ମୋଚିତ



'ଭର୍ତ୍ତୃହରି ମହତାବ ଆଉଟଷ୍ଟାଣ୍ଡିଂ ପାର୍ଲାମେଣ୍ଟାରିଆନ' ପୁସ୍ତକକୁ ଉନ୍ମୋଚନ କରାଯାଉଛି।

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ବିଜେଡିର ବରିଷ୍ଠ ନେତା ତଥା ଲୋକ ସଭା ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଉପରେ ଲିଖିତ 'ଭର୍ତ୍ତୃହରି ମହତାବ ଆଉଟଷ୍ଟାଣ୍ଡିଂ ପାର୍ଲାମେଣ୍ଟାରିଆନ' ପୁସ୍ତକକୁ ମଙ୍ଗଳବାର ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ ଓ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଉନ୍ମୋଚନ କରିଛନ୍ତି।

ଏହି ପୁସ୍ତକକୁ ୩ଟି ଭାଗରେ ବିଭକ୍ତ କରାଯାଇଛି। ୧୯୯୮ରୁ ଏମ୍‌ପି ଭାବେ ନିଜର କ୍ୟାରିୟର ଆରମ୍ଭ କରିବା, ପାର୍ଲାମେଣ୍ଟରେ ଅଭିଭାଷଣ ଦେବା ଏବଂ ତାଙ୍କ ବିଷୟରେ ଅନ୍ୟମାନଙ୍କର ଭାବନାକୁ ଏହି ପୁସ୍ତକରେ ସ୍ଥାନିତ କରାଯାଇଛି। ଭୁବନେଶ୍ୱର ମିଡିଆ ଷ୍ଟଡିଜ୍ ଦ୍ୱାରା ପ୍ରକାଶିତ ଏହି ପୁସ୍ତକକୁ ସଂସ୍ଥାର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ସମ୍ପାଦନା କରିଛନ୍ତି। ଏହାକୁ ଉନ୍ମୋଚନ କରି ବାଚସ୍ପତି ମହାଜନ କହିଛନ୍ତି, ଭର୍ତ୍ତୃହରି ଜଣେ ଶୃଙ୍ଖଳିତ ସାଂସଦ। ମୋର ୪ ବର୍ଷ କାର୍ଯ୍ୟକାଳରେ ସେ କେବେ ଗୃହର ନିୟମକୁ ଉଲ୍ଲଂଘନ କରିଥିବା ଦେଖି ନାହିଁ। ସେ ଶୃଙ୍ଖଳିତ ଭାବେ ବିଭିନ୍ନ ବିଷୟରେ ବିଶଦ୍ ଭାବେ ଆଲୋଚନା କରିଥାଆନ୍ତି। ସେ ଅନ୍ୟ ନେତାଙ୍କ ଭଳି କ୍ରୋଧାନ୍ୱିତ ହୋଇ ଗୃହର ମଧ୍ୟଭାଗକୁ ଆସି ଗଣ୍ଡଗୋଳ କରନ୍ତି ନାହିଁ। ଏହି ଅବସରରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି, କେତେକ ସାଂସଦ ବରିଷ୍ଠତା ଦୃଷ୍ଟିରୁ ଏବଂ ଅନ୍ୟ କେତେକ ନିଜର ଉତ୍ତମ ବ୍ୟବହାର ଯୋଗୁ ଶ୍ରେଷ୍ଠ ସାଂସଦ ପୁରସ୍କାର ପାଇଥାଆନ୍ତି। ଭର୍ତ୍ତୃହରି ମହତାବ ନିଜର ଉତ୍ତମ ଗୁଣ ଯୋଗୁ ଏହି ପୁରସ୍କାର ପାଇଛନ୍ତି। ସେ ସବୁବେଳେ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଗୃହରେ ଉପସ୍ଥାପନ କରିଥାଆନ୍ତି। ଅନ୍ୟମାନଙ୍କ ଭଳି ବାକ୍‌ଯୁଦ୍ଧରେ ସାମିଲ ହୁଅନ୍ତି ନାହିଁ ବୋଲି ଜେଟ୍‌ଲୀ କହିଛନ୍ତି। ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ବୀରାପ୍ପା ମୋଇଲି, ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବୁଥ୍‌ସ୍ତରରୁ ସ୍ଥିତି ମଜଭୁତ କରିବାକୁ ପ୍ରୟାସ

ଭୁବନେଶ୍ୱର, ୩।୧୦(ବ୍ୟୁରୋ)

- ଆଜି ବାଲେଶ୍ୱରରେ କଂଗ୍ରେସର ଜନସମ୍ପର୍କ ପଦଯାତ୍ରା
- ଶକ୍ତି ଆପ୍‌ରେ ସଦସ୍ୟ ଯୋଡ଼ିବାକୁ ଉଦ୍ୟମ

ବୁଥ୍‌ସ୍ତରରୁ କଂଗ୍ରେସକୁ ମଜଭୂତ କରିବା ଲାଗି ପିସିସି(ପ୍ରଦେଶ କଂଗ୍ରେସ କମିଟି) ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ବୁଧବାର ପିସିସି କାର୍ଯ୍ୟକର୍ତ୍ତାମାନଙ୍କ ବୈଠକରେ ଦଳକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ବିଭିନ୍ନ ରଣନୀତି ପ୍ରସ୍ତୁତ କରାଯାଇଛି। ଦଳର ପିସିସି ଉପସଭାପତି ଏବଂ ସାଧାରଣ ସମ୍ପାଦକମାନଙ୍କୁ ଗୋଟାଏ ଲେଖା ଜିଲାର ଦାୟିତ୍ୱ ପ୍ରଦାନ କରାଯାଇଛି। ମହିଳା ସଙ୍ଗଠନ, ଅନୁସୂଚିତ ଜାତି, ଜନଜାତି, ଛାତ୍ର ଏବଂ ଯୁବକମାନଙ୍କୁ ମଧ୍ୟ ଦାୟିତ୍ୱ ବଣ୍ଟାଯାଇଛି। ଏବେ ଦାୟିତ୍ୱ ପାଇଥିବା ନେତାମାନେ ଜିଲାସ୍ତରକୁ ଯାଇ ୧୫ଦିନ ଲେଖା ରହିବେ। ପ୍ରତ୍ୟେକ ବୁଥ୍‌କୁ ଯାଇ ଲୋକମାନଙ୍କୁ ଦଳ ସହ ଯୋଡିବେ। ବୈଠକରେ ଦଳର କାର୍ଯ୍ୟକର୍ତ୍ତାମାନଙ୍କୁ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂହ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ନଚେତ୍ ଟିକେଟ ମିଳିବ ନାହିଁ ବୋଲି ସେ ସିଧାସଳଖ କହିଛନ୍ତି। ଅନ୍ୟପକ୍ଷେ ଗୁରୁବାରଠାରୁ କଂଗ୍ରେସ ଜନସମ୍ପର୍କ ପଦଯାତ୍ରାର ଆୟୋଜନ କରିଛି। କଂଗ୍ରେସ ଶକ୍ତି ଆପ୍ ଅନ୍‌ଲାଇନ୍ ଜରିଆରେ ଆରମ୍ଭ କରାଯାଇଛି। ଏହି ଆପ୍ ଜରିଆରେ ଦାୟିତ୍ୱ ନେଇଥିବା ପିସିସି କାର୍ଯ୍ୟକର୍ତ୍ତାମାନେ ସଦସ୍ୟ ସଂଗ୍ରହ କରିବେ। ଯେଉଁ ନେତାମାନେ ଅଧିକ ସଦସ୍ୟ ଯୋଗାଡ଼ କରିପାରିବେ ସେମାନଙ୍କୁ ସେହି ଅନୁଯାୟୀ ପୁରସ୍କୃତ କରାଯିବ। ଯେଉଁ ନେତାମାନେ ଏହି ଆପ୍ ଜରିଆରେ ୫ହଜାର ସଦସ୍ୟ ସାମିଲ କରିବାରେ ସଫଳ ହେବେ ସେମାନଙ୍କୁ ବିଧାନସଭା ଆସନ ପାଇଁ ଟିକେଟ ମିଳିବ। ଯେଉଁମାନେ ୧୦ହଜାର ସଦସ୍ୟ ଯୋଗାଡ଼ କରିବେ ସେମାନଙ୍କୁ ଏମ୍‌ପି ଟିକେଟ ଦିଆଯିବ ବୋଲି ବୈଠକରେ ପ୍ରତିଶ୍ରୁତି ଦିଆଯାଇଛି। ଏଥିରେ ବିଫଳ ହେଲେ ଟିକେଟ ମିଳିବ ନାହିଁ ବୋଲି ମଧ୍ୟ ଚେତାଇ ଦିଆଯାଇଛି। ଏହାସହ ପ୍ରତ୍ୟେକ ଜିଲା ପାଇଁ ଦଳ ପକ୍ଷରୁ ପ୍ରଭାରୀ ନିଯୁକ୍ତ କରାଯାଇଛି। ଦାୟିତ୍ୱ ପାଇଥିବା ନେତାମାନେ ପ୍ରତିମାସର ପ୍ରଥମ ୩ ଦିନ ନିଜ କାର୍ଯ୍ୟର ହିସାବ ଦେବେ। ଜିଲାସ୍ତରରେ କ'ଣ କାର୍ଯ୍ୟକ୍ରମ କରୁଛନ୍ତି ପିସିସିକୁ ଜଣାଇବେ। ମେମ୍ବରଶିପ୍ ପାଇଁ ଜିଲା ଓ ବ୍ଲକସ୍ତରରେ କମିଟି ଗଠନ କରାଯିବ ବୋଲି ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ କହିଛନ୍ତି। ଏହାଛଡା ସୋସିଆଲ ମିଡିଆକୁ କିଭଳି ଅଧିକ ସକ୍ରିୟ କରାଯାଇ ପାରିବ ସେନେଇ ବିଶେଷ ଆଲୋଚନା ହୋଇଛି। ଅପରପକ୍ଷରେ କଂଗ୍ରେସ ପକ୍ଷରୁ ବାଲେଶ୍ୱରଠାରେ ହେବାକୁ ଥିବା ଜନସମ୍ପର୍କ ପଦଯାତ୍ରା କରାଯିବ। ଏଥିପାଇଁ ଦଳ ପକ୍ଷରୁ ଏକ ବସ୍‌ର ବ୍ୟବସ୍ଥା କରାଯାଇଛି। ଗୋଟିଏ ବସ୍‌ରେ ଦଳର ସବୁ ନେତାମାନେ ବସି ପ୍ରଥମେ ବାଲେଶ୍ୱର ଗସ୍ତ କରିବେ। ସେଠାରେ ବିଭିନ୍ନ ଗାଁକୁ ଯାଇ ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ଦୁର୍ନୀତି ଏବଂ କେନ୍ଦ୍ର ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି ବିରୋଧରେ ଲୋକମାନଙ୍କୁ ଜଣାଇବେ। ଆଗାମୀ ନିର୍ବାଚନ ପୂର୍ବରୁ ଦଳ ତୃଣମୂଳସ୍ତରରେ ଲୋକମାନଙ୍କୁ କଂଗ୍ରେସ ସପକ୍ଷରେ ନେବାକୁ ପ୍ରୟାସ ଆରମ୍ଭ କରିଦେଇଛି। ବିଜେଡି ଏବଂ ଭାଜପା ରାଜ୍ୟରେ ସରକାର କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଚଳାଇଛନ୍ତି । ଏହି ପରିପ୍ରେକ୍ଷୀରେ କଂଗ୍ରେସ ପଛରେ ପଡିଥିବାରୁ ଏବେ ଆଗକୁ ବଢିବାର ପ୍ରୟାସ ଆରମ୍ଭ କରିଛି।

PPDC
MSME TECHNOLOGY DEVELOPMENT CENTRE (PPDC)
MINISTRY OF MSME, Government Of India Organization | Foundry Nagar, Agra 282006
Organizes Government Certificate Course in
SOLAR ENERGY
STARTUP YOUR OWN SOLAR BUSINESS
Date : 06 & 07 October, 2018 (Two Days) | Time: 10:00 A.M. to 5 P.M.
Fees: Rs. 7500/- Included course fees, Govt. Certificate, Soft Study material, Lunch
Course Content: Start up your own Solar Business, Load Calculation, Costing & Raw Material, Installation & Designing,Govt. Policies,Subsidies & Net Metering,Opportunities in Solar Rooftop & Resco & Utility,Solar Street Light,Solar Water Heater, Solar Water Pump, Solar Products.... More Topic
Anyone wanting to take it up as a Business, Start Business or career in Solar can attend
VENUE: Hotel Sun Green,Punjabi Colony Square, In front of Durga Puja Mandap,Satyanagar, Bhubaneswar-751007
Coordinator: 9910904179, 9953920681 | Practical Session
info@ppdcagra.in, training.msmetdc@gmail.com | www.ppdcagra.in

ବିର୍ଲା ଇଣ୍ଡଷ୍ଟ୍ରିଆଲ ଆଣ୍ଡ ଟେକ୍ନୋଲୋଜିକାଲ୍ ମ୍ୟୁଜିୟମ୍
ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ, ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର
୧୯ଏ, ଗୁରୁସଦୟ ରୋଡ୍, କୋଲକାତା- ୭୦୦୦୧୯
ଟେଣ୍ଡର ନଂ. ବିଏମ୍/ଏସ୍‌ଏଚ୍‌କେ/୦୧-୨୪
ବିଆଇଟିଏମ୍, କୋଲକାତା / କର୍ମୀ ଆବାସ, କସବା, କୋଲକାତା / ଡିଏସ୍‌ସି, ଢେଙ୍କାନାଳ / ସାଇନ୍ସ ପାର୍କ, କପିଳାସ / ଡିଏସ୍‌ସି, ଦିଘା / ଡିଏସ୍‌ସି, ପୁରୁଲିଆ / ଏନ୍‌ବିଏସ୍‌ସି, ସିଲିଗୁଡ଼ି / ଆର୍‌ଏସ୍‌ସି, ଭୁବନେଶ୍ୱର / ଏସ୍‌ସି, ବର୍ଦ୍ଧମାନ / ଏସ୍‌ଏସ୍‌ସି, ପାଟନାଠାରେ କ) ସିକ୍ୟୁରିଟି, ଇଗୁଆଳି ଓ ୱାର୍ଡ ସେବା, ଖ) ଦେଖାରଖା, ସାନିଟାରି ଓ ହାଉସ୍‌କିପିଂ ସେବା, ଗ) ଉଦ୍ୟାନ ରକ୍ଷଣାବେକ୍ଷଣ ସେବା କାର୍ଯ୍ୟ ପରିଚାଳନାରେ ସର୍ବନିମ୍ନ ୦୫ (ପାଞ୍ଚ) ବର୍ଷର ଉତ୍ତମ କାର୍ଯ୍ୟ ଅଭିଜ୍ଞତାଧାରୀ ଖ୍ୟାତନାମା ତଥା ସୁପ୍ରତିଷ୍ଠିତ ଏଜେନ୍ସିଗୁଡ଼ିକଠାରୁ ଏତଦ୍ୱାରା ଅନ୍‌ଲାଇନ୍ ଇ-ଟେଣ୍ଡର (୨୪ ଗୋଟି) ଆହ୍ୱାନ କରାଯାଉଛି। ଆଗ୍ରହୀ ଏଜେନ୍ସିଗୁଡ଼ିକ କେନ୍ଦ୍ରୀୟ ସର୍ବସାଧାରଣ ସଂଗ୍ରହଣ ପୋର୍ଟାଲ (ସିପିପିପି) ୱେବ୍‌ସାଇଟ୍: http://eprocurement.gov.in/eprocure/app କିମ୍ବା ସଂଗ୍ରହାଳୟର ୱେବ୍‌ସାଇଟ୍ www.bitm.gov.in ପୃଥକ୍ ଟେଣ୍ଡର କାଗଜପତ୍ର ଡାଉନ୍‌ଲୋଡ୍ କରିପାରନ୍ତି।



## ସଂକ୍ଷେପରେ

### ସମୁଦ୍ରରେ ବୁଡ଼ି ଛାତ୍ର ମୃତ୍ୟୁ ଘଟଣାରେ ରାଜନୀତି
## ଭାଜପା ପକ୍ଷରୁ ଥାନାରେ ଅଭିଯୋଗ



**ପାରାଦୀପ,୩।୧୦(ସ୍ୱ.ପ୍ର.):** ପାରାଦୀପ ସମୁଦ୍ରରେ ବୁଡ଼ି ମଙ୍ଗଳବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିବାପରେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ପାରାଦୀପ ଭାଜପା ପକ୍ଷରୁ ଏନେଇ ସ୍ଥାନୀୟ ଜଟାଧାରୀ ମୁହାଣ ସାମୁଦ୍ରିକ ଥାନାରେ ବୁଧବାର ଅଭିଯୋଗ କରାଯାଇଛି। ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ କର୍ମୀମାନେ ଏପରି ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତିଯେ, ପାରାଦୀପ ପୌରପାଳିକା ପକ୍ଷରୁ ମଙ୍ଗଳବାର ବେଳାଭୂମିରେ ୧୫୦ତମ ଗାନ୍ଧୀ ଜୟନ୍ତୀ ସମାରୋହ ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ସ୍କୁଲର ପିଲାଙ୍କୁ ଡକାଯାଇଥିଲା। ସେଠାରେ ବେପରୁଆଭାବେ ପିଲାଙ୍କୁ ଛଡାଯାଇଥିଲା। ଫଳରେ ଏପରି ଅଘଟଣ ଘଟିଲା। ଏଥିପାଇଁ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଉପାଧକ୍ଷା ପ୍ରଭାତୀ ନାୟକ ଓ ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ଦାୟୀ। ଏନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଭାଜପା ପକ୍ଷରୁ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ପୌର ଉପାଧକ୍ଷା ନାୟକ କହିଛନ୍ତି, ଭାଜପାର ଏହା ଶସ୍ତା ଅଭିଯୋଗ। ଯେଉଁ ପିଲା ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ସେମାନେ ବେଳାଭୂମିକୁ ଖେଳିବା ପାଇଁ ସାଧା ପୋଷାକରେ ଯାଇଥିଲେ। ମୃତକଙ୍କ ପରିବାରକୁ ସେ ଗଭୀର ସମବେଦନା ଜଣାଇବା ସହ ପ୍ରତି ମୁହୂର୍ତ୍ତରେ ତାଙ୍କ ସହ ରହିଛି ବୋଲି କହିଛନ୍ତି। ତେବେ ଗାନ୍ଧୀ ଜୟନ୍ତୀ ସହ ଦୁର୍ଘଟଣାର କୌଣସି ସମ୍ପର୍କ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ନବାପାଟଣାର ପ୍ରସିଦ୍ଧ ଲକ୍ଷ୍ମୀ ପୂଜା ପାଇଁ ମାଟି ଉଠିଲା



**ଜଗତ୍‌ସିଂହପୁର ଅଫିସ, ୩।୧୦-** ନବାପାଟଣାର ଲକ୍ଷ୍ମୀ ପୂଜା ବେସ୍ ଲୋକାଦୃତ। ଏହି ଗାଁରେ ୧୮ଟି ସାହିରେ ମେଢ ହେଉଛି। ଏହାକୁ ଦେଖିବା ପାଇଁ କେବଳ ଜିଲା କାହିଁକି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲୋକ ଛୁଟି ଆସନ୍ତି। ଚଳିତବର୍ଷ ଏହି ପୂଜା ପାଇଁ ବୁଧବାର ମାଟି ଉଠାଯାଇଛି। ଶତାଧିକ ଲୋକ ରୋଷଣି ସାଙ୍ଗକୁ ନାଚକୁଦ କରି ନିକଟସ୍ଥ ମାଛଗାଁ କେନାଲ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ରୀତି, ନୀତି ଅନୁଯାୟୀ ମାଟି ଉଠା ଯାଇଥିଲା। ଏବେଠାରୁ ମୂର୍ତ୍ତି ତିଆରି ଚାଲିବ। ଆସନ୍ତା କୁମାର ପୂର୍ଣ୍ଣମୀରୁ ଲକ୍ଷ୍ମୀ ପୂଜା ଆରମ୍ଭ ହୋଇ ୭ ଦିନ ପର୍ଯ୍ୟନ୍ତ ଚାଲିବ। ଏନେଇ ଗାଁ ଉତ୍ସବ ମୁଖର ହୋଇଯାଏ। ବାହାରେ ଯିଏ ଯେଉଁଠି ରହିଛନ୍ତି ସେମାନେ ଗାଁକୁ ଆସିଥାନ୍ତି। ପ୍ରତ୍ୟେକ ଘରେ ବନ୍ଧୁବାନ୍ଧବଙ୍କ ଭିଡ ଜମେ। ମୂର୍ତ୍ତିଗୁଡିକ ଅତି ମନୋରମ ହେଉଥିବାରୁ ତାହା ଦେଖିବା ପାଇଁ ବହୁ ଲୋକଙ୍କ ଭିଡ ଜମେ।

■ ୫ରେ ଆସୁଛନ୍ତି ତଦନ୍ତକାରୀ କମିଟି

# ଖାଦାନ ବନ୍ଦ, ବାଟବଣା ହୋଇପାରେ ତଦନ୍ତ

**ଡଙ୍କାରୀ ଗ୍ରୀନ ଟ୍ରିବ୍ୟୁନାଲ ମାମଲା**
- ■ପଥର ମାଫିଆଙ୍କୁ ସୁରକ୍ଷା ଦେଉଛି ପ୍ରଶାସନ
- ■ଭିତିରିଆ ଖବର ଦିଆଯାଇଥିବା ଅଭିଯୋଗ

**ଯାଜପୁର ଅଫିସ, ୩।୧୦**




ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ଥିବା ବହୁ ଚର୍ଚ୍ଚିତ ଡଙ୍କାରୀ କଳାପଥର ଖାଦାନରେ ବିବାଦ ଦିନକୁ ଦିନ ଉଗ୍ରରୂପ ନେବାରେ ଲାଗିଛି। ଗ୍ରୀନ ଟ୍ରିବ୍ୟୁନାଲରେ ମାମଲା ରୁଜୁ ହେବା ପରେ ପ୍ରଥମ କରି ଆସନ୍ତା ୫ରେ ସ୍ୱତନ୍ତ୍ର କମିଟି ଡଙ୍କାରୀକୁ ତଦନ୍ତରେ ଆସୁଥିବା ସୂଚନା ମିଳିଛି। ଏହି ସୂଚନା ପାଇ ପଥର ମାଫିଆମାନେ ବୁଧବାର ସକାଳୁ ପଥର ଉତ୍ତୋଳନ କାର୍ଯ୍ୟକୁ ବନ୍ଦ କରି ଦେଇଛନ୍ତି। ଡଙ୍କାରୀ ପାଦ ଦେଶରେ ଥିବା ମାତ୍ର ଗୋଟିଏ କ୍ରଶର ଚାଲୁଥିବା ଦେଖିବାକୁ ମିଳିଛି। ଏଭଳିସ୍ଥିତିରେ କମିଟି ତଦନ୍ତ ବାଟବଣା ହୋଇପାରେ ବୋଲି ଅଭିଯୋଗକାରୀ ସନ୍ଦେହ ପ୍ରକଟ କରିଛନ୍ତି।

ପଥର ମାଫିଆ ଓ କେତେକ ରାଜନେତାଙ୍କ ସ୍ୱାର୍ଥ ପାଇଁ କ୍ୟାବିନେଟ ମଞ୍ଜୁରୀପ୍ରାପ୍ତ ଚଣ୍ଡୀଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠାକୁ ନେଇ ଷଡଯନ୍ତ୍ର ଚାଲିଛି। ପଥର ବ୍ୟବସାୟୀମାନେ ଏକ ସଂଗଠନ କରି ଏହି କେନ୍ଦ୍ରୀୟ ପ୍ରସ୍ତାବକୁ ବିରୋଧ କରୁଛନ୍ତି। ଏ ସଂକ୍ରାନ୍ତରେ ଧରିତ୍ରୀ ଓ ଓଡିଶାପୋଷ୍ଟରେ ନିୟମିତ ଭାବେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ଅଭିଯୋଗ ସଂଖ୍ୟା ୬୦୪/୨୦୧୮ରେ ଗ୍ରୀନ ଟ୍ରିବ୍ୟୁନାଲରେ ୧୨୮୬/୩।୧୮।୨୦୧୮ରେ ମାମଲା ପଞ୍ଜୀକୃତ ହୋଇଛି। ଏଥିରେ ଭାରତ ସରକାରଙ୍କ ୟୁନିୟନ ମନ୍ତ୍ରଣାଳୟ ସମେତ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ, ଯାଜପୁର ଜିଲାପାଳ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ଜଷ୍ଟିସ ଆଦର୍ଶ କୁମାର ଗୋଏଲ, ଜଷ୍ଟିସ ଜୱାଦ ରହିମ, ଜଷ୍ଟିସ ପି. ୱାଙ୍ଗଡି ଓ ଡ. ନଗିନ ନନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ସେପ୍ଟେମ୍ବର ୪ରେ ଆବେଦନର ଶୁଣାଣି କରିଥିବା ସୂଚନା ମିଳିଛି। ଶୁଣାଣିରେ ମୁଖ୍ୟ ଶାସନ ସଚିବ ଏକ ସ୍ୱତନ୍ତ୍ର ଦଳ ଗଠନ କରି ଅଭିଯୋଗ ଉପରେ ତଦନ୍ତ କରି ମାସକ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲା। ତଦନୁସାରେ ଷ୍ଟେଟ ଏନଭାରମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ କମିଟି (ସିଆ)ର ଏକ ସ୍ୱତନ୍ତ୍ର ଦଳ ଆସନ୍ତା ୫ ତାରିଖରେ ଡଙ୍କାରୀ ଆସୁଥିବା ଜଣାପଡିଛି। କମିଟିରେ ସିଆ ଅଧକ୍ଷ ସୁରେଶ ଚନ୍ଦ୍ର ମହାନ୍ତି, ଜଙ୍ଗଲ ଓ ପରିବେଶ ବିଭାଗର ବରିଷ୍ଠ ବୈଜ୍ଞାନିକ ଦେବାଶିଷ ରାୟ, ଜିଲାପାଳ ରଞ୍ଜନ କୁମାର ଦାସ, ଡିଏଫ୍‌ଓ ସୁଦର୍ଶନ ପାଣିଗ୍ରାହୀ ଓ ଏସପିସିବିର ଆଞ୍ଚଳିକ ଅଧିକାରୀ ହାଡିବନ୍ଧୁ ପାଣିଗ୍ରାହୀ ରହିଛନ୍ତି। ଏହି ଖବର ଜଣାପଡିବା ପରେ ଜିଲା ପ୍ରଶାସନ ପକ୍ଷରୁ ଭିତିରିଆ ପଥର ମାଫିଆଙ୍କୁ ଉତ୍ତୋଳନ ବନ୍ଦ କରିବାକୁ ସୂଚନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାବାଦ ବୁଧବାର ସଚିବାଳୟରେ କେନ୍ଦ୍ର ପେଟ୍ରୋଲିୟମ ବିଭାଗର ଯୁଗ୍ମ ସଚିବ ସଞ୍ଜୟ ସୁଧୀର ରାଜ୍ୟ ମୁଖ୍ୟଶାସନ ସଚିବ ଆଦିତ୍ୟ ପାଢ଼ୀଙ୍କୁ ଭେଟି ଡଙ୍କାରୀରେ ପ୍ରସ୍ତାବିତ ତୈଳ ଭଣ୍ଡାର ଉପରେ ଆଲୋଚନା କରିଛନ୍ତି। ଏହି ତୈଳ ଭଣ୍ଡାର ପାଇଁ ୬,୫୦୦ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି ଏବଂ ଏଥିରେ ପ୍ରାୟ ୪ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଲୋଚନାରୁ ଜଣାପଡିଛି। ଏଥିପାଇଁ ରାଜ୍ୟ ସରକାର ଡଙ୍କାରୀ ପାଦଦେଶରେ ୪୦୦ ଏକର ଜମି ଯୋଗାଇ ଦେବାକୁ କେନ୍ଦ୍ର ପକ୍ଷରୁ ଅନୁରୋଧ କରାଯାଇଛି। ଏହି ପ୍ରସ୍ତାବକୁ ଜୁନ ୨୭ରେ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହା ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀ ୨୦୧୭-୧୮ ବଜେଟରେ ୩୮୦୦ କୋଟି ଟଙ୍କା ଏଥିପାଇଁ ବ୍ୟୟବରାଦ କରିଥିଲେ। ଜରୁରୀକାଳୀନ ସମୟରେ ପେଟ୍ରୋଲିୟମ ଦ୍ରବ୍ୟ ଯୋଗାଇ ଦେବାକୁ ୩.୭ ମିଲିୟନ ମେଟ୍ରିକ ଟନ(ଏମ୍‌ଏମ୍‌ଟି) କ୍ଷମତା ବିଶିଷ୍ଟ ସଂରକ୍ଷଣ ଭଣ୍ଡାରର ଉଦ୍ଦେଶ୍ୟ ରହିଛି। କିନ୍ତୁ ଏହି ପ୍ରକଳ୍ପ ନିର୍ମାଣ ହେଲେ ପଥର ଖାଦାନରୁ ଆଦାୟ ହେଉଥିବା ୧୪୧୩ କୋଟି ୮୬ ଲକ୍ଷ ୯୧ହଜାର ୮୩୦ ଟଙ୍କା ସରକାର ରାଜସ୍ୱ ହରାଇବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ଡଙ୍କାରୀରେ ଚାଲିଥିବା ୩ଟି ଅନୁମତିପ୍ରାପ୍ତ ଓ ୧୩ଟି ଅନୁମତି ଅପେକ୍ଷାରେ ଥିବା ପଥର ଖାଦାନ ବନ୍ଦ ହେଲେ ସରକାର ଉପରୋକ୍ତ ଅର୍ଥ କ୍ଷତିରେ ପଡିବେ ବୋଲି ଜଣାଇଛନ୍ତି। ତେଣୁ ଜମି ଯୋଗାଇ ଦେବାରେ ପ୍ରଶାସନ ପକ୍ଷରୁ ଏଯାଏ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଅଭିଯୋଗକାରୀ ବେହୁରା ଶାସକ ଦଳର କେତେକ ପ୍ରଭାବଶାଳୀ ପଥର ବ୍ୟବସାୟୀଙ୍କୁ ଜିଲା ପ୍ରଶାସନ ଅଯାଚିତ ଅନୁକମ୍ପା ଦେଖାଇ ପୂର୍ବରୁ ସୂଚନା ଦେଉଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଏସପିସିବିର ଆଞ୍ଚଳିକ ଅଧିକାରୀ ପାଣିଗ୍ରାହୀଙ୍କୁ ପଚାରିବାରୁ, କମିଟି ତଦନ୍ତ କରି ଗ୍ରୀନ ଟ୍ରିବ୍ୟୁନାଲଠାରେ ରିପୋର୍ଟ ଦାଖଲ କରିବ ବୋଲି କହିଛନ୍ତି। ପୂର୍ବ ସୂଚନା ଦେବା ସମ୍ପର୍କରେ ସେ କିଛି ଜାଣି ନ ଥିବା କହିଛନ୍ତି।



ଜଗତ୍‌ସିଂହପୁର ବ୍ଲକ ସରାମ୍ୟେସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟଜୀବନ ସେବାଶ୍ରମରେ ପବିତ୍ର ପାର୍ବଣର ୨ୟ ଦିବସରେ ମା' ସିଦ୍ଧିଦାତ୍ରୀଙ୍କୁ ମାହେଶ୍ୱରୀ ବେଶରେ ସଜ୍ଜିତ କରାଯାଇଛି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ସ୍ୱଚ୍ଛତାକୁ ନେଇ ପ୍ରତିଯୋଗିତା

**ରଘୁନାଥପୁର, ୩।୧୦ (ଡି.ଏନ୍.ଏ.)**

ସ୍ଥାନୀୟ ପାଇକାଣସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛତାକୁ ନେଇ ବକ୍ତୃତା, ସାଧାରଣଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଶିକ୍ଷାକେନ୍ଦ୍ରରେ ବୁଧବାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଛି। ଆୟୋଜିତ ସଭାରେ ରଘୁନାଥପୁର ବ୍ଲକ ପୂର୍ବତନ ଅଧକ୍ଷ ରମାପ୍ରସାଦ ବିଶ୍ୱାଳଙ୍କ ସଭାପତିତ୍ୱରେ ନାନପୁର ହାଇସ୍କୁଲର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ବିକଳି ଚରଣ କର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଛାତ୍ରୀଛାତ୍ରୀଙ୍କୁ ମୂଲ୍ୟବାନ ଉପଦେଶ ପ୍ରଦାନ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ କମିଟିର ସଭାପତି ମନୋରଞ୍ଜନ ରାଜ ମଧ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ମିତାଞ୍ଜଳି ନାୟକ ଧନ୍ୟବାଦ ଦେବା ସହ ସମସ୍ତ ଗୁରୁଜୀଗୁରୁମା ଏଥିରେ ସହଯୋଗ କରିଥିଲେ।

## ଛପଡା ସମିତିସଭ୍ୟାଙ୍କ ପ୍ରକୋଷ୍ଠରେ ନଷ୍ଟ ହେଉଛି ଚାରା

**ରଘୁନାଥପୁର,୩।୧୦(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ ସମିତିସଭ୍ୟା ଓ ସଭାଗୃହରେ ଶୁଖି ନଷ୍ଟ ହୋଇଗଲାଣି ବିଭିନ୍ନ ପ୍ରକାର ଚାରା । ଏ ସମ୍ପର୍କରେ ସମିତିସଭ୍ୟା କାଦମ୍ବିନୀ ସ୍ୱାଇଁଙ୍କୁ ପଚାରିବାରେ ଉକ୍ତ ଗୃହରେ ସଭିସିସଭ୍ୟାଙ୍କ ବୈଠକ ଗୃହ ଲେଖା ଯାଇଥିବାସ୍ଥଳେ ଆଜି ପର୍ଯ୍ୟନ୍ତ ଏହାର ଚାବି ମୋତେ ହସ୍ତାନ୍ତର କରାଯାଇନାହିଁ। ଏହାଛଡା ଘର ଭିତରେ ଦୀର୍ଘଦିନ ତଳୁ କେତେଗୁଡିଏ ଚାରା ରଖାଯାଇଛି, ଯାହାକି ବର୍ତ୍ତମାନ ଶୁଖି ନଷ୍ଟ ହୋଇଗଲାଣି। ତେବେ ମୋତେ ବଦନାମ କରିବାକୁ ହୀନ ଚକ୍ରାନ୍ତ କରାଯାଉଛି ବୋଲି ସଭ୍ୟା ସ୍ୱାଇଁ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ



ନଷ୍ଟ ହୋଇଥିବା ଚାରା।

ମଙ୍ଗଳବାର ପଞ୍ଚାୟତରେ ଅନୁଷ୍ଠିତ ବୈଠକରେ ଅଭିଯୋଗ କରିବା ସହ କେତେଜଣ ୱାର୍ଡସଭ୍ୟଙ୍କୁ ଡାକି ଦେଖାଇବାର ସଭ୍ୟାଙ୍କ ସ୍ୱାମୀ ଦିଲୀପ ସ୍ୱାଇଁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଗୃହରେ ଚାରାଗୁଡିକ କିଏ ରଖିଲା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ ଲୋଚନ ପୃଷ୍ଟିଙ୍କୁ ଜଣାନାହିଁ ବୋଲି ସେ କହିଛନ୍ତି। ସାରା ରାଜ୍ୟରେ ବନୀକରଣକୁ ପ୍ରାଧାନ୍ୟ ଦିଆଯାଇଥିବାବେଳେ ଏତେ ସଂଖ୍ୟାରେ ଚାରାଗୁଡିକ ସରକାରୀ କାର୍ଯ୍ୟାଳୟ ଭିତରକୁ କିପରି ଆସିଲା ଏବଂ ଏହାକୁ ରଖାଯାଇ କାହିଁକି ନଷ୍ଟ ହେଉଛି ସାଧାରଣରେ ସନ୍ଦେହ କରାଯାଇଛି। ଚାରା ଗୁଡିକ ମରି ଯାଇଥିବା ଦୃଶ୍ୟମାନ ହେଉଥିବାବେଳେ ଏହା ଭିତରେ ଚଳପ୍ରଚଳ କରୁଥିବା ବ୍ୟକ୍ତିଙ୍କୁ ଦେଖା ନ ଯିବା ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସମିତିସଭ୍ୟା ସ୍ୱାଇଁ ଅଭିଯୋଗ କରିଛନ୍ତି।

## ସମୁଦ୍ରରେ ନିଖୋଜ ଛାତ୍ରଙ୍କ ମୃତଦେହ ଉଦ୍ଧାର

**ପାରାଦୀପ,୩।୧୦(ସ୍ୱ.ପ୍ର.)**

ପାରାଦୀପ ନିକଟ ସମୁଦ୍ରରେ ଗତ ମଙ୍ଗଳବାରରୁ ନିଖୋଜ ହୋଇଯାଇଥିବା ଜଣେ ଛାତ୍ରଙ୍କ ମୃତଦେହ ବୁଧବାର ସକାଳୁ ଉଦ୍ଧାର କରାଯାଇଛି। ଛାତ୍ରଙ୍କ ମୃତଦେହ ବନ୍ଦର ବ୍ରେକ୍‌ୱାଟର ହନୁମାନମନ୍ଦିର ନିକଟରୁ ମିଳିଛି। ମୃତ ଛାତ୍ର ହେଲେ ଅଜୟ ଦାସଙ୍କ ପୁତ୍ର ଅଂଶୁମାନ (୧୪)। ସେ କେନ୍ଦ୍ରୀୟ ବିଦ୍ୟାଳୟରେ ୯ମ ଶ୍ରେଣୀରେ ପଢୁଥିଲେ। ମୃତଦେହ ମିଳିବା ଘଟଣା ଜଣାପଡିବା ପରେ ସେଠାରେ ଲୋକାରଣ୍ୟ ହୋଇପଡିଥିଲା। ଉତ୍ତ୍ୟକ୍ତ ଲୋକେ ମୃତଦେହକୁ ୯ଟା୩୦ ପର୍ଯ୍ୟନ୍ତ ଅଟକ ରଖି ପୋଲିସ ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ। ସମୁଦ୍ର କୂଳରେ ପର୍ଯ୍ୟଟକ ନ ଗାଧୋଇବା ଭଳି ବ୍ୟବସ୍ଥା ଓ ସବୁଦିନିଆ ପୋଲିସ ମୁତୟନ ପାଇଁ ଅଡିବସିଥିଲେ। ପରେ ଜଟାଧାର ମେରାଇନ୍ ପୋଲିସ ପହଞ୍ଚି ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ସରକାରଙ୍କ ଘୋଷିତ ୪ ଲକ୍ଷ ଟଙ୍କା, ରେଡକ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା, ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ସହ ପୌରପାଳିକା ପକ୍ଷରୁ ସ୍ୱତନ୍ତ୍ର କିଛି ପାଣ୍ଠି ଦେବାକୁ କହିଥିଲେ। ଏହାପରେ ମୃତଦେହକୁ ସେ ରହୁଥିବା ମଧୁବନ ଗୋପାଳଜୀଉ କଲୋନୀକୁ ନିଆଯାଇଥିଲା। ସେଠାରୁ ବ୍ୟବଚ୍ଛେଦ ପାଇଁ ପୋଲିସ ନେଇଛି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ସକାଳେ କେନ୍ଦ୍ରୀୟ ବିଦ୍ୟାଳୟର ୬ଜଣ ଛାତ୍ର ଟ୍ୟୁସନରୁ ଯାଇ ସମୁଦ୍ର କୂଳରେ କିଛି ସମୟ ଭଲିବଲ ଖେଳିଥିଲେ। ପରେ ସମୁଦ୍ରରେ ଗାଧୋଉଥିଲେ। ସମୁଦ୍ର କରେଣ୍ଟ (ଆନ୍ତଃସ୍ରୋତ) ପ୍ରଭାବରେ ୩ଜଣ ବୁଡିଯାଇଥିଲେ। ସେଠାରେ ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ଯୁବା ଜାଗୃତିର ସଦସ୍ୟମାନେ ପାଣିରେ ପଶି ୨ଜଣଙ୍କୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ମେଡିକାଲରେ ଚିକିତ୍ସା କରାଯିବା ଫଳରେ ସୁସ୍ଥ ହୋଇଥିଲେ। ଉଦ୍ଧାର ଛାତ୍ର ହେଲେ ଶୁଭମ କୁଲ ଓ ସାଇଜ୍ୟୋତି। ଦିନ ତମାମ୍ ମେରାଇନ ପୋଲିସ, କୋଷ୍ଟଗାର୍ଡ, ଅଗ୍ନିଶମ କର୍ମଚାରୀ ଖୋଜିଥିଲେ ହେଁ ଅଂଶୁମାନଙ୍କ ସନ୍ଧାନ ମିଳି ନ ଥିଲା। ଏକମାତ୍ର ପୁତ୍ରଙ୍କୁ ହରାଇ ମା'ବାପା ପାଗଳପ୍ରାୟ ହୋଇଯାଇଛନ୍ତି। ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମେରାଇନ ଥାନାରେ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

■ ଟ୍ରାକ୍ଟର ଚୋରି ର୍‍ୟାକେଟ୍ ଠାବ

# ମୁଖ୍ୟ ଅଭିଯୁକ୍ତ ଗିରଫ

**ଏରସମା, ୩।୧୦(ସ୍ୱ.ପ୍ର.)**

ଏରସମା ଥାନା ପୋଲିସ ଏକ ଟ୍ରାକ୍ଟର ଚୋରି ର୍‍ୟାକେଟ ଠାବ କରିଛି। ଏଥିସହ ଏହାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ଏରସମା ଥାନା ଜପା ପଞ୍ଚାୟତସ୍ଥିତ ଜପାଭୂଆଁ ଗ୍ରାମର ଦେବେନ୍ଦ୍ରନାଥ ଲେଙ୍କାଙ୍କ ଏକ ଟ୍ରାକ୍ଟର ଗତ ଜୁନ୍ ୧ ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଥିଲା। ପରେ ମାଲିକ ଲେଙ୍କା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୧୧୨/୧୮ରୁଜୁ କରି ତଦନ୍ତ ଚଳାଇଥିଲା। ଅନ୍ୟପକ୍ଷରେ ବାଲିକୁଦା ଓ ତିର୍ତ୍ତୋଲ ଥାନା ଅଞ୍ଚଳରୁ ମଧ ଟ୍ରାକ୍ଟର ଚୋରି ଅଭିଯୋଗ ହୋଇଥିଲା। ତିର୍ତ୍ତୋଲ ଥାନା ଅଧିକାରୀ ବଳରାମ ନାୟକ, ବାଲିକୁଦା ଥାନା ଅଧିକାରୀ ସର୍ବେଶ୍ୱର ବେହେରା ଓ ଏରସମା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝିଙ୍କ ମିଳିତ ଉଦ୍ୟମରେ ଉକ୍ତ ଟ୍ରାକ୍ଟର ଚୋରି ର୍‍ୟାକେଟର ପର୍ଦ୍ଦାଫାଶ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ କେନ୍ଦ୍ରାପଡ଼ା ଅଞ୍ଚଳର ନିକିରେଇ ଗ୍ରାମରୁ ଟ୍ରାକ୍ଟର ଚୋରିର ମୁଖ୍ୟ ଅଭିଯୁକ୍ତ ଅନୀଲ କୁମାର ଗଚ୍ଛାୟତଙ୍କୁ ଗିରଫ କରାଯାଇଛି। ତାଙ୍କୁ ପଚରାଉଚରା କରାଯିବାରୁ ସେ ବାଲିକୁଦା ଓ ଏରସମା ଅଞ୍ଚଳରୁ ୩ ଟ୍ରାକ୍ଟର ଚୋରି କରିଥିବା ସ୍ୱୀକାର କରିଥିଲେ। ଜପାଭୂଆଁରୁ ଚୋରି ହୋଇଥିବା ଟ୍ରାକ୍ଟରକୁ ମାତ୍ର ୮ ହଜାର ଟଙ୍କାରେ ତିର୍ତ୍ତୋଲ ଥାନା ଦଶମାଣକୂଳ ଗ୍ରାମର ଅନୀଲ କୁମାର ଦାସ ବିକିଥିଲେ। ଫଳରେ ସେଠାରୁ ପୋଲିସ ଅନୀଲଙ୍କୁ ଗିରଫ କରିବା ସହ ଟ୍ରାକ୍ଟରକୁ ଜବତ କରିଛି। ସେହିପରି ଗତ ବିଶ୍ୱକର୍ମା ପୂଜା ବିଳମ୍ବିତ ରାତିରେ ବଡବେଲାରୀ ଗ୍ରାମରୁ ୫ ଦୁର୍ବୃତ୍ତ ଏକ ଟ୍ରାକ୍ଟର ଚୋରି କରିନେଇଥିଲେ। ଏରସମା ବଜାର ଦେଇ ଯିବାବେଳେ କାଟରେ ତେଲ ସରିଯାଇଥିଲା। ଫଳରେ ସେମାନେ ଟ୍ରାକ୍ଟର ଛାଡି ଫେରାର ହୋଇଯାଇଥିଲେ। ପୋଲିସ ଟ୍ରାକ୍ଟରକୁ ଜବତ କରିବା ପରେ ଏରସମା ବଜାରରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଛି ବୋଲି ଥାନା ଆଇଆଇସି ମାଝି କହିଛନ୍ତି।

DSPL-184

ବନ୍ୟପ୍ରାଣୀ ସପ୍ତାହ ୨୦୧୮

ଚଳିତ ବର୍ଷ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଉତ୍ସବ
୦୫-୧୦-୨୦୧୮ ତାରିଖ ଶୁକ୍ରବାର ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ
ଜୟଦେବ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ।
ଏହି ସମାରୋହରେ
ଓଡ଼ିଶାର ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ
ଶ୍ରୀଯୁକ୍ତ ବିଜୟଶ୍ରୀ ରାଉତରାୟ
ମୁଖ୍ୟ ଅତିଥିଭାବେ ଯୋଗଦେବା ପାଇଁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି
ଏବଂ
ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଅସିତ କୁମାର ତ୍ରିପାଠୀ, ଭା.ପ୍ର.ସେ.
ଏହି ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଯୋଗଦାନ କରିବେ।

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡିଶା
ଡ. ଦେବବ୍ରତ ସ୍ୱାଇଁ ଭା.ବ.ସେ.
ଉକ୍ତ ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ମଧ ଯୋଗଦାନ କରିବେ।

ଉକ୍ତ ଉତ୍ସବରେ ଉପସ୍ଥିତ ରହି ଏହାକୁ ସାଫଲ୍ୟ ମଣ୍ଡିତ କରିବାକୁ
ଆପଣଙ୍କୁ ବିନୀତ ଅନୁରୋଧ।

ଡ. ସନ୍ଦୀପ ତ୍ରିପାଠୀ
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, (ବନ୍ୟପ୍ରାଣୀ) ତଥା
ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଓଡିଶା, ଭୁବନେଶ୍ୱର

08006/13/0001/1819

## ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ

**ପାରାଦୀପ, ୩।୧୦(ସ୍ୱ.ପ୍ର.)**



ପାରାଦୀପ ବନ୍ଦର ପକ୍ଷରୁ ଚାଲିଥିବା ସ୍ୱଚ୍ଛତା ପକ୍ଷ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ଜୟଦେବ ସଦନଠାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନ୍ଦର ଅଧକ୍ଷ ରିଙ୍କେଶ ରାୟ ଯୋଗଦେଇ ବନ୍ଦର ନିଷିଦ୍ଧାଞ୍ଚଳରେ ଜଳ ଓ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ କେତେକ ବୈଷୟିକ ବ୍ୟବସ୍ଥା କରାଯାଇଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଥ ପରାମର୍ଶ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ତୈଳ ବିଶୋଧନାଗାର ପକ୍ଷରୁ ଚାଲିଥିବା ସ୍ୱଚ୍ଛତା ପକ୍ଷ ବୁଧବାର ଶେଷ ହୋଇଛି। ଏଥିରେ ନିର୍ବାହୀ ନିର୍ଦ୍ଦେଶକ ବି.ଏସ୍. ସିଂ ଓ ଏନ୍.ଆର୍. ପଟ୍ଟନାୟକ ଯୋଗ ଦେଇଥିଲେ।

## ବ୍ୟାରେଜ୍ ନିର୍ମାଣ ପାଇଁ ଜିଲା ଜନସୁରକ୍ଷା ମଞ୍ଚର ଦାବି

**କେନ୍ଦ୍ରାପଡ଼ା ଅଫିସ୍, ୩।୧୦**

ମହାନଦୀ ଜଳ ବନ୍ୟା ପରେ ଜିଲାରେ ପ୍ରବାହିତ ନଦୀପଥ ଦେଇ ସମୁଦ୍ରକୁ ପଳାଇ ଯାଉଛି। କୃଷିପ୍ରଧାନ ଏହି ଜିଲାର ଚାଷୀ ଜଳ ଅମଳ ପ୍ରକଳ୍ପ ନଥିବାରୁ ବର୍ଷସାରା ଫସଲ କରିବାରୁ ବଞ୍ଚିତ ହେଉଛନ୍ତି। ଜିଲାରେ ପ୍ରବାହିତ ଲୁଣା, ଚିତ୍ରୋତ୍ପଳା ଓ ବ୍ରାହ୍ମଣୀ ନଦୀ ପଥରେ ବ୍ୟାରେଜ ନିର୍ମାଣ ହେଲେ ସମୁଦ୍ରରେ ମିଶି ଯାଉଥିବା ମହାନଦୀର ମଧୁର ଜଳ ସଂରକ୍ଷିତ ହୋଇପାରିବ। ଫଳରେ ଜିଲାର ଆର୍ଥିକ ବିକାଶ ହେବ। ଏପରି ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ କେନ୍ଦ୍ରାପଡା ଜିଲା ଜନ ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର ଡାକ ଯୋଗେ ପଠାଯାଇଛି। ଏ ନେଇ ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ଜିଲାର କୃଷି ସମ୍ପଦ ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମ ଜଳ ଯୋଗୁ ତିଷ୍ଠିଛି। ତେବେ ଏହି ଦୁଇ ସିଷ୍ଟମରେ ଥିବା ନଦୀର ଜଳ ଜିଲାରେ ପୂର୍ଣ୍ଣ ଭାବେ ଉପଯୋଗ ହୋଇପାରୁନାହିଁ। ଜିଲାରେ ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମରେ ଥିବା କେତେଗୁଡ଼ିଏ ସ୍ଥାନରେ ବ୍ୟାରେଜ ନିର୍ମାଣ କରାଗଲେ କୃଷି ସମସ୍ୟା ବହୁ ପରିମାଣରେ କମିଯିବ। ମହାନଦୀର ଶାଖା ଲୁଣା ଓ ଚିତ୍ରୋତ୍ପଳା ନଦୀର କୁଆଁରପାଳ ଓ ବ୍ରାହ୍ମଣୀ ନଦୀର ଅଳପୁଆ ଅଥବା ଅଳଭା ନିକଟରେ ବ୍ୟାରେଜ ନିର୍ମାଣ ହେଲେ ଚାଷ ସହିତ ପାନୀୟ ଜଳର ଉପଯୋଗ ହୋଇପାରିବ। ଏହାଦ୍ୱାରା ମହାନଦୀ ଓ ବ୍ରାହ୍ମଣୀରେ ବନ୍ୟା ସମୟକୁ ଛାଡ଼ି ଦେଲେ ବର୍ଷସାରା ଜଳ ସଂରକ୍ଷଣ କରାଗଲେ ଏହା ଜିଲାର କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ଏହି ଦାବିପତ୍ରରେ ମଞ୍ଚର ଶତାଧିକ ସଦସ୍ୟ ସ୍ୱାକ୍ଷର କରିଛନ୍ତି।



ପ୍ରେମୀ ଯୁଗଳଙ୍କ ମଧ୍ୟରେ ଈର୍ଷାଦ୍ୱେଷ ଯୋଗୁ ନିବିଡ଼ତା ବଢ଼ିଥାଏ। ଏଭଳି ମନୋଭାବ ରହିବା ଦ୍ୱାରା ଉଭୟ ପରସ୍ପରର ଅଧିକ ନିକଟତର ହୋଇପାରନ୍ତି ବୋଲି ଚାଇନାର ଫୁଦାନ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ ରହିଛି। ଅନ୍ୟ ଯୁବକ କିମ୍ବା ଯୁବତୀଙ୍କ ସହିତ ଗପିବା, ବୁଲିଯିବା ଦ୍ୱାରା ବେଳେବେଳେ ପ୍ରେମୀଯୁଗଳଙ୍କ ପରସ୍ପର ପ୍ରତି ଈର୍ଷାନ୍ୱିତ ହୋଇଥାନ୍ତି। ଏହା ସହିତ ସେମାନଙ୍କ ମଧ୍ୟରେ ଅସୁରକ୍ଷିତ ଭାବନା ଜାତ ହୁଏ। ଫଳରେ ସେମାନେ ପରସ୍ପରର ନିବିଡ଼ ହେବାକୁ ପ୍ରୟାସ କରନ୍ତି।



## ସଂକ୍ଷେପରେ

### ସୂଚନା ନ ଦେବା ମହଙ୍ଗା ପଡୁଛି

#### ୮୯୦ ସୂଚନା ଅଧିକାରୀଙ୍କୁ ୧୧ କୋଟି ଜରିମାନା

ଭୁବନେଶ୍ୱର,୩।୧୦(ବ୍ୟୁରୋ): ସରକାରୀ ସଂସ୍ଥାରୁ ସୂଚନା ଦେଉ ନ ଥିବା ୮୯୦ ଜଣ ସୂଚନା ଅଧିକାରୀଙ୍କୁ ମହଙ୍ଗା ପଡିଛି। ୨୦୦୬-୦୭ରୁ ୨୦୧୪-୧୫ ମଧ୍ୟରେ ଉକ୍ତ ଅଧିକାରୀମାନେ ଆବେଦନକାରୀଙ୍କୁ ସୂଚନା ନ ଦେବାରୁ ୧୧ କୋଟି ୭୬ ଲକ୍ଷ ୬ ହଜାର ୫୦୦ ଟଙ୍କା ଜରିମାନା କରାଯାଇଛି। ରାଜ୍ୟ ସୂଚନା ଅଧିକାର କମିଶନ ଏହି ଦଣ୍ଡ ବିଧାନ କରିଛନ୍ତି। କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ୨୦୦୬-୦୭ରେ ୪ ଜଣ ସୂଚନା ଅଧିକାରୀଙ୍କୁ ୨୯,୭୫୦ ଟଙ୍କା ଜରିମାନା କରାଯାଇଥିବା ବେଳେ ୨୦୦୭-୦୮ରେ ୪୬ ଜଣଙ୍କୁ ୫,୫୦,୭୫୦, ୨୦୦୮-୦୯ରେ ୬୬ ଜଣଙ୍କୁ ୫,୪୭,୨୫୦, ୨୦୦୯-୧୦ରେ ୮୯ ଜଣଙ୍କୁ ୧୦,୯୪,୭୫୦, ୨୦୧୦-୧୧ରେ ୧୦୨ ଜଣଙ୍କୁ ୧୫,୧୮,୨୫୦, ୨୦୧୧-୧୨ରେ ୨୦୩ ଜଣଙ୍କୁ ୩୦,୦୭,୭୫୦, ୨୦୧୨-୧୩ରେ ୨୨୯ ଜଣଙ୍କୁ ୩୨,୨୪,୯୯୯, ୨୦୧୩-୧୪ରେ ୯୪ ଜଣଙ୍କୁ ୧୦,୨୬,୭୬୦ ଏବଂ ୨୦୧୪-୧୫ରେ ୫୭ ଜଣଙ୍କୁ ୭,୬୬,୨୫୦ ଟଙ୍କା ଜରିମାନା ଦେବାକୁ ସୂଚନା କମିଶନର ଦଣ୍ଡ ବିଧାନ କରିଛନ୍ତି। ଏହି ସମୟ ମଧ୍ୟରେ ଦରଖାସ୍ତ ଫି ଓ ସୂଚନା ବାବଦରେ ୬୬ ଲକ୍ଷ ୧୮ ହଜାର ୭୨୪ ଟଙ୍କା ଆଦାୟ କରାଯାଇଥିବା ବେଳେ ୩ ଲକ୍ଷ ୧୧ ହଜାର ୧୩୩ଟି ଦରଖାସ୍ତ ଗ୍ରହଣ କରାଯାଇଛି। ୨୨ଟି ବିଭାଗ ୧୦୦ ପ୍ରତିଶତ ସୂଚନା ଅଧିକାର ଆବେଦନର ଫଇସଲା କରିଥିବା ବେଳେ ୧୩ଟି ବିଭାଗ ୯୦ ପ୍ରତିଶତ ଫଇସଲା କରିଛନ୍ତି। ସୂଚନା ଅଧିକାର ଆଇନ-୨୦୦୫ କାର୍ଯ୍ୟକାରୀ ହେବା ପରେ ତଥ୍ୟ ହାସଲ ପାଇଁ ଜନସାଧାରଣ ଏହାକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିଲେ। ମାତ୍ର ସରକାରୀ ଅଧିକାରୀମାନେ ସୂଚନା ଦେବାକୁ କୁଣ୍ଠାବୋଧ କରୁଥିବାରୁ ଆବେଦନ ସଂଖ୍ୟା ମଧ୍ୟ ହ୍ରାସ ପାଇ ଚାଲିଛି। ଏଥିପାଇଁ ବାରମ୍ବାର ଅପିଲକୁ ଯିବାକୁ ଆବେଦନକାରୀ ପସନ୍ଦ କରୁ ନାହାନ୍ତି। ଫଇସଲା ସମୟସାପେକ୍ଷ ହୋଇଥିବାରୁ କମିଶନଙ୍କ ନିକଟରେ ଆବେଦନକାରୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଛି। ୨୦୧୩-୧୪ରେ ଆବେଦନ ସଂଖ୍ୟା ୬୦,୧୨୬ ଟଙ୍କା ଥିବା ବେଳେ ୨୦୧୪-୧୫ରେ ଏହା ୨୫,୧୭୨କୁ ହ୍ରାସ ପାଇଛି।

## ■ ଉଜ୍ଜ୍ୱଳା ଯୋଜନାରେ ଦୁର୍ନୀତି

# ଆଜି ବିଜୁ ମହିଳା ଜନତା ଦଳର ବିକ୍ଷୋଭ

ଭୁବନେଶ୍ୱର,୩।୧୦(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ବହୁ ପ୍ରଚାରିତ ଉଜ୍ଜ୍ୱଳା ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛି ବିଜୁ ମହିଳା ଜନତାଦଳ। ଏହାର ପ୍ରତିବାଦରେ ଗୁରୁବାର ବିଜୁ ମହିଳା ଜନତାଦଳ ଭୁବନେଶ୍ୱରରେ ଥିବା ଆଇଓସିଏଲ୍ (ଇଣ୍ଡିଆନ୍ ଅଏଲ କର୍ପୋରେଶନ ଲିମିଟେଡ୍)କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବ। ମହିଳା ବିଜେଡିର ସଭାନେତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ପ୍ରମିଳା କହିଛନ୍ତି, ଉଜ୍ଜ୍ୱଳା ଯୋଜନାରେ ଭୂତ ହିତାଧିକାରୀମାନଙ୍କୁ ପଞ୍ଜୀକୃତ କରାଇ




ଖବରଦାତା ସମ୍ମିଳନୀରେ ପ୍ରମିଳା ମଲ୍ଲିକ ଓ ଅନ୍ୟମାନେ।

କେନ୍ଦ୍ର ସରକାର ଯେଉଁ ହରିଲୁଟ୍ ଚଲାଇଛନ୍ତି, ତାହା ଅତି ନିନ୍ଦନୀୟ ଏବଂ ଦୁଃଖଦାୟକ। ଏହି ମହାଦୁର୍ନୀତି ଧରାପଡିବା ପରେ ଏଥିରେ ଅନିୟମିତତା ହୋଇଛି ବୋଲି ଖୋଦ୍ ଆଇଓସିଏଲ୍‌ର କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି। ଏହି ଘଟଣାରେ ଏଜେନ୍ସିକୁ ମଧ୍ୟ ନିଲମ୍ବିତ କରିଛନ୍ତି। ନିକଟରେ କେନ୍ଦ୍ରାପଡ଼ା ଜିଲା ରାଜନଗରରେ ଉଜ୍ଜ୍ୱଳା ଯୋଜନାରେ ହୋଇଥିବା ଅନିୟମିତତା ଜଣାପଡିଥିବା ପ୍ରମିଳା କହିଛନ୍ତି। ସେହିପରି କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆସିବା ପରଠାରୁ ରନ୍ଧନ ଗ୍ୟାସର କ୍ରମାଗତ ଭାବେ ଦରବୃଦ୍ଧି ହୋଇଛି। ମେ,୨୦୧୪ରେ ଗୋଟିଏ ସିଲିଣ୍ଡର ୪୧୪ ଟଙ୍କାରେ ମିଳୁଥିଲା। ଏବେ ସେହି ଦର ୮୭୪ ରହିଛି। ଭାଜପା ସରକାର ୨୨ ଥର ରନ୍ଧନ ଗ୍ୟାସ ମୂଲ୍ୟ ବୃଦ୍ଧି କରିଥିବା ସେ ଅଭିଯୋଗ କରିଛନ୍ତି।

ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଦଳୀୟ ମୁଖ୍ୟପାତ୍ର ସୁଲୋଚନା ଦାସ କହିଛନ୍ତି, ବିଜେଡି ଉଜ୍ଜ୍ୱଳା ଯୋଜନାର ମହାଦୁର୍ନୀତିକୁ ଦୃଢ଼ତାର ସହିତ ନିନ୍ଦା କରୁଛି। ଏହାର ପ୍ରତିବାଦରେ ରାଜଧାନୀସ୍ଥିତ ଆଇଓସିଏଲ୍ ସମ୍ମୁଖରେ ଗୁରୁବାର ସକାଳ ୧୦ଟା ବେଳେ ବିଜୁ ମହିଳା ଜନତାଦଳ ବିକ୍ଷୋଭ କରିବା ସହ ଭବିଷ୍ୟତରେ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ସୁଲୋଚନା କହିଛନ୍ତି।

## ନୂଆ ଆଞ୍ଚଳିକ ଦଳର ସୂଚନା ଦେଲେ ଦାମ

ଭୁବନେଶ୍ୱର,୩।୧୦(ବ୍ୟୁରୋ)



ବିଜୁଙ୍କ ଆଦର୍ଶରେ ଗଢା ଯିବ ନୂଆ ଦଳ। ଅସଲ ବିଜୁ ପ୍ରେମୀମାନେ ଏକାଠି ହେବେ, ବର୍ତ୍ତମାନ ବିଜେଡିରେ ନକଲି ନେତାସବୁ ଅଛନ୍ତି। ଚଳିତ ଅକ୍ଟୋବର ସୁଦ୍ଧା ନୂଆ ଆଞ୍ଚଳିକ ଦଳ ଗଢାଯିବ ବୋଲି ବୁଧବାର ସୂଚନା ଦେଇଛନ୍ତି ବରିଷ୍ଠ ନେତା ଦାମୋଦର ରାଉତ। ନୂଆ ଆଞ୍ଚଳିକ ଦଳ ଗଠନ ପାଇଁ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା ଚାଲିଥିବା ଦାମ ଉଲ୍ଲେଖ କରିଛନ୍ତି। ଭାଜପା ନେତା ବିଜୟ ମହାପାତ୍ରଙ୍କୁ ଏଥିପାଇଁ ଯୋଗାଯୋଗ କରାଯାଇଥିଲେ ବି ସେ ଧରାଛୁଆଁ ଦେଉ ନ ଥିବା ଦାମ କହିଛନ୍ତି। ଦିଲୀପ ରାୟଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ବିକଳ୍ପ ସନ୍ଧାନରେ ଥିବା କେତେଜଣ ନେତା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡାଇଙ୍କୁ ଯୋଗାଯୋଗ କରିଥିବା ଜଣାପଡିଛି। ହେଲେ ଦାମ କହିଛନ୍ତି , ପ୍ରାଥମିକ ଭାବେ ଘଡାଇ ରାଜି ଥିଲେ। ପରବର୍ତ୍ତୀ ସମୟରେ ମତ ପରିବର୍ତ୍ତନ କରିଦେଲେ। ନୂଆ ଆଞ୍ଚଳିକ ଦଳ ସମ୍ପର୍କରେ ବିଜୟ କିଛି ମତ ରଖିନାହାନ୍ତି। ହେଲେ ଦୁଇରୁ ତିନିମାସ ମଧ୍ୟରେ ରାଜ୍ୟ ରାଜନୀତିରେ କିଛି ପରିବର୍ତ୍ତନ ହେବ ବୋଲି ସେ ମତ ରଖିଛନ୍ତି।

ବିଜେଡିରୁ ବିଦା ହେବା ପରେ ମଙ୍ଗଳବାର ଦାମ ମାହାଙ୍ଗାରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ଉକ୍ତ ଦିନ ପ୍ରଦେଶ କଂଗ୍ରେସ ଦ୍ୱାରା ଆୟୋଜିତ ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗ ଦେଇ ରାଜ୍ୟ ସରକାର ଏବଂ ବିଜେଡିକୁ କଡା ସମାଲୋଚନା କରିଥିଲେ। ବୁଧବାର ବିଭିନ୍ନ ସାମାଜିକ ଏବଂ ସୂଚନାଧିକାର କର୍ମୀଙ୍କ ଦ୍ୱାରା ନିମାପଡାରେ ଆୟୋଜିତ ଏକ ସଭାରେ ଦାମ ରାଉତ ଯୋଗ ଦେଇଥିଲେ।

## ■ ପୁରୀ ବନ୍ଦ ବେଳେ ହିଂସା ଘଟଣା

# ସରକାରଙ୍କ ତୋଗଲକି ମନୋବୃତ୍ତି ପାଇଁ ଏଭଳି ଘଟିଛି: ଭାଜପା

ଭୁବନେଶ୍ୱର, ୩।୧୦(ବ୍ୟୁରୋ)

ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ସମଗ୍ର ଦେଶରେ ଥିବା ଦେବଦେବୀଙ୍କଠାରୁ ଭିନ୍ନ ଏବଂ ଅନନ୍ୟ । ବୁଧବାର ଜଗନ୍ନାଥ ଧାମକୁ ରଣ କ୍ଷେତ୍ରରେ ପରିଣତ କରି ଦିଆଯାଇଛି । ରାଜ୍ୟ ସରକାରଙ୍କ ଅପାରଗତା ଏବଂ ସ୍ୱେଚ୍ଛାଚାରୀ ତୋଗଲକି ମନୋବୃତ୍ତି ପାଇଁ ଏଭଳି ଘଟଣା ଘଟିଥିବା ଭାଜପା ଅଭିଯୋଗ କରିଛି।

ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଶ୍ରୀଜଗନ୍ନାଥଙ୍କର ନବକଳେବର, ବ୍ରହ୍ମ ବିଭ୍ରାଟ ଓ ନୀଳାଦ୍ରିବିଜେ ଅଘଟଣରେ ରାଜ୍ୟ ସରକାର ନିଜର ତୋଗଲକି ଶାସନର ନମୁନା ଦେଖାଇବାକୁ ଯାଇ ବାରମ୍ବାର ଜଗନ୍ନାଥ ପ୍ରେମୀ ଓ ଭକ୍ତମାନଙ୍କୁ ଅପମାନିତ କରିଥିଲେ । ଏ ସମସ୍ତ ଘଟଣାର ପ୍ରତିଫଳନ ବୁଧବାର ପୁରୀଠାରେ ଦେଖିବାକୁ ମିଳିଛି । ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ପ୍ରରୋଚନାରେ ଏସବୁ ଘଟଣା ଘଟିଥିବା କାରଣରୁ ଏହାର ତଦନ୍ତ ସମ୍ଭବ ହୋଇପାରିଲା ନାହିଁ । ସେହିପରି ଅନେକ ସମାଲୋଚନା ଏବଂ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହି ସମୟରେ ରତ୍ନ ଭଣ୍ଡାରର ଚାବି ହଜି ଯାଇଥିବା ପ୍ରକାଶ କରାଗଲା । ଚାବି ନାହିଁ ବୋଲି ରାଜ୍ୟ ସରକାର ପୂର୍ବରୁ ଜାଣି ମଧ୍ୟ ଏକଥାକୁ ଲୁଚାଇ ରଖିଥିଲେ । ଧାଡି ଦର୍ଶନ ଶ୍ରୀମନ୍ଦିର ପରମ୍ପରା ନୁହେଁ । ଧାଡି ଦର୍ଶନ ବ୍ୟବସ୍ଥା ତର୍ଜମା କରିବା ପରେ ବ୍ୟବସ୍ଥା ଲାଗୁ କରିବା କଥା । କିନ୍ତୁ ତାହା ନ କରି ମନଇଚ୍ଛା କାମ କରିବା ହେଉଛି ତୋଗଲକି ଶାସନର ନମୁନା । ଧାଡି ଦର୍ଶନକୁ ବିରୋଧ କରି ପୁରୀରେ ଆନ୍ଦୋଳନ ହୋଇଛି । କିନ୍ତୁ ଗୃହ ବିଭାଗର ମୁଖ୍ୟ ହୋଇ ମୁଖ୍ୟମନ୍ତ୍ରୀ ପୋଲିସକୁ ଲଗାଇ ଏହାକୁ ବିରୋଧ କରି ଯେମିତି ଦମନ କରିବାର ଚେଷ୍ଟା କରିଛନ୍ତି, ଏଥିରୁ ସ୍ପଷ୍ଟ ହେଉଛି ରାଜ୍ୟ ସରକାର ନିଜର ସ୍ୱେଚ୍ଛାଚାରୀ ନିଷ୍ପତ୍ତି ନେଇ କାର୍ଯ୍ୟ କରୁଛନ୍ତି । ଯିଏ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଏବଂ ପରମ୍ପରାକୁ ରକ୍ଷା କରିପାରି ନାହିଁ ସେ ରାଜ୍ୟକୁ କିପରି ଶାସନ କରିବେ ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ହରିଚନ୍ଦନ କହିଛନ୍ତି । ଗତ କିଛିଦିନ ତଳେ ପୁରୀରେ ଖବରଦାତା ଓ ସାଧାରଣ ଲୋକଙ୍କୁ ପୋଲିସ ମାଡ ମାରିଥିବା ଘଟଣାରୁ ସ୍ପଷ୍ଟ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ପ୍ରଶାସନ ନାହିଁ। ଆଜି ଯେଭଳି ପୁରୀରେ ସାଧାରଣ ଲୋକଙ୍କ ଉପରେ ପୋଲିସ ଆକ୍ରମଣ କଲା ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଏଥିପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ନିକଟରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବା ସହ ଆଗାମୀ ଦିନରେ ଯେପରି ଏଭଳି ଘଟଣା ନ ଘଟିବ ସେଥିପାଇଁ ଲିଖିତ ପ୍ରତିଶ୍ରୁତି ଦିଅନ୍ତୁ ବୋଲି ହରିଚନ୍ଦନ ଦାବି କରିଛନ୍ତି ।

ପୁରୀ ହିଂସା: ଡିଜିପିଙ୍କ ସମୀକ୍ଷା

## ଦୋଷୀଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ

କଟକ ଅଫିସ, ୩।୧୦

ଧାଡ଼ି ଦର୍ଶନକୁ ବିରୋଧ କରି ପୁରୀରେ ବୁଧବାର ବନ୍ଦ ପାଳନ ବେଳେ ସୃଷ୍ଟି ହୋଇଥିବା ବିଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି ପୋଲିସ ଡିଜି ଡା. ଆର୍. ପି. ଶର୍ମା। ଘଟଣାକୁ ନେଇ ସନ୍ଧ୍ୟାରେ ରାଜ୍ୟ ପୋଲିସର କେତେଜଣ ଅଧିକାରୀଙ୍କ ସହ ଡିଜିପି ଶର୍ମା ଆଲୋଚନା କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ। ସେ କହିଲେ, ଆନ୍ଦୋଳନକାରୀଙ୍କ ବିଶୃଙ୍ଖଳା ସୀମା ଟପିଯାଇଛି। ସେମାନେ ସରକାରୀ କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା କରି ବିପୁଳ ସମ୍ପତ୍ତି ନଷ୍ଟ କରିବା ସହ ରାଜସ୍ୱ ମନ୍ତ୍ରୀଙ୍କ ଘର ଉପରକୁ ଆକ୍ରମଣ କରିଛନ୍ତି। ପୂରା ଘଟଣାର ତଦନ୍ତ ପରେ ପୋଲିସ ଅବା ଆନ୍ଦୋଳନକାରୀ ଯିଏ ଦୋଷୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଘଟଣା ପାଇଁ ଆନ୍ଦୋଳନକାରୀମାନେ ଏସ୍‌ପି ସାର୍ଥକ ଷଡ଼ଙ୍ଗୀଙ୍କୁ ସମ୍ପୂର୍ଣ୍ଣ ଦାୟୀ କରି ତାଙ୍କ ବଦଳି ଦାବି କରୁଥିବାରୁ ତଦନ୍ତ ପରେ ଏହା ଉପରେ ନିଷ୍ପତ୍ତି ନିଆଯିବ ବୋଲି ଡିଜିପି ଶର୍ମା ସୂଚନା ଦେଇଛନ୍ତି।

## ■ ପୁଅ ଜିଉନ୍ତିଆରେ ପୁଅ ମୃତ

# କୂଅରେ ଫିଙ୍ଗି ହତ୍ୟା କଲେ ବଡ଼ଭାଇ

ବରଗଡ଼ ଅଫିସ,୩।୧୦

■ ହତ୍ୟାକାରୀ ଧରାପଡ଼ିଲେ
■ ଜମିଜମା ବିବାଦ କାଳ ହେଲା

ପୁଅର ଦୀର୍ଘାୟୁ କାମନା କରି ମା’ ପୁଅ ଜିଉନ୍ତିଆ ଓଷା କରିଥିଲେ। ରାତିରେ ଭୋଗ ଧରି ପୂଜାସ୍ଥଳୀକୁ ଯାଇଥିଲେ। ହେଲେ ଏହି ସୁଯୋଗରେ ଜଣେ ନାବାଳକ ତାଙ୍କ ପୁଅକୁ କୂଅରେ ଫିଙ୍ଗି ହତ୍ୟା କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ମଙ୍ଗଳବାର ରାତିରେ ବରଗଡ଼ ସଦର ଥାନା ଅନ୍ତର୍ଗତ ଧଉଁରାଖନ୍ଦା ଗ୍ରାମରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତ ଶିଶୁ ହେଲେ ସେହି ଗ୍ରାମର ବିଷ୍ଣୁଚରଣ ଦାସଙ୍କ ୪ ବର୍ଷର ପୁଅ ସୁଦେବ। ଏହି ଘଟଣାରେ ପୋଲିସ ସୁଦେବଙ୍କ ସମ୍ପର୍କୀୟ ବଡଭାଇ(୧୭)ଙ୍କୁ ଧରିଛି। ତାଙ୍କୁ ଗୁରୁବାର ରାଉରକେଲାସ୍ଥିତ ସ୍ୱଧାର ଗୃହକୁ ପଠାଯିବ ବୋଲି ପୋଲିସ କହିଛି।

ପୋଲିସ ସୂଚନା ଅନୁସାରେ, ମଙ୍ଗଳବାର ସୁଦେବଙ୍କ ମା’ ପୁଅ ଜିଉନ୍ତିଆ ଓଷା ପାଇଁ ପୂଜାସ୍ଥଳୀକୁ ଯାଇଥିଲେ। ଘରେ ଏକୁଟିଆ ଥିଲେ ସୁଦେବ। ରାତି ପ୍ରାୟ ସାଢ଼େ ୭ଟା ସମୟରେ ବଡ଼ଭାଇ ଶୌଚ କରିଯିବା ଆଳରେ ସୁଦେବଙ୍କୁ ବାହାରକୁ ଡାକି ନେଇଥିଲେ। ବଡ଼ଭାଇଙ୍କ କଥାକୁ ବିଶ୍ୱାସ କରି ସୁଦେବ ତାଙ୍କ ସହିତ ଯାଇଥିଲେ। ମାତ୍ର ଶୌଚ ଯିବା ପରିବର୍ତ୍ତେ ବଡ଼ଭାଇ ସୁଦେବଙ୍କୁ ଗ୍ରାମର ଦୟାନିଧି ଦାସଙ୍କ କୂଅ ଭିତରକୁ ଫିଙ୍ଗି ହତ୍ୟା କରିଥିଲେ। ପୂଜା ସାରି ଦୁବ ସ୍ପର୍ଶ କରିବା ପାଇଁ ସୁଦେବଙ୍କୁ ତାଙ୍କ ମା’ ଖୋଜି ଥିଲେ। ହେଲେ ତାଙ୍କୁ ପାଇ ନ ଥିଲେ। ପରେ ସୁଦେବଙ୍କ ମୃତଦେହ ସେହି କୂଅରେ ଭାସୁଥିବା ଦେଖିବାକୁ ମିଳିଥିଲା। ବରଗଡ଼ ଅଗ୍ନିଶମ କର୍ମଚାରୀମାନେ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ସଦର ଥାନା ଅଧିକାରୀ ମମତା ନାୟକ ସଦଳବଳ ସେଠାରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ଜମିଜମା ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଅନୁମାନ କରୁଛି। ଏ ନେଇ ବରଗଡ଼ ସଦର ଥାନାରେ ଏକ ମାମଲା(ନଂ.୨୨୩/୧୮) ରୁଜୁ ହୋଇଛି।

## ପୁରୀରେ ହିଂସାର ଝଲକ



ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁରୀ ବଡ଼ଦାଣ୍ଡରେ ପୋଲିସ ଟିୟର ଗ୍ୟାସ୍ ପ୍ରୟୋଗ କରୁଛି।





ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ(ଉପର) ଏବଂ ଜିଲା ଲୋକସମ୍ପର୍କ କାର୍ଯ୍ୟାଳୟ (ତଳ)ରେ ଆନ୍ଦୋଳକାରୀଙ୍କ ଭଙ୍ଗାରୁଜା।



ବାଇଶି ପାହଚ ବ୍ୟାରିକେଡ୍‌କୁ ଆନ୍ଦୋଳନକାରୀ ଭାଙ୍ଗୁଛନ୍ତି।





ସିଂହଦ୍ୱାର ନିକଟରେ ଥିବା ସୂଚନାକେନ୍ଦ୍ର(ବାମ) ଏବଂ ପୋଲିସ ଫାଣ୍ଡି(ଡାହାଣ)କୁ ଆନ୍ଦୋଳନକାରୀମାନେ ଭାଙ୍ଗିଛନ୍ତି।



❝ସାବରିମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ରାୟ ବିରୋଧରେ ରିଭ୍ୟୁ ପିଟିଶନ ଦାଏର କରାଯିବ ନାହିଁ। ଅଦାଲତଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ।

- ପି. ବିଜୟନ୍, କେରଳ ମୁଖ୍ୟମନ୍ତ୍ରୀ

■ ଆମେରିକାକୁ ଅନ୍ତର୍ଜାତୀୟ ଅଦାଲତଙ୍କ ନିର୍ଦ୍ଦେଶ

# ଇରାନ ଉପରୁ କଟକଣା ହଟାଅ

**ହେଗ୍,୩।୧୦(ଏ.ଏଫ୍.ପି.)**

ଜାତିସଂଘର ଶୀର୍ଷ ଅଦାଲତରେ ଇରାନର ବଡ଼ ବିଜୟ ହୋଇଛି। ୨୦୧୫ ଆଣବିକ ଚୁକ୍ତିରୁ ଓହରିବା ପରେ ଆମେରିକା ଇରାନ ଉପରେ ଲଗାଇଥିବା କଟକଣାକୁ ମାନବିକ ଦୃଷ୍ଟିକୋଣରୁ ହଟାଇଦେବା ପାଇଁ ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ) ବୁଧବାର ଆମେରିକାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇସିଜେଙ୍କ ଏହି ରାୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଏକ ଶକ୍ତ ଝଟକା ବୋଲି କୁହାଯାଉଛି।



ଆମେରିକା ପକ୍ଷରୁ ଜାରି କରାଯାଇଥିବା କଠୋର ଆର୍ଥିକ କଟକଣା ଇରାନବାସୀଙ୍କ ଜୀବନକୁ ବିପଦରେ ପକାଇଛି ବୋଲି ନେଦରଲାଣ୍ଡର ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତ ବୁଧବାର ସ୍ପଷ୍ଟ କରିଛନ୍ତି। ଆଇସିଜେ ଅଧ୍ୟକ୍ଷ ବିଚାରପତି ଅବ୍‌ଦୁଲକ୍ୱାୱି ୟୁସୁଫ୍ କହିଛନ୍ତି, ଆମେରିକାର କଟକଣା ୧୯୫୫ 'ଟ୍ରିଟି ଅଫ୍ ଆମିଟି'କୁ ଉଲ୍ଲଂଘନ କରୁଛି। ତେଣୁ ଏହାକୁ ହଟାଇଦିଆଯିବା ଜରୁରୀ। ଏଥିପାଇଁ ଆମେରିକା ଯେକୌଣସି ବିକଳ୍ପ ଖୋଜିପାରେ। ମାନବାଧିକାର ଆଧାରରେ ଇରାନକୁ ସାମଗ୍ରୀ ରପ୍ତାନି କରାଯାଉ। କାରଣ ଔଷଧ, ମେଡିକାଲ ଉପକରଣ, ଖାଦ୍ୟ ସାମଗ୍ରୀ ଓ ବିମାନ ରକ୍ଷଣାବେକ୍ଷଣ ଯନ୍ତ୍ରପାତି ହେଉଛି ଭିତ୍ତିଭୂମି ପାଇଁ ଅପରିହାର୍ଯ୍ୟ। କଟକଣା ନ ହଟାଗଲେ ଆଗକୁ ଇରାନର ଲୋକମାନଙ୍କ ଉପରେ ଅଧିକ ନକାରାତ୍ମକ ପ୍ରଭାବ ପଡ଼ିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଆଇସିଜେଙ୍କର ଏହି ମାମଲାରେ ରାୟ ପ୍ରକାଶ କରିବାର ଅଧିକାର ନାହିଁ ବୋଲି ଶୁଣାଣି ବେଳେ ଆମେରିକା ପକ୍ଷରୁ ଯୁକ୍ତି ବଢ଼ାଯାଇଥିଲା। ଜାତିସଂଘର ମୁଖ୍ୟ ନ୍ୟାୟିକ ସଂସ୍ଥା ଆଇସିଜେଙ୍କ ରାୟକୁ ଆମେରିକା ମାନିବାକୁ ବାଧ୍ୟ। କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଇବା ନେଇ ଆଇସିଜେଙ୍କ କୌଣସି କ୍ଷମତା ନାହିଁ। ଏହି ଅଦାଲତ ଦୁଇଟି ସଦସ୍ୟ ରାଷ୍ଟ୍ର ମଧ୍ୟରେ ଆଇନଗତ ବିବାଦର ସମାଧାନ କରିଥାନ୍ତି। ହେଲେ ଅତୀତରେ ଉଭୟ ୱାଶିଂଟନ ଓ ତେହେରାନ୍ ଆଇସିଜେଙ୍କ ରାୟକୁ ଅଣଦେଖା କରିଥିବା ନଜିର ରହିଛି। ପ୍ରକାଶ ଯେ, ୨୦୧୮ ମେ' ୮ରେ ଟ୍ରମ୍ପ୍ ଇରାନ ଚୁକ୍ତିରୁ ଓହରି ତେହେରାନ୍ ଉପରେ ଆର୍ଥିକ କଟକଣା ଜାରି କରିଥିଲେ। ସେବେଠୁ କ୍ରମାଗତ ଭାବେ ଇରାନୀୟ ମୁଦ୍ରା ରିଆଲ୍‌ର ଅବମୂଲ୍ୟାୟନ ଘଟିବାରେ ଲାଗିଛି। ଟ୍ରମ୍ପ୍‌ଙ୍କ ଭୟରେ ତେହେରାନ୍ ସହ ବ୍ୟବସାୟ ବନ୍ଦ କରିଦେଇଥିବା ୟୁରୋପୀୟ କମ୍ପାନୀଗୁଡ଼ିକୁ ଆଇସିଜେଙ୍କ ସଦ୍ୟ ନିଷ୍ପତ୍ତି ଉତ୍ସାହିତ କରିପାରେ ବୋଲି କୁହାଯାଉଛି। ଇରାନର ବହିର୍ବ୍ୟାପାର ମନ୍ତ୍ରୀ ମହମ୍ମଦ ଜାଭେଦ୍ ଜାରିଫ୍ ରାୟକୁ ସ୍ୱାଗତ କରି କହିଛନ୍ତି, ଶାସନ ପରିବର୍ତ୍ତନ ଉଦ୍ଦେଶ୍ୟରେ ଆମେରିକା ଏଭଳି କଟକଣା ଜାରି କରି 'ମନସ୍ତାତ୍ତ୍ୱିକ ଯୁଦ୍ଧ' ଘୋଷଣା କରିଥିଲା।

## କାହିଁକି ଲାଗିଥିଲା

ଇରାନ ଶାନ୍ତିପୂର୍ଣ୍ଣ କାର୍ଯ୍ୟରେ ଆଣବିକ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ଜାତିସଂଘ ସୁରକ୍ଷା ପରିଷଦର ୫ ସ୍ଥାୟୀ ସଦସ୍ୟ ରାଷ୍ଟ୍ର ଆମେରିକା, ରୁଷିଆ, ଫ୍ରାନ୍ସ, ଚାଇନା ଓ ବ୍ରିଟେନ ଏବଂ ଜର୍ମାନୀ ତଥା ୟୁରୋପୀୟ ସଂଘ ସହ ଚୁକ୍ତିବଦ୍ଧ ହୋଇଥିଲା। ୨୦୧୫ ଜୁଲାଇରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରାକ୍ ଓବାମା ଏଥିରେ ସ୍ୱାକ୍ଷର କରିଥିଲେ। ଚୁକ୍ତିନାମା ପରେ ଇରାନ ତା'ର ପରମାଣୁ ଘାଟିଗୁଡ଼ିକୁ ବନ୍ଦ କରିଦେଇଥିଲା। ଫଳରେ ତେହେରାନକୁ ୧୦ ବର୍ଷ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ ଆଣବିକ ଉତ୍ପାଦନ ପାଇଁ ଅନୁମତି



ଡୋନାଲ୍ଡ ଟ୍ରମ୍ପ

ମିଳିଥିଲା। କିନ୍ତୁ ଇରାନ ଲୁଚାଛପାରେ ଆଣବିକ କାର୍ଯ୍ୟକ୍ରମ ଚଳାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅଭିଯୋଗ ଆଣିଥିଲେ। ଏଥିସହ ୨୦୧୮ ମେ' ୮ରେ ଟ୍ରମ୍ପ୍ ଉକ୍ତ ଚୁକ୍ତିରୁ ଓହରିଯାଇଥିଲେ। ସେ ତେହେରାନ ଉପରେ ଅଗଷ୍ଟ ଓ ନଭେମ୍ବରରେ ଦୁଇଟି ପର୍ଯ୍ୟାୟରେ ଆର୍ଥିକ କଟକଣା ଜାରି କରିଥିଲେ।

# ଶପଥ ନେଲେ ଜଷ୍ଟିସ୍ ଗୋଗୋଇ

**ନୂଆଦିଲ୍ଲୀ, ୩।୧୦(ପି.ଟି.)**





**'ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ ନ ହେବା ଯାଏ କୌଣସି ମାମଲାର ତୁରନ୍ତ ଶୁଣାଣି ହେବ ନାହିଁ'**

ଦେଶର ୪୬ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ବୁଧବାର ଶପଥଗ୍ରହଣ କରିଛନ୍ତି ଜଷ୍ଟିସ୍ ରଞ୍ଜନ ଗୋଗୋଇ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ପଦ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଦାୟିତ୍ୱଗ୍ରହଣ ପରେ ମାମଲା ପରିଚାଳନା ନେଇ ନିଜ ଦୃଷ୍ଟିକୋଣ ସମ୍ପର୍କରେ ସେ ପରିପ୍ରକାଶ କରିଛନ୍ତି।

ପ୍ରଧାନ ବିଚାରପତି ପଦରୁ ଜଷ୍ଟିସ୍ ଦୀପକ ମିଶ୍ର ଅବସର ଗ୍ରହଣ କରିବାର ଦିନକ ପରେ ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତି ଜଷ୍ଟିସ୍ ଗୋଗୋଇ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ସିଜେଆଇ ଭାବେ ୧୩ ମାସ ତାଙ୍କ କାର୍ଯ୍ୟକାଳ ରହିବ। ୨୦୧୯ ନଭେମ୍ବର ୧୭ରେ ସେ ଅବସରଗ୍ରହଣ କରିବେ। ରାଷ୍ଟ୍ରପତି ଭବନର ଦରବାର ହଲ୍‌ରେ ଆୟୋଜିତ ସମାରୋହରେ ୬୩ ବର୍ଷୀୟ ଜଷ୍ଟିସ୍ ଗୋଗୋଇ ଇଂଲିଶ ଭାଷାରେ ଶପଥ ପାଠ କରିଛନ୍ତି। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାଙ୍କ ପୂର୍ବସୂରୀ ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ନୂଆ ପ୍ରଧାନ ବିଚାରପତିଙ୍କୁ ମୋଦି ଅଭିନନ୍ଦନ ଜଣାଇଛନ୍ତି। ଜଷ୍ଟିସ୍ ଗୋଗୋଇଙ୍କ ଅଭିଜ୍ଞତା, ବୁଦ୍ଧିମତ୍ତା, ଦୃଷ୍ଟିକୋଣ, ନ୍ୟାୟିକ କ୍ଷେତ୍ରରେ ଜ୍ଞାନ ଦେଶର ହିତ ପାଇଁ କାମରେ ଆସିବ ବୋଲି ସେ ଟୁଇଟ୍ କରିଛନ୍ତି।

ଶପଥ ସମାରୋହରୁ ଫେରି ଜଷ୍ଟିସ୍ ଗୋଗୋଇ ସିଧା ସୁପ୍ରିମକୋର୍ଟ ଯାଇ କାର୍ଯ୍ୟରେ ଯୋଗଦେଇଛନ୍ତି। ଜଷ୍ଟିସ୍ ଏସ୍.କେ. କୌଲ୍ ଏବଂ କେ.ଏମ୍. ଯୋଶେଫ ସଦସ୍ୟ ଥିବା ଖଣ୍ଡପୀଠର ଅଧ୍ୟକ୍ଷତା କରି ସେ ପ୍ରଥମ କାର୍ଯ୍ୟଦିବସ ଆରମ୍ଭ କରିଛନ୍ତି। ଆଇନଜୀବୀମାନଙ୍କୁ ଉଦ୍‌ବୋଧନ ଦେଇ ନୂଆ ସିଜେଆଇ କହିଛନ୍ତି ଯେ, କେଉଁ ମାମଲାଗୁଡ଼ିକୁ ପ୍ରାଧାନ୍ୟ ଦିଆଯିବ ଏବଂ ତୁରନ୍ତ ଶୁଣାଣି ହେବ ସେନେଇ ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ ହେବ। ଏହା ପୂର୍ବରୁ 'ଅର୍ଜେଣ୍ଟ' ଅର୍ଥାତ୍ ତୁରନ୍ତ ଶୁଣାଣି ଲାଗି ଦର୍ଶାଯାଇଥିବା ମାମଲାଗୁଡ଼ିକର ବିଚାର ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ। ଯଦି କେହି ଜଣେ ଆସନ୍ତାକାଲି ଫାଶୀ ପାଇବାକୁ ଯାଉଛନ୍ତି, ସେଭଳି କ୍ଷେତ୍ରରେ ମାମଲାର ତ୍ୱରିତ ବିଚାର ନିହାତି ଜରୁରୀ ମନେ କରାଯିବ ବୋଲି ଜଷ୍ଟିସ୍ ଗୋଗୋଇ କହିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ସିଜେଆଇ ଜଷ୍ଟିସ୍ ରଞ୍ଜନ ଗୋଗୋଇ ବିଚାର ପାଇଁ ସାନି ମାମଲାଗୁଡ଼ିକୁ ବଣ୍ଟନ କରିଛନ୍ତି। ଜନସ୍ୱାର୍ଥ ଆବେଦନ (ପିଆଇଏଲ୍) ଏବଂ ପତ୍ର ସମ୍ବଳିତ ପିଟିଶନ୍‌ଗୁଡ଼ିକର ବିଚାର ନିଜେ କରିବେ ସିଜେଆଇ। ପ୍ରକାଶ ଯେ, ଜଷ୍ଟିସ୍ ଗୋଗୋଇ ହିଁ ପରବର୍ତ୍ତୀ ସିଜେଆଇ ହେବେ ବୋଲି ଚଳିତବର୍ଷ ଆରମ୍ଭରୁ ଚର୍ଚ୍ଚା ଜୋର୍ ଧରିଥିଲା। ଜାନୁୟାରୀ ୧୧ରେ ଜଷ୍ଟିସ୍ ଜେ. ଚେଲାମେଶ୍ୱର, ମଦନ ବି. ଲୋକୁର ଏବଂ କୁରିଏନ୍ ଯୋଶେଫଙ୍କ ସହ ମିଶି ଜଷ୍ଟିସ୍ ଗୋଗୋଇ ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ଏସବୁ ସତ୍ତ୍ୱେ ସୁପ୍ରିମକୋର୍ଟର ପରମ୍ପରାକୁ ରକ୍ଷାକରି ଗତମାସ ଜଷ୍ଟିସ୍ ଦୀପକ ମିଶ୍ର ସିଜେଆଇ ପଦ ଲାଗି ଜଷ୍ଟିସ୍ ଗୋଗୋଇଙ୍କ ନାମ ସୁପାରିସ କରିଥିଲେ।

## ଉତ୍ତର-ପୂର୍ବାଞ୍ଚଳର ଗର୍ବ

**ନୂଆଦିଲ୍ଲୀ, ୩।୧୦(ପି.ଟି.):** ଏକଦା ପ୍ରଧାନ ବିଚାରପତିଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ଉଠାଇ ସେ କରିଥିଲେ ବିଦ୍ରୋହ। ବିଚାରପତିଙ୍କୁ ମାମଲା ବଣ୍ଟନ ନେଇ ମଧ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନେକ ବିବାଦ ପରେ ଏବେ ସମାନ ପଦବୀରେ ସେ ଅଧିଷ୍ଠିତ ହୋଇଛନ୍ତି। ଦେଶର ନୂଆ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଜଷ୍ଟିସ୍ ରଞ୍ଜନ ଗୋଗୋଇ। ପ୍ରଥମକରି ଉତ୍ତର-ପୂର୍ବାଞ୍ଚଳର ଅଧିବାସୀ ଭାବେ ନ୍ୟାୟପାଳିକାର ଏହି ସର୍ବୋଚ୍ଚ ପଦବୀ ଲାଭକରି ସେ ରେକର୍ଡ ସୃଷ୍ଟି କରିଛନ୍ତି। ନିଜ ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି ଜଷ୍ଟିସ୍ ଗୋଗୋଇ। ବାପାଙ୍କ ଭଳି ସେ ମଧ ନିଜର ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କ ବାପା କେଶବ ଚନ୍ଦ୍ର ଗୋଗୋଇ ପୂର୍ବରୁ ଆସାମର ମୁଖ୍ୟମନ୍ତ୍ରୀ ଥିଲେ। ୧୯୫୪ ନଭେମ୍ବର ୧୮ରେ ଆସାମର ଡିବ୍ରୁଗଡ଼ରେ ଜନ୍ମଲାଭ କରିଥିଲେ ଜଷ୍ଟିସ୍ ଗୋଗୋଇ। ସ୍କୁଲପଢ଼ା ଶେଷ ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସେଣ୍ଟ ଷ୍ଟିଫେନ୍ସ କଲେଜରେ ସେ ନାମ ଲେଖିଥିଲେ। ଇତିହାସ ସମ୍ମାନରେ ସ୍ନାତକ ଡିଗ୍ରୀ ହାସଲ ପରେ ଆଇନ ବିଭାଗରେ ପଢ଼ିଥିଲେ। ୧୯୭୮ରେ ଓକିଲାତି ପେସା ଆରମ୍ଭ କରିଥିଲେ ଜଷ୍ଟିସ୍ ଗୋଗୋଇ। ଗୁଆହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ସେ ୨୦୦୧ ଫେବୃୟାରୀ ୨୮ରେ ନିଯୁକ୍ତ ହୋଇଥିଲେ। ୨୦୧୦ ସେପ୍ଟେମ୍ବର ୯ରେ ସେ ପଞ୍ଜାବ ଓ ହରିୟାଣା ହାଇକୋର୍ଟକୁ ବଦଳି ହୋଇଥିଲେ। ୨୦୧୧ ଫେବୃୟାରୀରେ ଜଷ୍ଟିସ୍ ଗୋଗୋଇ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ ହୋଇଥିଲେ। ୨୦୧୨ ଏପ୍ରିଲରେ ସେ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିଲେ।

# କୋଲ୍‌କାତା ହସ୍ପିଟାଲରେ ନିଆଁ: ୨୫୦ ରୋଗୀ ଉଦ୍ଧାର

**କୋଲ୍‌କାତା, ୩।୧୦(ପି.ଟି.)**

ପଶ୍ଚିମବଙ୍ଗ ରାଜଧାନୀ କୋଲ୍‌କାତାରେ ଥିବା ଏକ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ପୂର୍ବାହ୍ନ ୮ଟାରେ ତଳ ମହଲାରେ ଥିବା ଫାର୍ମାସୀରେ ନିଆଁ ଲାଗିବା ପରେ ଚାରିଆଡ଼କୁ ବ୍ୟାପିଯାଇଥିଲା। ଏହାପରେ ହସ୍ପିଟାଲ ଭିତରୁ ୨୫୦ ରୋଗୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ତେବେ ଏହି ଘଟଣାରେ କୌଣସି ବ୍ୟକ୍ତି ଆହତ ହୋଇନାହାନ୍ତି। ନିଆଁଲିଭା ପାଇଁ ଦମକଳ ବାହିନୀର ୧୦ ଟିମ୍ ନିୟୋଜିତ ହୋଇଥିଲେ। ତେବେ ଉକ୍ତ ଫାର୍ମାସୀ ଭିତରେ ଥିବା ଔଷଧଗୁଡ଼ିକ ପୋଡ଼ି ପାଉଁଶ ହୋଇଯାଇଛି। ଉଦ୍ଧାର ହୋଇଥିବା ରୋଗୀମାନଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଜଣେ ବ୍ୟକ୍ତି ଅଭିଯୋଗ କରିଛନ୍ତି ଯେ, ନିଆଁ ଲାଗିବା ପରେ ପ୍ରବଳ ଧୂଆଁ ହେବାରୁ ତାଙ୍କ ବାପା ଅଣନିଃଶ୍ୱାସୀ ହୋଇ ପ୍ରାଣ ହରାଇଛନ୍ତି।

## ଆମେରିକାରେ ଦୁର୍ଘଟଣା: ଆନ୍ଧ୍ର ଏମ୍‌ଏଲ୍‌ସିଙ୍କ ପରଲୋକ

**ଅମରାବତୀ,୩।୧୦(ପି.ଟି.)**

ଆମେରିକାରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ବରିଷ୍ଠ ଟିଡିପି ନେତା ତଥା ଆନ୍ଧ୍ରପ୍ରଦେଶ ବିଧାନ ପରିଷଦ ସଦସ୍ୟ (ଏମ୍‌ଏଲ୍‌ସି) ଏମ୍.ଭି.ଭି.ଏସ୍. ମୂର୍ତ୍ତି। ତାଙ୍କୁ ୭୬ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ସମ୍ପର୍କରେ ବୁଧବାର ଦଳ ପକ୍ଷରୁ ଘୋଷଣା ହୋଇଛି। ମିଳିଥିବା ସୂଚନା ମୁତବାକ ସୋମବାର ଏମ୍‌ଏଲ୍‌ସି ମୂର୍ତ୍ତି ଆଲାସ୍କାରେ ଥିବା ଏକ ବନ୍ୟପ୍ରାଣୀ ଅଭୟାରଣ୍ୟ ପରିଦର୍ଶନ ପାଇଁ ଯାଉଥିଲେ। ଆଧା ବାଟରେ ତାଙ୍କ କାର୍ ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ଫଳରେ ମୂର୍ତ୍ତିଙ୍କ ସମେତ ଚାରିଜଣଙ୍କ ପରଲୋକ ହୋଇଛି। ଅପରାହ୍ନରେ ଏହି ଦୁର୍ଘଟଣା ଘଟିଥିଲା। ଜଣେ ଶିକ୍ଷାବିତ୍ ଭାବେ ପରିଚିତ ମୂର୍ତ୍ତି ୧୯୮୩ରୁ ରାଜନୀତିରେ ସକ୍ରିୟ ଅଛନ୍ତି। ସେ ଦୁଇଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ।

## ଫୁର୍‌ସତ

## ଉଲ୍‌କାପିଣ୍ଡରେ ଓହ୍ଲାଇଲା ଡିଭାଇସ୍

**ଟୋକିଓ:** ଗତିମାନ ଉଲ୍‌କାପିଣ୍ଡରେ ଓହ୍ଲାଇଲା ଅବ୍‌ଜର୍ଭେଶନ୍ ଡିଭାଇସ୍। ଫ୍ରାନ୍ସ ଏବଂ ଜର୍ମାନୀ ଦ୍ୱାରା ମିଳିତ ଭାବେ ପ୍ରସ୍ତୁତ ଏକ ଗବେଷଣାକାରୀ ଉପକରଣ ବୁଧବାର ର୍ୟୁଗୁ ନାମକ ଏକ ଉଲ୍‌କାପିଣ୍ଡରେ ସଫଳତାର ସହ ଅବତରଣ କରିଛି। ଉପକରଣର ନାମ ମୋବାଇଲ୍ ଆଷ୍ଟ୍ରଏଡ୍ ସର୍ଫେସ୍ ସ୍କାଉଟ୍ (ମାସ୍କଟ) ରଖାଯାଇଛି। ମାସ୍କଟ୍‌କୁ ଜାପାନୀ ମହାକାଶଯାନ ହାୟାବୁଶା୨ ର୍ୟୁଗୁ ଉଲ୍‌କାପିଣ୍ଡ ଉପରେ ଅବତରଣ କରାଇଥିଲା। ସୌରମଣ୍ଡଳର ସୃଷ୍ଟି ବିଷୟରେ ଅଧିକ ଗବେଷଣା କରିବା ଉଦ୍ଦେଶ୍ୟରେ ଅଭିଯାନ ଆରମ୍ଭ ହୋଇଥିବା ଜାପାନ ସ୍ପେସ୍ ଏକ୍ସପ୍ଲୋରେଶନ୍ ଏଜେନ୍ସି ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍‌କାପିଣ୍ଡରେ ଅବତରଣ କରିବାର ପ୍ରାୟ ଘଣ୍ଟାଏ ପରେ ମାସ୍କଟ୍ ସଙ୍କେତ ଦେଇଥିଲା ବୋଲି ଜାପାନ ମହାକାଶ ଏଜେନ୍ସିର ୟୁଇଟି ସୁଦ୍ଧା ସୂଚନା ଦେଇଛନ୍ତି।



# ସ୍ପେସ୍ ଷ୍ଟେଶନ୍‌କୁ ଯିବେ ଭାରତୀୟ

**ମସ୍କୋ:** ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ଷ୍ଟେଶନ୍ (ଆଇଏସ୍ଏସ୍)କୁ ଯାତ୍ରା କରିବେ ଜଣେ ଭାରତୀୟ ମହାକାଶଚାରୀ। ଅନ୍ତରୀକ୍ଷରେ ପ୍ରଶିକ୍ଷଣ ଗ୍ରହଣ କରିବା ପାଇଁ ୨୦୨୨ରେ ଏହି ମହାକାଶଚାରୀ ଜଣକ ରୁଷିଆ ମହାକାଶ ଯାନ ସୋୟୁଜ୍ ଜରିଆରେ ଆଇଏସ୍ଏସ୍‌କୁ ଯିବେ। ମସ୍କୋ ମହାକାଶ ଶିଳ୍ପ ସୂଚନା ଆଧାରରେ ରୁଷିଆ ଗଣମାଧ୍ୟମରେ ବୁଧବାର ଏ ନେଇ ଚର୍ଚ୍ଚା ଚାଲିଛି। ତେବେ ସ୍ୱଳ୍ପଦିନ ପାଇଁ ମହାକାଶଚାରୀ ଜଣକ ସେଠାକୁ ଯିବେ। ଏଥିଲାଗି ରୁଷିଆ ପକ୍ଷରୁ ଭାରତକୁ ପ୍ରସ୍ତାବ ଦିଆଯାଇଛି। ଭାରତର ପ୍ରଥମ ମାନବବାହୀ ମହାକାଶ ଅଭିଯାନ ପୂର୍ବରୁ କିମ୍ବା ପରେ ଏହି ପ୍ରଶିକ୍ଷଣ ହୋଇପାରେ। ଖୁବ୍‌ଶୀଘ୍ର ଏ ନେଇ ଦୁଇଦେଶ ମଧ୍ୟରେ



ଚୁକ୍ତି ସ୍ୱାକ୍ଷର ହୋଇପାରେ। ଭାରତ-ରୁଷିଆ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଗୁରୁବାର ଭାରତ ଆସୁଥିବାବେଳେ ଏହି ସମୟରେ ଚୁକ୍ତି ସ୍ୱାକ୍ଷର ହୋଇପାରେ ବୋଲି ଆଶା କରାଯାଉଛି।

ପ୍ରକାଶ ଯେ, ଆଇଏସ୍ଏସ୍ ହେଉଛି ପୃଥିବୀ କକ୍ଷର ନିମ୍ନ ଭାଗରେ ଘୂରି ବୁଲୁଥିବା ବାସୋପଯୋଗୀ କୃତ୍ରିମ ଉପଗ୍ରହ। ଚଳିତବର୍ଷ ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରୁ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ମହତ୍ତ୍ୱାକାଙ୍କ୍ଷୀ ମହାକାଶ ଅଭିଯାନ ବିଷୟରେ ଉଲ୍ଲେଖ କରିଥିଲେ। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ 'ଗଗନଯାନ' ଜରିଆରେ ୨୦୨୨ ସୁଦ୍ଧା ଭାରତୀୟ ଖଗୋଳବିଜ୍ଞାନୀଙ୍କୁ ମହାକାଶକୁ ପଠାଇବା ଲାଗି ସେ କହିଥିଲେ। ତେବେ ଏହି ଅଭିଯାନ ଯଦି ସଫଳ ହୁଏ, ତା'ହେଲେ ମହାକାଶକୁ ମାନବ ପଠାଇବାରେ ଆମେରିକା, ରୁଷିଆ ଏବଂ ଚାଇନା ପରେ ଭାରତ ହେବ ଚତୁର୍ଥ ରାଷ୍ଟ୍ର।

## ଇତିହାସର ଆଇନାରେ

### ଅକ୍ଟୋବର ୪ର ପ୍ରମୁଖ ଘଟଣା

୨୦୦୧ ଅକ୍ଟୋବର ୪ରେ ସାଇବେରିଆ ଏୟାର୍‌ଲାଇନ୍ସର ଯାତ୍ରୀବାହୀ ବିମାନ ୧୮୧୨କୁ ୟୁକ୍ରେନ୍ ବାୟୁସେନା ଖସାଇ ଦେଇଥିଲା। ଇସ୍ରାଏଲ୍‌ର ତେଲ୍ ଆବିଭ ଅଭିମୁଖେ ଯାତ୍ରା କରୁଥିବା ବିମାନଟି କୃଷ୍ଣ ସାଗରରେ ଖସି ପଡ଼ିଥିଲା। ଏଥିରେ ୬୬ ଜଣ ଯାତ୍ରୀ ଏବଂ ୧୨ ବିମାନ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ରୁଷିଆ ଏବଂ ୟୁକ୍ରେନ୍‌ର ମିଳିତ ସମରାଭ୍ୟାସ ବେଳେ ଭୁଲ୍‌ବଶତଃ ଏହି ଦୁର୍ଘଟଣା ଘଟିଥିଲା। ଏଥିଲାଗି ନିଜକୁ ଦାୟୀ କରିଥିଲା ୟୁକ୍ରେନ୍ ବାୟୁସେନା।

୨୦୦୬ ଅକ୍ଟୋବର ୪ରେ ଆଇସଲ୍ୟାଣ୍ଡରେ 'ୱିକିଲିକ୍ସ'ର ପ୍ରତିଷ୍ଠା ହୋଇଥିଲା। ଏହା ହେଉଛି ଏକ ଅନ୍ତର୍ଜାତୀୟ ୱେବସାଇଟ ଯେଉଁଥିରେ ବିଭିନ୍ନ ଦେଶ, ସରକାର ଏବଂ ତାଙ୍କର ନୀତି ସମ୍ପର୍କରେ ଅନେକ ଗୁପ୍ତ ତଥ୍ୟ ପ୍ରଦାନ କରାଯାଇଥାଏ। ଏହାର ପ୍ରତିଷ୍ଠାତା ହେଉଛନ୍ତି ଅଷ୍ଟ୍ରେଲିଆର ଜୁଲିଅନ୍ ଆସେଞ୍ଜ। ନିଜ ପାଖରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଦସ୍ତାବିଜ ରହିଥିବା ସଂସ୍ଥା ଦାବି କରିସାରିଛି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୭ | ୨୪.୮ |
| ଚାନ୍ଦବାଲି | ୩୫.୬ | ୨୬.୬ |
| କଟକ | ୩୫.୨ | ୨୪.୫ |
| ପାରାଦ୍ୱୀପ | ୩୪.୫ | ୨୬.୭ |
| ଭୁବନେଶ୍ୱର | ୩୫.୮ | ୨୫.୦ |
| ଗୋପାଳପୁର | ୩୬.୮ | ୨୫.୪ |
| ପୁରୀ | ୩୪.୮ | ୨୬.୮ |
| ଅନୁଗୋଳ | ୩୫.୭ | ୨୨.୬ |
| ବାରିପଦା | ୩୫.୫ | ୨୫.୫ |
| ଝାରସୁଗୁଡ଼ା | ୩୫.୮ | ୨୪.୦ |
| କେନ୍ଦୁଝର | ୩୩.୪ | ୨୨.୪ |
| ସମ୍ବଲପୁର | ୩୫.୮ | ୨୪.୦ |
| ସୁନ୍ଦରଗଡ଼ | ୩୩.୦ | --- |
| ହୀରାକୁଦ | ୩୬.୨ | ୨୪.୩ |
| ତାଳଚେର | ୩୬.୦ | ୨୪.୦ |
| ଭବାନୀପାଟଣା | ୩୩.୨ | ୨୩.୦ |
| ବଲାଙ୍ଗୀର | ୩୫.୦ | ୨୩.୭ |
| କୋରାପୁଟ | ୩୧.୦ | ୧୯.୪ |
| ଫୁଲବାଣୀ | --- | -- |
| ଟିଟିଲାଗଡ଼ | ୩୫.୦ | ୨୨.୦ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୫.୮ | ୨୪.୬ |
| ଦାରିଙ୍ଗିବାଡ଼ି | --- | ୧୮.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଭାଙ୍ଗିଲା ଜଲୋଟା–ଜସ୍‌ଲିନ୍ ଯୋଡ଼ି

**ମୁମ୍ବାଇ:** ରିୟଲିଟି ଶୋ' ବିଗ୍ ବସ୍ ସିଜନ୍ ୧୨ରେ ମଙ୍ଗଳବାର ରାତିରେ ଅନେକ ହାଇଭୋଲ୍‌ଟେଜ୍ ଡ୍ରାମା ଦେଖିବାକୁ ମିଳିଛି। ଶୋ'ର ବହୁଚର୍ଚ୍ଚିତ ଯୋଡ଼ି ଅନୁପ ଜଲୋଟା ଏବଂ ପ୍ରେମିକା ଜସ୍‌ଲିନ୍ ମଥାରୁଙ୍କ ସମ୍ପର୍କ ପୁଣିଥରେ ଶିରୋନାମା ସୃଷ୍ଟିକରିଛି। ଶୋ'ରେ ହିଁ ସୁନ୍ଦରୀ ପ୍ରେମିକା ଜସ୍‌ଲିନ୍‌ଙ୍କ ସହ ବ୍ରେକ୍‌ଅପ୍ କରିଛନ୍ତି ଭଜନ ସମ୍ରାଟ ଜଲୋଟା। ବିଗ୍‌ବସ୍ ଦେଇଥିବା ଏକ କାର୍ଯ୍ୟ ବେଳେ ଜଲୋଟାଙ୍କ ପାଇଁ ଜସ୍‌ଲିନ୍‌ଙ୍କୁ ନିଜର ପ୍ରସାଧନ ସାମଗ୍ରୀ ଏବଂ ପୋଷାକ ତ୍ୟାଗ କରିବାକୁ କୁହାଯାଇଥିଲା। କିନ୍ତୁ ଏଥିଲାଗି ସେ ମନା କରିଥିଲେ। ଏହାପରେ ମତଭେଦ ଏବଂ ବିତର୍କ ଆରମ୍ଭ ହେବା ପରେ ଜଲୋଟା ତାଙ୍କ ସହ ସମ୍ପର୍କ ତୁଟାଇ ଦେଇଥିବା ଘୋଷଣା କରିଥିଲେ। ବିଗ୍ ବସ୍ ହାଉସ୍‌ର ଅନ୍ୟ ସଦସ୍ୟମାନେ ଜଲୋଟାଙ୍କୁ ବହୁତ ବୁଝାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେ କାହା କଥା ଶୁଣି ନ ଥିଲେ। ବ୍ରେକ୍‌ଅପ୍ ପରେ ଭାଙ୍ଗି ପଡ଼ିଥିଲେ ଜସ୍‌ଲିନ୍। ଜଲୋଟା–ଜସ୍‌ଲିନ୍‌ଙ୍କ ଯୋଡ଼ି ଭାଙ୍ଗିବାକୁ ନେଇ ଘରର ସମସ୍ତ ସଦସ୍ୟ ଦୁଃଖିତ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ପ୍ରସଙ୍ଗରେ ଜସ୍‌ଲିନ୍‌ଙ୍କ ପିତା କହିଛନ୍ତି ସମ୍ପର୍କ ଯଦି ତୁଟିଛି, ତେବେ ତାହା ସେମାନଙ୍କ ଇଚ୍ଛା। ଉଭୟେ ଘରୁ ବାହାରିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ।



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.



ଯେତେବେଳେ ମନ ଭିତରକୁ ଖରାପ ଚିନ୍ତା ମାଡି ଆସୁଛି, ଯେତେବେଳେ ଭଗବାନଙ୍କୁ ରଡ଼ିଛାଡି ଡାକ, ଫଳରେ ଦୁର୍ବୁଦ୍ଧି ମନ ଭିତରେ ପଶିପାରିବ ନାହିଁ। -ଶିରଡ଼ି ସାଇବାବା



## ସଂକ୍ଷେପରେ

### ମା'ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ



ରାହାମା,୩।୧୦(ଡି.ଏନ୍.ଏ): କୁଜଙ୍ଗ ବ୍ଲକ ଅଧୀନ ରହାମାଠାରେ ଚଳିତ ବର୍ଷ ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମୂଳାଷ୍ଟମୀ ତିଥିରେ ମାଟି ଅନୁକୂଳ କରାଯାଇଛି। ବୈଦିକ ବ୍ରାହ୍ମଣ, ରାହାମା ବଣିକ ସଂଘ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ମହାନଦୀ କୂଳକୁ ଯାଇ ପୂଜା ଅର୍ଚ୍ଚନା କରିବା ପରେ ମାଟି ଅନୁକୂଳ ହୋଇଥିଲା। ରାହାମା ବଣିକ ସଂଘ ସଭାପତି ଜଟାଧାରୀ ଦାସ, କାର୍ଯ୍ୟକାରୀ ସଭାପତି ମନୋଜ କୁମାର ସାହୁ, ସାଧାରଣ ସମ୍ପାଦକ ସୁନାକର ବେହେରା, କୋଷାଧ୍ୟକ୍ଷ ତଥା ପୂଜାର କର୍ତ୍ତା ରବୀନ୍ଦ୍ର ନାଥ ପ୍ରଧାନ, ଭିକାରୀ ଚରଣ ସେନାପତି, ଗଜେନ୍ଦ୍ର ବିଶ୍ୱାଳ, କୈଳାସ ଦାସ, ଗଜେନ୍ଦ୍ର ଖୁଣ୍ଟିଆ, ସମୀର ଦାସ, ରଘୁନାଥ ଦାସ, ଶ୍ରୀକାନ୍ତ ଦାସ, ତାପସ ମଲ୍ଲ, ପ୍ରଶାନ୍ତ ସାହୁ, ମାନସ ଦାସ ଓ ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୁ ଯୁବବାହିନୀ ପକ୍ଷରୁ ନିଶାକୁ ନା କାର୍ଯ୍ୟକ୍ରମ



ରାହାମା,୩।୧୦(ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ପଣ୍ଡୁଆ ପଞ୍ଚାୟତ ବିଜୁ ଯୁବ ବାହିନୀ ତରଫରୁ ଗାନ୍ଧୀ ଜୟନ୍ତୀ ଅବସରରେ ନିଶାକୁ ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୁ ଯୁବବାହିନୀ ସଭାପତି ସଂଗ୍ରାମ କିଶୋର ମହାନ୍ତି, ସମ୍ପାଦକ ରୁମିତା ବିଶ୍ୱାଳ, କୋଷାଧ୍ୟକ୍ଷ ସମୟ ସୋଭନ ଦାସ, ସରପଞ୍ଚ ବୈଜୟନ୍ତି ମହାନ୍ତି, ସମିତିସଭ୍ୟା ମନୋରମା ଦାସ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲତିକା ମଞ୍ଜରୀ ରାଉତଙ୍କ ସମେତ ବିଜୁ ଯୁବ ବାହିନୀର ସମସ୍ତ ସଭ୍ୟାସଭ୍ୟ ଓ ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଏବଂ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ପଞ୍ଚାୟତ ପରିକ୍ରମା କରିଥିଲା। ପଞ୍ଚାୟତରେ ନିଶା ସେବନର ଅପକାରିତା ସମ୍ପର୍କରେ ଅବଗତ କରାଯାଇଥିଲା।

### ନିଶାମୁକ୍ତ ସଚେତନତା ଅଭିଯାନ



ବାଲିଆ,୩।୧୦: ଜଗତ୍‌ସିଂହପୁର ଜିଲା ଅବକାରୀ ବିଭାଗ ପକ୍ଷରୁ ବିରିଡିରେ ନିଶାମୁକ୍ତ ସଚେତନତା ଅଭିଯାନ ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷିରେ ଏକ ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଜିଲା ଅବକାରୀ ବିଭାଗ ଇନିସ୍‌ପେକ୍ଟର ପ୍ରତାପ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିରିଡି ରୋଡ୍‌ର କଟକ କେନ୍ଦ୍ର ସମବାୟ ସମିତି ଶାଖା ସମ୍ମୁଖରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସବଇନ୍ସପେକ୍ଟର ରିତ କୁମାର ମହାନ୍ତି, ହାବିଲଦାର ନେତ୍ରାନନ୍ଦ ପୃଷ୍ଟି, ବିଷ୍ଣୁ ନାୟକ, ବଳରାମ ଦାସ, ମହେନ୍ଦ୍ର ରାଉତ, ସବିତା ମୁଣ୍ଡା, ଜଗନ୍ନାଥ ମୁଣ୍ଡା ଓ ସରୋଜ ସାହୁ ପରିଚାଳନା କରିଥିଲେ। ଏହି ରଥ ଗାଁ ଗାଁ ବୁଲି ସଚେତନ କରିବ ବୋଲି ଦାସ ସୂଚନା ଦେଇଛନ୍ତି।

### ଖବରଦାତାଙ୍କୁ ସୁରକ୍ଷା ଦାବି

ପାରାଦୀପ,୩।୧୦(ସ୍ୱ.ପ୍ର.): ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ପ୍ରତି ବିଭିନ୍ନ ସ୍ଥାନରେ ଆକ୍ରମଣ କରାଯାଉଛି। ଫଳରେ ସେମାନେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ତେଣୁ ପାରାଦୀପର କାର୍ଯ୍ୟରତ ଖବରଦାତାମାନେ ବୁଧବାର ସ୍ଥାନୀୟ ଏଡିଏମ୍ କାହ୍ନୁଚରଣ ଧୀରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରି ସୁରକ୍ଷା ଦାବି କରିଛନ୍ତି। ଏଥିସହ ଖବରଦାତାଙ୍କ ପ୍ରତି ହେଉଥିବା ଆକ୍ରମଣକୁ ନିନ୍ଦା କରିଛନ୍ତି। ଖବରଦାତାଙ୍କୁ ଆକ୍ରମଣ କରୁଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ପାରାଦୀପ ପ୍ରେସ୍ ମିଡିଆ ପକ୍ଷରୁ ଦାବି ହୋଇଛି। ପ୍ରେସ୍ ସଂଘ ସଭାପତି ବସନ୍ତ ସାହୁଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ଖବରଦାତା ଦାବିପତ୍ର ପ୍ରଦାନରେ ସାମିଲ ହୋଇଥିଲେ।

# ସଭାପତି, ସମ୍ପାଦକ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା

**ଛାତ୍ର ସଂସଦ ନିର୍ବାଚନ**

■ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ

■ନାଟ୍ୟ ଓ କ୍ରୀଡା ସମ୍ପାଦକ ପଦବୀ ପାଇଁ ମଧ ପ୍ରାର୍ଥିପତ୍ର ଦାଖଲ

ଜଗତ୍‌ସିଂହପୁର ଅଫିସ, ୩।୧୦

ଯୁକ୍ତ ଦୁଇ ବାଦ୍ ହେଲା ପରେ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମହାବିଦ୍ୟାଳୟଗୁଡିକ (ଯୁକ୍ତ ତିନି)ର ଛାତ୍ର ସଂସଦ ନିର୍ବାଚନ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବ। ଏନେଇ ବୁଧବାର ବିଭିନ୍ନ ମହାବିଦ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ ହୋଇଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସ୍ଥାନୀୟ ଏସ୍‌ଭିଏମ୍ (ସ୍ୱାମୀ ବିବେକାନନ୍ଦ ସ୍ମାରକୀ) ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ସଭାପତି, ସମ୍ପାଦକ, କ୍ରୀଡା ଓ ନାଟ୍ୟ ସମ୍ପାଦକ ପଦବୀରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଛାତ୍ର ବିଜେଡି ସମର୍ଥିତ ପ୍ରାର୍ଥୀମାନେ ସମସ୍ତ ପଦବୀରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। କିନ୍ତୁ କଂଗ୍ରେସ ସମର୍ଥିତ କେବଳ ସଭାପତି ଓ ସମ୍ପାଦକ ପଦବୀରେ ପ୍ରାର୍ଥିପତ୍ର ଦାଖଲ କରି ପାରିଛନ୍ତି। ଏବିଭିପି କିନ୍ତୁ ୫ଟିରେ ପ୍ରାର୍ଥିପତ୍ର ଦାଖଲ କରିଥିଲା। ସେଗୁଡିକ ହେଲା ସଭାପତି, ସମ୍ପାଦକ, ସହ ସମ୍ପାଦକ, କ୍ରୀଡା ଓ ନାଟ୍ୟ ସମ୍ପାଦକ। ସହ ସମ୍ପାଦକ ପଦବୀରେ ପ୍ରାର୍ଥିପତ୍ର ଦାଖଲ କରିଥିବା ଛାତ୍ରଙ୍କ ନାମାଙ୍କନପତ୍ର କଟି ଯାଇଥିବା କୁହାଯାଉଛି। ଗୁରୁବାର ପୂର୍ବାହ୍ନ ୧୧ଟାରେ ପ୍ରାର୍ଥୀମାନଙ୍କ ନାମ ଘୋଷଣା ପରେ ବାସ୍ତବ ଚିତ୍ର ସ୍ପଷ୍ଟ ହେବ।

ମହାବିଦ୍ୟାଳୟ ପକ୍ଷରୁ କୁହାଯାଇଛି ବୁଧବାର ସକାଳ ୯ରୁ ମଧ୍ୟାହ୍ନ ୧୨ଟା ଭିତରେ ପ୍ରାର୍ଥିପତ୍ର ଦାଖଲ ପାଇଁ ସୁଯୋଗ ଥିଲା। ଏହି ସମୟରେ ସଭାପତି ପଦବୀ ପାଇଁ ୩ ଓ ସମ୍ପାଦକରେ ୩ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି କ୍ରୀଡା ଓ ନାଟ୍ୟ ସମ୍ପାଦକ ପଦବୀରେ ୨ ଜଣ ହିସାବରେ ନାମାଙ୍କନପତ୍ର ଦାଖଲ କରି ପାରିଛନ୍ତି। ସହ ସମ୍ପାଦକରେ ୨ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ ସୁଦ୍ଧା ଜଣେ ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ର ହୋଇଥିବାରୁ ନିୟମ ଅନୁଯାୟୀ ସେ ଅଯୋଗ୍ୟ ଘୋଷିତ ହୋଇଥିବା ଶୁଣାଯାଉଛି। ଏ ସମ୍ପର୍କରେ ମହାବିଦ୍ୟାଳୟ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଡ. ଧୀରେନ ମହାନ୍ତି କହିଛନ୍ତି, ନିୟମ ଅନୁଯାୟୀ କୌଣସି ସହକାରୀ ସମ୍ପାଦକ ପଦବୀରେ ୨ୟ କିମ୍ବା ୩ୟ ବର୍ଷ ଛାତ୍ରୀଛାତ୍ର ପ୍ରାର୍ଥୀ ହୋଇପାରିବେ ନାହିଁ। ଏହି ଅନୁଯାୟୀ କେହି ପ୍ରାର୍ଥିପତ୍ର ଦାଖଲ କରିଥିଲେ ତାଙ୍କ ନାମ କଟାଯାଇଥିବ। କେବଳ ସହ ସମ୍ପାଦକ ନୁହେଁ, ଅଫିସ ବିୟରର (ସଭାପତି, ଉପସଭାପତି, ସମ୍ପାଦକ ଓ ସହ ସମ୍ପାଦକ) ପଦବୀ ପାଇଁ ଜଣେ ଛାତ୍ରୀଛାତ୍ର କେବଳ ଥରେ ପ୍ରାର୍ଥୀ ହୋଇପାରିବେ। ଅଫିସ ବିୟରରକୁ ବାଦ୍ ଦେଇ ଅନ୍ୟ ପଦବୀ ବା ସୋସାଇଟି ପାଇଁ ଜଣେ ଛାତ୍ରୀ କିମ୍ବା ଛାତ୍ର ୨ ଥର ପ୍ରାର୍ଥୀ ହୋଇପାରିବେ। ପ୍ରାର୍ଥୀ ହେବା ପାଇଁ ଛାତ୍ରୀଛାତ୍ରଙ୍କ ବୟସ ୧୭ରୁ ୨୨ ବର୍ଷ ହୋଇଥିବ। ଏହି ନିୟମକୁ କଡାକଡି ଭାବରେ ପାଳନ କରାଯାଇଛି। ନିର୍ବାଚନରେ ମହାବିଦ୍ୟାଳୟର ଯୁକ୍ତ ତିନି କଳା, ବାଣିଜ୍ୟ ଓ ବିଜ୍ଞାନରେ ମୋଟ ୨,୪୪୩ ଜଣ ଛାତ୍ରୀଛାତ୍ର ମତଦାନ କରିପାରିବେ। ଛାତ୍ର ନେତାମାନେ ସେମାନଙ୍କ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଇ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ସମୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ କୌଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟି ହୋଇ ନ ଥିଲା।

ସଭାପତି ପଦବୀ ପାଇଁ ଅମରେନ୍ଦ୍ର ମିଶ୍ର, ଭବରଞ୍ଜନ ବେହେରା ଓ ରୁଦ୍ରପ୍ରସାଦ ପଣ୍ଡା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସମ୍ପାଦକ ପଦବୀ ପାଇଁ ରଶ୍ମିକାନ୍ତ ସ୍ୱାଇଁ, ସତ୍ୟବ୍ରତ ପଟ୍ଟନାୟକ ଓ ସୌମ୍ୟରଞ୍ଜନ ମହାଲି ନାମାଙ୍କନପତ୍ର ଦାଖଲ କରି ପାରିଛନ୍ତି। କ୍ରୀଡା ସମ୍ପାଦକରେ ଅନ୍ତର୍ଯ୍ୟାମୀ ବେହେରା ଓ ସୁଭେନ୍ଦୁ କାପ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନାଟ୍ୟ ସମ୍ପାଦକ ପଦବୀ ପାଇଁ ଦେବାଶିଷ ମହାନ୍ତି ଓ ଶୁଭ୍ରାଂଶୁ ଶେଖର ପଣ୍ଡା ପ୍ରାର୍ଥିପତ୍ର ଦାଖଲ କରି ପାରିଛନ୍ତି। ଅନ୍ୟ ସମସ୍ତ ପଦବୀ ପାଇଁ ଜଣେ ହିସାବରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଉପସଭାପତି ଅଭିଶେଖ ମହାନ୍ତି, ସହ ସମ୍ପାଦକ ଶୁଭମ ଶୁଭାଶିଷ ଜେନା, କ୍ରୀଡା ସହ ସମ୍ପାଦକ ଚିରଞ୍ଜୀବ ସାମଲ, ନାଟ୍ୟ ସହ ସମ୍ପାଦକ ସୁନୀଲ ସ୍ୱାଇଁ, ଏସ୍‌ଏସ୍‌ଜି (ସୋସିଆଲ ସର୍ଭିସ୍ ଗିଲ୍ଡ) ସମ୍ପାଦକ ପ୍ରିତିପୁଷ୍ପା ସାହୁ, ସହସମ୍ପାଦକ ଚିନ୍ମୟ ସାହୁ, ଡିଏସ୍‌ଏ (ଡେ ସ୍କଲାର୍ସ ଆସୋସିଏଶନ୍) ସମ୍ପାଦକ ପ୍ରାତୂର୍ଯ୍ୟ ଲେଙ୍କା, ସହସମ୍ପାଦକ ଜିଷନ ଅହମ୍ମଦ ଖାନ୍ ଓ କ୍ଲାସ ରିପ୍ରେଜେଣ୍ଟେଟିଭ୍ ପାଇଁ କାହ୍ନୁ ଚରଣ ସେଠୀ । ଗୁରୁବାର ପୂର୍ବାହ୍ନ ୧୧ଟାରେ ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଅପରାହ୍ନ ୨ରୁ ୪ଟା ଭିତରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସୁଯୋଗ ଦିଆଯିବ ଏବଂ ୫ଟାରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୦ ତାରିଖରେ ପ୍ରାର୍ଥୀଙ୍କୁ ସେମାନେ କାହିଁକି ଛିଡା ହେଉଛନ୍ତି ଛାତ୍ରୀଛାତ୍ରଙ୍କୁ ବୁଝାଇ ନିଜ ସପକ୍ଷରେ ଭୋଟ ଯୋଗାଡ ପାଇଁ ମହାବିଦ୍ୟାଳୟ ପକ୍ଷରୁ ମଞ୍ଚ ମାଧ୍ୟମରେ ସୁଯୋଗ ଦିଆଯିବ। ୧୧ ତାରିଖ ସକାଳ ୮ରୁ ଅପରାହ୍ନ ୨ଟା ମଧ୍ୟରେ ମତଦାନ ହେବ। ଏହିଦିନ ଗଣତି ଓ ନିର୍ବାଚନ ଫଳାଫଳ ଘୋଷଣା କରାଯିବ। ୧୨ ତାରିଖରେ ସପଥ ପାଠ କାର୍ଯ୍ୟକ୍ରମ ରହିଛି। ନିର୍ବାଚନ ସମୟ ପାଖେଇ ଆସିଥିବାରୁ ଏସ୍‌ଭିଏମ୍ ସ୍ୱୟଂଶାସିତ ସହ ଜିଲାର ଅନ୍ୟ ମହାବିଦ୍ୟାଳୟଗୁଡିକରେ ମଧ୍ୟ ନିର୍ବାଚନୀ ମାହୋଲ ଦେଖିବାକୁ ମିଳିଛି। ଛାତ୍ର ନେତାମାନେ ବୁଧବାର ରାତିରୁ କ୍ୟାମ୍ପେନିଂ ଆରମ୍ଭ କରି ଦେଲେଣି।

## ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ନାମାଙ୍କନପତ୍ର ଦାଖଲ

ଏରସମା,୩।୧୦(ସ୍ୱ.ପ୍ର.)

ଏରସମା ବ୍ଲକ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ପାଇଁ ବୁଧବାର ନାମାଙ୍କନ ପତ୍ର ଦାଖଲ କରାଯାଇଛି। ସଭାପତି ପଦବୀ ପାଇଁ ୪, ଉପସଭାପତି ୪, ସାଧାରଣ ସମ୍ପାଦକ ୪, ସହ ସମ୍ପାଦକ ୩, କ୍ରୀଡା ସମ୍ପାଦକ ୨, କ୍ରୀଡା ସହସମ୍ପାଦକ ୨, ଡିଏସଏ ସମ୍ପାଦକ ୨, ଡିଏସଏ ସହସମ୍ପାଦକ ୨, ନାଟ୍ୟ ସମ୍ପାଦକ୨, ନାଟ୍ୟ ସହ ସମ୍ପାଦକ ୧, ଏସଏସଜି ୨ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଗୁରୁବାର ପ୍ରାର୍ଥୀଙ୍କ ତାଲିକା ଘୋଷଣା କରାଯିବ ବୋଲି କଲେଜ ଅଧ୍ୟକ୍ଷ ଆଲୋକ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଶୃଙ୍ଖଳା ରକ୍ଷା ପାଇଁ ଏରସମା ଥାନା ଆଇଆଇସି ପ୍ରଶାନ୍ତ କୁମାର ମାଝିଙ୍କ ନିର୍ଦ୍ଦେଶରେ ଫୋର୍ସ ମୁତୟନ ହୋଇଥିଲେ।

## ରେଢୁଆ ବିସି କଲେଜରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା



ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ରଘୁନାଥପୁର, ୩।୧୦ (ଡି.ଏନ୍.ଏ)

ରଘୁନାଥପୁର ବ୍ଲକ ରେଢୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ବିଭିନ୍ନ ପଦବୀ ପାଇଁ ନାମାଙ୍କନ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ପ୍ରତି ପଦବୀ ପାଇଁ ଦୁଇଟି ନାମାଙ୍କନ ଦାଖଲ କରାଯାଇଥିବାରୁ ମୁଖ୍ୟତଃ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ଆଶା କରାଯାଇଛି। ଗୁରୁବାର ପ୍ରତ୍ୟାହାର ଦିବସ ଥିବାରୁ ଯଦି କୌଣସି ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନିଅନ୍ତି ତାହା ହେଲେ ସେହି ପଦବୀ ପାଇଁ ନିର୍ବାଚନ କରାଯିବାର ଆବଶ୍ୟକତା ନାହିଁ ବୋଲି ଜଣାପଡ଼ିଛି। ତେବେ ସଭାପତି ପଦବୀ ପାଇଁ ସୀମା ସେଠୀ, ସୁଶାନ୍ତ କୁମାର ଦାସ, ସମ୍ପାଦକ ପଦବୀ ପାଇଁ ବିଶ୍ୱଜିତ ବିଶ୍ୱାଳ, ଶୁଭଦର୍ଶିନୀ ବିଶ୍ୱାଳ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିପରି ଉପସଭାପତି ପାଇଁ ସୁମନ ମହାରଣା, ସୁନୀଲ କୁମାର ଓଝା, ସହସମ୍ପାଦକ ପାଇଁ ମାନସ ଜେନା ଓ ତୁଷାରକାନ୍ତ ଲେଙ୍କା ପ୍ରାର୍ଥିପତ୍ର ଦାଖଲ କରିଥିବାର ଜଣାପଡିଛି। ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଥିବା ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ପ୍ରକାଶ କରିଛନ୍ତି।

## ଅଳକା ମହାବିଦ୍ୟାଳୟରେ ପ୍ରଚାର ଜୋରଦାର



ଅଳକା ମହାବିଦ୍ୟାଳୟରେ ବିଜେଡି ଓ କଂଗ୍ରେସ ସମର୍ଥକ ପ୍ରାର୍ଥୀମାନେ ପ୍ରଚାର କରୁଛନ୍ତି।

ବିରିଡି/ବାଲିଆ,୩।୧୦ (ଡି.ଏନ.ଏ.)

ବୁଧବାର ଅଳକା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଛଇ। ଏହାପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉଷ୍ମତା ଦେଖାଦେଇଛି। ନିର୍ବାଚନ ମୈଦାନକୁ ଓହ୍ଲାଇଥିବା ପ୍ରାର୍ଥୀମାନେ ନିଜର ସମର୍ଥକଙ୍କୁ ଧରି ପ୍ରଚାର ଜୋରଦାର କରିଛନ୍ତି। ସୂଚନା ଅନୁଯାୟୀ, ନାମାଙ୍କନ ପତ୍ର ଦାଖଲ ଓ ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି। ଏଥିରେ ସବୁ ବିଭାଗର ନିର୍ବାଚନରେ ୨ ଜଣ ଲେଖାଏ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି। ଫଳରେ ଦ୍ୱିମୁଖୀ ପ୍ରଦିଦ୍ୱନ୍ଦ୍ୱିତା ହେଉଥିବା ସ୍ପଷ୍ଟ ହୋଇଛି। ପୂର୍ବ ବର୍ଷ ମାନଙ୍କରେ ଚିରା ଚରିତ ଭାବେ ବିଜେଡି ଦଳ ତରଫରୁ ୨ ଗୋଷ୍ଠୀ ପ୍ରାର୍ଥୀ ଦେଇ ଆସୁଥିବା ବେଳେ ଚଳିତ ବର୍ଷ ଗୋଟିଏ ଗୋଷ୍ଠୀ ଏଥିରୁ ଓହରି ଯାଇଛି। ମହାବିଦ୍ୟାଳୟର ଚଳିତ ଛାତ୍ର ସଂସଦ ନିର୍ବାଚନରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଓ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ମଧ୍ୟରେ ଲଢେଇ ହେବାକୁ ଯାଉଛି। ଉଭୟ ଦଳର ପ୍ରାର୍ଥୀ ପ୍ରଚାର କାର୍ଯ୍ୟରେ ଲାଗି ପଡିଛନ୍ତି। ଏହି ଅବସରରେ ବିଜେଡି ସମର୍ଥିତ ସଭାପତି ପ୍ରାର୍ଥୀ ଭାବେ ସୌରଭ କୁମାର ବେହେରା, ଉପସଭାପତି ଜ୍ୟୋତିରଞ୍ଜନ ବିଶ୍ୱାଳ, ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ବାରିକ, ସହ ସାଧାରଣ ସମ୍ପାଦକ ବିଶ୍ୱପ୍ରକାଶ ବାରିକ, ଡ୍ରାମାଟିକ ଅନ୍ନପୂର୍ଣ୍ଣା ବେହେରା, ସହ ଡ୍ରାମାଟିକ ପ୍ରଶନ୍ନ ପଣ୍ଡା, କ୍ରୀଡାରେ ବିଶ୍ୱଜିତ୍ ବିଶ୍ୱାଳ, ସହ କ୍ରୀଡା ପ୍ରାର୍ଥୀ ପ୍ରଭାତ ସାମଲ, ଡିଏସଜି ଗଣେଶ୍ୱର ମହାନ୍ତି ଏବଂ ଏସଏସଜି ଅକ୍ଷୟ ବେହେରା ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି। ତେବେ ଉଭୟ ଦଳ ତରଫରୁ ୧୯ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସହ ନାଟ୍ୟ ସଂସଦ ଭାବେ ଜଣେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଉପଦେଷ୍ଟା ଅଶୋକ ଲେଙ୍କା ସୂଚନା ଦେଇଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ବନମାଳି ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ନିର୍ବାଚନକୁ ଉପଦେଷ୍ଟା ଅଶୋକ କୁମାର ଲେଙ୍କା ଓ ସହ ଉପଦେଷ୍ଟା ସନ୍ତୋଷ କୁମାର ମିଶ୍ର ପରିଚାଳନା କରୁଛନ୍ତି। ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରୁଛନ୍ତି।

## ଫେରାର ଅଭିଯୁକ୍ତ ଭୁବନେଶ୍ୱରରୁ ଗିରଫ

ତିର୍ତ୍ତୋଲ,୩।୧୦(ଡି.ଏନ୍.ଏ.)

ତିର୍ତ୍ତୋଲ ଥାନା ଅଧୀନ ବିରିତୋଳ ପଞ୍ଚାୟତ ରସୁଲପୁର ଗ୍ରାମର ଅବ୍‌ଦୁଲ ବାରିଖାଁଙ୍କୁ ତିର୍ତ୍ତୋଲ ଥାନା ପୋଲିସ ଓ ଭୁବନେଶ୍ୱର ଏସ୍‌ଟିଏଫ୍ ଟିମ୍ ଭୁବନେଶ୍ୱର ବିମାନବନ୍ଦରରୁ ମଙ୍ଗଳବାର ରାତିରେ ଗିରଫ କରିଛି। ସେ ଦୁବାଇରୁ ଅହମଦାବାଦ୍ ଦେଇ ବିମାନଯୋଗେ ଭୁବନେଶ୍ୱର ଆସିଥିଲେ। ସେଠାରେ ତାଙ୍କୁ ଗିରଫ କରାଯାଇଛି। ୨୦୧୫ ମସିହାରେ ସେ ଗ୍ରାମର ଜଣେ ମହିଳାଙ୍କୁ ଆକ୍ରମଣ କରି ଦୁବାଇ ଫେରାର ହୋଇ ଯାଇଥିଲେ। ଏ ନେଇ ସେତେବେଳେ ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ନଂ–୨୫୬/୧୫ରୁଜୁ କରି ତଦନ୍ତ ଚଳାଇଥିଲା। କୋର୍ଟ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି।

ଖବରଦାତା ସମ୍ମିଳନୀରେ ଭାଜପାର ଚେତାବନୀ

## ଶ୍ରମିକଙ୍କୁ ମଜୁରି ନ ମିଳିଲେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ



ଭାଜପା ପକ୍ଷରୁ ଆୟୋଜିତ ହୋଇଥିବା ଖବରଦାତା ସମ୍ମିଳନୀ।

ବିରିଡି/ବାଲିଆ,୩।୧୦(ଡି.ଏନ.ଏ)

ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟକରି ଠିକ୍ ସମୟରେ ମଜୁରି ପାଇ ନ ଥିବା ଶ୍ରମିକଙ୍କ ସପକ୍ଷରେ ବୁଧବାର ବିରିଡ଼ି ଭାଜପା ପକ୍ଷରୁ ପ୍ରତିବାଦ କରାଯାଇଛି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ଭାଜପା ନେତା ପ୍ରଫେସର ରମାକାନ୍ତ ଭୋଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିରିଡ଼ି ବିଡିଓଙ୍କୁ ଭେଟି ବାଲିଆ ଗୋପୀନାଥପୁର ପଞ୍ଚାୟତର ଜବ କାର୍ଡଧାରୀମାନେ ପୋଖରୀ ଖୋଳିବା ପରେ ୨୦୧୬ ମସିହାରୁ ମଜୁରି ବାବଦକୁ ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ କରିଥିଲେ। ସନାତନ ସେଠୀ ନାମକ ହିତାଧିକାରୀ ନିଜ ପୋଖରୀ ଖୋଳାରେ ଜବ କାର୍ଡଧାରୀ ୪୫ଜଣ ଶ୍ରମିକମାନଙ୍କୁ ଲଗାଇ ୨୧ ଦିନ ପୋଖରୀ ଖୋଳିଥିଲେ। ସେହିପରି ପଞ୍ଚାୟତର ଚମାର ପୋଖରୀ ଖୋଳାରେ ୬୫ଜଣ ଜବ କାର୍ଡଧାରୀ ଶ୍ରମିକ ୬୩ ଦିନ କାମ କରିଥିଲେ। କେବଳ ଚମାର ପୋଖରୀ ଖୋଳାରେ ନିୟୋଜିତ ଶ୍ରମିକଙ୍କୁ ୧୪ ଦିନର ମଜୁରି ମିଳିଛି। ବିଡିଓ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆସନ୍ତା ୮ ତାରିଖରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଦଳ ପକ୍ଷରୁ ବାଲିଆଷ୍ଟୋରଠାରେ ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଭାଜପାର ଏହି ଖବରଦାତା ସମ୍ମିଳନୀରେ ପୁରଣ ମଣ୍ଡଳ ସଭାପତି ଆଲୋକ କୁମାର ପଣ୍ଡା, ମହିଳା ମୋର୍ଚ୍ଚା ସଭାନେତ୍ରୀ ସାହିଦା ଖାତୁନ୍, ବିସ୍ତାରକ ରଜନୀକାନ୍ତ ବେହେରା, ବିଭୂତି ଭୂଷଣ ଭୂୟାଁ, ଗ୍ରମାସାଥୀ ମାନସୀ ଭୋଇ, ଏଲିନା ଭୋଇ, ନିବେଦିତା ଭୋଇ, ଅଭୟ ଭୋଇ, ବୀରବର ଭୋଇ, ସୁଦର୍ଶନ ବେହେରା, ନିରଞ୍ଜନ ବେହେରା, ସଂଯୁକ୍ତା ଭୋଇ, ଶାନ୍ତି ଭୋଇ, ସରିତା ଭୋଇ, କୁନି ଭୋଇ, ଚୁଲି ଭୋଇ, ଅକ୍ଷୟ ଦାସ, ସେବତୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

■ ତରିକୁନ୍ଦରେ ବିଜେଡି ମହିଳା ମହାସମାବେଶ

## 'ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ଓଡ଼ିଶା ଆଗୁଆ'

ରଘୁନାଥପୁର/ବିରିଡି, ୩।୧୦(ଡି.ଏନ.ଏ.)

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ଆମରାଜ୍ୟ ଓଡ଼ିଶା ଆଗୁଆ। ବୁଧବାର ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ମହିଳା ମହାସମାବେଶରେ ମୁଖ୍ୟ ଅତିଥିଭାବେ ଯୋଗାଦେଇ ଯୋଜନା ସମନ୍ୱୟ ଓ ଦକ୍ଷତା ବିକାଶ ମନ୍ତ୍ରୀ ଉଷା ଦେବୀ ଏହା କହିଛନ୍ତି। ସେ କହିଥିଲେ, ମହିଳାମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅହରହ ଚେଷ୍ଟା ଜାରି ରଖିଛନ୍ତି। ମହିଳାମାନଙ୍କ ମୌଳିକ ଆବଶ୍ୟକତାକୁ ଅନୁଭବ କରି ଯୋଜନା ପରେ ଯୋଜନା କରିଚାଲିଛନ୍ତି। ସେମାନଙ୍କ ସଂରକ୍ଷଣକୁ ୩୩ ଭାଗରୁ ୫୦ଭାଗକୁ ବୃଦ୍ଧି କରିଛନ୍ତି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ତରିକୁନ୍ଦ ହାଇସ୍କୁଲ ଖେଳପଡିଆଠାରେ ଆୟୋଜିତ ମହାସମାବେଶରେ ପୌରହିତ୍ୟ କରିଥିଲେ ତିର୍ତ୍ତୋଲ ବିଧାୟିକା ତଥା ଜଗତ୍‌ସିଂହପୁର ଜିଲା ବିଜେଡି ମହିଳା ସଭାନେତ୍ରୀ ଡା. ରାଜଶ୍ରୀ ମଲ୍ଲିକ। ସେ ଏହି ସମାବେଶରେ ଉଦ୍‌ବୋଧନ ଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମା'ମାନଙ୍କ ପାଇଁ ଅନେକ ଜନ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମହିଳା କମିଶନର ଅଧ୍ୟକ୍ଷା କସ୍ତୁରବା ମହାପାତ୍ର ଯୋଗଦେଇ ମହିଳାମାନେ ସ୍ୱୟଂସହାୟକ ଦଳ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବାପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି ବୋଲି କହିଥିଲେ। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ସମାଜ ବୋର୍ଡର ସଭ୍ୟା ସରୋଜିନୀ ନନ୍ଦ, ରାଜ୍ୟ ମହିଳା ବିଜେଡି ଦଳ ଉପସଭାନେତ୍ରୀ ସଂଯୁକ୍ତା ମାହାଲ, ଜଗତ୍‌ସିଂହପୁର ଜିଲାପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବିରିଡି ବ୍ଲକ ଜ୍ୟୋତି ମହାସଂଘ ସଭାନେତ୍ରୀ ସବିତା ଦାସ, ବିରିଡି ବ୍ଲକ ବିଜେଡି ମହିଳା ସଭାନେତ୍ରୀ ମାହେଶ୍ୱତା ଜେନା, ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ସ୍ୱପ୍ନାସରିତା ବଳ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ଜଲାପରିଷଦ ସଭ୍ୟା ଡେଜାଲିନ ମହାପାତ୍ର, ଜିଲାପରିଷଦ ସଭ୍ୟା ମିତାଲି ରାଉଳ, ତିର୍ତ୍ତୋଲ ବିଜେଡି ମହିଳା ସଭାନେତ୍ରୀ ନିବେଦିତା ମହାନ୍ତି, ନାରୀନେତ୍ରୀ ଲିଲିପ୍ସା ପଣ୍ଡା, ଜ୍ୟୋତି ମହାସଂଘର ବିଷ୍ଣୁପ୍ରିୟା ଆଚାର୍ଯ୍ୟ ଯୋଗଦେଇ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ଏହି ଅବସରରେ ୨୨ଜଣ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସକ୍ରିୟ ସଭ୍ୟାଙ୍କୁ ଶାଢି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରଘୁନାଥପୁର ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ। ସମାବେଶରେ ବିରିଡି, ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକର ପ୍ରାୟ ୫ହଜାର ମହିଳା ସାମିଲ ହୋଇଥିଲେ।



ସମାବେଶରେ ମନ୍ତ୍ରୀ ଉଷା ଦେବୀ, ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ ଓ ଅନ୍ୟ ଅତିଥି ଉପସ୍ଥିତ।

## ସଂକ୍ଷେପରେ

### ଅନ୍ତେଇରେ ସ୍ୱଚ୍ଛ ଭାରତ ଅଭିଯାନ



**ମାର୍ଶାଘାଇ,୩।୧୦(ଡିଏନ୍ଏ):** ମାର୍ଶାଘାଇ ବ୍ଲକର ଅନ୍ତେଇଠାରେ ବିଭିନ୍ନ ସଂଗଠନ ତରଫରୁ ୧୫୦ ତମ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଅନ୍ତେଇ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ଏବଂ ବସନ୍ତ ମଞ୍ଜରୀ ଏଜୁକେଶନାଲ ଟ୍ରଷ୍ଟ ତରଫରୁ ଅନ୍ତେଇ ପଞ୍ଚାୟତ ପାଇଲୋ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଓ ଅନ୍ତେଇ ସେତୁ ସଫେଇ କାର୍ଯ୍ୟକ୍ରମ ହୋଇଥଲା। ଏହି କାର୍ଯ୍ୟକ୍ରମରେ ଡ.ଦୁର୍ଗାପ୍ରସନ୍ନ ନାୟକ,ଗଙ୍ଗାଧର ସାମଲ,ଅବସରପ୍ରାପ୍ତ କର୍ଣ୍ଣେଲ ତଥା ପୂର୍ବତନ ସରପଞ୍ଚ ଭିକାରୀ ଚରଣ ମହାନ୍ତି , ସାମାଜିକ କର୍ମୀ ଉଦୟନାଥ ଚୌଧୁରୀ,ଅଭୟ ସାହୁ, କବୀର ମୁଦୁଲି ,ଅଶୋକ ସ୍ୱାଇଁ,ପ୍ରେମାନନ୍ଦ ତ୍ରିପାଠୀ,ପ୍ରମୋଦ ବିଶ୍ୱାଳ, ସୁଶାନ୍ତ ପରିଡା, ଭଞ୍ଜ କିଶୋର ତ୍ରିପାଠୀ, କରୁଣାକର ଲେଙ୍କା, ବଂଶୀଧର ବେହେରା,ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ତେଇ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ,ଶିକ୍ଷକ ଯୋଗ ଦେଇଥିଲେ ।

### ଆୟୁଷ୍ମାନ ଯୋଜନା ସପକ୍ଷରେ ଦସ୍ତଖତ ଅଭିଯାନ

**ରାଜନଗର, ୩।୧୦(ଡି.ଏନ.ଏ.):** କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ରାଜ୍ୟ ସରକାର ଓଡିଶାରେ ଲାଗୁ ନ କରିବା ଘଟଣାକୁ ନେଇ ଭାଜପା ଲୋକଙ୍କ ପାଖରେ ପହଞ୍ଚିଛି। ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ରାଜ୍ୟ ସରକାରଙ୍କ ବିରୋଧରେ ଜଣାଇବା ସହ ଆୟୁଷ୍ମାନ ଯୋଜନା ସପକ୍ଷରେ ଦସ୍ତଖତ ଅଭିଯାନ ଆରମ୍ଭ କରିଛି। ବୁଧବାର ରାଜନଗର ବ୍ଲକର ରାଜନଗର, ସାନବଡଗୋପାଳପୁର, ମଦନପୁର, ବନ୍ଧପାଟଣା, ବାଲିକଣା, କେରଡାଗଡ ବଜାର ପରିକ୍ରମା କରିବା ପରେ କେରଡାଗଡ ରଥଦାଣ୍ଡରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡା ଜିଲା ଭାଜପା ମିଡିଆ ପ୍ରଭାରୀ ବିଜୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପଥପ୍ରାନ୍ତ ସଭାରେ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଗଗନ ସାହୁ, ଜୋନ ସଭାପତି ନଗେନ୍ଦ୍ର ପାତ୍ର, ବରିଷ୍ଠ ଭାଜପା ନେତା କୈଳାସ ଚନ୍ଦ୍ର ପରିଡା, ସନ୍ତୋଷ ନାୟକ, ବିଜୟ କୁମାର ରଣା, ଫୁଲରାଣୀ ମାଝି, ଗାୟତ୍ରୀ ମାଝି, ଭଗବାନ ରଥ ପ୍ରମୁଖ ଯୋଗଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏକ ପ୍ରହସନ ବୋଲି କହିଥିଲେ।

■ ବିଦ୍ୟାଳୟ ମିଶ୍ରଣକୁ ବିରୋଧ

# ବାରଣ୍ଡାରେ ପାଠ ପଢିଲେ ଛାତ୍ରୀଛାତ୍ର

**ମାର୍ଶାଘାଇ,୩।୧୦(ଡିଏନ୍ଏ)**

ମାର୍ଶାଘାଇ ବ୍ଲକ ଅଧୀନ ମେହେନ୍ଦି ନଗର ପଞ୍ଚାୟତ ସମାଳ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ ହେବା ପାଇଁ ସରକାରୀ ନିର୍ଦ୍ଦେଶନାମା ଜାରି ହୋଇଛି । ଫଳରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ସହକାରୀ ଶିକ୍ଷୟିତ୍ରୀ ସରକାରୀ ନିର୍ଦ୍ଦେଶନାମା ବଳରେ ସ୍ଥାନୀୟ ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟରେ ଯୋଗ ଦେଇଛନ୍ତି । ମାତ୍ର ସମାଳ ପ୍ରାଥମିକ ବିଦ୍ୟାଳୟକୁ ବୁଧବାର ସକାଳେ ଛାତ୍ରୀଛାତ୍ରମାନେ ଯିବା ପରେ ବିଦ୍ୟାଳୟରେ ତାଲା ପଡିଥିବା ଦେଖିବାକୁ ମିଳିଥିଲା । ଫଳରେ ଛାତ୍ରୀଛାତ୍ରମାନେ ବିନା ଶିକ୍ଷକରେ ବାରଣ୍ଡାରେ ବସି ପାଠ ପଢିଥିଲେ । ବିଦ୍ୟାଳୟ ମିଶ୍ରଣକୁ ଅଭିଭାବକ ଓ ସ୍ଥାନୀୟ ସରପଞ୍ଚ ବିରୋଧ କରି ବ୍ଲକ ଶିକ୍ଷାଧିକାରୀ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ, ସମାଳ ପ୍ରକଳ୍ପ ବିଦ୍ୟାଳୟରେ ୧ମ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୩୩ ଜଣ ଛାତ୍ରୀଛାତ୍ର ଥିବା ବେଳେ ଏମାନଙ୍କ ପାଇଁ ୨ ଜଣ ଶିକ୍ଷକ ନିଯୁକ୍ତି ପାଇଥିଲେ । ସେହିପରି ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟର ୧ମ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୨୩ ଜଣ ଛାତ୍ରୀଛାତ୍ର ଶିକ୍ଷାଦାନ କରୁଥିବା ବେଳେ ଏଠାରେ ୨ ଜଣ ଶିକ୍ଷକ ଅଛନ୍ତି । ଅପରପକ୍ଷେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟାଳୟର ମିଶ୍ରଣ କରାଯାଇଛି । ଛାତ୍ରୀଛାତ୍ରମାନେ କେଉଁଠି ପାଠ ପଢିବେ ସେ ନେଇ ଅଭିଭାବକ ଏହାର ବିଚାର କରିବେ ବୋଲି ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା କହିଛନ୍ତି ।



ସମାଳ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ବାରଣ୍ଡାରେ ଛାତ୍ରୀଛାତ୍ର ।

■ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଚଳଚଞ୍ଚଳ

# ୪୪ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ରାଜନଗର, ୩।୧୦(ଡି.ଏନ.ଏ.)**

ଛାତ୍ର ସଂସଦ ନିର୍ବାଚନ ପାଇଁ ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଚଳଚଞ୍ଚଳ ହୋଇପଡିଛି। ଏହି ନିର୍ବାଚନରେ ୧୪ଟି ପଦବୀ ପାଇଁ ୪୪ଜଣ ପ୍ରାର୍ଥୀ ବୁଧବାର ନାମାଙ୍କନପତ୍ର ଦାଖଲ କରିଥିଲେ। କ୍ରୀଡା ସଂପାଦକ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ମନୋଜ କୁମାର ସେଠୀଙ୍କ ବୟସ ୨୨ ବର୍ଷ ୬ ମାସ ହୋଇଥିବାରୁ ତାଙ୍କର ନାମାଙ୍କନପତ୍ର ନାକଚ ହୋଇଯାଇଛି। ଲିଙ୍ଗଡୋ କମିଶନ ନିୟମ ମୁତାବକ ୧୫ ବର୍ଷରୁ ୨୨ ବର୍ଷ ମଧ୍ୟରେ ମହାବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିପାରିବେ। ଏହି ମହାବିଦ୍ୟାଳୟରେ ଗୋଟିଏ ନାମାଙ୍କନପତ୍ର ନାକଚ ହେବା ପରେ ନିର୍ବାଚନ ମଇଦାନରେ ୪୩ଜଣ ପ୍ରାର୍ଥୀ ରହିଛନ୍ତି। ଯୁକ୍ତ ୩ ଦ୍ୱିତୀୟ ବର୍ଷ ଶ୍ରେଣୀ ପ୍ରତିନିଧି ପଦବୀ ପାଇଁ ସର୍ବାଧିକ ୫ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ସହ ଡିଏସଏ ପଦବୀ ପାଇଁ ଦୁଇଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅଛନ୍ତି। ଅନ୍ୟ ସମସ୍ତ ପଦବୀରେ ୩ ଜଣ ଲେଖାଏଁ ପ୍ରାର୍ଥୀ ରହିଛନ୍ତି । ଆସନ୍ତାକାଲି ନାମାଙ୍କନ ପ୍ରତ୍ୟାହାର ପ୍ରକ୍ରିୟା ସରିବା ପରେ ପ୍ରତିଦ୍ୱନ୍ଦ୍ୱିତାର ସ୍ପଷ୍ଟ ଚିତ୍ର ମିଳିବ। ବୁଧବାର ଛାତ୍ରୀଛାତ୍ରମାନେ ବାଣଫୁଟାଇ ନିଜ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଇ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଶାନ୍ତିଶୃଙ୍ଖଳାର ସହ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି ବୋଲି ଛାତ୍ର ସଂସଦର ଉପଦେଷ୍ଟା ପ୍ରଫେସର ସତ୍ୟବାଦୀ ଜେନା ଓ ଅଧ୍ୟାପକ ଅଭିମନ୍ୟୁ ରାଉତ କହିଛନ୍ତି। ମହାବିଦ୍ୟାଳୟରେ ଛାତ୍ର ବିଜେଡି, ଛାତ୍ର କଂଗ୍ରେସ ଓ ଏବିଭିପି ସମର୍ଥିତ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେଉଛି।

# ପ୍ରଧାନ ଶିକ୍ଷକ ଓ ପିଅନଙ୍କ ବଦଳି ଦାବିରେ ବିଦ୍ୟାଳୟ ଫାଟକରେ ତାଲା



ବିଦ୍ୟାଳୟ ଫାଟକ ଆଗରେ ତାଲା ପକାଇଲେ ମହିଳା ।

**ମାର୍ଶାଘାଇ,୩।୧୦(ଡିଏନ୍ଏ)**

ମାର୍ଶାଘାଇ ବ୍ଲକ ଅଧୀନ ଗରଜଙ୍ଗା ଗ୍ରାମରେ ଥିବା ଗରଜଙ୍ଗା ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ପିଅନଙ୍କ ବଦଳି ଦାବି କରି ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ବୁଧବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ ।

ପ୍ରକାଶ ଯେ, ଗରଜଙ୍ଗା ନୋଡାଲ ହାଇସ୍କୁଲରେ ମାସ ମାସ ଧରି ମଧ୍ୟାହ୍ନ ଭୋଜନରେ ପିଲାମାନଙ୍କୁ ଅଣ୍ଡା ଦିଆଯାଉ ନାହିଁ । ଏପରି କି ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯିବା ସହ ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଛାତ୍ରୀଛାତ୍ର ମାନଙ୍କ ଠାରୁ ଚାନ୍ଦା ଆଦାୟ କରାଯାଉଛି । ଏ ନେଇ ଅଭିଯୋଗ କରିବା ପାଇଁ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ପୂର୍ବାହ୍ନରେ ବିଦ୍ୟାଳୟରେ ପହଞ୍ଚିଥିଲେ । କିନ୍ତୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ ଦାସ ମହିଳାମାନଙ୍କୁ ଏହି ଅଭିଯୋଗର କୌଣସି ସତ୍ୟତା ନାହିଁ କହିବା ସହିତ ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ । ଫଳରେ ମହିଳାମାନେ ଉତ୍ତ୍ୟକ୍ତ ହୋଇ ବିଦ୍ୟାଳୟ ଫାଟକରେ ତାଲା ପକାଇ ପ୍ରଧାନ ଶିକ୍ଷକ ଓ ପିଅନ ଧୀରେନ୍ ବାରିକଙ୍କ ବଦଳି ଦାବି କରିଥିଲେ । ଖବରପାଇ ଘଟଣାସ୍ଥଳରେ ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ । କିନ୍ତୁ ମହିଳାମାନେ ଜିଲାପାଳ ଏହି ଘଟଣାରେ ହସ୍ତକ୍ଷେପ କରି ତୁରନ୍ତ ପ୍ରଧାନ ଶିକ୍ଷକ ଏବଂ ପିଅନଙ୍କୁ ବଦଳି କଲେ ବିଦ୍ୟାଳୟର ତାଲା ଖୋଲାଯିବ ବୋଲି କହିଥିଲେ । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରି ବିଦ୍ୟାଳୟରେ ପାଠପଢା ସ୍ୱାଭାବିକ୍ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

■ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ପଟ୍ଟାମୁଣ୍ଡାଇ ବ୍ଲକର ୩୧୦ ପ୍ରକଳ୍ପ ପାଇଁ ୮ କୋଟି ୧୮ ଲକ୍ଷ ମଞ୍ଜୁର



ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ନେତାମାନେ ।

**ପଟ୍ଟାମୁଣ୍ଡାଇ,୩।୧୦(ସ୍ୱ.ପ୍ର.)**

ସ୍ଥାନୀୟ ଏମ୍ଏନ୍ ହାଇସ୍କୁଲ ପଡ଼ିଆରେ ବୁଧବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ପୂର୍ବାହ୍ନ ୧୧ଟା ବେଳେ ଉଦ୍‌ଘାଟନ କରିଥିଲେ । ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ପଞ୍ଚାୟତର ୩୧୦ଗୋଟି ପ୍ରକଳ୍ପ ପାଇଁ ବ୍ୟୟବରାଦ ହୋଇଥିବା ୮ କୋଟି ୧୮ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଭିଡ଼ିଓ କନ୍‌ଫେରେନ୍ସି ମାଧ୍ୟମରେ ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ କିଶୋର ତରାଇ, ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାନ୍ତି, ଜିଲାପରିଷଦ ଅଧ୍ୟକ୍ଷ ମାନସ ପରିଡ଼ା, ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ବେହେରା, ଉପାଧ୍ୟକ୍ଷ ସୁଶାନ୍ତ ଦାସ, ଯୁବ ନଗର ବିଜେଡି ସଭାପତି ମନୋଜ ନାୟକ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ପ୍ରଧାନ, ସାରଥି ଦାଶ, ପୂର୍ବତନ ପୌରାଧ୍ୟକ୍ଷା ବୈଜୟନ୍ତୀମାଳା ଲେଙ୍କା, ଉପାଧ୍ୟକ୍ଷ ସୁମନ୍ତ ପାତ୍ର, ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୱାର୍ଡ ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

କେନ୍ଦ୍ରାପଡ଼ା ଜିଲାପାଳ ଦାଶରଥି ଶତପଥୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପରିଡ଼ା, ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନ୍‌ଗୋ, ତହସିଲଦାର ସରୋଜ କୁମାର ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀମାନେ ଯୋଗ ଦେଇଥିଲେ। ବିଜେଡି ନେତା, କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଳର କର୍ମୀମାନେ ଉପସ୍ଥିତ ଥିଲେ।

### ବିପନ୍ନଙ୍କୁ ପାଲ ଯୋଗାଇ ଦେବାକୁ ଦାବି

**ଡେରାବିଶ, ୩।୧୦ (ସ୍ୱ.ପ୍ର.)**

ଗତ ଲଗାଣ ବର୍ଷା ଯୋଗୁ ଡେରାବିଶ ଅଞ୍ଚଳରେ ଅନେକ ଫସଲ ହାନି ଘଟିଥିବା ବେଳେ ବହୁ ଲୋକଙ୍କ ଘର ଭାଙ୍ଗିଯାଇଥିଲା। ତେବେ ଏହି ବିପନ୍ନ ଲୋକଙ୍କୁ ତହସିଲ ପକ୍ଷରୁ ପାଲ ଯୋଗାଇ ଦିଆଯିବା ପାଇଁ ସରକାରୀସ୍ତରରେ ବ୍ୟବସ୍ଥା ଥିବା ବେଳେ ଡେରାବିଶ ବ୍ଲକ ଅଞ୍ଚଳରେ ବିପନ୍ନଙ୍କୁ ପାଲ ଦିଆଯାଉନାହିଁ। ଏହାର ପ୍ରତିବାଦରେ ଜିଲା ଚାଷୀ ଶ୍ରମିକ ସଂଘ ସଦସ୍ୟମାନେ ତହସିଲ ଅଫିସ୍ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଖବରପାଇ ଭାରପ୍ରାପ୍ତ ତହସିଲଦାର କାହ୍ନୁଚରଣ ଲେଙ୍କା ସେଠାରେ ପହଞ୍ଚି ଧାରଣାକାରୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା କରିଥିଲେ। ତେବେ ଆସନ୍ତା ୫ରୁ ୧୫ ତାରିଖ ମଧ୍ୟରେ ସମସ୍ତ ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ପାଲ ବଣ୍ଟନ କରାଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନାଥାଉ କି, ଗତ ଶନିବାର ବ୍ଲକ ଅଧୀନ କେତେକ ପଞ୍ଚାୟତର ବିପନ୍ନ ଲୋକେ ପାଲ ପାଇ ତହସିଲ ଅଫିସ୍‌ରେ ପହଞ୍ଚିଥିଲେ। ମାତ୍ର ପାଲ ବଣ୍ଟନ କରାଯିବ ନାହିଁ ବୋଲି ତହସିଲ କର୍ତ୍ତୃପକ୍ଷ ମନା କରିଥିଲେ। ତେବେ ଲୋକମାନଙ୍କୁ ବାରମ୍ବାର ଦୌଡ଼ାଇବା ପରେ ବି ପାଲ ଦିଆଯାଉ ନ ଥିବାରୁ ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଏ ନେଇ ଧାରଣା ଦିଆଯାଇଲା। ସଂଘ ସଭାପତି ଶରତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଧାରଣାରେ କୃତ୍ତିବାସ ଦାସ, ରମେଶ ଦାସ, ଝଜେନ୍ଦ୍ର ଜେନା, ଅକ୍ଷୟ କୁମାର ବେହେରା, ଭାଗବତ ମଲିକ, କୃତିଦୀପକ ଦାସ ଓ ରତ୍ନମଞ୍ଜରୀ ଦାଶଙ୍କ ସମେତ ଶତାଧିକ ଲୋକେ ଉପସ୍ଥିତ ଥିଲେ।

### ବିଜୁ ଯୁବ ବାହିନୀ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**ପାଟକୁରା, ୩।୧୦ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ବେଡାରୀ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ମଙ୍ଗଳବାର ପଞ୍ଚାୟତ ଅଫିସ୍ ପାର୍ଶ୍ୱ ରାସ୍ତା ସଫେଇ କରାଯାଇଥିଲା। ସେମାନଙ୍କ ସହ ବ୍ଲକ ପର୍ଯ୍ୟବେକ୍ଷକ ପ୍ରମୋଦ କୁମାର ଦାସ, ଅବସରପ୍ରାପ୍ତ ନିର୍ବାହୀ ଅଧିକାରୀ ଶିବପ୍ରସାଦ ପଟ୍ଟନାୟକ, ସରପଞ୍ଚ ଗୋକୁଳାନନ୍ଦ ବେହେରା, ଯୁବ ବାହିନୀ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ମଧୁସ୍ମିତା ନାୟକ, ସୁଦୁସ୍ମିତା ଲେଙ୍କାଙ୍କ ସମେତ ଯୁବ ବାହିନୀର ସମସ୍ତ ସଦସ୍ୟ ଓ ୱାର୍ଡ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।

■ ବିଜେଡିର ଜନସମ୍ପର୍କ ପଦଯାତ୍ରା

# ବିକାଶ ପ୍ରକ୍ରିୟା ଆଗାମୀ ଦିନରେ ଜାରି ରହିବ

**ମାର୍ଶାଘାଇ,୩।୧୦(ଡିଏନ୍ଏ)**

ଗାନ୍ଧୀ ଜୟନ୍ତୀ ଅବସରରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ନିଜର ସମର୍ଥକଙ୍କ ଗହଣରେ ମାର୍ଶାଘାଇ ବ୍ଲକର କରିଲୋପାଟଣା ସେତୁ ଠାରୁ ବାହାରି ଜମପଡ଼ା ପଞ୍ଚାୟତର ଶିବ ମନ୍ଦିର ନିକଟରେ ପହଞ୍ଚି ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ । ସଭାରେ ବିଧାୟକ ଅଗ୍ରୱାଲ ମହାତ୍ମାଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସେମାନଙ୍କ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଗରଦପୁର ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଅଗ୍ରୱାଲ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗାଶିଷ ମହାନ୍ତି ,ଉପସଭାପତି ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରଥ ,ରାଜ୍ୟ ଯୁବ ବିଜେଡି ସମ୍ପାଦକ ରାଜେଶ ଦାସ, ଜମପଡା ସରପଞ୍ଚ ମୋନାଲିସା ପ୍ରଧାନ, ମେହେନ୍ଦିନଗର ସରପଞ୍ଚ ରବିନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ଜୟନ୍ତୀ ବେହେରା ,ଅବସରପ୍ରାପ୍ତ ଡାକ୍ତର ନବଘନ ପରିଡା,ଅବସରପ୍ରାପ୍ତ ମେଜର ଭରତ ଚନ୍ଦ୍ର ଜେନା,ପୂର୍ବତନ ଜିଲା ପରିଷଦ ସଦସ୍ୟ ସନ୍ତୋଷ ମାହାଳି ,ଜିଲା ଯୁବ ବିଜେଡି ସମ୍ପାଦକ ଜୟଦେବ ପରିଡା ,ଗୁରୁଚରଣ ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାର୍ଶାଘାଇ ବ୍ଲକର ୭ ଗୋଟି ପଞ୍ଚାୟତର ବିକାଶ ବିଜେଡି ସରକାର ସମୟରେ ସମ୍ଭବ ହୋଇପାରିଛି । ଏହି ବିକାଶ ପ୍ରକ୍ରିୟା ଆଗାମୀ ଦିନରେ ଜାରି ରହିବ ବୋଲି ବିଧାୟକ ଅଗ୍ରୱାଲ କହିଥିଲେ । ଏହି ପଦଯାତ୍ରା କାର୍ଯ୍ୟକ୍ରମରେ ରାଜ୍ୟ ପରିଷଦ ସଭ୍ୟ ଅମିୟ ପରିଡା , ଜମପଡା ସମିତି ସଭ୍ୟ ହୃଷିକେଶ ସ୍ୱାଇଁ, ବଛରାଇର ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପ୍ରଧାନ , ଅବସରପ୍ରାପ୍ତ ଏସପି ଘନଶ୍ୟାମ ପରିଡା, ଯୁବ ନେତା ମନୋଜକାନ୍ତ ପରିଡା,କରିଲୋପାଟଣା ପୂର୍ବତନ ସରପଞ୍ଚ ଦୀପକ ରାଉତରାୟ,ରଙ୍ଗାଧର ଦଳେଇ, ଜଳପୋକର ପୂର୍ବତନ ସରପଞ୍ଚ ଅଜୟ ରାଉତ,ସରପଞ୍ଚ ଜ୍ୟୋତିପ୍ରକାଶ ଦାସ, ଆଇତିପୁର ପୂର୍ବତନ ସରପଞ୍ଚ ବାସୁଦେବ ସ୍ୱାଇଁ, କରିଲୋପାଟଣା ,ଜଳପୋକ, ଆଇତିପୁର, ଜମପଡା,ମେହେନ୍ଦି ନଗର,ବନ୍ଧକଟା ଏବଂ ବଛରାଇ ପଞ୍ଚାୟତର ବିଜୁ ଜନତା ଦଳ କର୍ମୀମାନେ ସାମିଲ ହୋଇଥିଲେ । ଏହିଅବସରରେ ୫୧ କୋଟି ବ୍ୟୟ ବରାଦରେ ଡିହବଳରାମପୁର ଠାରେ ଲୁଣା ନଦୀ ଉପରେ ସେତୁ, ୧୮ କୋଟି ବ୍ୟୟ ବରାଦରେ କରାଣ୍ଡିଆ ନଦୀ ଉପରେ ଶାଗୁଣାଘାଇ ସେତୁ , ପନ୍ଦିଆ ପହଣା ଠାରେ ଚିତ୍ରୋତ୍ପଳା ନଦୀ ଉପରେ ୨୨ କୋଟି ଏବଂ ତଳକୁସୁମା ଠାରେ ପାଇକା ନଦୀ ଉପରେ ୨୪ କୋଟି ବ୍ୟୟ ଅଟକଳରେ ସେତୁ ନିର୍ମାଣ ପାଇଁ ସମସ୍ତ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ଥିବା ବିଧାୟକ ଅଗ୍ରୱାଲା ଘୋଷଣା କରିଥିଲେ ।



ସଭାରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟରେ ଜାଲିଆତି

■ ୨୦୧୩-୧୪ ଆର୍ଥିକ ବର୍ଷ କାର୍ଯ୍ୟରେ ୨୦୧୫-୧୬ ଆର୍ଥିକ ବର୍ଷର ଫଳକ

■ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

■ ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ ମରାମତି ହେଉନି ରାସ୍ତା

**ପଟ୍ଟାମୁଣ୍ଡାଇ,୩।୧୦(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସବ୍‌ଡିଭିଜନ ଅଧୀନରେ ଥିବା ବଡପଟଣା-ଗୋବିନ୍ଦପୁର ୪.୩୫ କିମି ରାସ୍ତା ନିର୍ମାଣରେ ବ୍ୟାପକ ଜାଲିଆତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୧ କୋଟି ୧୭ ଲକ୍ଷ ୬୪ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଫାଟିଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାରେ ଫାଟ ସୃଷ୍ଟି ହୋଇଥିବା ବେଳେ ରାସ୍ତାର ସ୍ଥାୟୀତ୍ୱ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଫାଟ ମରାମତି ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି।

ଏହି ରାସ୍ତାର ନିର୍ମାଣ ପାଇଁ ୨୦୧୩-୧୪ ମସିହାରେ ଟେଣ୍ଡର ପାଇଥିବା ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ। ସମ୍ପୃକ୍ତ ଠିକାଦାର କାର୍ଯ୍ୟ ଆରମ୍ଭ କରିବା ବେଳେ ରାସ୍ତା କଡରେ ଫଳକ ଲଗାଇଥିଲେ। ଉକ୍ତ ଠିକାଦାର ସେତେବେଳେ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ କରି ଦେଇଥିଲେ। ପରବର୍ତ୍ତୀ ସମୟରେ ୨୦୧୫/୧୬ ମସିହାରେ ଅନ୍ୟଜଣେ ଠିକାଦାରଙ୍କ ନାମ ଫଳକ ଲଗାଯାଇ ୨୦୧୫ ମସିହା ନଭେମ୍ବର ମାସରେ କାର୍ଯ୍ୟ ଆରମ୍ଭ ହୋଇ ୨୦୧୬ ମସିହା ଅଗଷ୍ଟ ମାସରେ କାର୍ଯ୍ୟ ଶେଷ ହୋଇଥିବା ଦର୍ଶାଯାଇଛି। ତେବେ ୨୦୧୬ ଅଗଷ୍ଟରେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା କୁହାଯାଉଥିବା ବେଳେ ୨ ବର୍ଷ ମଧ୍ୟରେ କିପରି ରାସ୍ତା ଫାଟି ଗଲା ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ବାସ୍ତବରେ ୨୦୧୩ ମସିହାରେ ଟେଣ୍ଡର ପାଇଥିବା ପ୍ରଥମ ଠିକାଦାର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରି ଦେଇଥିଲେ। ପରବର୍ତ୍ତୀ ସମୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚକ୍ରାନ୍ତରେ ଜାଲିଆତି କରାଯାଇଥିବା ଅଭିଯୋଗ... ଚଞ୍ଚକତା ଯୋଗୁ ନିମ୍ନମାନର କାର୍ଯ୍ୟ ହୋଇଛି ବୋଲି ଗ୍ରାମବାସୀ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, କେନ୍ଦ୍ରାପଡାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ରାସ୍ତାରେ ସୃଷ୍ଟି ହୋଇଥିବା ଫାଟ ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଛି। ହେଲେ କର୍ତ୍ତୃପକ୍ଷ ମରାମତି ପାଇଁ ଟଙ୍କା ଗଚ୍ଛିତ ଥିବା କହୁଥିଲେ ହେଁ ଏପର୍ଯ୍ୟନ୍ତ ମରାମତି କରୁ ନ ଥିବା ନିମାଇଁ ଦାସ, ରାମଚନ୍ଦ୍ର ଦାସ, ବସନ୍ତ ସୂତାର, ରବୀନ୍ଦ୍ର ସୂତାର, ବାବୁ ସାମଲ, ଅକ୍ଷୟ ରାଉତଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଆରଡି ଏସ୍‌ଡିଓ ଅକ୍ଷୟ କୁମାର ଦାସ ମହାପାତ୍ରଙ୍କୁ ପଚାରିବାରେ ପୂର୍ବ ଠିକାଦାର ଅଧାରୁ କାମ ଛାଡି ଚାଲିଯାଇଥିଲେ । ସେଥିପାଇଁ ଅନ୍ୟ ଜଣେ ଠିକାଦାର ପୁନର୍ବାର ଟେଣ୍ଡର ମାଧ୍ୟମରେ କାର୍ଯ୍ୟ ନେଇଥିଲେ। ରାସ୍ତାରେ ସୃଷ୍ଟି ହୋଇଥିବା ଫାଟ ଖୁବଶୀଘ୍ର ମରାମତି ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ବଡପଟଣା ଗ୍ରାମ ଆରମ୍ଭରୁ ଫାଟ ସୃଷ୍ଟି ହୋଇଥିବା ବେଳେ ଗାଁ ମଝିରେ ଏବଂ ଗୋବିନ୍ଦପୁର ହାଇସ୍କୁଲ ନିକଟରେ ରାସ୍ତା ଫାଟି ଆଁ କରିଛି । ଫଳରେ ଯାତାୟତରେ ଅସୁବିଧା ସୃଷ୍ଟି ହେଉଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୪ ଅକ୍ଟୋବର, ୨୦୧୮



## ସଂକ୍ଷେପରେ

### ଖବରଦାତାଙ୍କୁ ଆକ୍ରମଣର ପ୍ରତିବାଦ

ରାଜକନିକା,୩।୧୦ (ଡି.ଏନ୍.ଏ.)- ରାଜ୍ୟରେ ଖବରଦାତାଙ୍କ ଉପରେ ଆକ୍ରମଣ ବଢି ଚାଲିଥିବା ବେଳେ ରାଜ୍ୟ ସରକାର ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନେଉ ନଥିବାରୁ ବୁଧବାର କନିକା ପ୍ରେସ କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯଇଛି। ସୋର, ପୁରୀ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଖବରଦାତାଙ୍କୁ ଆକ୍ରମଣ ଘଟଣାର ଦୃଢ଼ ନିନ୍ଦା କରାଯିବା ସହ କନିକା ପ୍ରେସ୍ କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ସହ କର୍ତ୍ତବ୍ୟରତ ଖବରଦାତାଙ୍କ ସୁରକ୍ଷା ନିମନ୍ତେ ଆଇନ ପ୍ରଣୟନ ପାଇଁ ସରକାର ନିଷ୍ପତ୍ତି ନେବାକୁ ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି। କନିକା ପ୍ରେସ୍ କ୍ଲବ ସଭାପତି ରବୀନ୍ଦ୍ର ଦାସଙ୍କ ନେତୃତ୍ୱରେ ସମ୍ପାଦକ ପ୍ରବୀଣ ବଳ, ଖବରଦାତା ସୁକାନ୍ତ ଦାଶ, ରାଜେଶ ମହାପାତ୍ର, ନଳିନୀକାନ୍ତ ପୃଷ୍ଟି, ବ୍ରଜ ସିଂ, ସଞ୍ଜୟ ଦାଶ, ଅଜିତ ବେହୁରିଆ, ସୁଜିତ ବେହୁରା, ଉମାକାନ୍ତ ପରମାଣିକ, କାର୍ତ୍ତିକେୟ ମିଶ୍ର, ଅମର ମଲିକ, ଗୌତମ ବାରିକ, ବିଜୟ ବେହେରା, ଆଶିଷ ନାୟକ, କମଲଲୋଚନ ଗିରି ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ପାଇଁ ଅନଶନ

**କେନ୍ଦ୍ରାପଡା ଅଫିସ,୩।୧୦-** କେନ୍ଦ୍ରାପଡା ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ମାନସ ମଲ୍ଲିକ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନାରେ ପ୍ରଶାସନିକ ଅବହେଳା ଦର୍ଶାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାରଠାରୁ ଅନଶନ ଆରମ୍ଭ କରିଛନ୍ତି। ବାସଗୃହ ଓ ଭତ୍ତା ପ୍ରଦାନ କ୍ଷେତ୍ରରେ ସରକାରୀ ଅଧିକାରୀଙ୍କ ଅଣଦେଖାରୁ ବହୁ ଜନ ସାଧାରଣ ବଞ୍ଚିତ ହୋଇଥିବା ସେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଭୂଇଁପୁର, କଳସପୁର ଅଞ୍ଚଳର ୫୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଅଦ୍ୟାବଧି ଭତ୍ତା ପ୍ରଦାନ କରାଯାଇନାହିଁ। ଏ ନେଇ ଗତ ଜୁଲାଇ ୩୦ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆ ଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ। ଯୋଗ୍ୟ ହିତାଧିକାରୀ ଯୋଜନାରେ ସାମିଲ ନହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଜିଲା କଂଗେସ କାର୍ଯ୍ୟକାରୀ ସଭାପତି ମଲ୍ଲିକ କହିଛନ୍ତି। ଏହି ଅନଶନସ୍ଥଳକୁ ସମର୍ଥନ ଜଣାଇ ୫୦ରୁ ଉର୍ଦ୍ଧ୍ୱ ଅଞ୍ଚଳବାସୀ ଅନଶନସ୍ଥଳରେ ବସି ରହିଥିଲେ।

### ସାଥୀ ସମାଜ ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି

**ଡେରାବିଶ,୩।୧୦ (ସ୍ୱ.ପ୍ର.)**-ଡେରାବିଶ ବ୍ଲକ ପଲେଇ ପଞ୍ଚାୟତସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ଜୟଭାରତୀ ସାଥୀ ସମାଜର ଶାରଦୀୟ ବନ୍ଧୁମିଳନ ଅଧିବେଶନ ଓ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାଥୀସମାଜ ସଭାକକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ନିରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ସାଥୀ ସମାଜର ସାଥୀ ସୁରେଶ ଅଧିକାରୀ ଓ ସରସ୍ୱତୀ ରାଉତଙ୍କ ଅତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଶାରଦୀୟ ଦୁର୍ଗାପୂଜାର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇ ସମସ୍ତ ସେବାୟତ, କରସେବକ, ସାଥୀ ତଥା ଗ୍ରାମବାସୀଙ୍କ ସହଯୋଗ କାମନା କରାଯାଇଥିଲା। ବୈଠକରେ ସାଥୀ କ୍ଷୀରୋଦ ଚନ୍ଦ୍ର ସାମନ୍ତରାୟ, ସୁବୋଧ କୁମାର ପରିଡ଼ା, ସ୍ମାରକ ମହାନ୍ତି, କୃଷ୍ଣଚନ୍ଦ୍ର ମିଳିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ସାଥୀ ସମାଜର ପ୍ରତିଷ୍ଠାତା ସମ୍ପାଦକ ପଲ୍ଲୀ ସାଥୀ ନିରଞ୍ଜନ ସାହୁଙ୍କ ୭୬ତମ ଜନ୍ମଦିବସରେ ସାଥୀ ସମାଜ ପକ୍ଷରୁ ଜନ୍ମଦିନ ଶୁଭେଚ୍ଛା ଜଣାଯାଇଥିଲା। ପଲ୍ଲୀ କର୍ତ୍ତବ୍ୟ ନିଷ୍ଠ ବନ୍ଧୁ ଭାବେ ଟିମ ଯେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଥୀ ସୁବାସ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ସଂଯୋଜିକା ମନୋରମା ରାଉତ, ଗୌତମ ମନ୍ତ୍ରୀ ଓ ନିରୁପମା ମହାକୁଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଜି ପ୍ରକାଶ ପାଇବ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

■ ୧୧ରେ ଛାତ୍ର ସଂସଦ ନିର୍ବାଚନ
■ ସରିଲା ନାମାଙ୍କନ ପତ୍ର ଦାଖଲ

**କେନ୍ଦ୍ରାପଡା ଅଫିସ୍, ୩।୧୦**

କେନ୍ଦ୍ରାପଡ଼ା ଜିଲାର ଦୁଇ ପ୍ରମୁଖ ଶିକ୍ଷାନୁଷ୍ଠାନ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ତୁଳସୀ ମହିଳା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବୁଧବାର ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି। ଜିଲାର ମୋଟ ୨୧ଟି ମହାବିଦ୍ୟାଳୟରେ ଏହି ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ଚଳିତ ବର୍ଷ କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜରେ ସଭାପତି ପ୍ରାର୍ଥୀ ଭାବେ ୩ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ପ୍ରୟାସ ଦାସ, ବିଶ୍ୱକଲ୍ୟାଣ ପାତ୍ର ଓ ପ୍ରତାପ କୁମାର ସାହୁ। ସେହିପରି ଉପସଭାପତି ପ୍ରାର୍ଥୀ ଭାବେ ଲିଙ୍କନ ମଲ୍ଲିକ ଓ ଲଚ୍ଛମନ ସାହୁ ନାମାଙ୍କନ ଦାଖଲ କରିଛନ୍ତି। ସାଧାରଣ ସମ୍ପାଦକ ପ୍ରାର୍ଥୀ ଭାବେ ଦୀନେଶ କୁମାର ମହାରଣା ଓ ସସ୍ମିତ ନାୟକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏଥିସହ ସହ ସମ୍ପାଦକ ପଦ ପାଇଁ ସୌଭାଗ୍ୟରଞ୍ଜନ ଦାସ, ସତ୍ୟବାଦୀ



କେନ୍ଦ୍ରାପଡ଼ା କଲେଜରେ ନାମାଙ୍କନ ପାଇଁ ଶୋଭାଯାତ୍ରା।

ମିଶ୍ର, ବିଜ୍ୱଳ କୁମାର ସାହୁ ଓ ସେକ୍ ସାହିଲ ଅଞ୍ଜୁମ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଖେଳ ସମ୍ପାଦକ ପଦ ପାଇଁ ଅମନ ବାରିକ, ବସନ୍ତ କୁମାର ବେହେରା, ସାହେବ ହାଁସଦା ପ୍ରାର୍ଥୀ ହୋଇଥିବା ବେଳେ ନାଟ୍ୟ ସମ୍ପାଦକ ପଦ ପାଇଁ ସୁଜାତା ବରଜ, ସତ୍ୟଜିତ ଦାସ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିସହ ଖେଳ ସହ ସମ୍ପାଦକ ପାଇଁ ଜଗନ୍ନାଥ ଜେନା, ଦେବେନ୍ଦ୍ର ନାୟକ, ବିଜ୍ଞାନ ବିଭାଗ ପ୍ରତିନିଧି ପାଇଁ ଅକ୍ରୁର ବୈରାଗୀ, କଲେଜ ମାଗାଜିନ ପ୍ରତିନିଧି ପାଇଁ ବିଶ୍ୱଜିତ ପାଢ଼ୀ, କମନରୁମ ସମ୍ପାଦକ ପଦ ପାଇଁ ଦିପ୍ତିରଞ୍ଜନ ପରିଡ଼ା ନାମାଙ୍କନ ପତ୍ର ଭରିଛନ୍ତି।

ସେହିପରି ତୁଳସୀ ମହିଳା ମହାବିଦ୍ୟାଳୟରେ ସଭାନେତ୍ରୀ ପଦ ପାଇଁ ୨ ଜଣ ଓ ସମ୍ପାଦିକା ପ୍ରାର୍ଥୀ ଭାବେ ୩ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସଭାନେତ୍ରୀ ପଦ ପାଇଁ ଲିଜା ପ୍ରିୟଦର୍ଶନୀ ପତ୍ରୀ, ସୁନସୁନ ସ୍ମିତା ସ୍ୱାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ସମ୍ପାଦିକା ପଦ ପାଇଁ ଶୁଭଶ୍ରୀ ଦାସ, ଭାଗ୍ୟଲକ୍ଷ୍ମୀ ମଲ୍ଲିକ ଓ ପ୍ରିୟଙ୍କା ପାତ୍ର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଉପ ସଭାନେତ୍ରୀ ପ୍ରାର୍ଥୀ ଭାବେ ସୋନାଲି କୁମାରୀ ପରିଡ଼ା ଓ ସହ ସମ୍ପାଦିକା ପାଇଁ ସାବିତ୍ରୀ ଜେନା ନାମାଙ୍କନ ପତ୍ର ଭରିଛନ୍ତି। ସେହିପର ନାଟ୍ୟ ସମ୍ପାଦିକା ପାଇଁ କାଞ୍ଚନୀ ମଲ୍ଲିକ, ଖେଳ ସମ୍ପାଦିକା ପାଇଁ ତନୁପମା ଜେନା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅପରପକ୍ଷରେ କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଇନ୍ଦୁପୁରସ୍ଥିତ ବିରୂପା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଚଳିତ ବର୍ଷ ବନ୍ଦ ରହିଛି।

■ ଝରକା ପଟେ ଅଗ୍ନି ସଂଯୋଗ କରି ଆବଶ୍ୟକ କାଗଜପତ୍ର ଜାଳିଦେଲେ ଦୁର୍ବୃତ୍ତ

# ନିର୍ବାଚନ ବନ୍ଦ କଲେ କଲେଜ କର୍ତ୍ତୃପକ୍ଷ

**କେନ୍ଦ୍ରାପଡ଼ା ଅଫିସ, ୩।୧୦**

ବିରୂପା କଲେଜ




ଉଚ୍ଚ ଶିକ୍ଷା ବଭାଗ ପକ୍ଷରୁ ଡିଗ୍ରୀ କଲେଜରେ ଚଳିତ ଶିକ୍ଷା ବର୍ଷର ଛାତ୍ର ସଂସଦ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ ସଂସଦର ପ୍ରାର୍ଥିତ୍ୱ ପାଇଁ ବୁଧବାର ପ୍ରାର୍ଥିପତ୍ର ନାମାଙ୍କନ ପାଇଁ ଧାର୍ଯ୍ୟ ହୋଇଛି। ତେବେ ଗତ ମଙ୍ଗଳବାର ରାତିରେ ଏକ ଅଗ୍ନିକାଣ୍ଡ ଘଟଣାକୁ ନେଇ କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରସ୍ଥିତ ବିରୂପା କଲେଜର ନିର୍ବାଚନ ବନ୍ଦ ରହିଛି। ଏ ସମ୍ପର୍କରେ ଅଧ୍ୟକ୍ଷ ଅଭିଜିତ ବୋଷ ସୂଚନା ଦେଇ କହିଛନ୍ତି, ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ତେବେ ଗତ ରାତିରେ କେହି ଦୁର୍ବୃତ୍ତ କାର୍ଯ୍ୟାଳୟର ଝରକାବାଟେ ଅଗ୍ନି ସଂଯୋଗ କରି ଏଠାରେ ଥିବା ସମସ୍ତ ଆସବାବ ପତ୍ର ପୋଡି ଦେଇଛନ୍ତି। ଏ ନେଇ କଲେଜରେ ଉତ୍ତେଜନା ସୃଷ୍ଟି ହେବାରୁ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ଜଣାଇ ଚଳିତ ବର୍ଷର ନିର୍ବାଚନକୁ ବନ୍ଦ କରାଯାଇଛି। ଅପରପକ୍ଷରେ କଲେଜର ଛାତ୍ରୀଛାତ୍ର ନିର୍ବାଚନ କରାଇବା ଦାବିରେ ବୁଧବାର ଆନ୍ଦୋଳନ କରିଥିଲେ। ତେବେ କଲେଜ କର୍ତ୍ତୃପକ୍ଷ ଓ ପୋଲିସ ସହାୟତାରେ ଏହି ଆନ୍ଦୋଳନକୁ ବନ୍ଦ କରାଯାଇଥିଲା।

■ ଗଙ୍ଗାମାତା ମତ୍ସ୍ୟଜୀବୀ ସଂଘ ପକ୍ଷରୁ ପ୍ରତିବାଦ ସଭା

# ମତ୍ସ୍ୟଜୀବୀଙ୍କ ସୁରକ୍ଷା, ଜୀବିକା ପ୍ରତି ଦୃଷ୍ଟି ଦେବାକୁ ଦାବି

**ମହାକାଳପଡ଼ା, ୩।୧୦ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ଅଧୀନ ଗଗୁଆ ପଞ୍ଚାୟତ ତନ୍ତିଆପାଳସ୍ଥିତ ଗଙ୍ଗାମାତା ପଡ଼ିଆଠାରେ ମତ୍ସ୍ୟଜୀବୀ ସଂଘ ପକ୍ଷରୁ ଏକ ପ୍ରତିବାଦ ସଭା ବୁଧବାର ଅନୁଷ୍ଠିତ ହୋଇଥିଲା। ମା'ଗଙ୍ଗାମାତା ମତ୍ସ୍ୟଜୀବୀ ସଂଘ ସଭାପତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ମତ୍ସ୍ୟଜୀବୀଙ୍କ ଜୀବିକା ଓ ସୁରକ୍ଷାକୁ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଭାରେ ଜାତୀୟ ମାନବାଧିକାର କର୍ମୀ ରାକେଶ ସାହୁ ଯୋଗଦେଇ ମତ୍ସ୍ୟଜୀବୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟରେ ମାସାଧିକକାଳ ପର୍ଯ୍ୟନ୍ତ ରହି ମାଛ ଧରିଥାନ୍ତି। ଅନେକ ସମୟରେ ବାତ୍ୟା, ଝଡ଼ ଓ ତୋଫାନ ହେଉଥିବା ବେଳେ ପରିବାର ପ୍ରତିପୋଷଣ କରିବା ପାଇଁ ସେମାନେ ନିଜ ଜୀବନକୁ ବାଜି ଲଗାଇ ସମୁଦ୍ର ଭିତରେ ରହିଥାଆନ୍ତି।



ପ୍ରତିବାଦ ସଭାରେ ଉପସ୍ଥିତ ମତ୍ସ୍ୟଜୀବୀ ଓ ଅନ୍ୟମାନେ।

ତେବେ ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ବର୍ଷର ଏକାଧିକ ମାସ ସମୁଦ୍ରକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥାଏ। ଏହି ସମୟରେ ମତ୍ସ୍ୟଜୀବୀମାନେ ପରିବାର ପ୍ରତିପାଷଣ କରିବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ତେବେ ସରକାର ମତ୍ସ୍ୟଜୀବୀଙ୍କ ସୁରକ୍ଷା ଓ ଜୀବୀକା ପ୍ରତି ଦୃଷ୍ଟି ଦେବାକୁ ଏହି ସଭାରେ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବନ ବିହାରୀ ମାଇତି, ରବୀନ୍ଦ୍ର ଗିରି, ଅଶ୍ୱିନୀ ଦିଣ୍ଡା, ତୀର୍ଥଚନ୍ଦ୍ର ପ୍ରଧାନ, ସୁଶାନ୍ତ ମଣ୍ଡଳ, ବକୁଳ ଜାନା, ସପନ ପାଲ୍, ଗଙ୍ଗାଧର ମାଇତିଙ୍କ ସମେତ ଶତାଧିକ ମହିଳାପୁରଷ ଏହି ସଭାରେ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

**କେନ୍ଦ୍ରାପଡା ଅଫିସ, ୩।୧୦**

କେନ୍ଦ୍ରାପଡ଼ା ବ୍ଲକ ଚଉଦକୁଲାଟସ୍ଥିତ ଗାନ୍ଧୀଛକଠାରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ସଭାପତି ଦୋଳଗୋବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଂଗଠନ ଶକ୍ତି ବୃଦ୍ଧି, ନିଶା ନିବାରଣ, ସାମାଜିକ କର୍ମକୁ ଗୁରୁତ୍ୱ ଦିଆଯିବା ସହ ନୂତନ କର୍ମକର୍ତ୍ତାଙ୍କ ଚୟନ କରାଯାଇଥିଲା। ସଦସ୍ୟମାନେ ଏଥିରେ ଯୋଗ ଦେଇ ଚଳିତ ବର୍ଷର ମୁଖ୍ୟ ଆଭିମୁଖ୍ୟ ନିଶା ନିବାରଣ ସମ୍ପର୍କରେ ମତ ଦେଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ସାମ୍ପ୍ରତିକ ସମୟରେ ନିଶା ଦ୍ରବ୍ୟ ବର୍ଜନ ଦ୍ୱାରା ଦେଶ ଶୃଙ୍ଖଳିତ ହୋଇପାରିବ। ନିଶାରେ କବଳିତ ବ୍ୟକ୍ତିଙ୍କ ପାରିବାରିକ ଜୀବନ ନଷ୍ଟ ହେଉଥିବା ବେଳେ ଦେଶର ବିଭିନ୍ନ କ୍ଷେତ୍ରରେ ଜାତୀୟ ସମ୍ପତ୍ତି ଓ ଜନଜୀବନ ନଷ୍ଟ ହେଉଛି। ସେହିପରି ପ୍ଲାଷ୍ଟିକ ବର୍ଜନ ସହ ବୃକ୍ଷରୋପଣ ସପକ୍ଷରେ ମତ ଦେଇଥିଲେ। ଏଥିସହ ସଂଘର ନୂତନ ସଭାପତି ଭାବେ ଗୌରାଙ୍ଗ ଚରଣ ଦାଶଙ୍କୁ ଚୟନ କରାଯାଇଥିଲା। ଉପସଭାପତି ଭାବେ ପ୍ରଭାକର ନାଥଶର୍ମା, ସମ୍ପାଦକ କେଶବ ଚନ୍ଦ୍ର ବିଶ୍ୱାଳ, ସହ ସମ୍ପାଦକ ନବକିଶୋର ଦାସ, କୋଷଧ୍ୟକ୍ଷ ଭାବେ ରାଜକିଶୋର ମିଶ୍ରଙ୍କୁ ଚୟନ କରାଯାଇଥିଲା। ନିତ୍ୟାନନ୍ଦ ମିଶ୍ର ଓ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କେନ୍ଦ୍ରାପଡ଼ା ସହରର ୧୧ନଂ. ୱାର୍ଡରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହୋଇଥିବା ହିତାଧିକାରୀମାନେ।

ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା

# ଡେରାବିଶର ୬, ୪୧୪ ହିତାଧିକାରୀ ସାମିଲ

**ଡେରାବିଶ, ୩।୧୦ (ସ୍ୱ.ପ୍ର.)**

ସାରା ରାଜ୍ୟରେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଅକ୍ଟୋବର ୨ ତାରିଖଠାରୁ ଶୁଭାରମ୍ଭ ହୋଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନରୁ ବଞ୍ଚିତ ଡେରାବିଶ ବ୍ଲକ ଅଞ୍ଚଳର ୨୩୪୧ ପରିବାରର ୬, ୪୧୪ ହିତାଧିକାରୀ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। ବ୍ଲକ ଅଞ୍ଚଳର ମୋଟ ୯୨୯୨ ହିତାଧିକାରୀ ଚୟନ ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ୬, ୪୧୪ ଜଣଙ୍କୁ ସାମିଲ କରାଯାଇଛି। ଏଥିରେ ବାଲିଆ ପଞ୍ଚାୟତର ୯୭ ପରିବାର, ବାରିମୂଳର ୧୨୯, ବସପୁରର ୧୦, ବେଣୀପୁରର ୫୨, ଚାନ୍ଦୋଳର ୧୧୭, ଚାଟରାଚକଡାର ୭୯, ଛୋଟିର ୧୧୮, ଦାନପୁରର ୨୪୨, ଏଣ୍ଡରର ୭୬, ଗୋଲରାହାଟର ୯୧, ଗୁଆଲସିଂର ୫୮, ହରିଅଙ୍କର ୭୪, ଇନ୍ଦାଲୋର ୩୨, ଜଅଁରାବାରିମୂଳର ୫୭ପରିବାର ନୂତନ ଭାବେ ସାମିଲ ହୋଇଛନ୍ତି। ଏତଦ୍‌ବ୍ୟତିତ କାଉପଡ଼ା ପଞ୍ଚାୟତର ୯୫ପରିବାର, ଖମୋଳର ୩୦, କୁରୁଜଙ୍ଗର ୪୭, କୁଶିଆପାଳର ୧୦୩, ଲକ୍ଷ୍ମୀନାରାୟଣପୁରର ୧୨୫, ମଙ୍ଗଳପୁରର ୯୬, ମୁକୁନ୍ଦପୁରର ୪୨, ନହଙ୍ଗର ୧୫୨, ନରସିଂହପୁରର ୫୨, ପଲେଇର୨୪୭, ରତାଦିଆ ଖଣ୍ଡସାହିର ୫୮ ଏବଂ ରଘୁଦେଇପୁରର ୬୨ ପରିବାର ଏହି ଯୋଜନାରେ ସାମିଲ ହୋଇଥିବା ଜଣାପଡ଼ିଛି।

## ଓମାନରେ ଫସିଛନ୍ତି ଆଳିର ଯୁବକ

ପୁଅକୁ ଫେରାଇ ଆଣିବାକୁ ମା'ର ନିବେଦନ

**ଆଳି, ୩।୧୦ (ଡି.ଏନ୍.ଏ.)**

ଆଳି ଥାନା ମେଣ୍ଟପୁର ପଞ୍ଚାୟତ ପଦନପୁର ଗ୍ରାମର ଅବଦୁଲ ରହେମତ ଖାଁଙ୍କ ପୁଅ ଅବଦୁଲ ସଲାମତ ଖାଁ (୨୩) ଓମାନରେ ଫସି ରହିଛନ୍ତି। ଦେମାଳ ପଞ୍ଚାୟତ ଲୋକାପଡ଼ା ଗ୍ରାମର ଜନୈକ ବ୍ୟକ୍ତି ଅବଦୁଲଙ୍କୁ କାମ ଯୋଗାଇ ଦେବେ କହି ୮ ମାସ ପୂର୍ବେ ଓମାନ ନେଇଯାଇଥିଲେ। ମାତ୍ର ଯେଉଁ କାମ ପାଇଁ ଚୁକ୍ତି କରାଯାଇଥିଲା ସେଭଳି କାର୍ଯ୍ୟ ଦିଆଯାଉ ନଥିବା ବେଳେ ୧୨ରୁ ୧୪ ଘଣ୍ଟା ପର୍ଯ୍ୟନ୍ତ ଖଟିବାକୁ ବାଧ କରାଯାଉଛି। ଏଥିସହ ୮ମାସ ମଧ୍ୟରେ ମାତ୍ର ୨ମାସର ଦରମା ପ୍ରଦାନ କରାଯାଇଛି। ତେବେ ପୁଅକୁ ସେଠାରୁ ଆଣିବା ପାଇଁ ଅବଦୁଲଙ୍କ ମା' ମୁସିଦା ବିବି ନିବେଦନ କରିଛନ୍ତି। ତେବେ ବୁଧବାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଆଳିଗସ୍ତ କରିଥିବା ସମୟରେ ଅବଦୁଲଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ତେବେ ଅବଦୁଲଙ୍କୁ ଓମାନରୁ ଫେରାଇ ଆଣିବା ପାଇଁ ତାଙ୍କ ମା'ବୈଜୟନ୍ତଙ୍କୁ ଆକୁଳ ନିବେଦନ କରିଥିଲେ। ଏ ନେଇ ଅବଦୁଲଙ୍କୁ ଯୋଗାଯୋଗ କରିବାରେ ଅସୁସ୍ଥ ଥିବା ସମୟରେ ତାଙ୍କୁ କାମ କରିବା ପାଇଁ ବାଧ କରାଯାଉଥିବା ଓ ଅସ୍ୱାସ୍ଥ୍ୟକର ପରିବେଶରେ ରହିବା ପାଇଁ ଦିଆଯାଇଥିବା କହିଛନ୍ତି। ଏଥିସହ ଠିକ୍ ଭାବେ ଦରମା ମିଳୁ ନଥିବାରୁ ଅଧିକାଂଶ ସମୟ ଭୋକ ଉପାସରେ ରହିବାକୁ ପଡୁଥିବା ଅବଦୁଲ କହିଛନ୍ତି। ତେବେ ତାଙ୍କୁ ତୁରନ୍ତ ଭାରତ ଫେରାଇ ଆଣିବା ପାଇଁ ଅବଦୁଲ ଓ ତାଙ୍କ ମା' ନିବେଦନ କରିଛନ୍ତି।

## କମ୍ୟୁନିଷ୍ଟ ନେତା କୃଷ୍ଣଚନ୍ଦ୍ର ମଲ୍ଲିକ ଅସୁସ୍ଥ

**ଆଳି, ୩।୧୦ (ଡି.ଏନ୍.ଏ.)**

କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ମଲ୍ଲିକ ଗତ କିଛିଦିନ ହେବ ଅସୁସ୍ଥ ହୋଇପଡିଛନ୍ତି। ଖବରପାଇ କେନ୍ଦ୍ରାପଡା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ବୁଧବାର ମଲ୍ଲିକଙ୍କୁ ତାଙ୍କ ଆଳି ବ୍ଲକ ମେଣ୍ଟପୁର ଗ୍ରାମସ୍ଥିତ ବାସଭବନରେ ଭେଟିଛନ୍ତି। ବୈଜୟନ୍ତ ମେଣ୍ଟପୁରରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ବାବାଜୀ ଚରଣ ସ୍ୱାଇଁ ବୈଜୟନ୍ତଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ବୈଜୟନ୍ତଙ୍କ ସହ ଗ୍ରାମବାସୀ ମଲ୍ଲିକଙ୍କ ବାସଭବନକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

# ସାନମାଣତିଆ ସ୍କୁଲ ଛାତ୍ରୀଛାତ୍ରଙ୍କ ଧାରଣା

**କେନ୍ଦ୍ରାପଡା ଅଫିସ, ୩।୧୦**

କେନ୍ଦ୍ରାପଡା ବ୍ଲକ ସାନମାଣତିଆ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଶିକ୍ଷା ଅଧିକାରରୁ ବଞ୍ଚିତ ହେଉଥିବା ଦର୍ଶାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣାରେ ବସିଥିଲେ। ଆସନ୍ତା ୭ ତାରିଖରେ ଉକ୍ତ ବିଦ୍ୟାଳୟର ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଧାରଣାରତ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଧାରଣାକୁ ସ୍ଥଗିତ ରଖାଯାଇଛି। ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ପରିଚାଳନା କମିଟି ସଭାନେତ୍ରୀ ସୀତା ମଲ୍ଲିକ କହିଛନ୍ତି ଯେ, ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ପାଇଁ ବିଭିନ୍ନ ସମୟରେ ଜିଲା ପ୍ରଶାସନର ଦୃଷ୍ଟିଗୋଚର କରାଯାଇଛି। ସ୍କୁଲରେ ଶ୍ରେଣୀ ଗୃହ ମରାମତିର ଆବଶ୍ୟକତା ରହିଛି। ସେହିପରି ଗତ ୧୭ ଦିନ ଧରି ମଧ୍ୟାହ୍ନ ଭୋଜନରୁ ଛାତ୍ରୀଛାତ୍ର ବଞ୍ଚିତ ହୋଇଛନ୍ତି। ଏଥିସହିତ ଶିକ୍ଷକ ନିଯୁକ୍ତି, ବିଭିନ୍ନ ସମସ୍ୟା ସୃଷ୍ଟି କରୁଥିବା ବିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆଦି ଦାବି କରାଯାଇଛି। ଏହି ଦାବିକୁ ଆସନ୍ତା ୭ ତାରିଖରେ ସମାଧାନ କରାଯିବ ବୋଲି ଜିଲାପାଳ ଦାଶରଥି ଶତପଥୀ ପ୍ରତିଶ୍ରୁତି ଦେଇଛନ୍ତି।

## ମଣିଷପଣିଆ ଭାବନା ରହିଲେ ସମାଜକୁ ସୁଧାରି ହେବ




ପ୍ରତିଷ୍ଠା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

**ଡେରାବିଶ, ୩।୧୦ (ସ୍ୱ.ପ୍ର.)**

ବିପର୍ଯ୍ୟସ୍ତ ସମାଜକୁ ସୁଧାରିବା ପାଇଁ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଭିତରେ ମଣିଷ ପଣିଆ ଭାବନା ସୃଷ୍ଟିହେବାର ଆବଶ୍ୟକତା ରହିଛି ବୋଲି ଶିକ୍ଷାବିତ୍ ପଣ୍ଡିତ ହୃଷୀକେଶ ରଥ କହିଛନ୍ତି। ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଧ୍ୟକ୍ଷ ପ୍ରଭାକର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଉତ୍ସବରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଚିତ୍ତରଞ୍ଜନ ଦାସ ମୁଖ୍ୟବକ୍ତାଭାବେ ଯୋଗଦେଇ ମାତାପିତାଙ୍କ ପ୍ରତି ଶ୍ରଦ୍ଧା ମନୋଭାବ ରଖିଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ହଳଧର ଦାଶ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଅବସରପ୍ରାପ୍ତ ସେନା ଅଧିକାରୀ ରଜନୀକାନ୍ତ ମହାନ୍ତି, ଭବାନୀ ପ୍ରସାଦ ଓଝା ପ୍ରମୁଖ ଯୋଗଦେଇଥିଲେ। ଶେଷ ବର୍ଷର ଛାତ୍ରୀ ନିରୁପମା ମଲ୍ଲିକ ନିଜ ବକ୍ତବ୍ୟ ରଖିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପିକା ପ୍ରସାଦ ପ୍ରିୟଦର୍ଶିନୀ ସ୍ୱାଇଁ ଅତିଥି ପରିଚୟ, ଅଧ୍ୟାପିକା ସ୍ନେହଲତା ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପିକା ସୁଶ୍ରୀ ସଙ୍ଗୀତା ସାମଲ, ଅଧ୍ୟାପକ ବିଜୟ କୁମାର ଘଡ଼େଇ, ରାଜେନ୍ଦ୍ର କୁମାର ବେହେରା, ସନ୍ଦୀପ ମଧୁସୂଦନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଂଗ୍ରେସର ତହସିଲ ଅଫିସ୍ ଘେରାଉ

**ଆଳି, ୩।୧୦ (ଡି.ଏନ୍.ଏ.)**

ଆଳି ବ୍ଲକ କଂଗ୍ରେସ ପକ୍ଷରୁ ୧୨ଦଫା ଦାବିରେ ବୁଧବାର ଆଳି ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ହୋଇଥିବା ଲଗାଣ ବର୍ଷାରେ ଆଳି ବ୍ଲକର ୩୪ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଚାଷଜମିରେ ବର୍ଷା ପାଣି ଜମି ରହିବା ଯୋଗୁଁ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। ଏଥିସହ ଶହଶହ ଲୋକ ଜଳବନ୍ଦୀ ଥିବା ବେଳେ ଅନେକଙ୍କ ଘର ଭାଙ୍ଗି ଯାଇଥିଲା। କେତେକ ଗାଈଗୋରୁ ଖାଦ୍ୟ ଅଭାବରୁ ମରିଛନ୍ତି। ତେବେ କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ କଂଗ୍ରେସ ପକ୍ଷରୁ ବ୍ଲକ ପ୍ରଶାସନ ନିକଟରେ ଦାବି ହୋଇଥିଲା। ମାତ୍ର ବ୍ଲକ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଯାଇନାହିଁ। ଅନ୍ୟପଟେ ଆଳି ତହସିଲ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ଦିଆଯାଉଥିବା ପାଲ ମଧ ରାଜନୈତିକ ବ୍ୟକ୍ତି ବିଶେଷ ବାଣ୍ଟୁ ଥିବାରୁ ସେଥିରେ ପାତରପନ୍ତର ନୀତି



କଂଗ୍ରେସ ନେତା ଓ କର୍ମୀମାନେ ତହସିଲ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଅବଲମ୍ବନ କରାଯାଉଛି। ସେହିପରି ରାଜ୍ୟ ସରକାର ଘୋଷଣା କରିଥିବା ନୂତନ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରା ନଯାଇ ରାଜନୈତିକ ଲୋକଙ୍କ ଚିଠା ଅନୁଯାୟୀ ହିତାଧିକାରୀ ଚିହ୍ନଟ କରାଯାଇଛି। ଏହାକୁ ଆଳି ବ୍ଲକ କଂଗ୍ରେସ ଘୋର ବିରୋଧ କରୁଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ବ୍ଲକରେ କୃଷିଋଣ ଛାଡ଼, ଆଗାମୀ ରବି ଫସଲ ପାଇଁ ପର୍ଯ୍ୟାପ୍ତ ପରିମାଣର ସାର, ବିହନ ପ୍ରଦାନ, ୨୦୧୭ରେ ଘୋଷିତ ଫସଲବୀମା ପ୍ରଦାନ, ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ଆଦି ଯୋଗାଇଦେବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏଥିସହ ଛାତ୍ରୀଛାତ୍ରମାନଙ୍କ ଫିସ ଛାଡ଼, ଡେଙ୍ଗୁ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ନିଯୁକ୍ତି, ବ୍ଲକ ସଦର ମହକୁମାରେ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା, ଜଳସେଚନ, ପୂର୍ତ୍ତବିଭାଗ ଅଧୀନରେ ଥିବା ସମସ୍ତ ରାସ୍ତା ଓ ସ୍ଲୁଇସ୍ ଗେଟ ମରାମତି ଏବଂ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଅଚ୍ୟୁତପୁରଠାରୁ ଗଞ୍ଜା ଘାଟ ପର୍ଯ୍ୟନ୍ତ ରାସ୍ତା ଉଚ୍ଚ କରାଯିବା ଆଦି ୧୨ଦଫା ଦାବି ପୂରଣ ପାଇଁ କଂଗ୍ରେସ ପକ୍ଷରୁ ତହସିଲ ଅଫିସ୍ ଘେରାଉ କରାଯାଇଥିଲା। ଏହି ଅବସରରେ ଆଳି ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ନିଆଳ ହାଟଠାରୁ ଏକ ବିଶାଳ ଶୋଭାଯାତ୍ରାରେ କଂଗ୍ରେସ କର୍ମୀମାନେ ବାହାରି ଆଳି ନୂଆବଜାର ପରିକ୍ରମା କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, କେନ୍ଦ୍ରାପଡ଼ା ଜିଲା ସଭାପତି ଚିନ୍ମୟ ବେହେରା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ଆଳି ବ୍ଲକର ପୂର୍ବତନ ସଭାପତି ପର୍ଶୁରାମ ରାଉତରାୟ ଓ ରାଜକନିକା ବ୍ଲକ ପୂର୍ବତନ ସଭାପତି ବାବୁରାମ ଜେନା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଳି ବ୍ଲକ କଂଗ୍ରେସର ୧, ୨, ୩ ଓ ୪ନଂ. ଜୋନ ସଭାପତି ସର୍ବେଶ୍ୱର ସାମଲ, ପ୍ରଭାକର ସାହୁ, ନକୁଳଚନ୍ଦ୍ର ପରିଡା, ମାନଗୋବିନ୍ଦ ଦାସ, ଆଳି ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ରାଜମୋହନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଶରୀରକୁ ଫୁର୍ତ୍ତି ପ୍ରଦାନ ପାଇଁ ଅନେକ ଚା'ପାନ କରିଥାନ୍ତି। ଚା'ରେ ଥିବା ରାସାୟନିକ ପଦାର୍ଥ ଶରୀର କୋଷକୁ ଚଳଚଞ୍ଚଳ କରିବାକୁ ସକ୍ଷମ ହୋଇଥାଏ। ଶୀତଦିନେ ଚା' ଆଦର ବଢ଼ିଯାଇଥାଏ। ତେବେ ନିୟମିତ ଗରମ ଚା'ପାନ କରିବା ଦ୍ୱାରା ଖାଦ୍ୟନଳୀ କର୍କଟ ଆଶଙ୍କା ବୃଦ୍ଧି ପାଇଥାଏ ବୋଲି ପେକିଂ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସଂକ୍ଷେପରେ

### ବୈଦ୍ୟୁତିକ ଗଣମାଧ୍ୟମରେ କାଷ୍ଟିଂ କାଉଚ

■ ଦୁଇ ଉଚ୍ଚ ପଦାଧିକାରୀଙ୍କ ବିରୋଧରେ ଅଭିଯୋଗ ଆଣିଲେ ମହିଳା କର୍ମଚାରୀ

ଭୁବନେଶ୍ୱର, ୩।୧୦(ବ୍ୟୁରୋ): ବୈଦ୍ୟୁତିକ ଗଣମାଧ୍ୟମରେ କାଷ୍ଟିଂ କାଉଚ୍ ନେଇ ଅଭିଯୋଗ ହୋଇଛି। ଭୁବନେଶ୍ୱରରେ ଥିବା ଉକ୍ତ ବୈଦ୍ୟୁତିକ ଗଣମାଧ୍ୟମର କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ସଂସ୍ଥାର ନ୍ୟୁଜ୍ ହେଡ୍ ଏବଂ ଚ୍ୟାନେଲ ମୁଖ୍ୟଙ୍କ ବିରୋଧରେ ଏହି ଅଭିଯୋଗ ଆଣିଛନ୍ତି। ସମ୍ପୃକ୍ତ କର୍ମଚାରୀ ମଙ୍ଗଳବାର ସନ୍ଧ୍ୟାରେ ଏ ନେଇ ମହିଳା ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ମୁତାବକ, ସମ୍ପୃକ୍ତ ମହିଳା କର୍ମଚାରୀଙ୍କ ଅଫିସରେ ନ୍ୟୁଜ୍ ଡେସ୍କରେ କାମ କରୁଥିଲେ। ପରେ ତାଙ୍କୁ ଉପସ୍ଥାପିକା କରାଇଦେବେ ବୋଲି ଚ୍ୟାନେଲର ଦୁଇ ଉଚ୍ଚ ପଦାଧିକାରୀ ପ୍ରଲୋଭନ ଦେଖାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଉଭୟେ ଏକାଧିକ ଥର ଅସଦାଚରଣ କରିଥିଲେ। ମହିଳା ଜଣକ ବିରୋଧ କରିବାରୁ ତାଙ୍କୁ ଚାକିରିରୁ ବିଦା କରିବା ଲାଗି ନୋଟିସ୍ ଦିଆଯାଇଛି। ତେଣୁ କୌଣସି ଉପାୟ ନ ପାଇ ସେ ମହିଳା ଥାନାର ଅଭିଯୋଗ କରିଛନ୍ତି ବୋଲି ଜଣାଇଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଥିବା ମହିଳା ଥାନା ଅଧିକାରୀ ଇମନ କଲ୍ୟାଣ ନାୟକ କହିଛନ୍ତି।

### ୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ୨ ଗିରଫ

କଟକ ସଦର, ୩।୧୦(ଡି.ଏନ୍.ଏ.): ଟଙ୍କା ଠକେଇ ଅଭିଯୋଗରେ କନ୍ଦରପୁର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ଜିଲା ବନସଡା ଥାନା ଧାମରା ଅଞ୍ଚଳର ଦେବେନ୍ଦ୍ର କୁମାର ବଳ ଓ କନ୍ଦରପୁର ଥାନା ଅନ୍ତର୍ଗତ ଦଣ୍ଡୁଆସିପଡା ଗ୍ରାମର ବଟକୃଷ୍ଣ ପ୍ରଧାନ। ଏ ନେଇ ଥାନାରେ ଏକ ମାମଲା(ନଂ.୧୨୬/୧୭) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଏକ ପୁରୁଣା ଟ୍ରକ କିଣାଇ ଦେବା ଆଳ ଦେଖାଇ ୨ ଅଭିଯୁକ୍ତ ଦାମୋଦରପୁର ଗ୍ରାମର ସେକ୍ ଆବିଦ୍‌ଙ୍କୁ ପ୍ରବର୍ତ୍ତାଇଥିଲେ। ମଙ୍ଗୁଳି ଛକରେ ଏକ ଟ୍ରକ୍‌କୁ ଦେଖାଇ ଏହାକୁ କିଣାଇ ଦେବା ପ୍ରତିଶ୍ରୁତି ଦେଇ ୫ ଲକ୍ଷ ଟଙ୍କା ଓ କାଗଜପତ୍ର ପାଇଁ ୧୦ ହଜାର ଟଙ୍କା ନେଇଥିଲେ। ପରେ ତାଙ୍କୁ ଗାଡି ନ ଦେବାରୁ ଆବିଦ୍ ପୋଲିସ ନିକଟରେ ଅଭିଯୋଗ କରିଥିଲେ।

# ୨୦୧୮-୧୯ ରବି ଫସଲର ଏମ୍ଏସ୍‌ପି ବୃଦ୍ଧିକୁ କ୍ୟାବିନେଟ୍ ମଞ୍ଜୁରୀ

■ ଗହମ, କୁସୁମ, ଯଅ, ଚଣାର ମୂଲ୍ୟ ବୃଦ୍ଧି

■ ମସୁର, ରାଇସୋରିଷ, ସୋରିଷ ଏମ୍ଏସ୍‌ପି ବୃଦ୍ଧି

ଭୁବନେଶ୍ୱର,୩।୧୦(ବ୍ୟୁରୋ)

କୃଷକଙ୍କ ଆୟରେ ଉଲ୍ଲେଖନୀୟ ବୃଦ୍ଧି ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରବି ଋତୁ ଫସଲଗୁଡିକର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ବୃଦ୍ଧି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ୨୦୧୮-୧୯ ରବି ଋତୁ ପାଇଁ ଫସଲ ପାଇଁ ଆସିଥିବା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ଫସଲଗୁଡ଼ିକର ବିକ୍ରି ୨୦୧୯-୨୦ରେ କରାଯିବ।

ଉକ୍ତ ପଦକ୍ଷେପ ଦ୍ୱାରା କୃଷକମାନଙ୍କୁ ୬୨,୬୩୫ କୋଟି ଟଙ୍କାର ଅତିରିକ୍ତ ଲାଭ ମିଳିବ। ଅଧିସୂଚିତ ଫସଲଗୁଡ଼ିକର ଏମ୍ଏସ୍‌ପି ବୃଦ୍ଧି କରାଯାଇ ଉତ୍ପାଦନ ବ୍ୟୟ ଉପରେ ସର୍ବନିମ୍ନ ୫୦ ପ୍ରତିଶତ ରିଟର୍ଣ୍ଣ ସୁନିଶ୍ଚିତ କରାଯାଇଛି। ଏହାଦ୍ୱାରା କୃଷକମାନଙ୍କ ଆୟ ଦ୍ୱିଗୁଣିତ ହେବାରେ ସହାୟତା ମିଳିପାରିବ ବୋଲି କେନ୍ଦ୍ର ସରକାର ଦୃଢ ଆଶା ପୋଷଣ କରିଛନ୍ତି।

ଗହମର ଏମ୍ଏସ୍‌ପି କୁଇଣ୍ଟାଲ ପିଛା ୧୦୫ ଟଙ୍କା, କୁସୁମ ୮୪୫ ଟଙ୍କା, ଯଅ ୩୦ ଟଙ୍କା, ମସୁର ୨୨୫ଟଙ୍କା, ଚଣା ୨୨୦ ଟଙ୍କା ଏବଂ ରାଇସୋରିଷ/ସୋରିଷର କୁଇଣ୍ଟାଲ ପ୍ରତି ୨୦୦ ଟଙ୍କା ବଢ଼ାଇ ଦିଆଯାଇଛି। ଗହମ, ଯଅ, ଚଣା, ମସୁର, ରାଇସୋରିଷ, ସୋରିଷ ଓ କୁସୁମ ଲାଗି ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ଏମ୍ଏସ୍‌ପି ଉତ୍ପାଦନ ବ୍ୟୟ ତୁଳନାରେ ଯଥେଷ୍ଟ ଅଧିକ।

ଗହମର ଉତ୍ପାଦନ ବ୍ୟୟ କୁଇଣ୍ଟାଲ ପ୍ରତି ୮୬୬ଟଙ୍କା ଥିବାବେଳେ ଏମ୍ଏସ୍‌ପି ୧୮୪୦ଟଙ୍କା କରାଯାଇଛି, ଯାହା ଉତ୍ପାଦନ ବ୍ୟୟ ତୁଳନାରେ ୧୧୨.୫ ପ୍ରତିଶତ ରିଟର୍ଣ୍ଣ ପ୍ରଦାନ କରୁଛି।

ଯଅର ଉତ୍ପାଦନ ବ୍ୟୟ ୮୬୬ ଟଙ୍କା ଥିବାବେଳେ ଏମ୍ଏସ୍‌ପି ୧୪୪୦ ଟଙ୍କା ହୋଇଛି। ଯାହା ୬୬.୪ ପ୍ରତିଶତ ରିଟର୍ଣ୍ଣ ପ୍ରଦାନ କରୁଛି। ଚଣାର ଉତ୍ପାଦନ ବ୍ୟୟ ୨୬୩୭ ଟଙ୍କା ହୋଇଥିବା ବେଳେ ଏମ୍ଏସ୍‌ପି କୁଇଣ୍ଟାଲ ପ୍ରତି ୪୬୨୦ ଟଙ୍କା ହୋଇଛି। ଯାହା ପୂର୍ବାପେକ୍ଷା ୭୫.୨ ପ୍ରତିଶତ ରିଟର୍ଣ୍ଣ ସୁନିଶ୍ଚିତ କରୁଛି। ମସୁର ଉତ୍ପାଦନ ୨୫୩୨ ତୁଳନାରେ ଏମ୍ଏସ୍‌ପି ୪୪୭୫ ଟଙ୍କା ହୋଇଛି, ଯାହା ୭୬.୭ ପ୍ରତିଶତ ରିଟର୍ଣ୍ଣ ପ୍ରଦାନ କରୁଛି।

ରାଇସୋରିଷ ଏବଂ ସୋରିଷର ଉତ୍ପାଦନ ୨୨୧୨ ଟଙ୍କା ଥିବାବେଳେ ଏମ୍ଏସ୍‌ପି ୪୨୦୦ କରାଯାଇଛି। ଏହାଦ୍ୱାରା ଚାଷୀ ପୂର୍ବାପେକ୍ଷା ୮୯.୯ ପ୍ରତିଶତ ରିଟର୍ଣ୍ଣ ସୁନିଶ୍ଚିତ କରୁଛି।

ସେହିପରି କୁସୁମର ଉତ୍ପାଦନ ବ୍ୟୟ କୁଇଣ୍ଟାଲ ପ୍ରତି ୩୨୯୪ ଟଙ୍କା ହୋଇଥିବା ବେଳେ ଏମ୍ଏସ୍‌ପି ୪୯୪୫ ଟଙ୍କା ରହିଛି। ଯାହା ୫୦.୧ ପ୍ରତିଶତ ରିଟର୍ଣ୍ଣ ପ୍ରଦାନ କରୁଛି।

■ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ

# ୧୬୩ ପଞ୍ଚାୟତ ପାଇଁ ୧୪୮୦ ପ୍ରକଳ୍ପକୁ ମଞ୍ଜୁରୀ




ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଭୁବନେଶ୍ୱର, ୩।୧୦(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ୬ ଜିଲାର ୮ ବ୍ଲକ ପାଇଁ ୩୮.୮୬କୋଟିଟଙ୍କାରେ ୧୪୮୦ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। କେନ୍ଦୁଝର ଜିଲାର ଘଟଗାଁ ଓ ସହରପଡା, କେନ୍ଦ୍ରାପଡା ଜିଲାର ପଟ୍ଟାମୁଣ୍ଡାଇ, ମୟୂରଭଞ୍ଜ ଜିଲାର ବେତନଟୀ ଓ ଖୁଣ୍ଟା, ରାୟଗଡା ଜିଲାର ମୁନିଗୁଡା, ସମ୍ବଲପୁର ଜିଲାର ନାକଟିଦେଉଳ ଓ ଖୋର୍ଦ୍ଧା ଜିଲାର ଚିଲିକା ଆଦି ବ୍ଲକର ୧୪୮୦ ପଞ୍ଚାୟତ ପାଇଁ ଏହି ଯୋଜନାରେ ବିଭିନ୍ନ ପ୍ରକଳ୍ପ ମଞ୍ଜୁର କରାଯାଇଛି। ଘଟଗାଁ ବ୍ଲକର ୨୬ ପଞ୍ଚାୟତ ପାଇଁ ୬.୦୧କୋଟି ଟଙ୍କାରେ ୧୬୦ପ୍ରକଳ୍ପ, ସହରପଡା ବ୍ଲକର ୨୦ ପଞ୍ଚାୟତ ପାଇଁ ୪.୮୦କୋଟି ଟଙ୍କାରେ ୧୫୦ ପ୍ରକଳ୍ପ, ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତ ପାଇଁ ୮.୧୮କୋଟି ଟଙ୍କାରେ ୩୧୦ ପ୍ରକଳ୍ପ, ବେତନଟୀ ବ୍ଲକର ୨୪ ପଞ୍ଚାୟତ ପାଇଁ ୬ କୋଟି ଟଙ୍କାରେ ୨୬୯ ପ୍ରକଳ୍ପ, ଖୁଣ୍ଟା ବ୍ଲକର ୧୪ ପଞ୍ଚାୟତ ପାଇଁ ୩.୫୦କୋଟି ଟଙ୍କାରେ ୧୨୫ ପ୍ରକଳ୍ପ, ମୁନିଗୁଡା ବ୍ଲକର ୧୭ ପଞ୍ଚାୟତ ପାଇଁ ୩କୋଟି ଟଙ୍କାରେ ୧୮୭ପ୍ରକଳ୍ପ, ନାକ୍‌ଟିଦେଉଳ ବ୍ଲକର ୧୪ ପଞ୍ଚାୟତ ପାଇଁ ୩.୧୨କୋଟି ଟଙ୍କାରେ ୧୫୭ ପ୍ରକଳ୍ପ ଏବଂ ଚିଲିକା ବ୍ଲକର ୧୭ ପଞ୍ଚାୟତ ପାଇଁ ୪.୨୫କୋଟି ଟଙ୍କାରେ ୧୨୨ପ୍ରକଳ୍ପ ମଞ୍ଜୁର ହୋଇଛି।

ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ରାଜ୍ୟର ୨୧୮ବ୍ଲକର ୪୭୩୮ ପଞ୍ଚାୟତ ପାଇଁ ଜନସାଧାରଣଙ୍କ ସହ ଆଲୋଚନା କରି ୪୩, ୪୧୨ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜରିଆରେ ରାଜ୍ୟ ସରକାର ସମୁଦାୟ ୧୦୭୩.୪୯କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

### ୩ ଗବେଷକଙ୍କୁ ...

ତାଙ୍କୁ ନୋବେଲ ପୁରସ୍କାର ରାଶି ବାବଦ ମୋଟ ଅର୍ଥ (୯ ନିୟୁତ ସ୍ୱିଡିସ୍ କ୍ରୋନୋର ବା ୧.୦୧ ନିୟୁତ ଡଲାର)ର ଅଧା ପ୍ରଦାନ କରାଯିବ। ଅବଶିଷ୍ଟ ଅର୍ଥକୁ ସ୍ମିଥ୍ ଓ ୱିଣ୍ଟରଙ୍କ ମଧ୍ୟରେ ଦୁଇଭାଗ କରିଦିଆଯିବ। ୨୦୧୮ର ରସାୟନ ବିଜ୍ଞାନ ପୁରସ୍କାର ବିଜେତାମାନେ ବିବର୍ତ୍ତନକୁ ନିୟନ୍ତ୍ରଣକୁ ଆଣି ମାନବ ଜାତିର ହିତ ସାଧନ ଉଦ୍ଦେଶ୍ୟରେ ଏହାକୁ ବ୍ୟବହାର କରିବାରେ ସକ୍ଷମ ହୋଇଛନ୍ତି ବୋଲି ସ୍ୱିଡିସ୍ ରୟାଲ ଏକାଡେମୀ ଅଫ୍ ସାଇନ୍ସେସ୍ ପକ୍ଷରୁ କୁହାଯାଇଛି। ବିଭିନ୍ନ କ୍ଷେତ୍ରରେ ବ୍ୟବହୃତ ପ୍ରୋଟିନ୍‌କୁ ବିକଶିତ କରିବା ଲାଗି ୩ ବୈଜ୍ଞାନିକ ବିବର୍ତ୍ତନର ସମାନ ସିଦ୍ଧାନ୍ତ(ଆନୁବଂଶିକ ପରିବର୍ତ୍ତନ ଓ ଚୟନ)ର ପ୍ରୟୋଗ କରିଥିଲେ। ସେମାନେ ଟେଷ୍ଟଟ୍ୟୁବ୍‌ରେ ଡାର୍ୱିନ୍ ସିଦ୍ଧାନ୍ତକୁ ଅନୁସରଣ ଓ ଉପଯୋଗ କରିଥିଲେ। ଏହି ବୈଜ୍ଞାନିକମାନେ ବିବର୍ତ୍ତନକୁ ହଜାର ହଜାର ଗୁଣ ତୀବ୍ରତର କରି ତାକୁ ନୂଆ ପ୍ରୋଟିନ୍‌ରେ ପରିଣତ କରିବାରେ ସକ୍ଷମ ହୋଇଥିବା ଏକାଡେମୀର ନୋବେଲ୍ କେମେଷ୍ଟ୍ରି କମିଟି ଅଧ୍ୟକ୍ଷ କ୍ଲାଏସ୍ ଗୁଷ୍ଟାଫ୍‌ସୋନ୍ ସୂଚନା ଦେଇଛନ୍ତି।

୬୨ ବର୍ଷୀୟା ଆର୍ନୋଲ୍ଡ ହେଉଛନ୍ତି କାଲିଫର୍ନିଆ ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ଟେକ୍ନୋଲୋଜିସ୍ଥିତ କେମିକାଲ୍ ଇଞ୍ଜିନିୟରିଂ ବିଭାଗର ଜଣେ ପ୍ରାଧ୍ୟାପିକା। ଜୀବାଶ୍ମ ଇନ୍ଧନ ଭଳି ବିଷାକ୍ତ ରାସାୟନିକ ଦ୍ରବ୍ୟକୁ ହଟାଇବା ଭଳି ସମସ୍ୟା ସମାଧାନରେ ତାଙ୍କ ଉଦ୍ୟମ ସଫଳ ହୋଇଛି। ଆଖୁ ଭଳି ନବୀକରଣୀୟ ସମ୍ବଳକୁ ଜୈବଇନ୍ଧନରେ ପରିବର୍ତ୍ତିତ କରିବା ପାଇଁ ଅଭିଳଷିତ ଗୁଣ ସହ ନୂଆ ପ୍ରୋଟିନ୍ ତିଆରିରେ ତାଙ୍କ ପଦ୍ଧତିକୁ ବ୍ୟବହାର କରାଯାଉଛି। ଏହାକୁ ଅଧିକ ପରିବେଶ ଉପଯୋଗୀ କରିବା ଲାଗି ରାସାୟନିକ ପଦାର୍ଥଗୁଡ଼ିକୁ ବିକଶିତ କରି ଲୁଗା ଓ ବାସନ ଧୁଆ ଡିଟର୍ଜେଣ୍ଟ ପରି ଉତ୍ପାଦଗୁଡ଼ିକରେ ବ୍ୟବହାର କରାଯାଉଛି।

ୟୁନିଭର୍ସିଟି ଅଫ୍ ମିସୋରିର ସ୍ମିଥ୍ ଏବଂ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟସ୍ଥିତ ଏମ୍ଆର୍‌ସି ଲାବରେଟୋରି ଅଫ୍ ମୋଲେକ୍ୟୁଲାର ବାୟୋଲୋଜିରେ କାର୍ଯ୍ୟରତ ୱିଣ୍ଟର(୬୬) ଇତିମଧ୍ୟରେ ଫେଜ୍ ଡିସ୍‌ପ୍ଲେ ନାମରେ ଏକ ସୁନ୍ଦର ପଦ୍ଧତି ବିକଶିତ କରିଛନ୍ତି। ବ୍ୟାକ୍ଟେରିଆକୁ ସଂକ୍ରମିତ କରୁଥିବା ବ୍ୟାକ୍ଟେରିଓଫେଜ୍ ନାମକ ଏକ ଭୂତାଣୁକୁ ନୂଆ ପ୍ରୋଟିନ୍ ପ୍ରସ୍ତୁତିରେ ବ୍ୟବହାର କରାଯାଇ ପାରିବ। ଜୀର୍ଣ୍ଣ ଦୈହିକ ରୋଗ, ଚର୍ମ ରୋଗ ଓ ଅନ୍ତ ପ୍ରଦାହ ସଂକ୍ରାନ୍ତ ରୋଗର ଔଷଧ ଏମାନଙ୍କ ଗବେଷଣାରୁ ଉଦ୍ଭାବନ ହୋଇପାରିଛି। ଆଲଫ୍ରେଡ୍ ନୋବେଲ (୧୮୩୩-୧୮୯୬)ଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଡିସେମ୍ବର ୧୦ରେ ଷ୍ଟକ୍‌ହୋମ୍‌ଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ସ୍ୱିଡେନ୍‌ର ରାଜା କାର୍ଲ ଷଷ୍ଠଦଶ ଗୁଷ୍ଟାଫ୍‌ଙ୍କଠାରୁ ୩ ଗବେଷକ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିବେ।

■ ଭାଜପା ମହିଳା ମୋର୍ଚ୍ଚା ସଦସ୍ୟାଙ୍କୁ ଅସଦାଚରଣ ଘଟଣା

# ପୋଲିସ ବିରୋଧରେ ମହିଳା ଥାନାରେ ଏତଲା

ଭୁବନେଶ୍ୱର, ୩।୧୦(ବ୍ୟୁରୋ)

ମହିଳାଙ୍କ ବିରୋଧରେ ଅଶୋଭନୀୟ ମନ୍ତବ୍ୟ ଦେଇଥିବା ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କୁ ବହିଷ୍କାର କରିବା ଦାବି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ନବୀନ ନିବାସ ଯାଉଥିବା ଭାଜପା ମହିଳା ମୋର୍ଚ୍ଚା ସଦସ୍ୟାମାନଙ୍କୁ ଗତ ମଙ୍ଗଳବାର ପୋଲିସ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏଥିରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ମହିଳା ମୋର୍ଚ୍ଚା ପକ୍ଷରୁ ବୁଧବାର ମହିଳା ଥାନାରେ ଏତଲା ଦିଆଯାଇଛି। ଆଇପିସି ଧାରା ୩୫୪, ୩୫୪(କ), ୩୫୪(ଖ), ୨୯୪, ୫୦୬ ଓ ୩୪ ଅନୁଯାୟୀ ଏଭଳି ଘଟଣା ଦଣ୍ଡନୀୟ ଅପରାଧ। ତେଣୁ ମହିଳାମାନଙ୍କୁ ୩ ପୋଲିସ ଅଧିକାରୀ ସର୍ବସମ୍ମୁଖରେ ଅଶାଳୀନ ବ୍ୟବହାର କରିଥିବାରୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦଳ ପକ୍ଷରୁ ଦାବି ହୋଇଛି। ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡା, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ଉପସଭାନେତ୍ରୀ କନକବାଳା ପଟ୍ଟନାୟକ ଓ ଭୁବନେଶ୍ୱର ମହିଳା ମୋର୍ଚ୍ଚା ସଭାନେତ୍ରୀ ମିନାକ୍ଷୀ ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଥାନାରେ ପହଞ୍ଚି ଏତଲା ଦେଇଥିଲେ।


## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ନୂଆପଡ଼ା

### ବିଜ୍ଞପ୍ତି

ଏତଦ୍ୱାରା ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ଅଧୀନସ୍ଥ ସମସ୍ତ ଗୃହ ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ମ୍ୟୁନିସିପାଲ ଆଇନ ୧୯୫୦ ଧାରା ୧୪୨(୧) ଓ ମ୍ୟୁନିସିପାଲ ନିୟମାବଳୀ ୧୯୫୩ର ନିୟମ ୫୧୨ (ଗ) ଅନୁଯାୟୀ ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ଅଧୀନସ୍ଥ ଗୃହ ଓ ମେଲାଡ଼ିହଗୁଡ଼ିକର ମୂଲ୍ୟାୟନ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଅଛି।

ଏଣୁ ସମସ୍ତ ଗୃହ ଓ ମେଲାଡ଼ିହଗୁଡ଼ିକର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି କି ମୂଲ୍ୟାୟନ କାର୍ଯ୍ୟ ଚାଲୁଥିବା ସମୟରେ ମୂଲ୍ୟାୟନ ସଂସ୍ଥାର ଭାରପ୍ରାପ୍ତ କର୍ମଚାରୀଙ୍କୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଆପଣମାନଙ୍କର ସହଯୋଗ ଏକାନ୍ତକାମ୍ୟ।

ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ନୂଆପଡ଼ା

## ODISHA CO-OPERATIVE TASAR & SILK FEDERATION LTD., (SERIFED)

Sahid Nagar, Janpath, Bhubaneswar-751007
Tel.: (0674)- 2545586, 2545852, Email: serifedodisha@gmail.com

No-VI-28(8)SERIFED/2018-19/1099 Date: 03.10.2018

### TENDER CALL NOTICE

Sealed tenders in two bids are invited from the registered contractors for the "Renovation & Interior decoration of Sale Branch of Boyanika" at Handloom Haat Janpath, New Delhi as follows. **(1) Nature of the work :** Renovation (Civil, Electrical, PHD) & Interior decoration works. **(2) Estimated cost : Rs.60,27,388/-** (Excluding GST). **(3) Cost of Tender Paper :** Rs.10,000/- (Non-refundable). **(4) E.M.D. : Rs.60,300/-. (5) Class of Contractor :** "B" & "A" Class. **(6) Date & Time of availability of Tender Paper : Office of SERIFEED.** (up to 20.10.2018, 10:00 A.M. to 5:00 P.M.). Website **www.serifed.in** 11:00 A.M. on Dt.06.10.2018. **(7) Last date of receipt of Tender :** Up to 1:00 P.M. Dt.22.10.2018. **(8) Opening of Tender Technical Bids :** 03:00 P.M. on Dt.22.10.2018. For details of tender document, Terms & Conditions and further corrigenda, please visit Serifed own website **www.serifed.in**.

Sd/- MANAGING DIRECTOR

## GOVERNMENT OF ODISHA
### OFFICE OF THE SUPERINTENDING ENGINEER, SOUTHERN (R&B) CIRCLE, BERHAMPUR

Phone : 0680-2281582, FAX :0680-2281582,
Email : sescpwd@yahoo.co.in

No. 676-B

### Corrigendum to Bid Identification No. SE, SC (R&B)- BAM-08/2018-19

No. 3413 Dated : 26.09.2018

The tender invited vide Bid Identification No. S.E, S.C. - (R&B)-BAM-08/2018-19" vide Sl. No. 06 for the work "Impvt. to Gate Bazar Junction to Lochapada Road All India Radio Station Junction & Internal Road of Bank Colony near Medical Colony 0/0 to 2/150 Km in the Dist of Ganjam under State Plan 2018-19" is hereby cancelled due to non participation of any bidder.

Sd./- Superintending Engineer
Southern (R&B) Circle, Berhampur

34103/11/0032/1819

## OFFICE OF THE SR. GENERAL MANAGER (ELECTRICAL)
### UPPER INDRAVATI HYDRO ELECTRIC PROJECT, MUKHIGUDA,

DIST: KALAHANDI-766026, Mob. No.7328840483,
E-mail: sgmel_uihep@ohpcltd.com

### ODISHA HYDRO POWER CORPORATION LTD.

(A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826,
Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

No. CAD-904

### TENDER CALL NOTICE NO. 40/2018-19 DTD.29.09.2018

The Sr. General Manager (El), UIHEP, Mukhiguda invites sealed tenders in two parts from Manufacturers / Authorized Dealers / reputed suppliers for the following work.

| Name of Work | Estimated Cost in Rs. | EMD in Rs. | Cost of Tender Paper in Rs. |
|---|---|---|---|
| Procurement, Erection, Testing & Commissioning of 400 KV Current Transformer. | 80,65,890/- | 80,658/- | Rs. 11,800/- inclusive of GST @ 18% |

The sale of tender paper: from 11:00 Hrs. of 22.10.2018 to 13:00 Hrs. of 09.11.2018
The last date & time of receipt of tenders: up to 13:00 Hrs of 09.11.2018
The date & time of opening of Technical Bid : 12:30 Hrs of 13.11.2018
For details of tender documents, Terms and Conditions, Eligibility Criteria and downloading please visit our website www.ohpcltd.com

32136/11/0058/1819 Sd./- Sr. General Manager (El.), UIHEP, Mukhiguda

## DEPARTMENT OF POSTS, INDIA

**ଡାକ ଜୀବନ ବୀମା ଏବଂ ଗ୍ରାମୀଣ ଡାକ ଜୀବନ ବୀମା ପାଇଁ Agent ଆବଶ୍ୟକ**

ଡାକ ଜୀବନ ବୀମା ଏବଂ ଗ୍ରାମୀଣ ଡାକ ଜୀବନ ବୀମା ପାଇଁ ଢେଙ୍କାନାଳ ଡାକ ମଣ୍ଡଳ Agent ଆବଶ୍ୟକ କରୁଛନ୍ତି। ଏହା ସମ୍ପୂର୍ଣ୍ଣ Incentive ଭିତ୍ତିକ। ଗ୍ରାମୀଣ ଅଞ୍ଚଳ ପାଇଁ Matriculation ଏବଂ ସହରାଞ୍ଚଳ ପାଇଁ +2 ଶିକ୍ଷାଗତ ଯୋଗ୍ୟତା ଥିବା ଆବଶ୍ୟକ। ଆଗ୍ରହୀ ପ୍ରାର୍ଥୀ ତା୧୧।୧୦।୨୦୧୮ (11.10.2018) ଗୁରୁବାର ଦିନ ୧୧ ଘଣ୍ଟା ସମୟରେ ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, Adhar Card ଏବଂ ୨ଟି (2) Passport Photo ସହିତ ଢେଙ୍କାନାଳ ମୁଖ୍ୟ ଡାକଘର ପରିସରରେ ଥିବା ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ଢେଙ୍କାନାଳଙ୍କୁ Walk-in-Interview ପାଇଁ ଯୋଗାଯୋଗ କରିବାକୁ ଅନୁରୋଧ।

Superintendent of Post Office, Dhenkanal Division,
Dhenkanal-759001, Phone-06762-225676,
e.mail: dodhenkanal.od@indiapost.gov.in

## SUNDARGARH MUNICIPALITY

No. 4502 Dt. 03.10.2018
Office of the Municipal Council: Sundargarh
Notice Inviting Tender
Bid Reference No. SNGM-08/2018-19 / Dt. 03.10.2018

1. Total No. of Works for which tenders invited : 01 No.
2. Place of Execution : Different locations of Sundargarh Municipality.
3. Estimated Cost of Individual Work : Rs. 98,600/-
4. Eligible Class of Contractors : Registered Contractors of Class- 'D' to Class - 'C' as indicated against each work mentioned in the tender call notice.
5. The bid documents will be available in the office of the Executive Officer, Sundargarh Municipality from 11 A.M. on 03.10.2018 to 4P.M. on 06.10.2018 for bidding.
6. Bids received through Speed Post/ Registered Post will be opened at 11 A.M. on 10.10.2018.

Sd./- Executive Officer, Sundargarh Municipality

## BHUBANESWAR MUNICIPAL CORPORATION

**Adv No :32897 Dt.03.10.2018**

**Corrigendum to Advertisement No. 32263 dated 26.09.2018 For "Empanelment of Goushalas with Bhubaneswar Municipal Corporation (BMC) for keeping stray bulls/cows"**

The Last date & time of submission of proposal (By Hand/Speed Post/Registered Post/Courier) is extended to **06.10.2018 till 3:30 PM.**

By Order,

Dy. Commissioner (Cattle Drive & ABC Program)
Bhubaneswar Municipal Corporation

Progress Through Partnership for a Better Bhubaneswar

## BHUBANESWAR MUNICIPAL CORPORATION

**Notice No : 32844 Dt.03.10.2018**

**Corrigendum No. 2 to RFP No. 32098 dated 25.09.2018 for "Supply & Installation of Water ATM at Designated Locations in Bhubaneswar including Operation & Maintenance Services"**

The Last Date of receipt of Technical and Financial Proposal for the above cited work is extended up to **06.10.2018 till 3:00 PM.** The Technical Proposal shall be opened on **06.10.2018 at 4:00 PM.** For any queries please contact **bmcpmu@bmc.gov.in**

By Order,

Executive Engineer - I
Bhubaneswar Municipal Corporation

Progress Through Partnership for a Better Bhubaneswar

## GOVERNMENT OF ODISHA

No.: 660-B

### OFFICE OF THE SUPERINTENDING ENGINEER, JEYPORE (R&B) CIRCLE, JEYPORE

### e-Procurement Notice

**Bid Identification No. S.E.J.C. (R&B) - 08/2018-19**

**No.: 2942 Date: 29.09.2018**

| | | |
|---|---|---|
| 1. | Name of the Work | : Road Work |
| 2. | Total No. of Works | : 01 (One) No. |
| 3. | Estimated Cost | : Rs.375.51 Lakhs |
| 4. | Period of Completion | : 06 (Six) Months |
| 5. | Date & time of availability of bid document in the portal | : From 11.00 hours of 06.10.2018 to 16.00 hours of 22.10.2018 |
| 6. | Last date/time for receipt of bids in the portal | : 16.00 hours of 22.10.2018 |
| 7. | Name and address of the Officer Inviting Bid | : Superintending Engineer, Jeypore (R&B) Circle, Jeypore |

Further details can be seen from the e-procurement portal **https://tendersorissa.gov.in**.

Sd./- Superintending Engineer
Jeypore (R&B) Circle, Jeypore

34108/11/0013/1819

## idco ODISHA NEW OPPORTUNITIES
### ODISHA INDUSTRIAL INFRASTRUCTURE DEVELOPMENT CORPORATION

(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR.
Tender Call Notice No. BBSR/ELECT/ E-3974/18-19/4442 DT: 01.10.2018

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work:** Illumination of Parshu Rameswar Temple at Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-23/18-19 | 06.10.2018 at 12.00 Hrs. | 11.10.2018 at 12.00 Hrs. |

Further details can be seen from the e-procurement portal. **www.tendersorissa.gov.in** . Corrigendum or Addendum, if any will not be published in newspapers and can be seen in **e-procurement portal** as well as in **IDCO website**.

Sd/-
Divisional Head (Elect.)
IDCO, Bhubaneswar

## THE ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES

NIT No.**10**:OMC:MAT:JJKR:2018 Date:**03.10.2018**

CAD-907

### NOTICE INVITING TENDER FOR SUPPLY OF OFFICE STATIONERIES IN RESPECT OF CHROME REGION, J.K.ROAD FOR THE YEAR 2018-19

Sealed tenders in two bid system in the prescribed format are invited from the Authorized Distributors /Dealers/Wholesalers/ Retailers/ Reputed Supplier having GSTIN Registration for supply of the **OFFICE STATIONERIES** in respect of Chrome Region, OMC Ltd., J.K.Road,Dist:Jajpur(ODISHA) for the Year 2018-19 in phased manner. The details of the eligible criteria, quantity of materials to be procured and the terms and conditions of supply are mentioned in our web site www.orissamining.com which can be downloaded. The bids along with required documents should reach the office of the undersigned as per the date & time mentioned below:

| Description of Item | Last date &time of submission of tender | Date & time of Opening of Tender | Submission of Tender documents |
|---|---|---|---|
| Office Stationeries | **Up to 1.00 pm on 12.10.2018** | **At 4.00 pm on 12.10.2018** | Chamber of Sr.Manager(Mat.) |

The management reserves the rights to accept or reject any or all the tenders or distribute the quantity among the successful bidders without any reason thereof.

30005/11/0101/1819 **Sd./- REGIONAL MANAGER**

## OTPC
## ODISHA THERMAL POWER CORPORATION LTD.

3RD FLOOR, SETU BHAWAN, OBCC BUILDING, NAYAPALLY, BBSR-751012
Telefax-0674-2390732, Website- otpcl.com, Email-otpcbbsr@gmail.com CIN:U40102OR2007SGC009145

### e-Tender Notice No : 391/OTPC, Dt.01/10/2018

For and on behalf of **ODISHA THERMAL POWER CORPORATION LIMITED** invites sealed e-tenders in single part bidding system for "Providing R.C.C pillar with Barbed wire fencing and M.S Gate with R.C.C post in R&R Colony area at Bhimpal".

| Name of Package (Package Wise) | Estimated Cost (in ₹) | Class of Contractor | EMD (in ₹) | Non-refundable Tender processing fees | Non-refundable Cost of Bid document | Last date & time for submission of online bids | Date and time of opening of online bids |
|---|---|---|---|---|---|---|---|
| Providing R.C.C pillar with Barbed wire fencing and M.S Gate with R.C.C post in R&R Colony area at Bhimpal. | 17,21,500.00 | D & C | 17,250.00 | 2032.00 (Including 18% GST ) | 7100.00 (Including 18% GST ) | 22.10.2018 (16.00 Hrs) | 27.10.2018 (11.00 Hrs) |

The interested bidders would be required to enroll themselves & apply on the tender portal **www.tenderwizard.com/OTPC** from **05.10.2018 (11.00 Hrs)** up to **22.10.2018 (16.00 Hrs).** Interested bidder may visit OTPC's official website **www.otpcl.com** and **www.tenderwizard.com/OTPC** for detail specification.

The bidders can view the tender documents in details from **www.otpcl.com**

**NB:-** All subsequent addendum/Corrigendum to the tender shall be hoisted in OTPC's official website **www.otpcl.com** and **www.tenderwizard.com/OTPC** only, since it will not be published in newspaper again.

Sd/-
Chief Executive Officer

## OFFICE OF THE MUNICIPAL COUNCIL, BELPAHAR

Ph.: 06645-250458, Fax: 06645-250236
E-mail: nacbelpahar@gmail.com

### "e" PROCUREMENT NOTICE

**Bid Reference No. EO/BPHM/10/2018-19**
**Bid Identification No. 2018_ORULB_49804**
**Tender Call Notice No. 2833 Dt.01.10.2018**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.

| | | |
|---|---|---|
| Nature of the Work | : | Individual Civil Construction & Water Supply works as mentioned in website |
| No. of works | : | 15 Nos. |
| Estimated Cost | : | Varies from Rs.1,10,900.00 to Rs.10,00,000.00 |
| Period of Completion | : | 2 Calendar months to 4 Calendar months |
| Date & time of availability of the bid documents in the portal | : | From Dt.04.10.2018 at 10.00 A.M. to Dt.15.10.2018 upto 5.00 P.M. |
| Last date/time for receipt of bids in the portal | : | Dt.15.10.2018 upto 05.00 P.M. |
| Submission of Original Financial documents (Bid cost & EMD) by Regd. Post/Speed Post | : | From Dt.16.10.2018 to 26.10.2018 during office hours on working days. |
| Bids received online shall be opened on | : | 11.00 A.M. and onwards on Dt.27.10.2018 |
| Name & address of the Officer Inviting Bid | : | Executive Officer, Belpahar Municipality |

Further the details can be seen from the procurement portal: **www.tendersorissa.gov.in**. If any Addendum/Corrigendum/Cancellation of tender shall be published in the above website only.

**Sd./- Executive Officer, Belpahar Municipality**

# ଲଙ୍ଗ୍ ଟ୍ରିପ୍‌ରେ ତମନ୍ନା

ତମନ୍ନା ଭାଟିଆ ଏବେ ପ୍ୟାରିସରେ ଡେରା ପକାଇଛନ୍ତି। ଯେହେତୁ ଏବେ ଶୁଟିଂରୁ ବ୍ରେକ୍ ମିଳିଛି, ତେଣୁ କିଛିଦିନ ମାଇଣ୍ଡ ଫ୍ରେସ୍ କରିବାକୁ ସେଠାରେ ଅଛନ୍ତି। ତା' ସହ ଆଉ ଏକ କାମରେ ନିଜକୁ ନିୟୋଜିତ ରଖିଛନ୍ତି। ଅର୍ଥାତ୍, ଫରେନ୍ ଟୁର୍ ସହ ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବା ଏବଂ ସେହି ଜାଗା ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରିବେ। ସେଗୁଡିକୁ ଏକାଠିକରି ଏକ ବହି ଲେଖିବାକୁ ଯୋଜନା କରୁଛନ୍ତି। 'ୱାଲ୍ଡ ଟୁର୍ କରି ସେ ବିଷୟରେ ଏକ ବହି ରଚନା କରିବାକୁ ଅନେକ ଦିନ ହେଲା ଯୋଜନା କରିଛି। ଏକାଥରେ ଏହା ତ ସମ୍ଭବ ନୁହେଁ। ତେଣୁ ସମୟ ମିଳିଲେ ସେହି କାମକୁ ଆଗେଇବି ବୋଲି କହିଛନ୍ତି ତମନ୍ନା।



ନୂଆ ସିନେମା

## ଆମ୍‌ଗେ ଜୁଲୀ

ଏକ ସତ ଘଟଣାକୁ ନେଇ ନିର୍ମିତ ହୋଇଛି 'ହୋ' ଭାଷାରେ ପ୍ରଥମ ଚଳଚ୍ଚିତ୍ର 'ଆମ୍‌ଗେ ଜୁଲୀ'। ଏକ ତ୍ରିକୋଣୀୟ ପ୍ରେମକୁ ଆଧାରକରି ଏହାର କାହାଣୀ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ଡମ୍ବରୁଧର ହୋନାଗା। ଜୀବନ ସିଂ କୁଦାଦା ଏବଂ ମାଣିକ ରାମ ବଦ୍ରାଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଦିନେଶ କୁମାର ମଲ୍ଲିକ। କଣ୍ଠଦାନ କରିଛନ୍ତି କୁମାର ବାପି, ବିଷ୍ଣୁମୋହନ କବି, ପମି, ତପୁ ମିଶ୍ର। 'ହୋ' ଭାଷାରେ ଏକ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଉଦ୍ୟମକରି ଶେଷରେ ସଫଳ ହୋଇଛନ୍ତି ଏହାର ପ୍ରଯୋଜକ ଗୌତମ ସିଦ୍ଧିକ। ଖାସ୍ କଥା ହେଲା, ଏଭଳି ଉଦ୍ୟମକୁ ଆଗେଇନେବାକୁ ସେମାନଙ୍କ ସହ ପାଦ ମିଳାଇଥିଲେ ନିର୍ଦ୍ଦେଶକ ସଂଗ୍ରାମ ବିଶ୍ୱାଳ। ତାଙ୍କ ନିର୍ଦ୍ଦେଶନାରେ ଚଳଚ୍ଚିତ୍ରର ନାୟକ ଭୂମିକାରେ ସାଜନ ବିଶ୍ୱାଳ ଏବଂ ନାୟିକା ରୋଲ୍‌ରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ଅଭିନୟ କରିଛନ୍ତି। ଏମାନଙ୍କ ବ୍ୟତୀତ ଦୀପା ମହାପାତ୍ର, ଜୀବନ ସିଂ, କୁଦାଦା, ଡମ୍ବରୁଧର ହୋନାଗା, ଶାନ୍ତି ଚାତାର, ମହେନ୍ଦ୍ର ଉଗ୍ରସେଣ୍ଡି, ସଞ୍ଜୁ କାଣ୍ଡେୟନ, ମିତାଲି ହୋନାଗା ପ୍ରମୁଖଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ହୋ ସମାଜ ଫିଲ୍ମ ଏକାଡେମୀ ପକ୍ଷରୁ ପ୍ରସ୍ତୁତ ଏହି ଫିଲ୍ମଟି ଖୁବ୍ ଶୀଘ୍ର ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ଚଳଚ୍ଚିତ୍ର 'ଆମ୍‌ଗେ ଜୁଲୀ'ରେ ପ୍ରିୟଙ୍କା-ସାଜନ୍

ଅପେରା ହାଲ୍‌ଚାଲ୍

## ଏବେ ବି ମନେପଡ଼େ ଜାଇ କଥା

**ଓଡ଼ିଆ ଯାତ୍ରାଜଗତର ଅନ୍ୟତମ ଆଗଧାଡ଼ିର ନାୟିକା ତଥା ବର୍ତ୍ତମାନ ଇନ୍ଦ୍ରଭୁବନରେ ଅଭିନୟ ଜାରି ରଖିଥିବା ପ୍ରତିଭା ମହାରଣା। ଯାତ୍ରାପ୍ରେମୀଙ୍କ ନିକଟରେ ରିଙ୍କି ନାମରେ ପରିଚିତା। ଅଭିନୟ ଜୀବନ ଆରମ୍ଭରେ ଏଭଳି ଏକ ଘଟଣା ଘଟିଥିଲା, ଯାହା ତାଙ୍କ ମନର ଆଲବମ୍‌ରେ ସତେଜ ସ୍ମୃତି ହୋଇ ରହିଛି...**

ଅପେରା ଜଗତକୁ ଆସିବା ପୂର୍ବରୁ ମୁଁ ଦୀର୍ଘ ୧୩ବର୍ଷ ପର୍ଯ୍ୟନ୍ତ ଥିଏଟର ସହ ଜଡ଼ିତ ଥିଲି। ମୋ ଅଭିନୀତ ପ୍ରଥମ ମଞ୍ଚ ନାଟକ ଥିଲା 'ଜାଇ ଯିବ ଶାଶୁଘର'। ପରଦିନ ନାଟକ ଷ୍ଟେଜ ହେବ। ହାତରେ ମାତ୍ର ଗୋଟିଏ ଦିନ। ପୁଣି ମୁଖ୍ୟ (ଜାଇ) ଭୂମିକା। ଦିନଟିଏ ରିହରସାଲ କଲି। ତା' ପରଦିନ ଷ୍ଟେଜ ଉପରକୁ ଯିବା ପୂର୍ବରୁ ମନରେ ପୁଳାଏ ପ୍ରଶ୍ନ-ମୁଁ ଏହି ଭୂମିକାଟିକୁ ଠିକ୍ ଭାବରେ ନେଇ ଆଣି ଥୋଇ ପାରିବି ତ ? ମୋ ଅଭିନୟକୁ ଦର୍ଶକ ଗ୍ରହଣ କରିବେ ତ ? କାରଣ ଥିଏଟରରେ ତାହା ଥିଲା ମୋର ଆଦ୍ୟ ନାଟକ। ଯାହାହେଉ, ଭଗବାନଙ୍କ ଆଶୀର୍ବାଦରୁ ନାଟକଟି ସଫଳତାର ସହ ମଞ୍ଚସ୍ଥ ହେଲା। ମୋ ଭୂମିକାକୁ ଦର୍ଶକେ ପ୍ରଶଂସା କଲେ। ତେଣୁ ସେହି ଗୋଟିଏ ଦିନର ରିହରସାଲ ଏବଂ ଜାଇ ଭୂମିକା ଏବେ ବି ମୋ ଆଖି ସାମ୍ନାରେ ଜୀବନ୍ତ ହୋଇ ଭାସିଉଠେ। ଅପେରା ରଙ୍ଗମହଲରେ ମୋତେ ପ୍ରଥମେ ସୁଯୋଗ ମିଳିଥିଲା। 'ମନ ଦେଇଥିଲି ମନୁଭାଇକୁ' ନାଟକରେ ମୋତେ ମିଳିଥିଲା ନାୟିକା ତଥା ଗାଉଁଲି ଝିଅ ମେଘି ଚରିତ୍ର। ଗୋଟିଏ ଜାଗାରେ ନାଟକ ଶେଷ ହେବା ପରେ ଗ୍ରୀନ୍ ରୁମ୍ ସାମ୍ନାରେ ଭିଡ଼। ତାହା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ଯାତ୍ରା ଦେଖିସାରିବା ପରେ କେତେକ ଦର୍ଶକ ମୋ ଅଭିୟନରେ ଏତେ ଖୁସି ହୋଇଯାଇଥିଲେ ଯେ ମୋତେ ଭେଟି ଅଭିନନ୍ଦନ ଜଣାଇବାକୁ ପଛାଇ ନ ଥିଲେ। ଏହା ମୋ ମନରେ ଏକ ସ୍ମୃତି ହୋଇ ରହିଛି। କେତୋଟି ନାଟକରେ ନାୟିକା ଭୂମିକାରେ ଅବତୀର୍ଣ୍ଣ ହେବା ପରେ ଚଳିତ ଯାତ୍ରା ସିଜନରେ ନାଟକ 'ବୁଧବାର ଦିନ ବାପା ମରିବେ'ରେ ମୁଁ ଖଳନାୟିକା (ଇଲା) ଭୂମିକାରେ ଅଭିନୟ କରିଛି ଏବଂ ମୋର ଏହି ଭୂମିକାକୁ ଦର୍ଶକ ଗ୍ରହଣ କରିଛନ୍ତି। ମୋ ଅଭିନୟ କ୍ୟାରିୟରକୁ ଆଗେଇ ନେବାରେ ଦୁଇ ଜଣ ରଙ୍ଗମହଲର ସ୍ୱତ୍ୱାଧିକାରୀ ସତ୍ୟ ଜେନା ଏବଂ ଇନ୍ଦ୍ରଭୁବନର ପରିଚାଳକ ମନୋଜ ନାୟକଙ୍କ ଅବଦାନକୁ ମୁଁ କଦାପି ଭୁଲିପାରିବି ନାହିଁ।



ରିଙ୍କି

## ଖବର ଟିକିଟା ବାରା

❖ଅଭିଜିତ ମଜୁମଦାରଙ୍କ ସ୍ୱର ସଂଯୋଜନାରେ ନୂଆ ସିନେମାର 'ଜୋର୍ କା ଝଟକା'ର ମ୍ୟୁଜିକ ସିଟିଂ ଚାଲୁ ରହିଛି। ଫିଲ୍ମର ଲିଡ୍ ରୋଲ୍‌ରେ ଅଛନ୍ତି ଦୀପକ ଏବଂ ପିଙ୍କି ପ୍ରିୟଦର୍ଶିନୀ। ଆଚାର୍ଯ୍ୟ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ୱାଇଫ ମୋ ଲାଇଫ'। ପ୍ରଦୀପ ପ୍ରକାଶ ଆଚାର୍ଯ୍ୟଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେବେ ନିରଞ୍ଜନ ବେହେରା। ଅରୁଣ ମନ୍ତ୍ରୀ, ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ମଳୟ ମିଶ୍ର। ଏହି ଫିଲ୍ମରେ ଜଣେ ନାୟକଙ୍କ ଅପୋଜିଟ୍‌ରେ ଚାରି ଜଣ ନାୟିକା ଅଭିନୟ କରିବେ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ।

❖ନିର୍ଦ୍ଦେଶକ ସଞ୍ଜୟ ନାୟକ ଏବଂ ସ୍ୱର ସଂଯୋଜକ ମଳୟ ମିଶ୍ରଙ୍କ ହିଟ୍ ଯୋଡ଼ିକୁ ପୁଣି ଥରେ ଦେଖିବାକୁ ମିଳିଛି। ଚଳଚ୍ଚିତ୍ରଟି ହେଲା 'ପ୍ରେମରେ ରଖିଚି ଶହେରୁ ଶହେ'। ଜ୍ୟୋତି ନାୟକ ଏବଂ ରିୟାଙ୍କୁ ନେଇ ଏହାର ଶୁଟିଂ କୋରାପୁଟରେ ଚାଲୁ ରହିଛି।

❖ନୂଆ ଓଡ଼ିଆ ସିନେମା 'ତୁ ମୋର ନିହାତି ଦରକାର'ର ଶୁଟିଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି।



ଅଭିଜିତ୍

## ଶ୍ରଦ୍ଧାଙ୍କ ପ୍ରେମ କାହାଣୀ

କଥାରେ ଅଛି-ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି। ଦେଖୁନାହାନ୍ତି କହୁ କହୁ କେମିତି ମନ ଭିତରେ ଦୀର୍ଘ ବର୍ଷ ଧରି ଲୁଚି ରହିଥିବା କଥାକୁ ଓକାଳି ପକାଇଲେ। ସେଥିରେ ଲୁଚି ରହିଥିଲା ତାଙ୍କର ପ୍ରେମ କାହାଣୀ। ସେ କିଏ ଜାଣନ୍ତି ? ଶ୍ରଦ୍ଧା କପୁର। ପିଲାଦିନୁ ସେ ବରୁଣ ଧାଓ୍ୱନଙ୍କ ପ୍ରତି ଆକର୍ଷିତ ହୋଇ ପଡ଼ିଥିଲେ। ନିକଟରେ ନିଜ କ୍ୟାରିୟର ବିଷୟରେ ଆଲୋଚନା କରିବା ସମୟରେ ସେ କହିଲେ, ବରୁଣ ଧାଓ୍ୱନଙ୍କ ସହ 'ଏବିସିଡି-୨' ରେ ମୋ କେମେଷ୍ଟ୍ରି ବେଶ୍ ଜମିଛି। ପିଲାଦିନରୁ ମୁଁ ତାଙ୍କ ପ୍ରତି ଆକର୍ଷିତ ହୋଇପଡ଼ିଥିଲି। ମୋତେ ସେତେବେଳେ ମାତ୍ର ୮ବର୍ଷ ବୟସ ହୋଇଥାଏ। ଥରେ ମୁଁ ବରୁଣଙ୍କୁ କହିଲି- ୟୁ..ଲଭ୍। ଏକଥା ଶୁଣି ସେ କ'ଣ ବୁଝିଲେ କେଜାଣି 'ନୋ କହି ଦୌଡ଼ି ପଳାଇଥିଲେ। କିଛିଦିନ ପୂର୍ବରୁ ଏକ ଗୀତର ଶୁଟିଂ ସମୟରେ ଏହି କଥାକୁ ମୁଁ ବରୁଣଙ୍କୁ କହିଥିଲି ଆଉ ସେ ତାହା ଶୁଣି ହସି ହସି ଗଡ଼ିଯାଇଥିଲେ।'



## ବଲିଉଡ୍ ହାଲ୍‌ଚାଲ୍

■ଆୟୁଷ୍ମାନ ଖୁରାନା ଏବେ ସମୟକୁ ଅଯଥା ନଷ୍ଟ କରୁନାହାନ୍ତି। ତାଙ୍କର ଆଗାମୀ ଫିଲ୍ମ 'ଅନ୍ଧାଧୂନ'ରେ ମିଳିଥିବା ଦୃଷ୍ଟିହୀନ ଯୁବକ ଭୂମିକାକୁ କିପରି ସକ୍‌ସେସ କରିବେ ସେ ନେଇ ପୂରାଦମ୍‌ରେ ଲାଗିପଡ଼ିଛନ୍ତି।

■ପ୍ରଯୋଜକ ତଥା ଅଭିନେତା ସୈଫ ଅଲ୍ଲୀ ଖାଁ ତାଙ୍କ ହୋମ ପ୍ରଡକ୍ସନର ଏକ ନୂଆ ବ୍ୟାନର ନାମ ଘୋଷଣା କରିଛନ୍ତି। ତାହା ହେଲା 'ବ୍ଲାକ ନାଇଟ୍ ଫିଲ୍ମସ'। ନିଜ ସାଙ୍ଗ ଜୟ ସେବକରମଣୀଙ୍କ ସହ ମିଶି ସେ ଏକାଥରେ ଦୁଇଟି ନୂଆ ସିନେମା ନିର୍ମାଣ କରିବାକୁ ଯୋଜନା ରଖିଛନ୍ତି।

■କିମ୍ ଶର୍ମା ତାଙ୍କର ପ୍ରେମିକ ହର୍ଷବର୍ଦ୍ଧନ ରାଣେଙ୍କ ସହ ଏବେ ଶ୍ରୀଲଙ୍କା ଟୁର୍‌ରେ ଅଛନ୍ତି।

## ସତ ହେଲା ଆକଳନ

ନିର୍ଦ୍ଦେଶକ ଅନୁରାଗ କାଶ୍ୟପ ଯାହା ଆକଳନ କରିଥିଲେ ତାହା ସତ ହୋଇଛି। ଏହାକୁ ନେଇ ସେ ଏବେ ଖୁସିରେ ଉଛୁଳୁଛନ୍ତି। କଥା କ'ଣ କି ଅନୁରାଗଙ୍କ ନିର୍ଦ୍ଦେଶିତ 'ମନମର୍ଜିୟାଁ' ହିଟ୍ ହୋଇଛି। ଫିଲ୍ମର କାହାଣୀ ଚୟନ ସମୟରେ ଏହା ନିଶ୍ଚୟ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ପୂର୍ବାନୁମାନ କରିଥିଲେ ସେ। ଚଳଚ୍ଚିତ୍ରଟି ପରଦା ଉପରକୁ ଆସିବା ପରେ ଏ ପର୍ଯ୍ୟନ୍ତ ଯାହା ବିଜ୍‌ନେସ କରିଛି ତାହାକୁ ନେଇ ବେଶ୍ ଖୁସ୍ ଅଛନ୍ତି ନିର୍ଦ୍ଦେଶକ। ଏ ବିଷୟରେ ଅନୁରାଗ କହନ୍ତି, 'ଏ ପର୍ଯ୍ୟନ୍ତ ୧୧ଟି ସିନେମାର ନିର୍ଦ୍ଦେଶନା ଦେଇସାରିଲିଣି। ସବୁଥିରେ ନିଜ କାମକୁ ନେଇ ଆତ୍ମସନ୍ତୋଷ ଥିଲା, ହେଲେ 'ମନମର୍ଜିୟାଁ' ମୋ ଖୁସି ଏବଂ ଆଶାକୁ ଦ୍ୱିଗୁଣିତ କରିଦେଇଛି। କାରଣ ପୂର୍ବ ଫିଲ୍ମଗୁଡିକରେ କ୍ରାଇମ୍, ମର୍ଡର, ଭାୟୋଲେନ୍ସ ଆଦିକୁ ଗୁରୁତ୍ୱ ଦେଇଥିଲି। ହେଲେ ଏହି ଫିଲ୍ମରେ ରୋମାଣ୍ଟିକକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି, ଯାହାକୁ ଦର୍ଶକ ଗ୍ରହଣ କରିଛନ୍ତି। ଆଉ ଏକ କଥା, ମୋର ଫିଲ୍ମଗୁଡିକରେ ମୁଁ ନାରୀ ଚରିତ୍ରକୁ ଅଗ୍ରାଧିକାର ଦିଏ ଏବଂ ଏସବୁ କ୍ୟାରେକ୍ଟର ମାଧ୍ୟମରେ ସମାଜ କିଛି ଶିଖୁ ବୋଲି ଆଶା ରଖିଥାଏ।' ତାଙ୍କ ନିର୍ଦ୍ଦେଶିତ ପ୍ରମୁଖ ଚଳଚ୍ଚିତ୍ରଗୁଡିକ ମଧ୍ୟରେ ରହିଛି- 'ପଞ୍ଚ', 'ବ୍ଲାକ୍ ଫ୍ରାଇଡେ', 'ନୋ ସ୍ମୋକିଙ୍ଗ', 'ଦେବ ଡି', 'ଗୁଲାଲ୍', 'ଦ୍ୟାଟ୍ ଗର୍ଲ ଇନ୍ ୟେଲୋ ବୁଟ୍‌ସ', 'ଲଞ୍ଚ ବକ୍ସ' ଏବଂ ମୁକ୍କାବାଜ୍।



ଅନୁରାଗ

Dollar 73.34 (43) | Sensex 550.51 ▼ 35,975.63 | Nifty 150.05 ▼ 10,858.25 | Gold ₹555 ▲ 32,030.00 | Silver ₹450 ▲ 39,400.00



“ଇ-କମର୍ସ ବଜାରର ଚାହିଦା ବଢୁଥିବାରୁ ୨୦୨୨ ସୁଦ୍ଧା ଭାରତରେ ଅନ୍‌ଲାଇନ ରିଟେଲ୍ ୪ ଗୁଣ ବୃଦ୍ଧି ହୋଇ ୭୩ ବିଲିୟନ ଡଲାର ଛୁଇଁବ।
– ଅନୁଜ କେଡ୍ରିୱାଲ, ସିଇଓ, ଆନାରକ୍ ରିଟେଲ୍



“ଘରୋଇ ବଜାରର ରପ୍ତାନି ଅଭିବୃଦ୍ଧି ବିଶ୍ୱ ବଜାର ଦ୍ୱାରା ପ୍ରଭାବିତ ହେଉଥିବାରୁ ଏ କ୍ଷେତ୍ରରେ ଥିବା ସମସ୍ୟାକୁ ବିଚାର କରିବା ଉଚିତ୍।
– ଗଣେଷ କୁମାର ଗୁପ୍ତା, ସଭାପତି, ଭାରତୀୟ ରପ୍ତାନିକାରୀ ମହାସଂଘ

## ସଂକ୍ଷେପରେ

### ଟଙ୍କା @ ୭୩.୩୪



**ନୂଆଦିଲ୍ଲୀ,୩-୧୦:** ଗୋଟିଏ ଦିନର ବଜାର ବନ୍ଦ ପରେ ଡଲାର ବିନିମୟରେ ଟଙ୍କାର ମୂଲ୍ୟ ବୁଧବାର ହ୍ରାସ ପାଇବାର ଆଉ ଏକ ନୂଆ ରେକର୍ଡ କରିଛି। ବଜାର ବନ୍ଦ ହେବା ବେଳକୁ ଟଙ୍କାର ମୂଲ୍ୟ ୪୩ ପଇସା ହ୍ରାସ ପାଇ ୭୩.୩୪ ରହିଛି। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତେଲ ଦର ବଢ଼ିବା କାରଣରୁ ଡଲାର ଚାହିଦା ବୃଦ୍ଧି ପାଇଛି। ଏହି କାରଣରୁ ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସ ପାଇଚାଲିଛି। ନିକଟ ଅତୀତରେ କେନ୍ଦ୍ର ସରକାର ଟଙ୍କାର ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ କେତେକ ପଦକ୍ଷେପ ଘୋଷଣା କରିଥିଲେ ହେଁ ଏହା ଲକ୍ଷ୍ୟ ହାସଲରେ ବିଫଳ ହୋଇଛି। ସେହିଭଳି ରିଜର୍ଭ ବ୍ୟାଙ୍କ ମଧ ବ୍ୟାପକ ମାତ୍ରାରେ ଡଲାର ବିକ୍ରି କରିଥିଲେ। ଏଥିଯୋଗୁ ଟଙ୍କାର ମୂଲ୍ୟ ସାମାନ୍ୟ ବୃଦ୍ଧି ପାଇଥିଲା। କିନ୍ତୁ ଏହା କ୍ଷଣସ୍ଥାୟୀ ପ୍ରମାଣିତ ହୋଇଛି। ଆନନ୍ଦ ରାଠୀ ଶେୟାର୍ସ ଆଣ୍ଡ ଷ୍ଟକ ବ୍ରୋକର୍ସର ରିସର୍ଚ୍ଚ ଆନାଲିଷ୍ଟ ଋଷଭ ମାରୁ କହିଛନ୍ତି ଯେ, ବୁଧବାର ଆନ୍ତର୍ଜାତିକ ବଜାରରେ ଅଶୋଧିତ ତେଲ ବ୍ୟାରେଲ ପିଛା ୮୫ ଡଲାର ଛୁଇଁବା ମୁଦ୍ରା ବଜାର ଉପରେ ପ୍ରଭାବ ପକାଇଛି।

### ବକେୟାକୁ ନେଇ ସୁପ୍ରିମକୋର୍ଟ ଗଲା ଏରିକ୍‌ସନ

**ନୂଆଦିଲ୍ଲୀ,୩-୧୦:** ବ୍ୟବସାୟୀ ଅନିଲ ଅମ୍ବାନୀଙ୍କ ନିୟନ୍ତ୍ରଣାଧୀନ ଗ୍ରୁପ୍ ଠାରୁ ୫୫୦ କୋଟି ଟଙ୍କାର ବକେୟା ପାଇ ନ ଥିବା ଆମେରିକାର ଟେଲିକମ୍ ଯନ୍ତ୍ରାଂଶ ନିର୍ମାତା ଏରିକସନ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଜାଣିଶୁଣି ଋଣଖିଲାପି ହୋଇଥିବାରୁ ଅନିଲ ଅମ୍ବାନୀ ଓ ତାଙ୍କ କମ୍ପାନୀର ଦୁଇ ସିନିୟର ଏକଜିକ୍ୟୁଟିଭଙ୍କୁ ବିଦେଶ ପଳାୟନରୁ ରୋକାଯାଉ ବୋଲି କମ୍ପାନୀ ପକ୍ଷରୁ ପିଟିଶନରେ ଦର୍ଶାଯାଇଛି। ଅଦାଲତଙ୍କ ମଧ୍ୟସ୍ଥତାରେ କମ୍ପାନୀ ୫୫୦ କୋଟି ଟଙ୍କା ବକେୟା ପାଇଥାନ୍ତା। ସେପ୍ଟେମ୍ବର ୩୦ ସୁଦ୍ଧା ଏହି ଅର୍ଥ ପୈଠ ହେବ ବୋଲି ଅନୀଲ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସମୟସୀମା ଶେଷ ହୋଇଥିଲେ ମଧ ଏରିକସନ ଧାର୍ଯ୍ୟ ବକେୟା ଫେରିପାଇ ନ ଥିଲା। ଅଦାଲତଙ୍କ ଆଦେଶଙ୍କୁ ବ୍ୟବସାୟୀ ଅମ୍ବାନୀ କିମ୍ବା ତାଙ୍କ ଅଧିକାରୀ ମାନୁନାହାନ୍ତି ବୋଲି ଏରିକସନ୍ ପକ୍ଷରୁ ପିଟିସନରେ ଦର୍ଶାଯାଇଛି।

### ଟଙ୍କାର ମୂଲ୍ୟ ହ୍ରାସ ଚିନ୍ତା
### ପ୍ରଭୁଙ୍କ ଅଧକ୍ଷତାରେ ଆଜି ଆନ୍ତଃମନ୍ତ୍ରଣାଳୟ ବୈଠକ

**ନୂଆଦିଲ୍ଲୀ,୩-୧୦:** ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ବୃଦ୍ଧି ପାଉଥିବାରୁ ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ସୁରେଶ ପ୍ରଭୁ ଗୁରୁବାର ଆନ୍ତଃମନ୍ତ୍ରଣାଳୟର ବୈଠକରେ ଅଧକ୍ଷତା କରିବେ। ଟଙ୍କାର ମୂଲ୍ୟ ହ୍ରାସ କାରଣରୁ ଦେଶର ରପ୍ତାନି ପ୍ରଭାବିତ ହେଉଥିବା ଏବଂ ଭାରତୀୟ ସାମଗ୍ରୀର ମୂଲ୍ୟ କମୁଥିବା ନେଇ ପ୍ରଭୁ ସମୀକ୍ଷା କରିବେ। ଏହି ବୈଠକରେ କୋଇଲା ଇସ୍ପାତ, ପେଟ୍ରୋଲିୟମ ମନ୍ତ୍ରଣାଳୟ, ଆର୍ଥିକ ବ୍ୟାପାର ବିଭାଗ ଏବଂ ମେଡିସିନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେବେ। ଟଙ୍କାର ମୂଲ୍ୟ ୭୩ ସ୍ତର ପାର୍ କରିଯିବା ଏବଂ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ଜୁଲାଇରେ ୫ ବର୍ଷର ସର୍ବୋଚ୍ଚ ସ୍ତର ୧୮.୦୨ ବିଲିୟନ ଡଲାର ପହଞ୍ଚି ଯାଇଥିବା ବେଳେ ଗୁରୁବାର ବୈଠକ ବିଶେଷ ଗୁରୁତ୍ୱ ବହନ କରେ। ଚଳିତ ବର୍ଷ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ରପ୍ତାନି ୧୬.୧୩ ପ୍ରତିଶତ ଅଭିବୃଦ୍ଧି ହୋଇଥିବା ବେଳେ ଆମଦାନୀ ୧୭.୩୪ ପ୍ରତିଶତ ବଢ଼ିଛି। ଏହି ସମୟ ମଧ୍ୟରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୧୩% ହ୍ରାସ ପାଇଛି।

### ନିବେଶକଙ୍କ ୧.୭୧ ଲକ୍ଷ କୋଟି ବୁଡ଼ିଲା

**ମୁମ୍ବାଇ,୩-୧୦:** ଟଙ୍କାର ମୂଲ୍ୟ ହ୍ରାସ, ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିର ପ୍ରଭାବ ବୁଧବାର ଷ୍ଟକ ମାର୍କେଟରେ ଦେଖିବାକୁ ମିଳିଛି। ସେନସେକ୍ସରେ ୫୫୦.୫୧ ପଏଣ୍ଟ ହ୍ରାସ ପାଇ ପ୍ରଥମଥର ୩୬ ହଜାର ପଏଣ୍ଟ ତଳକୁ ଖସି ଆସିଛି। ମାର୍କେଟ ବନ୍ଦ ହେବା ବେଳକୁ ସେନସେକ୍ସ ୩୫,୯୭୫.୬୩ ପଏଣ୍ଟ ଥିଲା। ସେହିପରି ନିଫ୍‌ଟି ୧୫୦.୦୫ ପଏଣ୍ଟ ହ୍ରାସ ପାଇ ୧୦,୮୫୮.୨୫ରେ ବନ୍ଦ ହୋଇଛି। ଫଳରେ ନିବେଶକଙ୍କ ୧.୭୧ ଲକ୍ଷ କୋଟି ଟଙ୍କା ବୁଡ଼ି ଯାଇଛି। ସେନସେକ୍ସ ହ୍ରାସ କାରଣରୁ ତାଲିକାଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜିକରଣ(ମାର୍କେଟ କ୍ୟାପିଟାଲାଇଜେଶନ) ୧୪୫.୪୩ ଲକ୍ଷ କୋଟିରୁ ହ୍ରାସ ପାଇ ୧୪୩.୬୪ ଲକ୍ଷ କୋଟି ଟଙ୍କା ହୋଇଛି। ଅଗଷ୍ଟରୁ ବିଏସ୍‌ଇର ମାର୍କେଟ୍ କ୍ୟାପ୍ ୧୫.୭୪ ଲକ୍ଷ କୋଟି ଟଙ୍କା ହ୍ରାସ ପାଇସାରିଲାଣି।

## ସହଜ ହେବନି ଟିକସ ଫାଙ୍କିବା
# ଇ-ୱେ ବିଲ୍ ଲାଗି ବାଧ୍ୟତାମୂଳକ ହେବ ପିନ୍ କୋଡ୍



- ଦୂରତା ଓ ବିଲ୍‌ର ବୈଧତା ଧାର୍ଯ୍ୟ ସମ୍ଭବ ହେବ
- ୧୦୦କିମି ଦୂରତା ପର୍ଯ୍ୟନ୍ତ ଦିନକ ପାଇଁ ବୈଧ ହୋଇଥାଏ ଇ-ୱେ ବିଲ୍
- ଗୋଟିଏ ବିଲ୍ ବ୍ୟବହାର କରି ବ୍ୟବସାୟୀ, ଟ୍ରାନ୍ସପୋର୍ଟର ଦୂର ସ୍ଥାନକୁ ମାଲ୍ ପରିବହନ କରୁଛନ୍ତି
- ଅଧିକ ମାଲ୍ ପରିବହନ ହେଲେ ଏସ୍‌ଏମ୍‌ଏସ୍ ପଠାଯିବ

**ନୂଆଦିଲ୍ଲୀ,୩-୧୦**

ଜିଏସ୍‌ଟି ଅଧୀନରେ ଟିକସ ଫାଙ୍କିକୁ ରୋକିବା ଲାଗି ଇ-ୱେ ବିଲ୍ ବ୍ୟବସ୍ଥା ଲାଗୁ କରାଯାଇଥିଲେ ହେଁ ବ୍ୟବସାୟୀଙ୍କୁ ଏଥିରୁ ରୋକି ହେଉନି। ଏଣୁ ସରକାର ଆଉ ଏକ ବାଟ ବାହାର କରିଛନ୍ତି। ଏଣିକି ଇ-ୱେ ବିଲ୍ ତିଆରି କଲା ବେଳେ ସାମଗ୍ରୀ ଉଠାଣ ଓ ପହଞ୍ଚିବା ସ୍ଥାନର ପିନ୍ କୋଡ୍ ନମ୍ବର ଉଲ୍ଲେଖ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଜିଏସ୍‌ଟିଏନ୍‌ର ଜଣେ ଅଧିକାରୀ କହିଛନ୍ତି, ବ୍ୟବସାୟୀ ଓ ପରିବହନକାରୀ କମ୍ପାନୀ ୫୦ ହଜାର ଟଙ୍କାର ପର୍ଯ୍ୟନ୍ତ ସାମଗ୍ରୀ ପରିବହନ ବେଳେ ଇ-ୱେ ବିଲ୍‌ରେ ପିନ୍ କୋଡ୍ ଉଲ୍ଲେଖ କରିବେ। ଏହାଦ୍ୱାରା ଦୂରତା ସମ୍ପର୍କରେ ଜାଣିହେବ ଓ ଏହାଦ୍ୱାରା ଇ-ୱେ ବିଲ୍‌ର ବୈଧତା ଧାର୍ଯ୍ୟ କରିହେବ। ବ୍ୟବସାୟୀମାନେ କେତେ ଦୂରକୁ ମାଲ୍ ପଠାଉଛନ୍ତି ତାହା ଉପରେ ଇ-ୱେ ବିଲ୍‌ର ବୈଧତା ନିର୍ଭର କରୁଥିବାରୁ ଏହାର ଅପବ୍ୟବହାର କରାଯାଉଛି ବୋଲି ସନ୍ଦେହ ସୃଷ୍ଟି ହୋଇଛି। କାରଣ ବ୍ୟବସାୟୀ ଓ ପରିବହନକାରୀ (ଟ୍ରାନ୍ସପୋର୍ଟର) କମ୍ପାନୀମାନେ ଗୋଟିଏ ବିଲ୍ ବ୍ୟବହାର କରି ଏକାଧିକ ସ୍ଥାନକୁ ମାଲ୍ ପରିବହନ କରୁଥିବାର ବହୁ ନଜିର ସାମ୍ନାକୁ ଆସିଛି। ସରକାରଙ୍କ ନିୟମ ଅନୁଯାୟୀ ୧୦୦କିମି ଭିତରେ ମାଲ୍ ପରିବହନ ପାଇଁ ଇ-ୱେ ବିଲ୍‌ର ବୈଧତା ଗୋଟିଏ ଦିନ ରହିଥାଏ। ପ୍ରତି ୧୦୦କିମି ଦୂରତା ବଢ଼ିଲେ ସେହି ଅନୁଯାୟୀ ବିଲ୍‌ର ବୈଧତା ଅବଧି ବଢ଼ାଇ ଦିଆଯାଏ। ଜିଏସ୍‌ଟିଏନ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି, ଏଣିକି ଜିଏସ୍‌ଟିଏନ୍‌ରେ ଏଭଳି ବ୍ୟବସ୍ଥା କରାଯାଇଛି, ଯାହାଦ୍ୱାରା ବିଲ୍‌ରେ ମାଲ୍ ପଠାଉଥିବା ଓ ପାଉଥିବା ବ୍ୟକ୍ତିଙ୍କ ରାଜ୍ୟ ସହିତ ପିନ୍ କୋଡ୍ ଆପେ ଆପେ ଉଲ୍ଲେଖ ହୋଇଯିବ। ଏହାଦ୍ୱାରା ଜିଏସ୍‌ଟିଏନ୍ ବ୍ୟବହାରକାରୀଙ୍କୁ ଅଧିକ ସୁବିଧା ହେବ। ଏହାଛଡା ଭୁଲ୍ କୁ ଏଡ଼ାଇବ। ଲାଗି ଅଧିକ ମୂଲ୍ୟର ମାଲ୍ ପରିବହନ କ୍ଷେତ୍ରରେ ଇ-ୱେ ବିଲ୍ ତିଆରି ହେବା ମାତ୍ରେ ତୁରନ୍ତ ଏକ ଏସ୍‌ଏମ୍‌ଏସ୍ ବାର୍ତ୍ତା ପଠାଯିବ। ନୂଆ ବ୍ୟବସ୍ଥା ଦ୍ୱାରା ଜିଏସ୍‌ଟିଏନ୍ ବ୍ୟବହାରକୁ ଅଧିକ ସରଳ,ସହଜ କରାଯାଇପାରିବ। ବ୍ୟବହାରକାରୀ ଏବଂ ଟିକସ ଅଧିକାରୀଙ୍କ ପରାମର୍ଶକ୍ରମେ ଜିଏସ୍‌ଟିଏନ୍‌ରେ ଏପରି ପରିବର୍ତ୍ତନ କରାଯାଇଛି। ସୂଚନାଥାଉ କି, ଏପ୍ରିଲ ପହିଲାରେ ଇ-ୱେ ବିଲ୍ ବ୍ୟବସ୍ଥା ଲାଗୁ କରାଯିବା ପରେ ସେପ୍ଟେମ୍ବର ୩୦ ସୁଦ୍ଧା ମୋଟ୍ ୨୫୩.୨ ମିଲିୟନ ଇ-ୱେ ବିଲ୍ ତିଆରି କରାଯାଇଛି। ତନ୍ମଧ୍ୟରୁ ଆନ୍ତଃ-ରାଜ୍ୟ ମାଲ୍ ପରିବହନ ପାଇଁ ୧୨୧.୪ ମିଲିୟନ ବିଲ୍ ତିଆରି କରାଯାଇଥିବା ବେଳେ ରାଜ୍ୟଭିତରେ ମାଲ୍ ପରିବହନ ପାଇଁ ୧୩୧.୨ ମିଲିୟନ ବିଲ୍ ତିଆରି କରାଯାଇଛି। ଏବେ ସୁଦ୍ଧା ୨୪୫.୩ ମିଲିୟନ ଟିକସଦାତା ଏବଂ ୩୧,୨୩୨ ଟ୍ରାନ୍ସପୋର୍ଟର କମ୍ପାନୀ ଇ-ୱେ ବିଲ୍ ପାଇଁ ନିଜକୁ ପଞ୍ଜୀକରଣ କରିଛନ୍ତି।

## ବଜାର କୋଲକାତାର ନୂଆ ଷ୍ଟୋର




**ଭୁବନେଶ୍ୱର,୩-୧୦**

ପୂର୍ବ ଭାରତର ପ୍ରମୁଖ ରିଟେଲ ଚେନ୍ ବିଗ୍ ବଜାର ପକ୍ଷରୁ ପଟିଆରେ ଏହାର ନୂଆ ଷ୍ଟୋର ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଦୁଇଟି ଫ୍ଲୋରବିଶିଷ୍ଟ ୭,୦୦୦ ବର୍ଗଫୁଟ ପରିମିତ ଉକ୍ତ ଶୋ'ରୁମରେ ଗ୍ରାହକମାନେ ଲେଡିଜୱେର, ମେନସ୍‌ୱେର, କିଡ୍‌ସୱେର, ଆସେସୋରିଜ ଲାଭ କରିପାରିବେ। ଏଠାରେ ଲେଡିଜୱେର ରେଞ୍ଜ ୯୯ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ମେନସୱେର ୫୦, କିଡ୍‌ସୱେର ୭୦ ଏବଂ ଆସେସୋରିଜ ୨୦ ଟଙ୍କାରୁ ଆରମ୍ଭ ହେଉଛି। ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଯୋଗାଣ ଦିଗରେ କାର୍ଯ୍ୟ କରୁଥିବା ବଜାର କୋଲକାତାର ମାର୍କେଟିଂ ମୁଖ୍ୟ ଉମେଶ ଶର୍ମା ସୂଚନା ଦେଇଛନ୍ତି। ଶୋ'ରୁମ ଶୁଭାରମ୍ଭ ଅବସରରେ ପୁରୁଷ ତଥା ମହିଳାଙ୍କ ବିଭିନ୍ନ ବର୍ଗର ଫ୍ୟାଶନ ଉପରେ ବାଏ ୱାନ ଗେଟ୍ ୱାନ ଅଫର ମିଳୁଛି। ଏହା ସହ ଗ୍ରାହକଙ୍କୁ ସଦ୍ୟତମ ଡିଜାଇନର ପ୍ରଡକ୍ଟ ମଧ୍ୟ କମ୍ପାନୀ ଯୋଗାଇ ଦେଉଛି। ନୂଆ ଷ୍ଟୋର ଦ୍ୱାରା କମ୍ପାନୀର ଷ୍ଟୋର ସଂଖ୍ୟା ୬୫ରେ ପହଞ୍ଚିଥିବା ଏହା ସୂଚନା ଦେଇଛି।

## ୧୦ ନିୟୁତ ଟପିଲା ୟୋନୋ ଏସ୍‌ବିଆଇ ଡାଉନଲୋଡ୍

**ଭୁବନେଶ୍ୱର,୩-୧୦**

ଗୁଗୁଲ ପ୍ଲେ ଷ୍ଟୋର ଏବଂ ଆପ୍ ଷ୍ଟୋରରୁ ୟୋନୋ ଏସ୍‌ବିଆଇର ଡାଉନଲୋଡ୍ ୧୦ ମାସରେ ୧୦ ନିୟୁତ ଟପିଛି। ଗ୍ରାହକଙ୍କ ପାଇଁ ଏହା ଅଲ୍ ଇନ୍ ୱାନ ସମାଧାନ ହୋଇ ପାରିଛି ବୋଲି ଏସ୍‌ବିଆଇ ପ୍ରକାଶ କରିଛି। ବ୍ୟାଙ୍କିଙ୍ଗ, ଶପିଂ, ଜୀବନଶୈଳୀ ଏବଂ ପୁଞ୍ଜି ଆବଶ୍ୟକତା କ୍ଷେତ୍ରରେ ଏହାର ବ୍ୟବହାର ହୋଇ ପାରୁଛି। ଆପ୍ ଷ୍ଟୋର ଏବଂ ପ୍ଲେ ଷ୍ଟୋରର ୫ ପ୍ରମୁଖ ଫାଇନାନ୍ସ ଆପ୍ ମଧ୍ୟରେ ୟୋନୋ ସାମିଲ ରହିଛି। ୟୋନୋର ଉନ୍ମୋଚନ ପରଠାରୁ ଏସ୍‌ବିଆଇ ପକ୍ଷରୁ ୨୫ ନୂଆ ଇ-ମର୍ଚ୍ଚାଣ୍ଟକୁ ସାମିଲ କରାଯାଇଛି। ଏହା ଫଳରେ ୟୋନୋ ପ୍ଲାଟଫର୍ମରେ ମୋଟ୍ ମର୍ଚ୍ଚାଣ୍ଟଙ୍କ ସଂଖ୍ୟା ୮୫ ଛୁଇଁଛି। ଗ୍ରାହକଙ୍କୁ ସ୍ୱତନ୍ତ୍ର ସଂଯୋଗ ଓ ଉପକରଣ ସମାଧାନ ପ୍ରଦାନ କରିବାକୁ ଏସ୍‌ବିଆଇ ଗତମାସରେ ରିଲାଏନ୍ସ ଜିଓ ସହିତ ବୁଝାମଣା ସ୍ୱାକ୍ଷର କରିଥିଲା। ସ୍ୱଳ୍ପ ସମୟ ମଧ୍ୟରେ ୧୦ ନିୟୁତ ଆପ୍ ଡାଉନଲୋଡ୍ ଏକ ସଫଳତା ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ସୂଚନା ଦେଇଛନ୍ତି।

## ରିଜର୍ଭ ବ୍ୟାଙ୍କର ଏମ୍‌ପିସି ବୈଠକ ଆରମ୍ଭ
# ତୃତୀୟଥର ରେପୋ ରେଟ୍ ବଢ଼ିପାରେ

**ମୁମ୍ବାଇ,୩-୧୦**

ଗଭର୍ନର ଉର୍ଜିତ ପଟେଲଙ୍କ ଅଧ୍ୟକ୍ଷରେ ରିଜର୍ଭ ବ୍ୟାଙ୍କର ୬ ଜଣିଆ ମନିଟାରୀ ପଲିସି କମିଟି ବା ମୁଦ୍ରାନୀତି କମିଟି(ଏମ୍‌ପିସି)ର ବୈଠକ ବୁଧବାର ଆରମ୍ଭ ହୋଇଛି। ଏହା ୩ ଦିନ ଧରି ଚାଲିବ। ବୈଠକ ଶେଷରେ ଆସନ୍ତା ଶୁକ୍ରବାର ରିଜର୍ଭ ବ୍ୟାଙ୍କ ତାଙ୍କର ମୁଦ୍ରାନୀତି ଘୋଷଣା କରିବେ। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତେଲ ଦର ବୃଦ୍ଧିର ପ୍ରଭାବ ମୁଦ୍ରାସ୍ଫୀତି ଉପରେ ପଡିବାର ସମ୍ଭାବନା ରହିଥିବାରୁ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି, ଟଙ୍କାର ମୂଲ୍ୟ ହ୍ରାସ, ନଗଦ ଅଭାବ, ଆମେରିକାରେ ସୁଧ ବୃଦ୍ଧି ଓ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଆର୍ଥିକ ସଙ୍କଟ ବୈଠକରେ ମୁଖ୍ୟ ଚର୍ଚ୍ଚାର ବିଷୟ ହେବ ବୋଲି ଆଶାକରାଯାଉଛି। ଇତିପୂର୍ବେ କେନ୍ଦ୍ରୀୟ ବ୍ୟାଙ୍କ ଦୁଇ ଥର ୨୫ ବେସିସ୍ ପଏଣ୍ଟ ଲେଖାଏ ରେପୋ ରେଟ୍ ବୃଦ୍ଧି କରିଛନ୍ତି।

## ଆର୍‌ବିଆଇ ନିୟମ କୋହଳ
### ବିଦେଶରୁ ତୈଳ ମାର୍କେଟିଂ କମ୍ପାନୀ ଋଣ ନେଇପାରିବେ

**ମୁମ୍ବାଇ,୩-୧୦**

ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଉଥିବାରୁ ତୈଳ ମାର୍କେଟିଂ କମ୍ପାନୀଙ୍କୁ ଅଧିକ ଡଲାର ଆବଶ୍ୟକତା ହେଉଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ସେମାନଙ୍କ ପାଇଁ ନିୟମ କୋହଳ କରିଛନ୍ତି। ଏଣିକି ତୈଳ ମାର୍କେଟିଂ କମ୍ପାନୀମାନେ ନିଜର କାର୍ଯ୍ୟକାରୀ ପୁଞ୍ଜି ଲାଗି ଅଟୋମେଟିକ ରୁଟ୍ ଜରିଆରେ ବିଦେଶରୁ ଋଣ ନେଇପାରିବେ। ତୁରନ୍ତ ଲାଗୁ ହୋଇଥିବା ନିୟମ ଅନୁଯାୟୀ ତୈଳ ମାର୍କେଟିଂ କମ୍ପାନୀମାନେ ୭୫୦ ମିଲିୟନ ଡଲାର ପର୍ଯ୍ୟନ୍ତ ବୈଦେଶିକ ଋଣ ହାସଲ କରିପାରିବେ। ତେବେ ସମସ୍ତ କମ୍ପାନୀଙ୍କ ବୈଦେଶିକ ଋଣର ପରିମାଣ ୧୦ ବିଲିୟନ ଡଲାର ମଧ୍ୟରେ ରହିବ। ୩ରୁ ୫ ବର୍ଷରେ ପରିପକ୍ୱ ହେଉଥିବା ବହିଃବାଣିଜ୍ୟ ଋଣପତ୍ର (ଇସିବି) ଜରିଆରେ ତୈଳ ମାର୍କେଟିଂ କମ୍ପାନୀମାନେ ଋଣ ନେଇପାରିବେ।

# ନୂଆ ନିଗମ କରିବେ ରେଳ ଷ୍ଟେଶନର ବିକାଶ

**ନୂଆଦିଲ୍ଲୀ,୩-୧୦**

**କ୍ୟାବିନେଟ ନିଷ୍ପତ୍ତି**

ଦେଶର ସମସ୍ତ ରେଳ ଷ୍ଟେଶନର ସମନ୍ୱିତ ବିକାଶ ଲାଗି କେନ୍ଦ୍ର କ୍ୟାବିନେଟ ଏକ ନୂଆ ନିଗମ ଗଠନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଇଣ୍ଡିଆନ ରେଲୱେ ଷ୍ଟେଶନ୍ସ ଡେଭଲପ୍‌ମେଣ୍ଟ କର୍ପୋରେଶନ(ଆଇଆର୍‌ଏସ୍‌ଡିସି) ନାମରେ ଏକ ନିଗମ ଗଠନ କରାଯିବ। ଏହା ଦେଶର ସମସ୍ତ ରେଳ ଷ୍ଟେଶନର ବିକାଶ ଲାଗି ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ। ବୈଠକ ଶେଷରେ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି ଯେ, ଏନ୍‌ଡିଏ ସରକାର ରେଳଯାତ୍ରୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ତତ୍ପର। ସେମାନଙ୍କ ଠାରୁ ମିଳିଥିବା ସୂଚନାକୁ ଆଧାର କରି ନିଷ୍ପତ୍ତି ନିଆଯାଉଛି। ସେ କହିଛନ୍ତି ଯେ, ନୂଆ ନୋଡାଲ ଏଜେନ୍ସି ଷ୍ଟେଶନର ସମନ୍ୱିତ ବିକାଶ କରିବେ। ଅବ୍ୟବହୃତ ସମ୍ପତ୍ତିକୁ ମଧ ଏଥିପାଇଁ ବ୍ୟବହାର କରାଯିବ। ଷ୍ଟେଶନର ବିକାଶ ପାଇଁ ଜୋନାଲ ଏବଂ ଷ୍ଟେଶନ ଭିତ୍ତିରେ ନିଲାମ ଡାକିବା ସୁବିଧା ହେବ ଓ ଏଥିପାଇଁ ଅଧିକ କମ୍ପାନୀ ଆଗେଇ ଆସିବେ।

## କ୍ୟୁ ବଜାର ପକ୍ଷରୁ ପାର୍ବଣ ଅଫର

**ଭୁବନେଶ୍ୱର,୩-୧୦**

ପ୍ରମୁଖ ଫ୍ୟାଶନ ଷ୍ଟୋର କ୍ୟୁ ବଜାର ପକ୍ଷରୁ ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଦୁର୍ଗାପୂଜା ତଥା ଦିପାବଳୀ ଉପଲକ୍ଷେ ଏହି ଅଫର ଗ୍ରାହକମାନେ ଲାଭ କରି ପାରିବେ। ଏହା ଅନ୍ତର୍ଗତ ମାତ୍ର ୫୯୯ ଟଙ୍କାର କ୍ରୟ ଉପରେ ବମ୍ପର ଲକି ଡ୍ର କୁପନ ଲାଭ କରିବାକୁ ଗ୍ରାହକ ସକ୍ଷମ ହେବେ। ଏଥିରେ ଭାଗ୍ୟଶାଳୀ ଗ୍ରାହକ ଏକ ୟାମାହା ଫ୍ୟାସିନୋ ସ୍କୁଟି ଜିତିବାକୁ ସୁଯୋଗ ପାଇବେ। ସେହିଭଳି ୧୪୯୯ ଟଙ୍କାର କ୍ରୟ ଉପରେ ୧୦୦ ଟଙ୍କାର ଗିଫ୍ଟ ଭାଉଚର, ୨୪୯୯ ଟଙ୍କାର କ୍ରୟ ଉପରେ ୨୦୦ ଟଙ୍କାର ଗିଫ୍ଟ ଭାଉଚର, ୪୯୯୯ ଟଙ୍କାର କ୍ରୟ ଉପରେ ୫୦୦ ଟଙ୍କାର ଭାଉଚର ମିଳିବ ବୋଲି ଷ୍ଟୋର ପକ୍ଷରୁ ସୂଚନା ରହିଛି। ୩୨୭ ଡିଷ୍ଟ୍ରିକ୍ଟ ସେଣ୍ଟରରେ ଥିବା କ୍ୟୁ ବଜାର ଷ୍ଟୋରରେ ଏହି ଅଫର ମିଳିବ ବୋଲି ଏହା ପ୍ରକାଶ କରିଛି। ଗ୍ରାହକମାନେ ମେନସୱେର, ଲେଡିଜୱେର, ଆସେସୋରିଜ୍, କିଡ୍‌ସୱେର, କିଡ୍‌ସ ଟଏ ଭଳି ସାମଗ୍ରୀ ପାଇପାରିବେ ବୋଲି ଷ୍ଟୋର ପକ୍ଷରୁ ସୂଚନା ରହିଛି।

# ଆର୍ଥିକ ଯୋଜନା ପ୍ରସ୍ତୁତି ବେଳେ ବିଭିନ୍ନ ଦିଗକୁ ଦୃଷ୍ଟି ଦେବା ଉଚିତ

### ଅର୍ଥର ଅର୍ଥ



Rupkumar Pradhan
**CERTIFIED FINANCIAL PLANNER[CM]**
“Director, SmartFin Wealth Management Pvt. Ltd.”

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ମୋର କ୍ରେଡିଟ୍ କାର୍ଡରେ ୧,୩୫,୦୦୦ ଟଙ୍କା ପୈଠ କରିବାର ଅଛି। ପ୍ରତି ମାସରେ ମୁଁ ନିୟମିତ ଭାବେ କିଛି ଅଧିକ ଟଙ୍କା ପୈଠ କରିଥାଏ। ତଥାପି ସବୁ ଋଣ ପୈଠ କରିବାକୁ ସକ୍ଷମ ହୋଇ ନାହିଁ। ଏକ ପର୍ସନାଲ ଋଣ ନେଇ କ୍ରେଡିଟ୍ କାର୍ଡର ଉକ୍ତ ଋଣ ରାଶିକୁ ପୈଠ କରିବାକୁ ଜଣେ ବନ୍ଧୁ ପରାମର୍ଶ ଦେଉଛନ୍ତି। ଏହା ଉଚିତ ହେବ କି? ଏ ସମ୍ପର୍କରେ ପରାମର୍ଶ ଦେବାକୁ ଅନୁରୋଧ?**
**– ସଂଗ୍ରାମ ସ୍ୱାଇଁ, ରାଉରକେଲା**

କ୍ରେଡିଟ୍ କାର୍ଡରେ କିଣାକିଣି କରିବା ଦ୍ୱାରା ଆପଣଙ୍କ କ୍ରେଡିଟ୍ କାର୍ଡ ଋଣ ରାଶି ବଢି ଯାଇଛି। କ୍ରେଡିଟ କାର୍ଡ କରଜ ହେଉଛି ବ୍ୟୟ ସାପେକ୍ଷ। ଏଥିପାଇଁ ବହୁତ ସୁଧ ଦେବାକୁ ପଡିଥାଏ। କ୍ରେଡିଟ କାର୍ଡ ସବୁର ମାସିକ ସୁଧହାର ୩.୫%ରୁ ୪% ପାଖାପାଖି ରହିଥାଏ। ବାର୍ଷିକ ପ୍ରାୟ ୪୨% ସୁଧ ଦେବାକୁ ପଡିଥାଏ। ଯଦି ଆପଣ ସମୁଦାୟ ରାଶି ପୈଠ ନ କରନ୍ତି ତେବେ ପରବର୍ତ୍ତୀ ମାସରେ ଆପଣଙ୍କ ସୁଧରାଶି ମୂଳ ରାଶିରେ ମିଶିଯାଇଥାଏ ଓ ତା'ଉପରେ ସୁଧହାର ହିସାବ କରାଯାଏ। ଆମର ପରାମର୍ଶ ଏହି ରାଶିକୁ ଶୀଘ୍ର ପୈଠ କରିଦେବା ଉଚିତ୍। ଏହି ରାଶିକୁ ମାସିକ କିସ୍ତିରେ ପରିବର୍ତ୍ତନ କରାଯାଇ ପାରିବ କି ନାହିଁ ବୁଝି ନିଅନ୍ତୁ। ବାର୍ଷିକ ସୁଧହାର ଉପରେ ମଧ ବୁଝି ପାରିବେ। ବ୍ୟକ୍ତିଗତ ଋଣ ଏବଂ କ୍ରେଡିଟ୍ କାର୍ଡ ଋଣର ବାର୍ଷିକ ସୁଧ ହାରକୁ ତୁଳନା କରନ୍ତୁ। ଯଦି ବ୍ୟକ୍ତିଗତ ଋଣ ହାର କମ୍ ରହିଛି ତେବେ ଆପଣ ଏହା ପାଇଁ ପସନ୍ଦ କରି ପାରନ୍ତି। ଆପଣଙ୍କ ପାଖରେ ଅନ୍ୟ ଏକ ପସନ୍ଦ ମଧ ରହିଛି। ଆପଣଙ୍କ ଜୀବନ ବୀମା ପଲିସିରୁ ଋଣ ନେଇ କ୍ରେଡିଟ୍ କାର୍ଡ ଋଣକୁ ପୈଠ କରି ପାରିବେ। କାରଣ ଜୀବନ ବୀମା ପଲିସି ଋଣର ସୁଧହାର ବହୁତ କମ୍ ରହିବ। ସବୁ ପସନ୍ଦର ଏକ ତୁଳନାତ୍ମକ ହିସାବ କରି ଦେଖନ୍ତୁ। ଯେତେ ଶୀଘ୍ର ହେବ କ୍ରେଡିଟ୍ କାର୍ଡର ସବୁ ରାଶି ପୈଠ କରିଦିଅନ୍ତୁ।

**ମୋ ନିଜର ଆର୍ଥିକ ଲକ୍ଷ୍ୟକୁ ହାସଲ କରିବା ପାଇଁ କିଛି ଜୀବନ ବୀମା ଓ ମ୍ୟୁଚୁଆଲ୍ ଫଣ୍ଡ ଏସ୍‌ଆଇପି କରିଛି । କିନ୍ତୁ ଯେହେତୁ ନିଜେ ଏସବୁ କରିଛି କିଛି ଭୁଲ ପଦକ୍ଷେପ ନେଇ ଯାଇଛି । ମୋ ଜୀବନର ଆର୍ଥିକ ଲକ୍ଷ୍ୟ ସବୁ ହାସଲ କରିବା ଲାଗି କେଉଁ ସବୁ ଦିଗକୁ ଦୃଷ୍ଟି ଦେଇ ପଦକ୍ଷେପ ନେବା ଉଚିତ୍ ହେବ। କ'ଣ ସବୁ ସାଧାରଣ ଭୁଲ ନ କରିବା ଉଚିତ । ଏ ବିଷୟରେ ପରାମର୍ଶ ଦେବାକୁ ଅନୁରୋଧ ।**
**–ସୁଜାତା ମିଶ୍ର, ଅନୁଗୋଳ**

ଆର୍ଥିକ ଯୋଜନା ପ୍ରସ୍ତୁତ କରିବା ସମୟରେ ବିଭିନ୍ନ ଦିଗକୁ ଦୃଷ୍ଟି ଦିଆଯାଏ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ସାଧାରଣ ଲୋକ ଅନେକ କିଛି ଭୁଲ ପଦକ୍ଷେପ ନେଇଥାନ୍ତି। ଏହା ଫଳରେ ସେମାନେ ଆର୍ଥିକ ଲକ୍ଷ୍ୟ ସବୁକୁ ପୂରଣ କରିବା ଦିଗରେ ସକ୍ଷମ ହୋଇ ପାରନ୍ତି ନାହିଁ, ବିଶେଷ କ୍ଷତିର ସାମ୍ନା କରନ୍ତି। ଆର୍ଥିକ ଯୋଜନା ପ୍ରସ୍ତୁତି ଏବଂ ପରିଚାଳନା ସମୟରେ ନିମ୍ନ ଲିଖିତ ସାଧାରଣ ଭୁଲଠାରୁ ଦୂରେଇ ରହିବା ଉଚିତ୍ ।

**ଆର୍ଥିକ ଯୋଜନା ପ୍ରସ୍ତୁତି ବେଳେ କରନ୍ତୁ ନାହିଁ ଏହି ଭୁଲ**

- *ଅଧିକାଂଶ ସମୟରେ ପରିମେୟ ସୂଚକ ଆର୍ଥିକ ଲକ୍ଷ୍ୟ ସବୁ ସ୍ଥିର କରାଯାଇ ନ ଥାଏ।*
- *ଅଧିକାଂଶ ଲୋକ ନିଜ ଆର୍ଥିକ ନିଷ୍ପତ୍ତି ଏକ ଦୃଷ୍ଟି ରଖି ନେଇଥାନ୍ତି। ଅନ୍ୟ ଆର୍ଥିକ ଲକ୍ଷ୍ୟ ସବୁ ଉପରେ ଏହାର କ'ଣ ପ୍ରଭାବ ପଡିବ, ଆସନ୍ତା ୨୦ରୁ ୨୫ ବର୍ଷ ମଧ୍ୟରେ ଏହାର ପ୍ରଭାବ କ'ଣ ହେବ ତାକୁ ଅଣଦେଖା କରିଥାନ୍ତି।*
- *ନିବେଶ ସହ ଆର୍ଥିକ ଯୋଜନାକୁ ନେଇ ବିଭ୍ରାନ୍ତ ହେବା, ନିବେଶ ପୂର୍ବରୁ ଆର୍ଥିକ ଯୋଜନା ହିଁ ଆସିଥାଏ। ଆର୍ଥିକ ଯୋଜନା ପ୍ରସ୍ତୁତ କରି ସାରିବା ପରେ ନିବେଶ ସଂକ୍ରାନ୍ତ ନିଷ୍ପତ୍ତି କରିବାକୁ ପଡିଥାଏ।*
- *ବ୍ୟାପକ ଆର୍ଥିକ ଯୋଜନାକୁ ଅଣଦେଖା କରିବା ଓ ନିୟମିତ ବ୍ୟବଧାନରେ ସମୀକ୍ଷା ନ କରିବା।*
- *ବ୍ୟାପକ ଆର୍ଥିକ ଯୋଜନା କେବଳ ଧନୀ ମାନଙ୍କ ପାଇଁ ବୋଲି ଅନେକଙ୍କର ଭ୍ରାନ୍ତ ଧାରଣା ରହିଛି। ଏହା ଏକ ଭୁଲ ଧାରଣା।*
- *ବୁଢା ହୋଇଗଲା ପରେ କିମ୍ବା ଅବସର ଗ୍ରହଣ କରିବା ପରେ ଆର୍ଥିକ ଯୋଜନାର ଆବଶ୍ୟକତା ପଡିଥାଏ ବୋଲି ଅଧିକାଂଶ ବିଚାର କରିଥାନ୍ତି।*
- *ବ୍ୟାପକ ଆର୍ଥିକ ଯୋଜନା ଏକ ଅବସରକାଳୀନ ପାଣ୍ଠି ଗଠନ ଯୋଜନା ବୋଲି ଅନେକ ଭାବି ନିଅନ୍ତି। ଏହା ଏକ ଭ୍ରାନ୍ତ ଧାରଣା।*
- *ଆର୍ଥିକ ସମସ୍ୟା ଜଟିଳ ହେଲେ ଯାଇ ସେତେବେଳେ ଆର୍ଥିକ ଯୋଜନା ପ୍ରସ୍ତୁତ କରାଯିବ ବୋଲି ଅଧିକାଂଶ ଲୋକ ଅପେକ୍ଷା କରିଥାନ୍ତି।*
- *ଅଧିକାଂଶ କ୍ଷେତ୍ରରେ କିଛି ନ ବୁଝି ଅବାସ୍ତବ ସୁଧହାର ବା ଲାଭ ଆଶା କରିବା।*
- *ଆୟକର ଛାଡ଼ ପାଇଁ ଆର୍ଥିକ ଯୋଜନା କରାଯାଉଥିବା ଅନେକଙ୍କ ମନରେ ରହିଛି। ଯାହା ଠିକ୍ ନୁହେଁ।*
- *ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ନିଷ୍ପତ୍ତି ନେବା ସମୟରେ ଏ ସବୁ ସାଧାରଣ ଭୁଲଠାରୁ ନିଜକୁ ଦୂରେଇ ରଖିବାକୁ ଆମର ପରାମର୍ଶ।*

**ମୋର ବୟସ ୨୫ ବର୍ଷ। ଅବସରକାଳୀନ ପାଣ୍ଠି ଗଠନ ପାଇଁ ମ୍ୟୁଚୁଆଲ୍ ଫଣ୍ଡ ଏସ୍‌ଆଇପିରେ ମାସିକ ୧୦୦୦ ଟଙ୍କା ନିବେଶ କରି କେତେ ଟଙ୍କାର ପାଣ୍ଠିଗଠନ ହୋଇପାରିବ?**
**– ସୋନାଲି ସାହୁ, କଟକ**

ଆପଣ ଯଦି ମାସିକ ୧ ହଜାର ଟଙ୍କା ଆସନ୍ତା ୩୫ ବର୍ଷ ପାଇଁ (୬୦ ବର୍ଷରେ ଅବସର ଗ୍ରହଣ ସମୟ ପାଇଁ) ସଞ୍ଚୟ କରନ୍ତି, ତେବେ ବାର୍ଷିକ ୧୨% ସୁଧହାରରେ ୬୪.୯୫ ଲକ୍ଷ ଟଙ୍କାର ଏକ ପାଣ୍ଠି ଗଠନ କରିବାକୁ ସକ୍ଷମ ହେବେ।

**ଆମ ଠିକଣା:** ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦

ଧରିତ୍ରୀ
DHARITRI
ଗୁରୁବାର, ୪ ଅକ୍ଟୋବର, ୨୦୧୮





❝ ଗତ କିଛିବର୍ଷ ଧରି ଆମେ ଟପ୍ ଟିମ୍‌ଗୁଡ଼ିକୁ କଡ଼ା ଚ୍ୟାଲେଞ୍ଜ ଦେବାରେ ସକ୍ଷମ ହୋଇଛୁ। ଭାରତ ବିପକ୍ଷ ଟେଷ୍ଟ ସିରିଜରେ ମଧ୍ୟ ତାହା ଦେଖିବାକୁ ମିଳିବ ।
–ଜାସନ ହୋଲ୍ଡର, ୱେଷ୍ଟଇଣ୍ଡିଜ କ୍ରିକେଟ ଅଧିନାୟକ



❝ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ପୃଥ୍ୱୀ ଶ' ଇନିଂସ ଓପନ କରିବେ। ସେ ଯେପରି ଖେଳିବାକୁ ଭଲ ପାଆନ୍ତି ତାଙ୍କ ପାଇଁ ସେପରି ସୁଯୋଗ ସୃଷ୍ଟି କରାଯାଇଛି ।
–ବିରାଟ କୋହଲି, ଟିମ୍ ଇଣ୍ଡିଆ ଅଧିନାୟକ

## ସଂକ୍ଷେପରେ

### ଅଲ୍ ଓଡ଼ିଶା ଓପନ୍ କ୍ୟାରମ୍ ଚାମ୍ପିୟନଶିପ୍

ଭୁବନେଶ୍ୱର, ୩।୧୦(ପି.ଟି.)- ଓଡ଼ିଶା ରାଜ୍ୟ କ୍ୟାରମ୍ ଆସୋସିଏଶନ (ଓସ୍କା), ଭୁବନେଶ୍ୱର ଜିଲା କ୍ୟାରମ ଆସୋସିଏଶନ ଓ ୟୁନିଟ୍- ୨ର ଯଜ୍ଞେଶ୍ୱର କ୍ଲବ ମିଳିତ ଆନୁକୂଲ୍ୟରେ ଆସନ୍ତା ୧୩ ଓ ୧୪ ତାରିଖ ଦୁଇଦିନ ଧରି ଅଲ ଓଡ଼ିଶା ଓପନ୍ କ୍ୟାରମ ଚାମ୍ପିୟନଶିପ୍ ଆୟୋଜନ ହେବ। ଏହି ଚାମ୍ପିୟନଶିପ୍ ୟୁନିଟ- ୨ସ୍ଥିତ ୟୁ.ପି. ସ୍କୁଲରେ ଖେଳାଯିବ। ଏହି ଚାମ୍ପିୟନଶିପ୍‌ରେ ଭାଗନେବାକୁ ଇଚ୍ଛୁକ ଖେଳାଳିମାନଙ୍କୁ ନାମ ଏଣ୍ଟ୍ରି କରାଇବାକୁ ଅନୁରୋଧ କରାଯାଇଛି। ସେମାନେ ଏଥିପାଇଁ ଆସନ୍ତା ୧୧ ତାରିଖ ସନ୍ଧ୍ୟା ସୁଦ୍ଧା ଭୁବନେଶ୍ୱର ଜିଲା କ୍ୟାରମ ସଂଘର ସମ୍ପାଦକ ରାଜେଶ ସାହୁ, ଅମର ଜେନାଙ୍କ ସହିତ ଯୋଗାଯୋଗ କରିବାକୁ ଓଡ଼ିଶା କ୍ୟାରମ ଆସୋସିଏଶନ ସମ୍ପାଦକ ରଞ୍ଜନ ମହାନ୍ତି ଜଣାଇଛନ୍ତି।

### ରନର୍ସଅପ ମହିଳା ଫୁଟ୍‌ବଲ ଦଳକୁ ପୁରସ୍କାର ରାଶି

କଟକ ଅଫିସ,୩।୧୦- ନିକଟ ଅତୀତରେ କଟକରେ ଶେଷ ହୋଇଥିବା ୨୪ତମ ଜାତୀୟ ମହିଳା ସିନିୟର ଫୁଟବଲ ଚାମ୍ପିୟନଶିପ୍‌ର ରନର୍ସଅପ ଓଡ଼ିଶା ଦଳ ନିମନ୍ତେ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପୁରସ୍କାର ରାଶି ଘୋଷଣା କରିଛି । ପ୍ରତିଯୋଗିତାରେ ସାମିଲ ହୋଇଥିବା ପ୍ରତ୍ୟେକ ଖେଳାଳି, କୋଚ୍, ମ୍ୟାନେଜର ଓ ଫିଜିଓଙ୍କୁ ୫ହଜାର ଟଙ୍କା ଲେଖାଏ ଆର୍ଥିକ ରାଶି ପ୍ରଦାନ କରାଯିବ । ମୋଟ୍ ୧ଲକ୍ଷ ୧୫ହଜାର ଟଙ୍କା ଦିଆଯିବ ବୋଲି ଫାଓ ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି । ପ୍ରକାଶଥାଉ କି, ପ୍ରତିଯୋଗିତାର ଫାଇନାଲରେ ଓଡ଼ିଶା ୧-୨ ଗୋଲରେ ମଣିପୁରଠାରୁ ହାରିଥିଲା।

### ବିକି, ସମୀରଙ୍କୁ ଆର୍ଥିକ ପୁରସ୍କାର

କଟକ ଅଫିସ,୩।୧୦- ମାଲେସିଆ ଠାରେ ଅନୁଷ୍ଠିତ ହୋଇଥିବା ଏଏଫ୍‌ସି ୧୬ ବର୍ଷରୁ କମ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତ ୧୬ବର୍ଷ ବ୍ୟବଧାନରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା । ଜାତୀୟ ଦଳ କ୍ୱାର୍ଟରରେ ଦକ୍ଷିଣ କୋରିଆଠାରୁ ହାରି ପ୍ରତିଯୋଗିତାରୁ ବାଦ ପଡ଼ିଥିବା ବେଳେ ଦଳରେ ୨ ଓଡ଼ିଆ ଖେଳାଳି ରହିଥିଲେ । ଏମାନେ ହେଲେ ବିକି ଓରାମ ଓ ସମୀର କେରକେଟା । ଭାରତର ଏହି ସଫଳତାରେ ସାମିଲ ହୋଇଥିବା ବିକି ଓ ସମୀରଙ୍କୁ ୧୦ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଫାଓ ସମ୍ପାଦକ ସଞ୍ଜୟ ବେହେରା ଘୋଷଣା କରିଛନ୍ତି ।

### ପଦ୍ମଶ୍ରୀ ସମ୍ମାନ ଲାଗି ବଜରଙ୍ଗ, ଭିନେଶଙ୍କ ନାମ ସୁପାରିସ

ନୂଆଦିଲ୍ଲୀ,୩।୧୦ - ନିକଟରେ ଖେଳରତ୍ନ ସମ୍ମାନରୁ ବଞ୍ଚିତ ହେବା ପରେ କ୍ରୀଡ଼ା ମନ୍ତ୍ରଣାଳୟକୁ କୋର୍ଟଙ୍କ ଦ୍ୱାରସ୍ଥ ହେବା ଲାଗି ଧମକ ଦେଇଥିବା କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆଙ୍କୁ ଖୁସି ହେବା ପାଇଁ କାରଣ ମିଳିଛି। ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଜାକର୍ତ୍ତା ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ବଜରଙ୍ଗଙ୍କ ନାମକୁ ଦେଶର ୪ର୍ଥ ସର୍ବୋଚ୍ଚ ସମ୍ମାନ ପଦ୍ମଶ୍ରୀ ନିମନ୍ତେ ସୁପାରିସ କରାଯାଇଛି। ତାଙ୍କ ସମେତ ମହିଳା ଯୋଦ୍ଧା ଭିନେଶ ଫୋଗତ ମଧ୍ୟ ଏହି ତାଲିକାରେ ରହିଛି। କୌତୂହଳ କଥା ହେଉଛି କି, ଉଭୟଙ୍କ ନାମକୁ ରେସ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ) ପକ୍ଷରୁ ସୁପାରସି କରାଯାଇନାହିଁ। କ୍ରୀଡ଼ା ମନ୍ତ୍ରଣାଳୟ ଏହି ଦୁଇ କୁସ୍ତିଯୋଦ୍ଧାଙ୍କ ନାମକୁ ଗୃହ ମନ୍ତ୍ରଣାଳୟକୁ ପଠାଇଛି। ପୂର୍ବରୁ ଡବ୍ଲ୍ୟୁଏଫ୍ଆଇ ଉଭୟଙ୍କ ନାମକୁ ସୁପାରିସ କରିଥିଲା। ମାତ୍ର କ୍ରୀଡ଼ା ମନ୍ତ୍ରଣାଳୟ ପ୍ରତ୍ୟାଖ୍ୟାନ କରି ଦେଇଥିଲା। ଚୟନ କମିଟି ଖେଳରତ୍ନ ସମ୍ମାନ ଲାଗି ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଓ ଭାରୋତ୍ତୋଳନକାରୀ ମିରାବାଈ ଚାନୁଙ୍କ ନାମ ସୁପାରିସ କରିଥିଲେ। ଉଭୟଙ୍କ ଠାରୁ ବଜରଙ୍ଗ ନିକଟରେ ସର୍ବାଧିକ ୮୦ ପଏଣ୍ଟ ଥିଲା। ଏହାସତ୍ତ୍ୱେ ସେ ଖେଳରତ୍ନରୁ ବଞ୍ଚିତ ରହିବାରୁ ଗତ ମାସ ୨୦ ତାରିଖରେ କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋରଙ୍କୁ ଭେଟି ପ୍ରତିବାଦ ଜଣାଇଥିଲେ। ମାତ୍ର ସେ କୋର୍ଟ ଯିବା ପରିବର୍ତ୍ତେ ବିଶ୍ୱ ଚାମ୍ପିୟନଶିପ ଲାଗି ପ୍ରସ୍ତୁତ ହେବାକୁ ନିଷ୍ପତ୍ତି ନେଇଥିଲେ।

# ତ୍ରୁଟି ସୁଧାରିବା ଲକ୍ଷ୍ୟରେ ଭାରତ



ଅଭ୍ୟାସ ଅବସରରେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ।

## ଆଜିଠାରୁ ପ୍ରଥମ ଟେଷ୍ଟ

| ଭାରତୀୟ ଦଳ | ୱେଷ୍ଟଇଣ୍ଡିଜ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ଲୋକେଶ ରାହୁଲ, ପୃଥ୍ୱୀ ଶ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ରିଷଭ ପନ୍ତ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ ସାମି, ଉମେଶ ଯାଦବ ଓ ଶାର୍ଦ୍ଦୁଳ ଠାକୁର। | ଜାସନ ହୋଲ୍ଡର (ଅଧିନାୟକ), ସୁନୀଲ ଅମ୍ବ୍ରିସ୍, ଦେବେନ୍ଦ୍ର ବିଶୁ, କ୍ରେଗ୍ ବ୍ରାଥ୍‌ୱେଟ୍, ରୋଷ୍ଟନ ଚେଜ୍, ଶେନ ଡୋରିଚ୍, ଶାନନ ଗାବ୍ରିଏଲ, ଜହମାର ହାମିଲଟନ, ଶିମରୋନ ହେଟମେୟର, ଶାଇ ହୋପ୍, ଶେରମାନ ଲୁଇସ୍, କିମୋ ପାଉଲ, କିରନ ପାୱେଲ, କେମର ରୋଚ୍ ଓ ଜୋମେଲ ୱାରିକାନ। |

ସ୍ଥାନ: ରାଜକୋଟ, ସମୟ: ସକାଳ ୯.୩୦ | ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ

ରାଜକୋଟ,୩।୧୦(ପି.ଟି.)

ଗୁରୁବାରଠାରୁ ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବ। ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଦୁଇ ଦଳ ପ୍ରଥମ ଟେଷ୍ଟରେ ମୁହାଁମୁହିଁ ହେବେ। ଗତ ଇଂଲଣ୍ଡ ଗସ୍ତର ବିଫଳତାକୁ ପଛରେ ପକାଇ ଭାରତ ତ୍ରୁଟି ସୁଧାରି ଏହି ସିରିଜରେ ବାଜି ମାରିବା ଲକ୍ଷ୍ୟରେ ରହିଛି। ଆଗକୁ ଭାରତ ହାଇପ୍ରୋଫାଇଲ ଅଷ୍ଟ୍ରେଲିଆ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଫଳରେ ବିଭିନ୍ନ ଦୃଷ୍ଟିକୋଣରୁ ଏହି ସିରିଜ ଭାରତ ପାଇଁ ବିଶେଷଭାବେ ଗୁରୁତ୍ୱ ବହନ କରୁଛି।

ଗତ ୯ମାସ ମଧ୍ୟରେ ଭାରତ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ଗସ୍ତରେ ଯାଇ ଟେଷ୍ଟ ସିରିଜରେ ପରାଜୟ ବରଣ କରିଥିଲା। ତେବେ ଏହା ସତ୍ତ୍ୱେ ଭାରତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍ୟାଙ୍କିଂରେ ତା'ର ଶୀର୍ଷସ୍ଥାନ ବଜାୟ ରଖିଛି। ଏହି ସିରିଜରେ ବିଜୟୀ ହେଲେ ବିରାଟ କୋହଲିଙ୍କ ସମେତ ଭାରତୀୟ ଦଳର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ନଭେମ୍ବର ଶେଷଆଡକୁ ଭାରତର ଅଷ୍ଟ୍ରେଲିଆ ଗସ୍ତ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଭାରତ ବିଶ୍ୱ ର୍ୟାଙ୍କିଂର ଶୀର୍ଷସ୍ଥାନରେ ରହିଥିବା ବେଳେ ୱେଷ୍ଟଇଣ୍ଡିଜ ଅଷ୍ଟମ ସ୍ଥାନରେ ରହିଛି। ଅନ୍ୟପଟେ ୱେଷ୍ଟଇଣ୍ଡିଜ୍ ୨୦୦୨ ପରଠାରୁ ଭାରତକୁ ପରାସ୍ତ କରିପାରିନାହିଁ। ତେଣୁ ଏହି ଗସ୍ତରେ ୱେଷ୍ଟଇଣ୍ଡିଜ ଦଳ ଖାସ୍ କିଛି କରି ଦେଖାଇବା ଲକ୍ଷ୍ୟରେ ରହିଛି।

ଇଂଲଣ୍ଡ ବିପକ୍ଷରେ ଭାରତ ଦଳରେ ଅତ୍ୟଧିକ ପରିବର୍ତ୍ତନ କରି ବେଶ୍ ସମାଲୋଚିତ ହୋଇଥିଲା। ଦୁଇ ଅଭିଜ୍ଞ ଓପନର ମୁରଲୀ ବିଜୟ ଓ ଶିଖର ଧାୱନ ଏବେ ଦଳରୁ ସେମାନଙ୍କ ସ୍ଥାନ ହରାଇଛନ୍ତି। ଇଂଲଣ୍ଡ ଗସ୍ତରେ ଦଳରେ ସାମିଲ ହୋଇଥିବା କରୁନ ନାୟାର ମଧ୍ୟ ଏଥର ସ୍ଥାନ ପାଇନାହାନ୍ତି। ଫଳରେ ଦଳ ଚୟନ ନେଇ ଆଲୋଚନା ଓ ପର୍ଯ୍ୟାଲୋଚନା ସୃଷ୍ଟି ହୋଇଛି।

ନୂଆ ଓପନିଂ ଯୋଡିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଲୋକେଶ ରାହୁଲଙ୍କ ସମେତ ନବାଗତ ପୃଥ୍ୱୀ ଶ' ଇନିଂସ ଓପନ କରିବେ। ପୃଥ୍ୱୀ ପଦାର୍ପଣ କରିବାକୁ ଯାଉଥିବା ବେଳେ ତାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ତେବେ ଏହି ଓପନିଂ ଯୋଡି ଭଲ ପ୍ରଦର୍ଶନ କଲେ ମଧ୍ୟ ଅଷ୍ଟ୍ରେଲିଆ ପରିବେଶରେ ଦଳ ସଫଳ ହେବ ବୋଲି କୁହାଯାଇପାରିବ ନାହିଁ। ପୃଥ୍ୱୀଙ୍କ ସମେତ ନବାଗତ ମୟଙ୍କ ଅଗ୍ରୱାଲଙ୍କ ପାଇଁ ଏହି ସିରିଜ ସୁଯୋଗ ସୃଷ୍ଟି କରିଛି।

ବୋଲିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଘରୋଇ ପରିବେଶରେ ଭାରତ ୩ଜଣ ସ୍ପିନରଙ୍କୁ ଖେଳାଇବ। ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ସ୍ପିନ ବିଭାଗରେ ଦାୟିତ୍ୱ ସମ୍ଭାଳିବେ। ସେହିପରି ଦ୍ରୁତ ବୋଲିଂରେ ଉମେଶ ଯାଦବ ଓ ମହମ୍ମଦ ସାମି କମାଲ କରିବା ଆଶା କରାଯାଉଛି। ଦୁଇ ତାରକା ବୋଲର ଭୁବନେଶ୍ୱର କୁମାର ଓ ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇଥିବାବେଳେ ଉମେଶ ଓ ସାମିଙ୍କ ଉପରେ ଦ୍ରୁତ ବୋଲିଂର ଭାର ନ୍ୟସ୍ତ କରାଯାଇଛି। ପୁଣି ଆହତ ସମସ୍ୟା କାରଣରୁ ଅଭିଜ୍ଞ ଇଶାନ୍ତ ଶର୍ମା ଦଳରେ ସ୍ଥାନ ପାଇନାହାନ୍ତି।

ଆହତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ଜାଡେଜା ଉଭୟ ବ୍ୟାଟିଂ ଓ ବୋଲିଂରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଗତ ଏସିଆ କପ୍‌ରେ ଦିନିକିଆକୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିବା ଜାଡେଜା ଘରୋଇ ପରିବେଶର ଫାଇଦା ଉଠାଇ ପୁଣି ଦମ୍ ଦେଖାଇବା ଆଶା କରାଯାଉଛି।

ସେହିପରି ଯୁବ ଓପନର ରିଷଭ ପନ୍ତ ମଧ୍ୟ ଫୋକସ୍‌ରେ ରହିଛନ୍ତି। ନିଜର ଡେବ୍ୟୁ ସିରିଜରେ ସେ ଓଭାଲ ଗ୍ରାଉଣ୍ଡରେ ୧୧୪ ରନର ଲଢୁଆ ଶତକୀୟ ପାଳି ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ହନୁମା ବିହାରୀ ଓଭାଲରେ ପଦାର୍ପଣ କରି ଲଢୁଆ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତେବେ ସେ ଅନ୍ତିମ ଏକାଦଶରେ ସାମିଲ ହେବେ ନାହିଁ। କାରଣ ଭାରତ ୩ ସ୍ପେଶାଲିଷ୍ଟ ସ୍ପିନର ଓ ୨ଜଣ ଦ୍ରୁତ ବୋଲରଙ୍କୁ ନେଇ ପଡିଆକୁ ଓହ୍ଲାଇବ।

ଭାରତ ତା'ର ଶ୍ରେଷ୍ଠ ଦଳକୁ ନେଇ ପଡିଆକୁ ଓହ୍ଲାଉ ନ ଥିଲେ ମଧ୍ୟ ଅନଭିଜ୍ଞ ୱେଷ୍ଟଇଣ୍ଡିଜ ଉପରେ ଆଧିପତ୍ୟ ବିସ୍ତାର କରି ଖେଳିବ ବୋଲି ଆଶା କରାଯାଉଛି। ୱେଷ୍ଟଇଣ୍ଡିଜରେ ପ୍ରତିଭାର ଅଭାବ ନ ଥିଲେ ମଧ୍ୟ ଭାରତକୁ ଟକ୍କର ଦେବାକୁ ହେଲେ ଅଭିଜ୍ଞତାର ଆବଶ୍ୟକତା ରହିଛି। ୧୫ଜଣିଆ ୱେଷ୍ଟଇଣ୍ଡିଜ ଦଳରେ କେବଳ ୫ଜଣ ଖେଳାଳି ଭାରତରେ ଟେଷ୍ଟ ଖେଳିବାର ଅଭିଜ୍ଞତା ହାସଲ କରିଛନ୍ତି। ପୁଣି କେମର ରୋଚ୍‌ଙ୍କ ଭଳି ଆଗଧାଡିର ବୋଲର ପ୍ରଥମ ଟେଷ୍ଟ ଖେଳିପାରିବେ ନାହିଁ। ତାଙ୍କ ଜେଜେମାଙ୍କ ଦେହାନ୍ତ ହୋଇଥିବାରୁ ସେ ବାର୍ବାଡୋସ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ବିଶୁ, କ୍ରେଗ ବ୍ରାଥୱେଟ, କିରନ ପାୱେଲ ଓ ଶାନନ ଗାବ୍ରିଏଲ ପୂର୍ବରୁ ଭାରତରେ ଖେଳିବାର ଅଭିଜ୍ଞତା ହାସଲ କରିଛନ୍ତି।

୨୦୧୩ ନଭେମ୍ବର ପରେ ୱେଷ୍ଟଇଣ୍ଡିଜ ପ୍ରଥମଥର ପାଇଁ ଭାରତରେ ଟେଷ୍ଟ ଖେଳିବାକୁ ଯାଉଛି। ସେତେବେଳେ କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କୁ ବିଦାୟୀ ବା ଫେୟାରୱେଲ ଦେବା ପାଇଁ ଏହି ସିରିଜ ଆୟୋଜନ କରିଥିଲା।

କୋଚ୍ ଷ୍ଟୁଆର୍ଟ ଲଙ୍କ ତତ୍ତ୍ୱାବଧାନରେ ୱେଷ୍ଟଇଣ୍ଡିଜ୍ ଗତ ବର୍ଷ ଲିଡ୍ସରେ ଇଂଲଣ୍ଡକୁ ହରାଇ ବିପର୍ଯ୍ୟୟ ଘଟାଥିଲା। ସେହିପରି ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜକୁ ୱେଷ୍ଟଇଣ୍ଡିଜ ୧-୧ରେ ଅମୀମାଂସିତ ରଖିଥିଲା ଓ ବାଂଲାଦେଶକୁ ଘରୋଇ ପରିବେଶରେ ଟେଷ୍ଟ ସିରିଜରେ ୨-୦ରେ ପରାସ୍ତ କରିଥିଲା। ଦୁବାଇରେ ୱେଷ୍ଟଇଣ୍ଡିଜ ଅଭ୍ୟାସ କରିବା ପରେ ଭଦୋଦାରାରେ ଏକ ଅଭ୍ୟାସ ମ୍ୟାଚ୍ ମଧ୍ୟ ଖେଳିଥିଲା। ଦଳର ଭଲ ପ୍ରଦର୍ଶନ ନେଇ ଲ ବେଶ୍ ଆଶାବାଦୀ ଅଛନ୍ତି।

ଭାରତ ଗସ୍ତ ସବୁବେଳେ ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। ତେବେ ଆମେ ମଧ୍ୟ ଭାରତରେ ଦମ୍‌ଦାର ପ୍ରଦର୍ଶନ କରିପାରୁ, ଏହା ଆମେ ସାରା ଦୁନିଆକୁ ଦେଖାଇବାକୁ ଚାହୁଁ ଓ ଭାରତକୁ କଡ଼ା ଟକ୍କର ଦେବା ଲକ୍ଷ୍ୟରେ ରହିଛୁ ବୋଲି ଲ କହିଛନ୍ତି।

## ଅଧିନାୟକ, କୋଚ୍‌ଙ୍କ ସମର୍ଥନ ରହିଛି: ପୃଥ୍ୱୀ

ରାଜକୋଟ, ୩।୧୦(ପି.ଟି.)

ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟରେ ପଦାର୍ପଣ କରିବାକୁ ଯାଉଥିବା ୧୮ ବର୍ଷୀୟ ଯୁବ ଓପନର ପୃଥ୍ୱୀ ଶ'ଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଅଧିନାୟକ ବିରାଟ କୋହଲି ଓ କୋଚ୍ ରବି ଶାସ୍ତ୍ରୀ ବେଶ୍ ମୋତେ ଉତ୍ସାହିତ କରିବା ସହ ସମର୍ଥନ ଜଣାଇଛନ୍ତି ବୋଲି ପୃଥ୍ୱୀ କହିଛନ୍ତି। କୋହଲି ଭାଇ ମାତୃଭାଷା ମରାଠୀରେ ମୋ ସହ କଥା ହୋଇଥିଲେ ଓ ମୋତେ ସହଜ ଅନୁଭବ କରିବାକୁ ସୁଯୋଗ ଦେଇଥିଲେ।

ଗତ ଇଂଲଣ୍ଡ ଗସ୍ତ ଅବସରରେ ପୃଥ୍ୱୀଙ୍କୁ ଦଳରେ ସାମିଲ କରାଯାଇଥିଲା। ତେବେ ସେ ଖେଳିବାର ସୁଯୋଗ ହାସଲ କରି ନ ଥିଲେ। ତେବେ ସେ ପ୍ରଥମ ଟେଷ୍ଟରେ ପଦାର୍ପଣ କରିବା ଏକପ୍ରକାର ନିଶ୍ଚିତ ହୋଇଛି। ପଡିଆରେ କୋହଲି ଜଣେ ମଜାଦାର ବ୍ୟକ୍ତି। ମୁଁ ତାଙ୍କୁ କଥା ହେବାକୁ ଚେଷ୍ଟା କରିଥିଲି ଓ ସେ ମଜା କଥା କହିଥିଲେ ଏବଂ ମରାଠୀରେ କଥା ହେବାକୁ ଚେଷ୍ଟା କରିଥିଲେ। ପୃଥ୍ୱୀଙ୍କ ନେତୃତ୍ୱରେ ଭାରତ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଘରୋଇ କ୍ରିକେଟରେ ମଧ୍ୟ ସେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ରଣଜୀ ଓ ଦୁଲୀପ ଟ୍ରଫିରେ ପଦାର୍ପଣ କରି ସେ ଶତକ ହାସଲ କରିଛନ୍ତି।

ପଦାର୍ପଣ କରିବାକୁ ଯାଉଥିବାରୁ ମୁଁ ଟିକେ ନର୍ଭସ ଅନୁଭବ କରୁଛି। ତେବେ ଭଲ ମଧ୍ୟ ଅନୁଭବ କରୁଛି। ଦଳରେ କୌଣସି ଖେଳାଳି ସିନିୟର କିମ୍ବା ଜୁନିୟର ନୁହନ୍ତି ବୋଲି ବିରାଟ ଭାଇ ଓ ରବି ସାର ମୋତେ କହିଛନ୍ତି। ତେଣୁ ମୁଁ ବେଶ୍ ସହଜ ଅନୁଭବ କରୁଛି। ମୋତେ ଡ୍ରେସିଂ ରୁମ୍‌ରେ ଦେଖି ସମସ୍ତେ ଖୁସି ହୋଇଥିଲେ। ଆମର ପ୍ରାକ୍ଟିସ୍ ସେସନ ବେଶ୍ ଭଲ ଥିଲା। ପ୍ରଥମ ଦିନ ମୁଁ ବେଶ୍ ଭଲ ଅଭ୍ୟାସ କରିଥିଲି ଓ ଏହାକୁ ବେଶ୍ ଉପଭୋଗ କରିଛି।

ଦଳରେ ସହଜ ଅନୁଭବ କରିବାକୁ ବିରାଟ ଭାଇ ମୋତେ ବେଶ୍ ସାହାଯ୍ୟ କରିଥିଲେ। ନେଟ୍ସରେ କୌଣସି ଯୋଜନା ନେଇ ଯାଇ ନ ଥିଲି। ନେଟ୍ସରେ ବ୍ୟାଟିଂ କଲାବେଳେ ଆଉଟ୍ କିପରି ନ ହେବି ସେ ନେଇ ପ୍ରୟାସ କରିଥିଲି। ଅଭ୍ୟାସରେ ସଞ୍ଜୟ ବାଙ୍ଗର ମୋତେ ବେଶ୍ ସାହାଯ୍ୟ କରିଥିଲେ। ଖେଳକୁ ଉପଭୋଗ କରିବାକୁ ରବି ସାର ମୋତେ ପରାମର୍ଶ ଦେଇଥିଲେ।




ତୃତୀୟ ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନରେ ଉତ୍ତରକାଶୀର ମାଉଣ୍ଟ ରୁଦୁଗେରା ଆରୋହଣ କରି ଭୁବନେଶ୍ୱର ଫେରିଥିବା ଓଡ଼ିଶା ଅଭିଯାତ୍ରୀ ଦଳର ସଦସ୍ୟଙ୍କ ଗହଣରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ।

■ ଦୃଷ୍ଟିହୀନ ଟି୨୦ କ୍ରିକେଟ: ଇଂଲଣ୍ଡ ୫୫ ରନରେ ପରାସ୍ତ

# ଭାରତ ସିରିଜ ବିଜୟୀ

ଭୁବନେଶ୍ୱର, ୩।୧୦(କ୍ରୀଡ଼ା ପ୍ରତିନିଧି)

ବେଙ୍ଗାଲୁରୁଠାରେ ଚାଲିଥିବା ଦୃଷ୍ଟିହୀନ ଟି୨୦ କ୍ରିକେଟ ସିରିଜର ବୁଧବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଭାରତ ୫୫ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଫଳରେ ହାତରେ ଗୋଟିଏ ମ୍ୟାଚ ବାକିଥାଇ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତି ନେଇଛି। ପ୍ରଥମ ମ୍ୟାଚରେ ମଧ୍ୟ ଭାରତ ବିଜୟୀ ହୋଇଥିଲା।

ଇଂଲଣ୍ଡ ଅଧିନାୟକ ଏଡ୍ ହୋସେଲ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଇଂଲଣ୍ଡ ବୋଲରମାନେ ଟାଇଟ୍ ବୋଲିଂ କରି ପ୍ରଥମ ୮ ଓଭରରେ ଭାରତର ୪ଟି ଉଇକେଟ ପତନ ଘଟାଇଥିଲେ। ତେବେ ଅଧିନାୟକ ଅଜୟ ରେଡ୍ଡୀ ଓ ଓଡ଼ିଶାର ପଙ୍କଜ ଭୁଏ ଶତକୀୟ ଭାଗୀଦାରି ଗଢ଼ି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇ ଦେଇଥିଲେ। ରେଡ୍ଡୀ ୪୪ ବଲ୍‌ରୁ ୯୦ ଓ ପଙ୍କଜ ୨୫ ବଲ୍‌ରୁ ୫୧ ରନ କରି ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ହୋସେଲ ୪ ଓଭରରେ ୨୪ ରନରେ ୨ଟି ଏବଂ ଜଷ୍ଟିନ ହୋଲିଙ୍ଗୱର୍ଥ ୪ ଓଭରରେ ୩୧ ରନ ଦେଇ ୨ଟି ଉଇକେଟ ନେଇଥିଲେ। ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୨୧୭ ରନ ସ୍କୋର କରିଥିଲା। ଚ୍ୟାଲେଞ୍ଜିଂ ୨୧୮ ରନ ବିଜୟ ଲକ୍ଷ୍ୟର ପିଛା କରି ଇଂଲଣ୍ଡ ଲଢ଼େଇ କରିଥିଲେ ହେଁ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ପରାଜିତ ହୋଇଥିଲା। ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୬୨ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ହୋସେଲ ୩୭ ବଲ୍‌ରୁ ସର୍ବାଧିକ ୪୫ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତ ପକ୍ଷରୁ ଡି.ରାଓ ୩ଟି ଏବଂ ଅଜୟ, ପଙ୍କଜ, ଏ.କୁମାର ଓ ଏମ.ଚୌଧୁରୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଜୟ ରେଡ୍ଡୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।




ଅଜୟ ରେଡ୍ଡୀ ଅତିଥିଙ୍କଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି ।

ସଂକ୍ଷିପ୍ତ ସ୍କୋର

ଭାରତ ୨୦ ଓଭରରେ ୨୧୭/୫(ଅଜୟ ରେଡ୍ଡୀ-୯୦*, ପଙ୍କଜ ଭୁଏ-୫୧*, ହୋସେଲ-୨/୨୪, ହୋଲିଙ୍ଗୱର୍ଥ-୨/୩୧)। ଇଂଲଣ୍ଡ ୨୦ ଓଭରରେ ୧୬୨/୯ (ହୋସେଲ-୪୫, ଡି.ରାଓ-୩/୯)।

## ଟି୧୦ ଲିଗ୍: ଆଇକନ୍ ହେବେ ସେହ୍ୱାଗ, ଆଫ୍ରିଦି, ମ୍ୟାକୁଲମ

ଦୁବାଇ, ୩।୧୦(ପି.ଟି.)

ନଭେମ୍ବର ୨୩ରୁ ଏଠାରେ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱର ପ୍ରଥମ ଟି୧୦ ଲିଗ୍‌ରେ ପୂର୍ବତନ ଭାରତୀୟ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗ, ପାକିସ୍ତାନ ପୂର୍ବତନ ଅଲରାଉଣ୍ଡର ଓ ନ୍ୟୁଜିଲାଣ୍ଡ ପୂର୍ବତନ ବ୍ୟାଟ୍ସମ୍ୟାନ ଆଇକନ୍ ଭାବେ ନାମିତ ହୋଇଛନ୍ତି। ଟି୧୦ ଲିଗ୍‌ର ଏହି ଦ୍ୱିତୀୟ ସଂସ୍କରଣକୁ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ସ୍ୱୀକୃତି ପ୍ରଦାନ କରିଥିବା ବେଳେ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଲାଇସେନ୍ସ ଦେଇଛି।

୨୦୧୭ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣ ୪ ଦିନ ମଧ୍ୟରେ ଖେଳାଯାଇଥିଲା। ତେବେ ଏଥର ଏହା ୧୦ ଦିନ ଧରି ଖେଳାଯିବ ଓ ଏଥିରେ ୨୯ଟି ମ୍ୟାଚ ଆୟୋଜନ କରାଯିବ। ଏହି ଲିଗ୍‌ର ସୁପରିଚାଳନା ଓ ସ୍ୱଚ୍ଛତା ପାଇଁ ଟି୧୦ ଲିଗ୍ ମ୍ୟାନେଜମେଣ୍ଟ କେତୋଟି ସକାରାତ୍ମକ ପରିବର୍ତ୍ତନ କରିଛି। ଜଣେ ଅଭିଜ୍ଞ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ)ଙ୍କୁ ନିଯୁକ୍ତ କରିବା ସହ ଏକ ନୂଆ ଗଭର୍ନିଂ କାଉନସିଲ ମଧ୍ୟ ଗଠନ କରାଯିବ। ପୁଣି ଆଇସିସି ପ୍ୟାନେଲର ଅମ୍ପାୟରମାନଙ୍କୁ ନିଯୁକ୍ତି ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଇଛି।

ରୋଶନ ମାହାନାମା ଓ ୱାସିମ ଆକ୍ରମଙ୍କୁ ଟେକ୍‌ନିକାଲ କମିଟିର ମୁଖ୍ୟ ଓ ଟାଲେଣ୍ଟ ହଣ୍ଟ ପ୍ରୋଗ୍ରାମର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଏହି ଟି୧୦ ଲିଗ୍‌ରେ ଅଂଶଗ୍ରହଣ କରିବାକୁଥିବା ୮ଟି ଦଳ ହେଲେ କେରଳ କିଙ୍ଗ୍ସ, ପଞ୍ଜାବ ଲିଜେଣ୍ଡ୍ସ, ମରାଠା ଆରବିୟାନ୍ସ, ବେଙ୍ଗଲ ଟାଇଗର୍ସ, ଦି କରାଚିଆନ୍ସ, ରାଜପୁତ୍ସ, ନର୍ଦ୍ଦର୍ନ ୱାରିୟର୍ସ ଓ ପାଖତୁନ୍ସ। ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ନଭେମ୍ବର ୨୩ରୁ ଡିସେମ୍ବର ୨ ତାରିଖ ମଧ୍ୟରେ ଶାରଜା କ୍ରିକେଟ ଷ୍ଟାଡିୟମରେ ଲିଗ୍ ଆୟୋଜନ ହେବ। ଏଥର କରାଚିଆନ୍ସ ଓ ନର୍ଦ୍ଦର୍ନ ୱାରିୟର୍ସ ନୂଆ ଦଳ ଭାବେ ଲିଗ୍‌ରେ ଯୋଗଦେଇଛନ୍ତି। ଶେନ୍ ୱାଟସନ, ସାହିଦ ଆଫ୍ରିଦି, ଇଅନ ମୋର୍ଗାନ, ରସିଦ ଖାଁ, ସୋଏବ ମଲିକ, ସୁନୀଲ ନାରନ, ଡାରେନ ସାମିଙ୍କ ସମେତ ବହୁ ଲୋକପ୍ରିୟ କ୍ରିକେଟର ଏହି ଲିଗ୍‌ରେ ବିଭିନ୍ନ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ।



“ ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚରେ ବେଙ୍ଗଲର ସ୍ଲୋ ଓଭରରେଟ୍ ପାଇଁ ସଞ୍ଜୟ ମଞ୍ଜ୍ରେକର ଉଭୟ ଦଳର ଟିମ୍ ମ୍ୟାନେଜମେଣ୍ଟ ସହିତ କଥା ହେଲେ ଭଲ ହେବା।

–ମନୋଜ ତିୱାରୀ, ବେଙ୍ଗଲ ଅଧିନାୟକ



“ ଇଣ୍ଡିଆନ ସୁପର ଲିଗ୍‌ରେ ଦୁଇଥର ଚାମ୍ପିୟନ ଏଟିକେର ପୂର୍ବ ପ୍ରଦର୍ଶନ ଫେରିବାକୁ ଆଉ କିଛିଦିନ ସମୟ ଲାଗିବ ।

–ଷ୍ଟିଭ୍ କୋପେଲ, ଏଟିକେ କୋଚ୍

## ସଂକ୍ଷେପରେ

### ସନ୍‌ରାଇଜ୍-ସ୍ପୋର୍ଟ୍ସ ହଷ୍ଟେଲ, ରୋଭର୍ସ-ରାଇଜିଂ ଷ୍ଟୁଡେଣ୍ଟ

କଟକ ଅଫିସ,୩।୧୦- ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ର ସେମିଫାଇନାଲ ଲାଇନଅପ ଚୂଡ଼ାନ୍ତ ହୋଇଛି । ପ୍ରଥମ ସେମିରେ ସନ୍‌ରାଇଜ୍ କ୍ଲବ ସ୍ପୋର୍ଟ୍ସ ହଷ୍ଟେଲକୁ ଭେଟୁଥିବା ବେଳେ ରୋଭର୍ସ କ୍ଲବ ଓ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯିବ । ଦୁଇଟିଯାକ ସେମିଫାଇନାଲ ୫ ତାରିଖରେ ଅନୁଷ୍ଠିତ ହେବ । ଅନ୍ୟପକ୍ଷରେ ବୁଧବାର ଖେଳାଯାଇଥିବା ଅବଶିଷ୍ଟ ୨ଟି କ୍ୱାର୍ଟର ଫାଇନାଲରେ ରାଇଜିଂ ଷ୍ଟାର କ୍ଲବ ଓ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ବିଜୟୀ ହୋଇଥିଲେ । ରାଇଜିଂ ଷ୍ଟାର ଅନୁପସ୍ଥିତ ରହିବାରୁ ସ୍ପୋର୍ଟ୍ସ ହଷ୍ଟେଲକୁ ବିଜୟୀ ଘୋଷଣା କରାଯାଇଥିଲା । ଅନ୍ୟ ଏକ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ୪-୧ ଗୋଲରେ ୟଙ୍ଗ ଉତ୍କଳ କ୍ଲବକୁ ହରାଇ ସେମିରେ ପ୍ରବେଶ କରିଥିଲା । ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ରାଜୁ ବିଶାଳ ୯ମ ମିନିଟରେ, ଅରବିନ୍ଦ ଲାକ୍ରା ୨୩ତମ ମିନିଟରେ, ଚନ୍ଦ୍ରଶେଖର ବେହେରା ୭୫ତମ ମିନିଟରେ ଓ ଲାଖାଇ ମୁର୍ମୁ ୮୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ । ୟଙ୍ଗ ଉତ୍କଳ କ୍ଲବ ପକ୍ଷରୁ ରାକେଶ ସାହୁ ୬ଷ୍ଠ ମିନିଟରେ ଏକମାତ୍ର ଗୋଲ ଦେଇଥିଲେ ।

### କମ୍ପ୍ଲିମେଣ୍ଟାରୀ ଟିକେଟ୍ ଉପରେ ମୂଲଚାଲ କରାଯିବ ନାହିଁ: ଗାଙ୍ଗୁଲି

କୋଲକତା,୩।୧୦ - ସ୍ଥାନୀୟ ଇଡେନ ଗାର୍ଡେନଠାରେ ଆସନ୍ତା ନଭେମ୍ବର ୪ ତାରିଖରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ହେବାକୁ ଥିବା ଟି୨୦ ମ୍ୟାଚ୍‌ର କମ୍ପ୍ଲିମେଣ୍ଟାରୀ ଟିକେଟ୍ ବଣ୍ଟନରେ କୌଣସି ପ୍ରକାର ମୂଲଚାଲ କରାଯିବ ନାହିଁ। ଏହି ମନ୍ତବ୍ୟ ଦେଇଛନ୍ତି କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି)ର ସଭାପତି ତଥା ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି। ବିସିସିଆଇର ନୂତନ ସମ୍ବିଧାନ ଅନୁଯାୟୀ ରାଜ୍ୟ ମହାସଂଘକୁ ଷ୍ଟାଡିୟମ କ୍ଷମତାର ମୋଟ ଦର୍ଶକ ସଂଖ୍ୟାର ୧୦ ପ୍ରତିଶତ ଟିକେଟ କମ୍ପ୍ଲିମେଣ୍ଟାରୀ ପାସ୍ ପ୍ରଦାନ କରାଯିବ। ବଳକା ୯୦ ପ୍ରତିଶତ ସାଧରଣ ଲୋକଙ୍କ ଉପଲବ୍ଧ କରାଯିବ। ଏହି ସମସ୍ୟା କାରଣରୁ ଭାରତ ଓ ୱେଷ୍ଟଇଣ୍ଡିଜ୍ ଦିନିକିଆ ସିରିଜ୍‌ର ୨ୟ ମ୍ୟାଚ୍ ଆୟୋଜନରୁ ମଧ୍ୟପ୍ରଦେଶ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏମ୍‌ପିସିଏ) ଓହରିଯାଇଛି। ‘‘ଯେଉଁଭଳି ଆଗରୁ କମ୍ପ୍ଲିମେଣ୍ଟାରି ଟିକେଟ ବଣ୍ଟନ କରାଯାଉଥିଲା, ସେଭଳି ଦେବୁ। ଆମେ ଏଥିରେ ମୂଲଚାଲ କରିପାରିବୁ ନାହିଁ। ମୁଁ ଇନ୍ଦୋର (ଏମ୍‌ପିସିଏ) ପରିସ୍ଥିତି ବୁଝି ପାରୁଛି ଓ ତାଙ୍କ ପ୍ରତି ମୋର ସମ୍ପୂର୍ଣ୍ଣ ସମର୍ଥନ ରହିଛି। ସେମାନଙ୍କ ଦାବି ସମ୍ପୂର୍ଣ୍ଣ ରୂପେ ଯର୍ଥାଥ’’ ବୋଲି ଗାଙ୍ଗୁଲି କହିଛନ୍ତି। ଇଡେନ ଗାର୍ଡେନ ଦକ୍ଷତା ହେଉଛି ୬୬,୦୦୦। ଏଥିରୁ ପ୍ରାୟ ୩୦ ହଜାର କମ୍ପ୍ଲିମେଣ୍ଟରୀ ପାସ୍ ବଣ୍ଟନ କରାଯାଏ। ଏସମ୍ପର୍କରେ ଆହୁରି କହିଛନ୍ତି, ମୁଁ କଦାପି ସରକାରୀ ସଂସ୍ଥା, ଅମଲାତନ୍ତ୍ର, ଯେଉଁମାନଙ୍କ ଲାଗି ଏଠାରେ ମ୍ୟାଚ୍ ଆୟୋଜନ ହୋଇପାରୁଛି, ସେମାନଙ୍କୁ ଟିକେଟ୍ କିଣି ମ୍ୟାଚ୍ ଦେଖିବାକୁ କହି ପାରିବି ନାହିଁ। ଯଦି ଆମ ଦାବି ବିସିସିଆଇ ଗ୍ରହଣ ନ କରେ, ମୁଁ ଜାଣି ନାହିଁ କ’ଣ ହେବ। ଯଦି ସେମାନେ ଚାହାନ୍ତି ମ୍ୟାଚ୍ ଅନ୍ୟ କେଉଁଠାରେ ମ୍ୟାଚ୍ କରାଇପାରିବେ। କିନ୍ତୁ ଆମେ ମୂଲଚାଲ କରିବୁନାହିଁ।

## କଳିଙ୍ଗ ଷ୍ଟାଡିୟମ ଉଦ୍‌ଘାଟନୀରେ ହକି ହଙ୍ଗାମା

# ଦିଲୀପ ବନାମ ଧନରାଜ



ଦିଲୀପ ତିର୍କୀ



ଧନରାଜ ପିଲେ

ଭୁବନେଶ୍ୱର, ୩।୧୦(କ୍ରୀଡ଼ା ପ୍ରତିନିଧି)

ଚଳିତ ମାସ ୧୦ ତାରିଖରେ କଳିଙ୍ଗ ଷ୍ଟାଡିୟମର ନବନିର୍ମିତ ହକି କମ୍ପ୍ଲେକ୍ସ ଉଦ୍‌ଘାଟନ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ ତାରିଖ ସନ୍ଧ୍ୟାରେ ଏହାକୁ ଉଦ୍‌ଘାଟନ କରିବେ। ଏହି ଅବସରରେ ରାତି ୭ଟାରେ ଏକ ପ୍ରଦର୍ଶନୀ ହକି ମ୍ୟାଚ ଅନୁଷ୍ଠିତ ହେବ। ଏହି ମ୍ୟାଚର ମୁଖ୍ୟ ଆକର୍ଷଣରେ ରହିବେ ଭାରତୀୟ ହକିର ଦୁଇ ହେଭିୱେଟ ଖେଳାଳି ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ଧନରାଜ ପିଲେ। ଦିଲୀପ ଗୋଟିଏ ଟିମ୍‌ର ନେତୃତ୍ୱ ନେଉଥିବାବେଳେ ତାଙ୍କୁ କଡ଼ା ଟକ୍କର ଦେବ ଧନରାଜଙ୍କ ଟିମ୍। ଏହାକୁ ‘କ୍ଲାସ୍ ଅଫ ଟାଇଟାନ୍ସ’ କୁହାଯାଉଛି। ଉଭୟ ଟିମ୍‌ରେ ଅତୀତ ଓ ବର୍ତ୍ତମାନ ଭାରତୀୟ ଦଳର ଖେଳାଳିଙ୍କ ସମ୍ମିଶ୍ରଣ ରହିବ। ବର୍ତ୍ତମାନ ଓ ଅତୀତର ତାରକା ଖେଳାଳିଙ୍କ ମଧ୍ୟରେ ପି.ଆର. ଶ୍ରୀଜେଶ, ମନପ୍ରୀତ ସିଂ, ହରମନପ୍ରୀତ ସିଂ, ସର୍ଦ୍ଦାର ସିଂ, ବୀରେନ ରସ୍କିନା, ଦୀପକ ଠାକୁର ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ନଭେମ୍ବର ୨୮ରୁ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ ପାଇଁ ଏହି ପ୍ରଦର୍ଶନୀ ମ୍ୟାଚରେ ବାଜିବ ବିଗୁଲ। ଆସନ୍ତା ବିଶ୍ୱକପକୁ ଅନ୍ୟ ସଂସ୍କରଣଠାରୁ ଭିନ୍ନସ୍ୱାଦର କରିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। କେବଳ ଖେଳାଳି ନୁହନ୍ତି, ଦେଶ ବିଦେଶରୁ ଆସିବାକୁଥିବା ଅଫିସିଆଲ ଏବଂ ଦର୍ଶକମାନଙ୍କ ପାଇଁ ଯେପରି ଏହା ସ୍ମରଣୀୟ ହୋଇପାରିବ, ସେଥିପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ‘‘ଶ୍ରେଷ୍ଠ କ୍ରୀଡ଼ା ଭିତ୍ତିଭୂମି ପ୍ରଦାନ କରିବା ଲକ୍ଷ୍ୟ ନେଇ ଓଡ଼ିଶା ସରକାରଙ୍କ ପକ୍ଷରୁ କଳିଙ୍ଗ ଷ୍ଟାଡିୟମକୁ ରିମଡେଲିଂ କରାଯାଇଛି। ଅନେକ ପ୍ରକାର କ୍ରୀଡ଼ା ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ସହ ଏହା ଏବେ ଏକ ଅନ୍ତର୍ଜାତୀୟ କ୍ରୀଡ଼ା କମ୍ପ୍ଲେକ୍ସରେ ପରିଣତ ହୋଇପାରିଛି। ଏଫଆଇଏଚ୍‌ର ଗାଇଡ୍‌ଲାଇନ ଅନୁସାରେ ଉଭୟ ପ୍ରାକ୍ଟିସ ଓ ମୁଖ୍ୟ ପିଚ୍‌ରେ ନୂଆ ବ୍ଲୁ ଟର୍ଫ ବିଛାଯାଇଛି। ଷ୍ଟାଡିୟମ ଦର୍ଶକ କ୍ଷମତାକୁ ୧୫,୦୦୦ରେ ପରିଣତ କରାଯାଇଛି। ଏଥିପାଇଁ ନୂଆକରି ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ନିର୍ମାଣ କରାଯାଇଛି’’ ବୋଲି କ୍ରୀଡ଼ା ସଚିବ ବିଶାଲ ଦେବ ପ୍ରକାଶ କରିଛନ୍ତି।

ଆଗାମୀ ପ୍ରଦର୍ଶନୀ ମ୍ୟାଚ ସମ୍ପର୍କରେ ଧନରାଜ କହିଛନ୍ତି ଯେ, ଓଡ଼ିଶା ସରକାର ହକିରେ ନୂତନ ଜୀବନ ସଞ୍ଚାର କରିଛନ୍ତି। ଏଭଳି ଉଦ୍ୟମ ପାଇଁ ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି। ହକି କିମ୍ବଦନ୍ତୀ ଏବଂ ବର୍ତ୍ତମାନର ଖେଳାଳିଙ୍କୁ ନେଇ ହେବାକୁଥିବା ପ୍ରଦର୍ଶନୀ ମ୍ୟାଚ ନିଶ୍ଚିତଭାବେ ଭାରତୀୟ ହକିର ଏକ ମାଇଲଖୁଣ୍ଟ। କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତଥିବା ଦର୍ଶକଙ୍କ ମନୋରଞ୍ଜନ ପାଇଁ ଆମେ ଶତ ପ୍ରତିଶତ ଚେଷ୍ଟା କରିବୁ। ଅନ୍ୟପକ୍ଷରେ ‘‘ଓଡ଼ିଶା ଓ କଳିଙ୍ଗ ଷ୍ଟାଡିୟମର ଗୌରବକୁ ପ୍ରଦର୍ଶିତ କରିବା ପାଇଁ ଏପରି ଏକ ଆଇକନିକ୍ ମ୍ୟାଚ ମାଧ୍ୟମରେ ଭାରତୀୟ ହକିର ଅତୀତ ଓ ବର୍ତ୍ତମାନକୁ ଏକାଠି କରିବାଠାରୁ ଆଉ କିଛି ଭଲ ଉପାୟ ଥାଇ ନ ପାରେ। ଧନରାଜଙ୍କ ଟିମ୍ ସହିତ ଲଢ଼େଇ କରିବାକୁ ଯାଉଥିବାରୁ ମୁଁ ଖୁବ୍ ଉତ୍ସାହିତ। ମୁଁ ଓ ମୋ ଟିମ୍ କ୍ରୀଡ଼ାପ୍ରେମୀଙ୍କୁ ଏକ ଭଲ ମ୍ୟାଚ ଭେଟି ଦେବାକୁ ଆଗ୍ରହର ସହ ଅପେକ୍ଷା କରିଛୁ’’ ବୋଲି ଦିଲୀପ ପ୍ରକାଶ କରିଛନ୍ତି। ‘ହାର୍ଟ ବିଟ୍ସ ଫର ହକି’ ଏବଂ ପ୍ରଦର୍ଶନୀ ମ୍ୟାଚର ମାଷ୍ଟର ମାଇଣ୍ଡ ହେଉଛନ୍ତି ନୂପୁର ମହାଜନ। ପ୍ରଦର୍ଶନୀ ମ୍ୟାଚ ସମ୍ପର୍କରେ ସେ କହିଲେ ଯେ, ‘‘ହକି ପାଇଁ ଓଡ଼ିଶାରେ ଥିବା ଭଲପାଇବା ପ୍ରତି ଏହା ହେଉଛି ଉପଯୁକ୍ତ ଭେଟି। ଭାରତର ଅତୀତ ଓ ବର୍ତ୍ତମାନର ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ମ୍ୟାଚ ସହିତ ହକି ବିଶ୍ୱକପ ପାଇଁ କଳିଙ୍ଗ ଷ୍ଟାଡିୟମ ଗେମ୍ ଉନ୍ମୁକ୍ତ ହେବ। ଏହାଠାରୁ ଆଉ ବଡ଼ କଥା କ’ଣ ଥାଇପାରେ। ଅକ୍ଟୋବର ୧୦ ତାରିଖରେ ଅଭିଜ୍ଞ ଓ ଯୁବ ଖେଳାଳିଙ୍କ ସମ୍ମିଶ୍ରଣ ଦେଖିବାକୁ ମିଳିବ। ଦିଲୀପ ଓ ଧନରାଜ ପ୍ରକୃତରେ ଦୁଇ ଲିଜେଣ୍ଡ। ଆଗାମୀ ମ୍ୟାଚରେ ମଧ୍ୟ ତାହା ପ୍ରତିଫଳିତ ହେବ ବୋଲି ନୂପୁର ପ୍ରକାଶ କରିଛନ୍ତି। ଟିମ୍ ଦିଲୀପର କୋଚ୍ ରହିବେ କ୍ରିସ୍ ସିରିଏଲୋ। ସେହିପରି ଟିମ୍ ଧନରାଜର କୋଚ୍ ଦାୟିତ୍ୱ ତୁଲାଇବେ ହରେନ୍ଦ୍ର ସିଂ।

### ଅକ୍ଟୋବର ୧୦ରେ ପ୍ରଦର୍ଶନୀ ମ୍ୟାଚ୍

| ଟିମ୍ ଦିଲୀପ | ଟିମ୍ ଧନରାଜ |
|---|---|
| ଦିଲୀପ ତିର୍କୀ (ଅଧିନାୟକ), କ୍ରିଶନ ବାହାଦୂର ପାଠକ(ଗୋଲକିପର), ଇଗ୍ନେଶ ତିର୍କୀ, ଭି.ଆର. ରଘୁନାଥ, ଦୀପକ ଠାକୁର, ମନପ୍ରୀତ ସିଂ, ଦିପସାନ ତିର୍କୀ, ରୁପିନ୍ଦରପାଲ ସିଂ, ସୂରଜ କରକେରା, ନୀଲମ ସଞ୍ଜୀପ ଖେସ୍, ସୁରେନ୍ଦର କୁମାର, ଅମିତ ରୋହିଦାସ, ସୁମିତ, ନୀଳକଣ୍ଠ ଶର୍ମା, ଲଳିତ ଉପାଧ୍ୟାୟ, ଆକାଶଦୀପ ସିଂ, ମନଦୀପ ସିଂ, ସୁମିତ କୁମାର। କୋଚ୍: କ୍ରିସ୍ ସିରିଏଲୋ। | ଧନରାଜ ପିଲେ (ଅଧିନାୟକ), ପି.ଆର.ଶ୍ରୀଜେଶ (ଗୋଲକିପର), ବୀରେନ ରସ୍କିନା, ସର୍ଦ୍ଦାର ସିଂ, ପ୍ରଭଜୋତ ସିଂ, ସନ୍ଦୀପ ସିଂ, ବରୁଣ କୁମାର, ହରମନପ୍ରୀତ ସିଂ, ଗୁରିନ୍ଦର ସିଂ, କୋଠାଜିତ ସିଂ, ଯଶମନପ୍ରୀତ ସିଂ, ଚିଙ୍ଗଲେନସାନା ସିଂ, ସିମରନଜିତ ସିଂ, ହାର୍ଦ୍ଦିକ ସିଂ, ଏସ.ଭି. ସୁନୀଲ, ଗୁରଜାନ୍ତ ସିଂ, ଦିଲପ୍ରୀତ ସିଂ, ପ୍ରଦୀପ ସିଂ। କୋଚ୍: ହରେନ୍ଦ୍ର ସିଂ। |

ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ରାତି ୭ଟା

### ଚିକେନ ବିରିଆନି ଭଲ ପାଆନ୍ତି ମାଇକ ଟାଇସନ

ମୁମ୍ବାଇ,୩।୧୦

ଆମେରିକୀୟ ପୂର୍ବତନ ହେଭିୱେଟ୍ ଚାମ୍ପିୟନ ମାଇକ ଟାଇସନ ଚିକେନ ବିରିଆନି ଖାଇବାକୁ ଭଲ ପାଆନ୍ତି। ସେ ଭାରତରୁ ଫେରିବା ବେଳେ ନିଜ ସାଥିରେ ବିରିଆନି ସହ ପାରମ୍ପରିକ ଶେରୱାନି ମଧ୍ୟ ନେଇଛନ୍ତି। ଏ ନେଇ ବଲିଉଡ୍ ଷ୍ଟାର ସଲମାନ ଖାଁଙ୍କ ଅଙ୍ଗରକ୍ଷୀ ଶେରା କହିଛନ୍ତି। ଟାଇସନ ମିକ୍ସଡ୍ ମାର୍ଶଲ ଆର୍ଟ୍ସ ଲିଗ୍ କୁମିଟେ ୱାନ ଲିଗ୍ ଉଦ୍‌ଘାଟନ କରିବା ଲାଗି ଆସିଥିଲେ। ଏହା ଥିଲା ତାଙ୍କର ପ୍ରଥମ ଭାରତ ଗସ୍ତ। ‘‘ଟାଇସନ ଜଣେ ସରଳ ବ୍ୟକ୍ତି। ତାଙ୍କର ପ୍ରେରଣାଦାୟକ ଭାବନା ଓ ସକାରତ୍ମକ ଦୃଷ୍ଟିକୋଣକୁ ମୁଁ ପ୍ରାସଂଶା କରୁଛି। ଦେଶର ସଂସ୍କୃତି, ଖାଦ୍ୟ ଓ ଆତିଥ୍ୟ ଭାବ ତାଙ୍କ ମନକୁ ଛୁଇଁପାରିଛି। ସେ ଚିକେନ ବିରିଆନି ଖାଇବାକୁ ଭଲ ପାଆନ୍ତି। ଏପରି କି ସେ ଶେରୱାନି ମଧ୍ୟ ଘରକୁ ନେଇ ଯାଇଛନ୍ତି’’ ବୋଲି ଶେରା କହିଛନ୍ତି। ଟାଇସନ ମୁମ୍ବାଇ ଓ ଆଗ୍ରା ଭ୍ରମଣ କରିଥିଲେ। ସେ ଶେରା ସୁରକ୍ଷା ବ୍ୟବସ୍ଥାରେ ଖୁସି ପ୍ରକାଶ କରିଛନ୍ତି।

### ଜାମସେଦପୁର ଏଫ୍‌ସି ବିଜୟୀ

ବମ୍ବେ, ୩।୧୦ (ପି.ଟି.)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ଜାମସେଦପୁର ଏଫ୍‌ସି ବିଜୟ ସହ ଏହାର ଅଭିଯାନ ଆରମ୍ଭ କରିଛି। ଏଠାରେ ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଦଳ ୨–୦ ଗୋଲରେ ମୁମ୍ବାଇ ସିଟି ଏଫ୍‌ସିକୁ ପରାସ୍ତ କରିଛି। ଦଳ ପକ୍ଷରୁ ସ୍ପାନିଶ ଖେଳାଳି ମାରିଓ ଆର୍କ୍ୱେସ (୨୮ତମ ମିନିଟ) ଏବଂ ପାବ୍‌ଲୋ ମୋର୍ଗାଡୋ (୯୦+୫ ମିନିଟ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ।

## ସ୍କୁଲ ଆଥଲେଟିକ୍ସ: ଅଂଶିକାଙ୍କୁ ସ୍ୱର୍ଣ୍ଣ



କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ।

ଭୁବନେଶ୍ୱର, ୩।୧୦(କ୍ରୀଡ଼ା ପ୍ରତିନିଧି)

ରିଲିଆନ୍ସ ଫାଉଣ୍ଡେଶନ ୟୁଥ୍ ସ୍ପୋର୍ଟ୍ସ ଆନୁକୂଲ୍ୟରେ ବୁଧବାର କଳିଙ୍ଗ ଷ୍ଟାଡିୟମରେ ସ୍କୁଲ ଆଥଲେଟିକ୍ସ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ ସବ୍‌ଜୁନିୟର ବାଳିକା ଶଟ୍‌ପୁଟ୍ ଇଭେଣ୍ଟରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଅଂଶିକା ରାଉତରାୟ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଅଂଶିକା ୧୦.୭୫ ମିଟର ଦୂରକୁ ଶଟ୍‌ପୁଟ୍ ପକାଇ ଏହି ସଫଳତା ପାଇଛନ୍ତି। ସେଣ୍ଟ ଜାଭିୟର ସ୍କୁଲର ସତ୍ୟଲକ୍ଷ୍ମୀ ଶତପଥୀ ଦ୍ୱିତୀୟ ଓ କଟକ ସରକାରୀ ବାଳିକା ବିଦ୍ୟାଳୟର ଆଜମେରା ବେଗମ୍ ତୃତୀୟ ସ୍ଥାନ ହାସଲ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଅଂଶିକାଙ୍କ ମା’ ତଥା କୋଚ୍ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଅତିଥିଭାବେ ଯୋଗଦେଇ ପଦକ ପ୍ରଦାନ କରିଥିଲେ। ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ଅଂଶିକା ଆସନ୍ତା ନଭେମ୍ବରରେ ମୁମ୍ବାଇରେ ରିଲିଆନ୍ସ ଫାଉଣ୍ଡେଶନ ପକ୍ଷରୁ ହେବାକୁଥିବା ଜୁନିୟର ନ୍ୟାଶନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

## କୋହଲିଙ୍କ ୱେବ୍‌ସାଇଟ୍ ହ୍ୟାକ କଲେ ବାଂଲା ପ୍ରଶଂସକ

ଢାକା,୩।୧୦

ବାଂଲାଦେଶ କ୍ରିକେଟ ଦଳର ପ୍ରଶଂସକମାନେ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ୱେବସାଇଟ୍‌କୁ ହ୍ୟାକ କରିଛନ୍ତି। ଏହାଦ୍ୱାରା ସେମାନେ ଭାରତ ବିପକ୍ଷ ଏସିଆ କପ୍ ଫାଇନାଲରେ ଲିଟନ ଦାସ(୧୨୨)ଙ୍କୁ ତ୍ରୁଟିପୂର୍ଣ୍ଣ ରୂପେ ଆଉଟ୍ ଦିଆଯିବାର ପ୍ରତିବାଦ ଜଣାଇଛନ୍ତି। ଉଲ୍ଲେଖଥାଉ କି, ୪୧ତମ ଓଭର୍‌ରେ କୁଲଦୀପ ଯାଦବଙ୍କ ବଲରେ ଲିଟନଙ୍କୁ ମହେନ୍ଦ୍ର ସିଂ ଧୋନୀ ଷ୍ଟମ୍ପ ଆଉଟ୍ କରିଥିଲେ। ତାଙ୍କ ଉଇକେଟ ପଡ଼ିବା ପରେ ବାଂଲାଦେଶ ଦଳ ମାତ୍ର ୨୨୨ ରନ୍‌ରେ ସୀମିତ ରହିଥିଲା। ଏହି ମ୍ୟାଚ୍‌କୁ ଜିତିବା ଲାଗି ଭାରତୀୟ ଦଳକୁ ଅନ୍ତିମ ପର୍ଯ୍ୟନ୍ତ ସଂଘର୍ଷ କରିବାକୁ ପଡ଼ିଥିଲା। ଏହିଠାରୁ ଦାସଙ୍କ ଉଇକେଟ ନେଇ ପ୍ରବଳ ଆଲୋଚନା ହୋଇଥିଲା। ଏହାପରେ ବାଂଲାଦେଶୀ ପ୍ରଶଂସକମାନେ ଟୁଇଟରରେ ଅମ୍ପାୟରଙ୍କୁ ଦୋଷାରୋପ କରିବା ପରେ ଏବେ ପାଦେ ଆଗେଇ କୋହଲିଙ୍କ ୱେବସାଇଟ୍‌କୁ ହ୍ୟାକ କରି ଆଇସିସିକୁ ପ୍ରଶ୍ନ କରିଛନ୍ତି। ‘‘କ୍ରିକେଟ ଏକ ଭଦ୍ରଲୋକଙ୍କ ଖେଳ ନୁହେଁ କି? ପ୍ରତ୍ୟେକ ଦଳକୁ ସ୍ୱଚ୍ଛ ଅଧିକାର ଦିଆଯାଇଛି କି? ଦୟାକରି ସ୍ପଷ୍ଟ କରନ୍ତୁ ଏହା କେଉଁଭଳି ଆଉଟ୍? ଯଦି ବିଶ୍ୱ ଆଗରେ ନିଜ ଭୁଲ ସ୍ୱୀକାର କରିପାରିବ ନାହିଁ କି ଅମ୍ପାୟରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ତେବେ ପ୍ରତ୍ୟେକ ଥର ୱେବସାଇଟ୍ ହ୍ୟାକରୁ ବଞ୍ଚାଇବାକୁ ପ୍ରସ୍ତୁତ ରୁହ’’ ବୋଲି ଉକ୍ତ ଘଟଣାର ଫଟୋ ସହ ଶେୟାର କରାଯାଇଛି। ଏହା ସହିତ ଆହୁରି ଲେଖା ରହିଛି, ଆମେ ଭାରତୀୟଙ୍କୁ ଅସମ୍ମାନିତ କରୁନାହୁଁ। ଯଦି ତୁମ ଦଳ ସହ ଅନ୍ୟାୟ ହୋଇଥାନ୍ତା, ତେବେ ତମକୁ କେଉଁଭଳି ଲାଗିଥାନ୍ତା। ପ୍ରତ୍ୟେକ ଜାତୀୟ ଦଳକୁ ସମାନ ଅଧିକାର ପ୍ରଦାନ କରାଯିବା ଉଚିତ। ସାଇବର ସୁକ୍ୟୁରିଟି ଓ ଇଣ୍ଟେଲିଜେନ୍ସ (ସିଏସ୍‌ଆଇ) ପକ୍ଷରୁ ଏହି ହ୍ୟାକ କରାଯାଇଛି।

## ଫ୍ରି ପାସ୍ ବିବାଦ: ବିଶାଖାପାଟଣାରେ ଖେଳାଯିବ ଦ୍ୱିତୀୟ ଦିନିକିଆ

ନୂଆଦିଲ୍ଲୀ, ୩।୧୦(ପି.ଟି.)

ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ବିଶାଖାପାଟଣାରେ ଖେଳାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ପ୍ରଥମେ ଏହି ମ୍ୟାଚ୍ ଅକ୍ଟୋବର ୨୪ ତାରିଖରେ ଇନ୍ଦୋରର ହୋଲକାର ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ତେବେ ଫ୍ରି ପାସ୍ ବା କମ୍ପ୍ଲିମେଣ୍ଟାରୀ ପାସ୍ ବଣ୍ଟନକୁ ନେଇ ବିବାଦ ଦେଖାଦେବାରୁ ଏହି ମ୍ୟାଚ୍‌କୁ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଛି।

ବିସିସିଆଇ ଓ ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନ (ଏମ୍‌ପିସିଏ) ମଧ୍ୟରେ ଫ୍ରି ପାସ୍ ବଣ୍ଟନକୁ ନେଇ ବିବାଦ ତଥା ମୁକାବିଲାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଏହି ବିବାଦର ସମାଧାନ ନ ହୋଇପାରିବାରୁ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌କୁ ସ୍ଥାନାନ୍ତର କରାଯାଇଛି ବୋଲି ବୋର୍ଡ ତରଫରୁ କୁହାଯାଇଛି। ଦ୍ୱିତୀୟ ଦିନିକିଆ ବିଶାଖାପାଟଣାର ୟାଇ.ଏସ୍. ରାଜଶେଖର ରେଡ୍ଡୀ ଏସିଏ–ଭିଡିସିଏ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ ବିସିସିଆଇ ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କୁହାଯାଇଛି।

ବିସିସିଆଇର ନୂଆ ସମ୍ବିଧାନ ଅନୁଯାୟୀ ଷ୍ଟାଡିୟମର ମୋଟ ଉପଲବ୍ଧ ଟିକେଟର ୯୦ ପ୍ରତିଶତ ସର୍ବସାଧାରଣଙ୍କ ପାଇଁ ବିକ୍ରି କରାଯିବା ବାଧ୍ୟତାମୂଳକ ବୋଲି କୁହାଯାଇଛି। ଫଳରେ ମାତ୍ର ୧୦ ପ୍ରତିଶତ ଟିକେଟ ରାଜ୍ୟ ୟୁନିଟ ପାଇଁ ବାକି ରହିଛି। ହୋଲକାର ଷ୍ଟାଡିୟମରେ ୨୭, ୦୦୦ ଦର୍ଶକ ବସିବାର ସୁବିଧା ରହିଛି। ଏପରି ସ୍ଥଳେ ଏମ୍‌ପିସିଏ ପାଇଁ ଆଉ ମାତ୍ର ୨୭୦୦ କମ୍ପ୍ଲିମେଣ୍ଟାରୀ ଟିକେଟ ବାକି ରହିଛି। ପୁଣି ଏଥିରୁ ବିସିସିଆଇ ପ୍ରାୟୋଜକଙ୍କ ପାଇଁ ତା’ର ଭାଗ ଅନୁସାରେ ଫ୍ରି ପାସ୍ ଦାବି କରୁଛି। ଏହା ଏମ୍‌ପିସିଏ ପାଇଁ ଗ୍ରହଣୀୟ ନୁହଁ। ଅବଶ୍ୟ ବିସିସିଆଇ ସହିତ ରାଜ୍ୟ ଆସୋସିଏଶନଗୁଡ଼ିକ ମଧ୍ୟରେ ଫ୍ରି ପାସ୍‌କୁ ନେଇ ବିବାଦ ଆଦୌ ନୂଆ ନୁହଁ। ତେଣୁ ଶେଷରେ ଏହି ମ୍ୟାଚ୍‌କୁ ସ୍ଥାନାନ୍ତର କରିବା ଛଡ଼ା ବୋର୍ଡ ପାଖରେ ଆଉ କୌଣସି ରାସ୍ତା ନ ଥିଲା। ଉଲ୍ଲେଖଥାଉ କି, ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ରୋନାଲ୍‌ଡୋ ବଳାତ୍କାର ମାମଲା

# ପୋଲିସ ପୁଣି ତଦନ୍ତ କରିବ

ମିଲାନ, ୩।୧୦

ଷ୍ଟାର ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ବିରୋଧରେ ଏକ ବଳାତ୍କାର ମାମଲାର ପୁନଃ ତଦନ୍ତ କରିବ ଲାସ୍ ଭେଗାସ ପୋଲିସ। କ୍ୟାଥରିନ୍ ମେଓର୍ଗା ନାମ୍ନୀ ଜଣେ ୩୪ ବର୍ଷୀୟା ମହିଳା ଅଭିଯୋଗ କରିଛନ୍ତି ୨୦୦୯ରେ ପର୍ତ୍ତୁଗିଜ୍ ଫୁଟ୍‌ବଲ ଷ୍ଟାର ୟୁଏସ ସିଟିସ୍ଥିତ ଏକ ହୋଟେଲ ପ୍ରକୋଷ୍ଠରେ ତାଙ୍କୁ ବଳାତ୍କାର କରିଥିଲେ। ୨୦୧୦ରେ କୋର୍ଟ ବାହାରେ ଉଭୟଙ୍କ ମଧ୍ୟରେ ଏହି ଘଟଣାକୁ ନେଇ ସଲାସୁତରା ହୋଇଥିଲା। ଘଟଣାକୁ ସାଧାରଣରେ ପ୍ରକାଶ ନ କରିବାକୁ ରୋନାଲ୍‌ଡୋ କୁଆଡ଼େ କ୍ୟାଥରିନ୍‌ଙ୍କୁ ୩୭୫,୦୦୦ ଡଲାର (୨୮୮,୦୦୦ ପାଉଣ୍ଡ) ଦେବାକୁ ରାଜି ହୋଇଥିଲେ। ଜର୍ମାନୀର ଡର୍ ସ୍ପିଗେଲ ନାମକ ଏକ ମାଗାଜିନ୍‌ରେ ପ୍ରକାଶିତ ଏ ସମ୍ପର୍କିତ ଖବରକୁ ରୋନାଲ୍‌ଡୋ କିନ୍ତୁ ଖଣ୍ଡନ କରିଛନ୍ତି। ମାଗାଜିନ୍ ବିରୋଧରେ ମକଦ୍ଦମା କରିବେ ବୋଲି ସେ ତାଙ୍କ ଏଜେଣ୍ଟଙ୍କ ଜରିଆରେ ଧମକ ଦେଇଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ

TVS

# ଖୁସିର ଉପହାର

ମାତ୍ର ₹ 39,588^ ରେ

ଡାଉନ୍ ପେମେଣ୍ଟ

₹5555##

ଅତିରିକ୍ତ ଚାର୍ଜ ନାହିଁ

TVS Sport

ମାଇଲେଜ୍ କା ବାପ୍




ବଢ଼ିଆ ମାଇଲେଜ୍ | TVS** 5 YEAR WARRANTY | 20 ଲକ୍ଷ ସୁଖୀ ଗ୍ରାହକ

ସରକାରୀ କର୍ମଚାରୀଙ୍କ ପାଇଁ 100% ଫାଇନାନ୍ସ##

^Ex-showroom price Orissa of TVS Sport KS Spoke BS IV Variant. Prices subject to change without prior notice.
**5 year warranty without any additional charges. ##Finance at the sole discretion of the financer. Schemes cannot be clubbed. T&C apply.

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR:** Ashirbad TVS, Ph.: 7735341866, Jyote TVS, PH.: 7735180749, 3S TVS, Ph : : 8860629978. PURI: Krishna TVS, Ph.: 9861049633. CUTTACK: Arnapurna TVS, Ph.: 9778422980, Sai Durga TVS, Ph: 8260426164. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHLOE : Sasmita TVS, Ph : 8860793803. Authorised Dealers: CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph.: 9238107505; Jagatpur, Sonu Motors, Ph.: 9861006854/9337268787; Pattamundai, Shree Durga Auto, Ph.: 9938602209;Jajpur Town, Shyama Motors, Ph.: 9438366160; Chandikhol, Sasmita Motors, Ph.:9437088554; Mangalpur, Sanji Motor, Ph : 9853486660; Balipatna, Rita Automobiles, Ph.: 0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966(Showroom);Athagarh, Siva Motors, Ph.: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph.: 8093219941; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph : 9090507765; Kalapathar, Durgananda Communication, Ph : 9776942339;Ranpur, Omm Automobiles, Ph : 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph.: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph : 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph : 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph : 9178194288; Nirakarpur, J K Motors, Ph : 9658971360, 06756-252360; Trisuliya, Ideal Motors, Ph : 9437586155, Khandapada, Spandan Automobiles, Ph : 9853479471, 9937153901; Uttara, Bhubaneswar, Jyote Uttara, Ph : 7440030006; Erasama, Krishna Motors, Ph : 9937084847; Niali, Bharat Automobiles, Ph : 0671-2803357, 9040091921; Puranakatak, Bhairabi Automobiles, Ph : 7873727545, 9439071610; Chandpur, Rashmi Agency, Ph : 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Kuakhia, Subas Automobiles, Ph : 8114398333; Balianta, Pratikshya Motors, Ph : 7328080807; Mandarbasta, Soumya Auto, Ph : 9776483333.



MARUTI SUZUKI

SHUBH NAVRATRI

# CELEBRATE NAVRATRI WITH OUR INCREDIBLE OFFERS.

*Buy your favourite Maruti Suzuki Car this festive season and get assured exciting prizes and a chance to win a trip to Paris.*




Scratch & win Contest

## GET SURPRISE GIFT

- Mega Bumper Prize CelerioX
- LED TV
- Phillips Speaker
- A Trip To Paris
- Apple iPhone 7
- Apple iPad
- More Exciting Prizes

**Alto 800** Save Upto ₹40,000* | **Celerio** Save Upto ₹55,000* | **WagonR** Save Upto ₹55,000*

E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

ALTO 800 | CELERIO | WAGONR

**NARAYANI MOTORS**
• BHUBANESWAR: 7381094890/0674-2588474, 0674-2588475, 0674-2588473
• PURI: 9583022035
• PARADEEP:9583022034/06722-228044

**ODYSSEY MOTORS**
• ANGUL: 7752076136,9776901481
• PALLAHARA: 7873565435,9437831123

**JYOTE MOTORS**
• BHUBANESWAR: LEWIS ROAD - 9776615020, 9776615035, 9776615032 NAYAPALLI - 7381355999, 7381366999 • KEONJHAR: 8599019854, 7064493469 • BARIPADA: 9437102597 • BHADRAK: 7381064240 • NAYAGARH: 7381028515 • BALASORE: 7064499108

**SKY AUTOMOBILES**
• BHUBANESWAR: 9776645711
• CUTTACK: 9776677771, 7381873818
• DHENKANAL: 9776900005 • JAJPUR: 9776900777

*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes consumer offer and exchange bonus. All offers and the savings given above are applicable for the month of October'18 only. Offers as shown above may change without any prior notice. Scratch and Win Offer is applicable on all models and is valid from 5th – 31st October'18. In lucky draw, the mega bumper prize is CelerioX VXI AGS. Refer terms and conditions for Lucky draw in lucky draw coupon provided during the time of invoicing.

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

**ଧର୍ମଶାଳା, ୩।୧୦(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅଧୀନସ୍ଥ ହରିଦାସପୁର-ଗଡ଼ମଧୁପୁର ରେଳଷ୍ଟେଶନ ନିକଟ ନାନପୁରଠାରେ ଫାଟକ ପାରିହେଉଥିବାବେଳେ ବୁଧବାର ଟ୍ରେନ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣଙ୍କ କୁଆଖିଆ ଥାନା ଅନ୍ତର୍ଗତ ଭୋଟକା ଗ୍ରାମର ରଜନୀ ବେହେରା (୫୫)। ଯାଜପୁର ରୋଡ ଜିଆରପି ପୋଲିସ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (୪୭/୧୮) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଦାନଗଦୀ ପଠାଇଛି। ପ୍ରକାଶ ଯେ, ଭୋଟକା ଗ୍ରାମର ମଧୁ ବେହେରା ତାଙ୍କ ମା' ରଜନୀଙ୍କୁ ସାଇକେଲରେ ଢେଙ୍କାନାଳସ୍ଥିତ ଭଉଣୀ ଘରକୁ ଯାଉଥିଲେ। ହେଲେ ନାନପୁରଠାରେ ଟ୍ରେନ୍ ଆସୁଥିବାରୁ ଫାଟକ ବନ୍ଦଥିଲା । ଏହି ସମୟରେ ମଧୁ ସାଇକେଲ ସହ ଫାଟକ ପାରିହୋଇ ଯାଇଥିବାବେଳେ ରଜନୀଙ୍କୁ ଟ୍ରେନ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଗାନ୍ଧୀ, ଶାସ୍ତ୍ରିଜୀଙ୍କ ଜୟନ୍ତୀ

**ଧର୍ମଶାଳା, ୩।୧୦(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦସ୍ଥିତ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଧର୍ମଶାଳା ପୂର୍ବତନ ବିଧାୟକ ତଥା ଖଦି ବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ସଭାପତିତ୍ୱ କରିଥିଲେ। ପ୍ରଶାନ୍ତ ସ୍ୱାଇଁ, ଯୁବ ସଙ୍ଗଠକ ବିବେକାନନ୍ଦ ଦାସ, ନିର୍ମଳ ମହାନ୍ତି, ମହେଶ୍ୱର ରଣା, ଅର୍ଚ୍ଚନା ସାହୁ, ନବୀନ କନ୍ୟା ଅନୁଷ୍ଠାନର ସଭାନେତ୍ରୀ ପଦ୍ମିନୀ ମିଶ୍ର, ମଳୟ ରଞ୍ଜନ ସାହୁ, ଜୟଦେବ ଖଟୁଆରୀ, ଅମିତ ବିକ୍ରମ ଦାଶ, ସୁନୀଲ କୁମାର ଜେନା, ଚନ୍ଦନ ଓଝା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଯୁବ ସଙ୍ଗଠକ ରଣଜିତ ନାୟକ ଧନ୍ୟବାଦ ଦେଇଥିଲେ ।

# ଏଟିଏମରେ ଝୁଲୁଛି ତାଲା, ପାଲଟିଛି ବାଇକ୍ ଷ୍ଟାଣ୍ଡ

**ରସୁଲପୁର,୩।୧୦(ଡିଏନଏ)**




- ୧୦ ଦିନ ହେଲା ଏଟିଏମ୍‌ରେ ତାଲା ଝୁଲୁଛି
- ସ୍ଥିତି ସୁଧାରିବାରେ ନାହିଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଆନ୍ତରିକତା
- ବଢୁଛି ଗ୍ରାହକ ଅସନ୍ତୋଷ

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଅଞ୍ଚଳର ଚନ୍ଦନ ବଜାରସ୍ଥିତ ଏସବିଆଇ ଏଟିଏମରେ ୧୦ଦିନ ହେଲା ତାଲା ଝୁଲୁଛି । ଏଟିଏମର ବନ୍ଦ ସୁଯୋଗରେ ବ୍ୟବସାୟୀମାନେ ସମ୍ମୁଖକୁ ମୋଟର ସାଇକେଲ ଷ୍ଟାଣ୍ଡରେ ପରିଣତ କରିଛନ୍ତି। ଏହାର ସ୍ଥିତି ସୁଧାରିବାରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଏ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ପ୍ରକାଶ ଯେ, ମଧୁବନସ୍ଥିତ ଗୋପିନାଥପୁର ଗାଁ ନିକଟରେ ଥିବା ଚନ୍ଦନ ବଜାରରେ ଯାଜପୁରରୋଡ ଏସବିଆଇ ବ୍ୟାଙ୍କ ପକ୍ଷରୁ ଏକ ଏଟିଏମ୍ ସ୍ଥାପନ କରାଯାଇଛି। ଅନ୍ୟ ଏଟିଏମ ଭଳି ଏଠାରେ ସୁରକ୍ଷା କର୍ମୀ ନିୟୋଜିତ ହୋଇନାହିଁ। ଏହି ସୁଯୋଗରେ ଚୋରମାନେ ୧୦ଦିନ ତଳେ ଲାଗି ରହିଥିବା ଲଗାଣ ବର୍ଷା ସୁଯୋଗରେ ଏଟିଏମରୁ ଦୁଇଟି ବ୍ୟାଟେରୀ ଚୋରି କରିନେଇଥିଲେ। ସେବେଠାରୁ ଏଟିଏମରେ ତାଲି ଝୁଲୁଛି। ଉକ୍ତ ଅଞ୍ଚଳରେ ମଧୁବନ ଓ ନଠୁଆବର ଭଳି ଦୁଇଟି ସାପ୍ତାହିକ ହାଟ ରହିଛି। ଚନ୍ଦନ ବଜାରରେ ଚନ୍ଦନ ଲୁଗା ଦୋକାନ ଲୁଗା ବ୍ୟବସାୟୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଜଣାଶୁଣା। ମଧୁବନ ଡାକ୍ତରଖାନା ଭଳି ବହୁ ପ୍ରତିଷ୍ଠାନ ରହିଛି। କୁଆଖିଆ-ଜେନାପୁର ରାସ୍ତା ପାର୍ଶ୍ୱରେ ଥିବା ବହୁ ଗାଁ ଏହି ବଜାର ଉପରେ ନିର୍ଭର କରନ୍ତି। ପର୍ବପର୍ବାଣୀ, ହାଟ ଦିନଙ୍କରେ ଏହି ଏଟିଏମ ଗ୍ରାହକଙ୍କ ଚାହିଦା ମେଣ୍ଟାଇବାରେ ସହାୟକ ହୋଇଥାଏ। ଏହିଭଳି ଏକ ବ୍ୟବସାୟିକ କେନ୍ଦ୍ର ଓ ଜନ ବହୁଳ ଅଞ୍ଚଳରେ ଥିବା ଏଟିଏମ ଦୀର୍ଘଦିନ ହେବ ତାଲା ପଡିରହିବାକୁ ନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି କରୁଛି। ଉକ୍ତ ଏଟିଏମକୁ ତୁରନ୍ତ ମରାମତି କରାଯାଇ ଜନସାଧାରଣଙ୍କ ସେବାରେ ଲଗାଯିବାକୁ ଦାବି ହୋଇଛି। ଏଟିଏମରେ ଜଣେ ସୁରକ୍ଷା କର୍ମୀଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଶିକ୍ଷାବିତ୍ ଶ୍ରୀଧର ସାହୁ ଦାବି କରିଛନ୍ତି। ଏ ସମ୍ପର୍କରେ ଯାଜପୁର ରୋଡସ୍ଥିତ ଏସବିଆଇ ଶାଖା ପରିଚାଳକ ଶରତ ଚନ୍ଦ୍ର ଦୋରାଙ୍କୁ ପଚାରିବାରୁ ସେ ନୂଆକରି ଶାଖାରେ ଯୋଗଦେଇଛନ୍ତି। ଏ ନେଇ ଆଞ୍ଚଳିକ ପରିଚାଳକଙ୍କୁ ଜଣାଇବା ସହ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦେବେ ବୋଲି ପ୍ରକାଶ କରିଛନ୍ତି। ଯାଜପୁରରୋଡ ମୁଖ୍ୟ ଉପଶାଖା ପରିଚାଳକ ବିଘ୍ନେଶ୍ୱର ରାଉତ ଏ ସମ୍ପର୍କରେ ଆଞ୍ଚଳିକ ଶାଖାକୁ ଜଣାଇଛନ୍ତି। ଏଥିସହ ଏଟିଏମରୁ ସୁରକ୍ଷାକର୍ମୀଙ୍କୁ ବାହାର କରାଯାଉଛି। ନୂଆ ନିଯୁକ୍ତି ଦିଆଯାଇ ପାରିବ ନାହିଁ ବୋଲି ପ୍ରକାଶ କରିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନରସି ଭ୍ରମର ରସିଲା**
**ଜାଇ ଯୂଇ ଫୁଲ ପାଣିକି ପକେଇ**
**ପୋକଶୁଂଘା ମୂଳେ ବସିଲା ।**

ରୂପଠାରୁ ଗୁଣର ମହତ୍ତ୍ୱ କାହିଁ କେତେ ଗୁଣରେ ଅଧିକ ହୋଇଥାଏ। ଗୁଣ ନ ଚିହ୍ନି ରୂପରେ ମୋହିବାର ଫଳ ଅନେକ ସମୟରେ ମନ୍ଦ ହିଁ ହୋଇଥାଏ। ଭଲକୁ ଛାଡ଼ି ଗୁଣହୀନ ଖରାପ ଝିଅକୁ ଜୀବନସାଥୀ ରୂପେ ଚୟନ କରିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନୂଆ ନୂଆ ଦିନା କେତେ,**
**ନୂଆ ଦେଖି ପୁରୁଣା ପାସୋରି ଦେଲୁ,**
**ପଛ କରିଦେଲୁ ମତେ?**

ନୂଆ ପ୍ରତି ସବୁବେଳେ ସମସ୍ତଙ୍କର ଅଧିକ ଆଦର ତଥା ଆସକ୍ତି ଭାବ ରହିଥାଏ। ପୁରୁଣା ପ୍ରତି ଆଦର ହ୍ରାସ ହେବା ମଣିଷର ଏକ ସହଜାତ ପ୍ରବୃତ୍ତି। ପରୋକ୍ଷରେ ନୂଆକୁ ଆଦର କରି ପୁରୁଣାକୁ ହତାଦର କରାଯିବା ଭଳି ନୂତନ ପ୍ରେମୀକୁ ପାଇ ପୁରୁଣା ବାନ୍ଧବୀକୁ ଦୂରେଇ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ପାଣି ପାଇଁ ରାସ୍ତାରୋକୋ କଲେ ଗ୍ରାମବାସୀ

**କାଳିଆପାଣି, ୩।୧୦(ଡି.ଏନ୍.ଏ.)**

ସୁକୁରୁଙ୍ଗୀ ଖଣିରୁ ଓଡ଼ିଶା ଖଣି ନିଗମ ବହୁ ଅର୍ଥ ଉପାର୍ଜନ କରୁଥିବାବେଳେ ଖଣି ପ୍ରଭାବିତ ଗ୍ରାମବାସୀ ଏବେ ବି ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ବୁଧବାର କୋଳିପଶି ଗ୍ରାମର ରୁକ୍ମଣୀ ଦାସ ଓ ମମତା ନାୟକଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ସୁକୁରୁଙ୍ଗୀ ଖଣିକୁ ସଂଯୋଗ କରୁଥିବା ରାସ୍ତା ଉପରେ ଧାରଣାରେ ବସିଥିଲେ । ଫଳରେ ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଥିଲା। ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ କର୍ମକର୍ତ୍ତାମାନେ ମଧ ଧାରଣାରେ ସାମିଲ ହୋଇଥିଲେ । ପାନୀୟ ଜଳ ଯୋଗାଣ, ପାର୍କିଙ୍ଗ ଡ୍ରାଇଭର ଓ ହେଲ୍‌ପରଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା, ରାସ୍ତାରେ ଦିନକୁ ୬ଥର ପାଣି ଛିଞ୍ଚନ କରିବା ଆଦି ବିଭିନ୍ନ ଦାବିରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ଶ୍ରମିକ ସଂଘ ସମ୍ପାଦକ ଧାରଣାରେ ବସିଥିବା ମହିଳାଙ୍କୁ ଉଦ୍‌ବୋଧନ ଦେବା ସହ ତୁରନ୍ତ ଦାବି ପୂରଣ କରିବାକୁ କହିଥିଲେ। ଖଣି ନିଗମ ପକ୍ଷରୁ ସୁକୁରୁଙ୍ଗୀ ଖଣି ପରିଚାଳକ ଏମ୍.ଡ଼ି. ପାତ୍ର ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଦାବିଗୁଡ଼ିକୁ ତୁରନ୍ତ ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ସନ୍ଧ୍ୟାରାଣୀ ଦାସ, ସବିତା ଥାଟୋଇ, ବବିତା ଥାଟୋଇ, ସୁନିତା ଥାଟୋଇ, ପ୍ରଭାତୀ ପାତ୍ର, ରମା ବେହେରା, ଦୀପା ଥାଟୋଇ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଏ ନେଇ ପାତ୍ରଙ୍କୁ ପଚାରିବାରୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ମେସ୍କୋ ଷ୍ଟିଲ ୱାର୍କର୍ସ ୟୁନିୟନ ନିର୍ବାଚନ ଶେଷ

**କଳିଙ୍ଗନଗର,୩।୧୦(ଡି.ଏନ୍.ଏ.)**

କଳିଙ୍ଗନଗରସ୍ଥିତ ମେସ୍କୋ ଷ୍ଟିଲ କାରଖାନାର ଶ୍ରମିକ ସଂଘ ନିର୍ବାଚନ ବୁଧବାର ଶେଷ ହୋଇଯାଇଛି। କାରଖାନାର ୩୦୭ ଜଣ କର୍ମଚାରୀଙ୍କୁ ନେଇ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତ୍ରିମୁଖୀ ଲଢେଇକୁ ନେଇ ବେଶ୍ କିଛିଦିନ ହେବ କାରଖାନା ଚଳଞ୍ଚଳ ହୋଇ ଉଠିଥିଲା । ତିନି ସଂଘ ନିଜ ସପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଜୋରଦାର ପ୍ରୟାସ କରିଥିଲେ। ତେବେ ଅନୁଷ୍ଠିତ ନିର୍ବାଚନରେ କଳିଙ୍ଗନଗର ମଜଦୁର ସଂଘ ଓ ମେସ୍କୋ ଷ୍ଟିଲ ଶ୍ରମିକ ସଂଘ ମଧ୍ୟରେ କଡା ଟକ୍କର ହୋଇଥିବା ଦେଖିବାକୁ ମିଳିଥିଲା। ଶେଷରେ ମେସ୍କୋ ଷ୍ଟିଲ ୱାର୍କର୍ସ ୟୁନିୟନ ୧୭୧ ଖଣ୍ଡ ଭୋଟ ପାଇ ନିର୍ବାଚନରେ ବିଜେତା ହୋଇଥିବା ଜଣାପଡିଛି। ଅପରପଟେ କଳିଙ୍ଗନଗର ମଜଦୁର ୟୁନିୟନ ୧୩୩ ଖଣ୍ଡ ଭୋଟ ପାଇଛି । ତେବେ ତିନୋଟି ସଂଘ ମଧ୍ୟରୁ କଳିଙ୍ଗନଗର ଶ୍ରମିକ ସଂଘ ନିର୍ବାଚନରେ ୧ଟି ଭୋଟ ପାଇଥିବା ଜଣାପଡିଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

SMS JOB
Send SMS. Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
8979448754
8979448494

RAJYA GHAROI BIDYALAYA SIKHYAK O KATRUPAKHYA MAHASANGHA, ODISHA
ରାଜ୍ୟର ସମସ୍ତ ବେସରକାରୀ ବିଦ୍ୟାଳୟ କର୍ତ୍ତୃପକ୍ଷମାନଙ୍କୁ ଜଣାଇ ଦିଆଯାଉଅଛି କି, ସରକାର ମହାସଂଘକୁ ପଞ୍ଜୀକୃତ କରାଇ ଆମ୍ଭମାନଙ୍କୁ ସଂଗଠିତ ହେବାକୁ ସୁଯୋଗ ପ୍ରଦାନ କରିଅଛନ୍ତି। ସମସ୍ୟା ସମାଧାନ ସହିତ ବିଦ୍ୟାଳୟ ସୁରକ୍ଷା ନିମନ୍ତେ ଉକ୍ତ ମହାସଂଘ ଅତୀତରେ ସରକାରଙ୍କ ନିକଟରେ ଦାବି ଜଣାଇ ଅନେକ ସଫଳତା ମଧ ପାଇଛି। ସାଙ୍ଗଠନିକ ଶକ୍ତି ବୃଦ୍ଧି ଓ ଆଗକୁ ବିଭିନ୍ନ ପଦକ୍ଷେପ ନେବା ଯୋଜନାରେ ଆସନ୍ତା ୦୭।୧୦।୨୦୧୮ ରିଖ ରବିବାର ସକାଳ ୧୦ ଘଟିକା ସମୟରେ କଟକସ୍ଥିତ ଗାନ୍ଧୀ ଭବନ (ସନ୍‌ସାଇନ୍ ପଡ଼ିଆପାଖ) ପରିସରରେ ମହାସଂଘର ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବାକୁ ନିବେଦନ।
ଯୋଗାଯୋଗ: ୯୮୬୧୧୬୯୯୬୭, ୯୪୩୭୫୧୫୯୨୩, ୮୦୯୩୫୬୬୩୪, ୯୦୯୦୬୮୪୯୬୪
ସ୍ୱା/- (ରଘୁନାଥ ସାହୁ), ସଭାପତି

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

BUSINESS
ସରକାରୀ ଯୋଜନାଦ୍ୱାରା ଡିଜିଟାଲ୍ ଯାନ୍ତ୍ରିକ ଉପକରଣ ଗୁଡ଼ିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ବିମା ଫ୍ରି
Office No.413, Commercial Complex, Paschim Vihar, New Delhi-64
08076675193
08700152155

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

ବ୍ୟବସାୟ
Regd. Company ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଆଡ୍‌ଭାନ୍ସ 75 ଲକ୍ଷ
ଭଡ଼ା 65,000
ନୋ ଏଗ୍ରିମେଣ୍ଟ ଫିସ୍
7065954352
8802183109
T-51, Gali No.8, Gautampuri, Delhi-110053

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LIMITED
(Regd. No. - U6519TN1988 LC008555)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, କୃଷି ଏବଂ ସମସ୍ତ ଋଣ ଘରେ ବସି ପାଆନ୍ତୁ ମାତ୍ର 3ରୁ 4 ଦିନରେ 2% ସୁଧ 40% ରିହାତି।
H-33, ARODA, GREATER NOIDA
CALL NOW
7830246256
8859690149

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

SMS JOB
SEND SMS, EARN MONEY
AITEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ !
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି। ନୋଟ୍- (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh

M. GROUP FINANCE
freedom Economic Services
• Personal Loan
• Business Loan
• Salary Slip Loan
1% interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
BALASORE
9776040555, 9668427353
GANJAM
8895847878, 9439636215
Email: freedomeconomicservices@gmail.com
Block Chack, Balasore-756027

Shri Mahavir Finance
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ Reg. No. MHF8555TN ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ଗୃହ, ବ୍ୟବସାୟ, ବିଉଟି ପାର୍ଲର ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । ସୁଧ 2%, ରିହାତି 50% । ଠକମାନଙ୍କ ପ୍ରତି ସାବଧାନ।
Ward No.22, Agol Road, Bilsi, Budaun, UP
7310612967
7310612891

BUSINESS
ଆମର ଅଭିଯାନ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାନ
OMM SAI INDUSTRIES
Certified Company
CFL/LED ରେ ସ୍ୱଳ୍ପ ଅର୍ଥ ବିନିଯୋଗ କରି କ୍ଷୁଦ୍ରଶିଳ୍ପ ବସାନ୍ତୁ। Company ମେସିନାରି, କଞ୍ଚାମାଲ ଓ ଟ୍ରେନିଙ୍ଗ୍ ଯୋଗାଇ ଦେବ। (ମାସିକ ରୋଜଗାର ୩୦,୦୦୦/- ରୁ ୪୦,୦୦୦/- ଟଙ୍କା) ଆପଣ ଚାହିଁଲେ Marketing କରିପାରିବେ ଏବଂ ଚାହିଁଲେ Company କୁ ଦେଇ ୫୦/-ରୁ ୬୦/- ଟଙ୍କା ଲାଭ ପାଇପାରିବେ।
(Special Offer) Loanର ସୁବିଧା ଅଛି।
7064999409/ 8118026101



ସନ୍ତୁଷ୍ଟ ଲୋକ କେବେହେଲେ ଦରିଦ୍ର ନୁହେଁ କି ଅସନ୍ତୁଷ୍ଟ ଲୋକ କେବେହେଲେ ଧନୀ ନୁହେଁ।
- ଜର୍ଜ ଏଲିୟଟ୍



## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଜଣେ ଗୁରୁତର

ଛତିଆ,୩।୧୦(ଡି.ଏନ୍.ଏ)- ବୈରୀ ରେଳ ଷ୍ଟେଶନ ନିକଟରେ ବୁଧବାର ସକାଳେ ଟ୍ରେନ୍ ଧକ୍କାରେ ଜଣେ ଗୁରୁତର ହୋଇଛନ୍ତି। ରେଳ କର୍ମଚାରୀ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର-ଭଦ୍ରକ ପାସେଞ୍ଜର ଟ୍ରେନ୍‌ରୁ ସମ୍ପୃକ୍ତ ବ୍ୟକ୍ତି ଓହ୍ଲାଇ ଷ୍ଟେଶନରେ ରାତ୍ରି ଯାପନ କରିଥିଲେ। ବୁଧବାର ସକାଳୁ ନିକଟସ୍ଥ ବଜାରକୁ ଯାଇ ଚା' ପିଇ ଷ୍ଟେଶନକୁ ଫେରୁଥିଲେ। ଟ୍ରେନ୍ ଲାଇନ୍ ଦେଇ ପ୍ଲାଟ୍‌ଫର୍ମକୁ ଯାଉଥିବା ସମୟରେ ପଛରୁ ଏକ ଏକ୍ସପ୍ରେସ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଛିଟକି ପଡ଼ି ଗୁରୁତର ହୋଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନ ଥିବା ରେଳବାଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ସ୍ୱଚ୍ଛ ଭାରତ ଅଭିଯାନ

ରସୁଲପୁର,୩।୧୦(ଡିଏନଏ)- ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତ ବଂରାଶସ୍ଥିତ ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରାଯାଇଛି। କେନ୍ଦ୍ର ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀଙ୍କ ପାଳନ କରାଯାଇଥିଲା। ଗାନ୍ଧିଜୀ ସର୍ବଦା ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇଆସୁଥିଲେ। ତାଙ୍କର ନୀତି ଆଦର୍ଶକୁ ସମ୍ମାନ ଜଣାଇବା ପାଇଁ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ଗାନ୍ଧିଜୀଙ୍କ ସ୍ୱଚ୍ଛତା ବାର୍ତ୍ତାକୁ ପ୍ରଚାର କରିବା ସହ ବରାଂଶ ଗ୍ରାମଦେବୀ ମା' ସିନ୍ଦୁରାଇ ଓ ଶନିଶ୍ଚର ପୀଠକୁ ସଫେଇ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରର ପରିଚାଳକ ସୁଶାନ୍ତ କୁମାର ସାହୁ, ପ୍ରଶିକ୍ଷକ ଦୁର୍ଗାମାଧବ ଦାସ, ମାନସ ସେନାପତି, ପ୍ରିୟଙ୍କା କାପ୍, ବିଜୟ ଲକ୍ଷ୍ମୀ ସ୍ୱାଇଁ, ମନ୍ଦିର ପରିଚାଳନା କମିଟି ସମ୍ପାଦକ ବିଶ୍ୱମୋହନ ପତି ପ୍ରମୁଖ ସଫେଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ଯାଜପୁର ଜିଲା ଗୃହରକ୍ଷୀ ପଦବୀ ପାଇଁ ଦରଖାସ୍ତ

କୋରେଇ,୩।୧୦(ସ୍ୱ.ପ୍ର.)- ଯାଜପୁର ଜିଲାର ବିଭିନ୍ନ ଥାନାରେ ଗୃହରକ୍ଷୀ ପଦବୀ ଖାଲିପଡ଼ିଛି। ଏହି ପଦବୀ ପୂରଣ ପାଇଁ ଜିଲା ସମଦେଷ୍ଟା ଗୃହରକ୍ଷୀ ବାହିନୀ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଇଚ୍ଛୁକ ପ୍ରାର୍ଥୀ ୨୨ ତାରିଖ ସୁଦ୍ଧା ପାଣିକୋଇଲିସ୍ଥିତ ଜିଲା ଗୃହରକ୍ଷୀ କାର୍ଯ୍ୟାଳୟରେ ଦରଖାସ୍ତ ଫର୍ମ ଆବେଦନ କରିପାରିବେ। ୩୦ ତାରିଖ ସକାଳ ୮ଟାରେ ପାଣିକୋଇଲି ପୋଲିସ ରିଜର୍ଭ ପଡିଆରେ ଚୟନ ପ୍ରକ୍ରିୟା ଆରମ୍ଭ ହେବ। ପ୍ରାର୍ଥମାନେ ଜିଲା ଗୃହରକ୍ଷୀ କାର୍ଯ୍ୟାଳୟରୁ ସବିଶେଷ ତଥ୍ୟ ପାଇପାରିବେ ବୋଲି ଜିଲା ସମଦେଷ୍ଟା ଗୃହରକ୍ଷୀ ବାହନୀ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

### ନେହେରୁ ଯୁବକେନ୍ଦ୍ର, ସୁକନ୍ୟା ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଧର୍ମଶାଳା, ୩।୧୦(ଡି.ଏନ୍.ଏ.)
ଗାନ୍ଧୀ ଜୟନ୍ତୀ ଅବସରରେ ଜାରକାସ୍ଥିତ ନେହେରୁ ଯୁବ କେନ୍ଦ୍ର ଓ ସୁକନ୍ୟା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଚେତନତା ସଭା ଓ ଗାନ୍ଧୀ ଜୟନ୍ତୀ ଉତ୍ସବରେ ଅନୁଷ୍ଠାନର ସଭାପତି ଅଜୟ କୁମାର ବାରିକ ଅଧକ୍ଷତା କରିଥିଲେ। ଅତିଥିଭାବେ ଯୁବ ସଂଗଠକ ପ୍ରସାଦ ନାୟକ ଓ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଦୁର୍ଗାଦତ୍ତ ଦାସ ଯୋଗଦେଇଥିଲେ। ସମ୍ପାଦକ ରଞ୍ଜିତା ବାରିକ ସ୍ୱାଗତ ଭାଷଣ ଓ ରାକେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ଇପ୍ସିପ୍ରିୟା ବାରିକ, ସଦାଶିବ ସ୍ୱାଇଁ, ତନ୍ମୟ ରଞ୍ଜନ ଦାଶ, ରୁହାନ ପରବିନ୍ ଓ ବିକାଶ ବାରିକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲା।

## ୫ରେ ଆସୁଛନ୍ତି ତଦନ୍ତକାରୀ କମିଟି

# ଖାଦାନ ବନ୍ଦ, ବାଟବଣା ହୋଇପାରେ ତଦନ୍ତ

ଯାଜପୁର ଅଫିସ,୩।୧୦



**ଡଙ୍କାରୀ ଗ୍ରୀନ ଟ୍ରିବ୍ୟୁନାଲ ମାମଲା**
- ପଥର ମାଫିଆଙ୍କୁ ସୁରକ୍ଷା ଦେଉଛି ପ୍ରଶାସନ
- ଭିତିରିଆ ଖବର ଦିଆଯାଇଥିବା ଅଭିଯୋଗ

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ଥିବା ବହୁ ଚର୍ଚ୍ଚିତ ଡଙ୍କାରୀ କଳାପଥର ଖାଦାନରେ ବିବାଦ ଦିନକୁ ଦିନ ଉଗ୍ରରୂପ ନେବାରେ ଲାଗିଛି। ଗ୍ରୀନ ଟ୍ରିବ୍ୟୁନାଲରେ ମାମଲା ରୁଜୁ ହେବା ପରେ ପ୍ରଥମ କରି ଆସନ୍ତା ୫ରେ ସ୍ୱତନ୍ତ୍ର କମିଟି ଡଙ୍କାରୀକୁ ତଦନ୍ତରେ ଆସୁଥିବା ସୂଚନା ମିଳିଛି। ଏହି ସୂଚନା ପାଇ ପଥର ମାଫିଆମାନେ ବୁଧବାର ସକାଳୁ ପଥର ଉତ୍ତୋଳନ କାର୍ଯ୍ୟକୁ ବନ୍ଦ କରି ଦେଇଛନ୍ତି। ଡଙ୍କାରୀ ପାଦ ଦେଶରେ ଥିବା ମାତ୍ର ଗୋଟିଏ କ୍ରଶର ଚାଲୁଥିବା ଦେଖିବାକୁ ମିଳିଛି। ଏଭଳିସ୍ଥିତିରେ କମିଟି ତଦନ୍ତ ବାଟବଣା ହୋଇପାରେ ବୋଲି ଅଭିଯୋଗକାରୀ ସନ୍ଦେହ ପ୍ରକଟ କରିଛନ୍ତି। ପଥର ମାଫିଆ ଓ କେତେକ ରାଜନେତାଙ୍କ ସ୍ୱାର୍ଥ ପାଇଁ କ୍ୟାବିନେଟ ମଞ୍ଜୁରୀପ୍ରାପ୍ତ ଚଣ୍ଡୀଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠାକୁ ନେଇ ଷଡଯନ୍ତ୍ର ଚାଲିଛି। ପଥର ବ୍ୟବସାୟୀମାନେ ଏକ ସଂଗଠନ କରି ଏହି କେନ୍ଦ୍ରୀୟ ପ୍ରସ୍ତାବକୁ ବିରୋଧ କରୁଛନ୍ତି। ଏ ସଂକ୍ରାନ୍ତରେ ଧରିତ୍ରୀ ଓ ଓଡିଶାପୋଷ୍ଟରେ ନିୟମିତ ଭାବେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ଅଭିଯୋଗ ସଂଖ୍ୟା ୬୦୪/୨୦୧୮ରେ ଗ୍ରୀନ ଟ୍ରିବ୍ୟୁନାଲରେ ୧୨୮୬/୩୧।୮।୨୦୧୮ରେ ମାମଲା ପଞ୍ଜୀକୃତ ହୋଇଛି। ଏଥିରେ ଭାରତ ସରକାରଙ୍କ ୟୁନିୟନ ମନ୍ତ୍ରଣାଳୟ ସମେତ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ, ଯାଜପୁର ଜିଲାପାଳ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ଜଷ୍ଟିସ ଆଦର୍ଶ କୁମାର ଗୋଏଲ, ଜଷ୍ଟିସ ଜୱାଦ ରହିମ, ଜଷ୍ଟିସ ପି. ୱାଙ୍ଗଡି ଓ ଡ. ନଗିନ ନନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ସେପ୍ଟେମ୍ବର ୪ରେ ଆବେଦନର ଶୁଣାଣି କରିଥିବା ସୂଚନା ମିଳିଛି। ଶୁଣାଣିରେ ମୁଖ୍ୟ ଶାସନ ସଚିବ ଏକ ସ୍ୱତନ୍ତ୍ର ଦଳ ଗଠନ କରି ଅଭିଯୋଗ ଉପରେ ତଦନ୍ତ କରି ମାସକ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲା। ତଦନୁସାରେ ଷ୍ଟେଟ ଏନଭାରମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ କମିଟି (ସିଆ)ର ଏକ ସ୍ୱତନ୍ତ୍ର ଦଳ ଆସନ୍ତା ୫ ତାରିଖରେ ଡଙ୍କାରୀ ଆସୁଥିବା ଜଣାପଡିଛି। କମିଟିରେ ସିଆ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାନ୍ତି, ଜଙ୍ଗଲ ଓ ପରିବେଶ ବିଭାଗର ବରିଷ୍ଠ ବୈଜ୍ଞାନିକ ଦେବାଶିଷ ରାୟ, ଜିଲାପାଳ ରଞ୍ଜନ କୁମାର ଦାସ, ଡିଏଫ୍‌ଓ ସୁଦର୍ଶନ ପାଣିଗ୍ରାହୀ ଓ ଏସପିସିବିର ଆଞ୍ଚଳିକ ଅଧିକାରୀ ହାଡିବନ୍ଧୁ ପାଣିଗ୍ରାହୀ ରହିଛନ୍ତି। ଏହି ଖବର ଜଣାପଡିବା ପରେ ଜିଲା ପ୍ରଶାସନ ପକ୍ଷରୁ ଭିତିରିଆ ପଥର ମାଫିଆଙ୍କୁ ଉତ୍ତୋଳନ ବନ୍ଦ କରିବାକୁ ସୂଚନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାବାଦ ବୁଧବାର ସଚିବାଳୟରେ କେନ୍ଦ୍ର ପେଟ୍ରୋଲିୟମ ବିଭାଗର ଯୁଗ୍ମ ସଚିବ ସଞ୍ଜୟ ସୁଧୀର ରାଜ୍ୟ ମୁଖ୍ୟଶାସନ ସଚିବ ଆଦିତ୍ୟ ପାଢ଼ୀଙ୍କୁ ଭେଟି ଡଙ୍କାରୀରେ ପ୍ରସ୍ତାବିତ ତୈଳ ଭଣ୍ଡାର ଉପରେ ଆଲୋଚନା କରିଛନ୍ତି। ଏହି ତୈଳ ଭଣ୍ଡାର ପାଇଁ ୬,୫୦୦ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି ଏବଂ ଏଥିରେ ପ୍ରାୟ ୪ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଲୋଚନାରୁ ଜଣାପଡିଛି। ଏଥିପାଇଁ ରାଜ୍ୟ ସରକାର ଡଙ୍କାରୀ ପାଦଦେଶରେ ୪୦୦ ଏକର ଜମି ଯୋଗାଇ ଦେବାକୁ କେନ୍ଦ୍ର ପକ୍ଷରୁ ଅନୁରୋଧ କରାଯାଇଛି। ଏହି ପ୍ରସ୍ତାବକୁ ଜୁନ ୨୭ରେ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହା ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀ ୨୦୧୭-୧୮ ବଜେଟରେ ୩୮୦୦ କୋଟି ଟଙ୍କା ଏଥିପାଇଁ ବ୍ୟୟବରାଦ କରିଥିଲେ। ଜରୁରୀକାଳୀନ ସମୟରେ ପେଟ୍ରୋଲିୟମ ଦ୍ରବ୍ୟ ଯୋଗାଇ ଦେବାକୁ ୩.୭ ମିଲିୟନ ମେଟ୍ରିକ ଟନ(ଏମ୍ଏମ୍‌ଟି) କ୍ଷମତା ବିଶିଷ୍ଟ ସଂରକ୍ଷଣ ଭଣ୍ଡାରର ଉଦ୍ଦେଶ୍ୟ ରହିଛି। କିନ୍ତୁ ଏହି ପ୍ରକଳ୍ପ ନିର୍ମାଣ ହେଲେ ପଥର ଖାଦାନରୁ ଆଦାୟ ହେଉଥିବା ୧୪୧୩ କୋଟି ୮୬ ଲକ୍ଷ ୯୧ହଜାର ୮୩୦ ଟଙ୍କା ସରକାର ରାଜସ୍ୱ ହରାଇବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ଡଙ୍କାରୀରେ ଚାଲିଥିବା ୩ଟି ଅନୁମତିପ୍ରାପ୍ତ ଓ ୧୩ଟି ଅନୁମତି ଅପେକ୍ଷାରେ ଥିବା ପଥର ଖାଦାନ ବନ୍ଦ ହେଲେ ସରକାର ଉପରୋକ୍ତ ଅର୍ଥ କ୍ଷତିରେ ପଡିବେ ବୋଲି ଜଣାଇଛନ୍ତି। ତେଣୁ ଜମି ଯୋଗାଇ ଦେବାରେ ପ୍ରଶାସନ ପକ୍ଷରୁ ଏଯାଏ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଅଭିଯୋଗକାରୀ ବେହୁରା ଶାସକ ଦଳର କେତେକ ପ୍ରଭାବଶାଳୀ ପଥର ବ୍ୟବସାୟୀଙ୍କୁ ଜିଲା ପ୍ରଶାସନ ଅଯାଚିତ ଅନୁକମ୍ପା ଦେଖାଇ ପୂର୍ବରୁ ସୂଚନା ଦେଉଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଏସପିସିବିର ଆଞ୍ଚଳିକ ଅଧିକାରୀ ପାଣିଗ୍ରାହୀଙ୍କୁ ପଚାରିବାରୁ, କମିଟି ତଦନ୍ତ କରି ଗ୍ରୀନ ଟ୍ରିବ୍ୟୁନାଲଠାରେ ରିପୋର୍ଟ ଦାଖଲ କରିବ ବୋଲି କହିଛନ୍ତି। ପୂର୍ବ ସୂଚନା ଦେବା ସମ୍ପର୍କରେ ସେ କିଛି ଜାଣି ନ ଥିବା କହିଛନ୍ତି।

### ପୂଜା ମଣ୍ଡପ ନିର୍ମାଣକୁ ନେଇ ଗୋଷ୍ଠୀ ସଂଘର୍ଷ

ଡୁବୁରୀ, ୩।୧୦(ଡି.ଏନ୍.ଏ.)- ସୁକିନ୍ଦା ବ୍ଲକ ଅନ୍ତର୍ଗତ ଡୁବୁରୀ ପଞ୍ଚାୟତର ସିଆରିଆ ଗ୍ରାମରେ ଲକ୍ଷ୍ମୀ ପୂଜା ମଣ୍ଡପ ନିର୍ମାଣକୁ ନେଇ ବୁଧବାର ହରିଜନ ସାହି ଓ ବନାସାହି ମଧ୍ୟରେ ମାରପିଟଭଳି ପରିସ୍ଥିତ ସୃଷ୍ଟି ହୋଇଥିବା ଜଣାପଡିଛି। ହରିଜନ ସାହିର କେତେକ ଲୋକ ବନା ସାହିର ଦୁଇଜଣଙ୍କୁ ମାଡମାରିଥିବା ନେଇ ବନାସାହିଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, କିଛିଦିନ ତଳେ ବନାସାହି ଓ ଭୂମିଜ ସାହିର କେତେକ ମହିଳା ଲକ୍ଷ୍ମୀ ପୂଜା ନିମନ୍ତେ ଗ୍ରାମର ଏକ ସ୍ଥାନରେ ଅସ୍ଥାୟୀ ମଣ୍ଡପ ନିର୍ମାଣ ପାଇଁ ଜାଗା ସଫା କରୁଥିଲେ। ହେଲେ ଉକ୍ତ ସ୍ଥାନରେ ହରିଜନ ସାହିର ଲୋକେ ପୂର୍ବରୁ ପୂଜା କରି ଆସୁଥିବା ଦାବି କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ସେଠାରେ ବଚସା ହୋଇଥିଲା। ବିବାଦର କୌଣସି ସମାଧାନ ହୋଇ ନ ଥିବା ବେଳେ ବୁଧବାର ପୁନର୍ବାର ସେଠାରେ ମହିଳାମାନେ ପୂଜା ମଣ୍ଡପ ନିର୍ମାଣ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ହରିଜନ ସାହିଲୋକେ ବିରୋଧ କରିବାରୁ ବନାସାହିର କେତେକ ଲୋକେ ହରିଜନ ସାହିରେ ପଶି ଗାଳିଗୁଲଜ କରିଥିଲେ। ଏହି ସମୟରେ ହରିଜନ ସାହିର ଲୋକେ ବନା ସାହିର ଦୁଇଜଣଙ୍କୁ ମାଡ଼ ମାରିଥିଲେ। ଏହି ଘଟଣାକୁ ନେଇ ଉଭୟ ସାହି ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗିରହିଛି।

## ପରିଚାଳନା କମିଟି ସଭାପତିଙ୍କୁ ବହିଷ୍କାର ଦାବି

# ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କଲେ ଅଭିଭାବକ

ଦଶରଥପୁର,୩।୧୦(ଡିଏନ୍ଏ)

ଦଶରଥପୁର ବ୍ଲକ୍ ଅର୍ଦ୍ଧାଉଳିଆ ନୋଡାଲ ଉପ୍ରା ବିଦ୍ୟାଳୟର ପରିଚାଳନା କମିଟି ସଭାପତି ମନୋରଞ୍ଜନ ମଲ୍ଲିକଙ୍କ ଚରିତ୍ରକୁ ଆକ୍ଷେପ କରି ତାଙ୍କୁ ସଭାପତି ପଦରୁ ବହିସ୍କୃତ କରିବା ପାଇଁ ଅଭିଭାବକମାନେ ବୁଧବାର ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନ ଶିକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ହେବ ସଭାପତି ମନୋରଞ୍ଜନ ବିଦ୍ୟାଳୟ ପରିସରରେ ବହୁ ଆପତ୍ତିଜନକ କାର୍ଯ୍ୟ କରିବା ସହ ତାଙ୍କ ହ୍ୱାଟ୍‌ସଆପ୍‌ରୁ କିଛି ଅଶ୍ଳୀଳ ଭିଡିଓ ଭାଇରାଲ୍ ହୋଇଥିଲା। ବିଦ୍ୟାଳୟରେ ପାଠପଢା ସମୟରେ କେତେଜଣ ଅଭିଭାବକ ପିଲାଙ୍କୁ ଉଠାଇନେଇଥିବା ଦେଖାଯାଇଥିଲା। ମନୋରଞ୍ଜନ କ୍ରମାଗତଭାବେ ୧୦ ବର୍ଷ ହେବ ପରିଚାଳନା କମିଟି ସଭାପତିଭାବେ ନିର୍ବାଚିତ ହୋଇ ଆସୁଥିବାବେଳେ ତାଙ୍କ ବିରୋଧରେ ଏପରି ଅଭିଯୋଗକୁ ସେ ଭିତ୍ତିହୀନ ଓ ଷଡଯନ୍ତ୍ର ବୋଲି କହିଛନ୍ତି। ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ଯୋଗୁ ପ୍ରଧାନ ଶିକ୍ଷକ ଚରନ୍ ବେଶ୍ରା ବାଧହୋଇ ସରପଞ୍ଚ ଓ ସମିତିସଭ୍ୟଙ୍କୁ ଘଟଣା ସମ୍ପର୍କରେ ଖବର ଦେଇଥିଲେ। ସରପଞ୍ଚ ରେଖାରାଣୀ ଯେନାଙ୍କଙ୍କ ସ୍ଥାନରେ ତାଙ୍କ ଶ୍ୱଶୁର ବିରଭଦ୍ର ଏବଂ ସମିତିସଭ୍ୟା ଗାୟତ୍ରୀ ମଲ୍ଲିକଙ୍କ ସ୍ଥାନରେ ତାଙ୍କ ସ୍ୱାମୀ ବାବୁରାମ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ ବେଶ୍ରାଙ୍କ ସହ ଆଲୋଚନା କରିଥିଲେ। ଏ ନେଇ ଗୁରବାର ବୈଠକ ବସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଧାନ ଶିକ୍ଷକ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପରେ ଅଭିଭାବକ ବିକ୍ଷୋଭରୁ ନିବୃତ୍ତ ହୋଇଥିଲେ।


ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ଧର୍ମଶାଳା, ୩।୧୦(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତ ଅଧୀନସ୍ଥ ରାମପୁରକଇଥା ଗ୍ରାମରେ ବୁଧବାର ଘରୁ ଜଣେ ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର କରିଛି ପୋଲିସ। ମୃତ ମହିଳା ଜଣଙ୍କ ଗ୍ରାମର ମିନାରାଣୀ ପ୍ରଧାନ(୨୨)। ଏ ନେଇ ମହିଳାଙ୍କ ମା ଜେନାପୁର ଥାନାରେ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ଜେନାପୁର ପୋଲିସ ଏକ ମାମଲା (୨୪୬/୧୮) ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇଛି। ଏଥିସହ ପୋଲିସ ମିନାରାଣୀଙ୍କ ସ୍ୱାମୀ ବିକ୍ରମ ଓ ଦିଅର ସଂଗ୍ରାମ ବାରିକଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଉଥିବା ଥାନା ଅଧିକାରୀ ସୁଶାନ୍ତ ଦାସ କହିଛନ୍ତି। ପ୍ରକାଶ ଯେ, ରାମପୁରକଇଥା ଗ୍ରମାର ବିକ୍ରମ ବାରିକ ୨୦୧୫ରେ ସୁକିନ୍ଦା ଥାନା ଅନ୍ତର୍ଗତ ବଇରିମାଳ ଗ୍ରାମର ହୃଷୀକେଶ ପ୍ରଧାନଙ୍କ ଝିଅ ମିନାରାଣୀଙ୍କୁ ବୈଦିକ ମତେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଜାନିଯୌତୁକ ଦିଆଯାଇଥିଲା। ମାତ୍ର ବିବାହର ୧ବର୍ଷ ପରେ ଆଉ ଅଧିକ ୫୦ ହଜାର ଟଙ୍କା ଯୌତୁକ ପାଇଁ ଝିଅ ମିନାରାଣୀଙ୍କ ଉପରେ ଶାଶୁଘର ଲୋକେ ଚାପ ପକାଇବା ସହ ଅତ୍ୟାଚାର କରୁଥିଲେ। ଅଧିକ ଯୌତୁକ ଦେବା ସମ୍ଭବ ହୋଇ ନ ଥିବାରୁ ରାତିରେ ଶାଶୁଘର ଲୋକେ ଝିଅକୁ ବାଡେଇ ମାରିଦେଇଥିବା ମା ଭାଗ୍ୟବତୀ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଅପରପଟେ ପାରିବାରିକ କଳହ ଯୋଗୁ ମିନାରାଣୀ ମଙ୍ଗଳବାର ବିଳମ୍ବିତ ରାତିରେ ଘରେ ଦଉଡିଦେଇ ଆତ୍ମହତ୍ୟା କରିଥିବା ମିନାରାଣୀଙ୍କ ଶାଶୁଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି।

# ସଂଜ୍ଞାହୀନ ଅବସ୍ଥାରେ ଯୁବକ ଉଦ୍ଧାର

କୋରେଇ,୩।୧୦(ସ୍ୱ.ପ୍ର.)

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ. ଜତୀୟ ରାଜପଥ ପାର୍ଶ୍ୱରେ ଥିବା ଶିବାନନ୍ଦ ଫିଲିଙ୍ଗ ଷ୍ଟେଶନ ପାଖରୁ ବୁଧବାର ସକାଳୁ ସଜ୍ଞାହୀନ ଅବସ୍ଥାରେ ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ଏଥିସହ ଏକ ବାଇକ୍(ଓଡି୩୪ଏଫ ୩୧୮୧) ଜବତ କରାଯାଇଛି। ବୁଧବାର ସକାଳୁ ବାଇକ ରଖି ଜଣେ ଯୁବକ ଶୋଇଥିବାର ଦେଖି ଯୁବ ସାମାଜିକ କର୍ମୀ ଗୋଲକ ମାଝି ପାଣିକୋଇଲି ପୋଲିସକୁ ଖବର ଦେବା ସହ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ହେଲେ ଅଦ୍ୟାବଧି ଯୁବକଙ୍କ ପରିଚୟ ମିଳିପାରିନାହିଁ।

## ନକଲି ସିମେଣ୍ଟ କାରଖାନା ଉପରେ ଚଢାଉ ଘଟଣା

# ମାଷ୍ଟରମାଇଣ୍ଡ ପାଖରେ ପହଞ୍ଚି ପାରୁନି ପୋଲିସ

ବିଞ୍ଝାରପୁର, ୩।୧୦(ଡି.ଏନ.ଏ)



- ଘଟଣା ପରଠାରୁ ମାଷ୍ଟରମାଇଣ୍ଡ ଅନ୍ତର୍ଦ୍ଧାନ
- ରାଜନୈତିକ ଚାପରେ ପୋଲିସ ଥିବା ଚର୍ଚ୍ଚା

ଖୁଲମ ଖୁଲା ଚାଲିଥିଲା ନକଲି ସିମେଣ୍ଟ କାରବାର। ତାହା ପୁଣି ଯାଜପୁର-ସିଂହପୁର ମୁଖ୍ୟରାସ୍ତା ପୋଖରୀ ଛକ ରାସ୍ତା କଡ଼ରେ। ଏହି ନକଲି ସିମେଣ୍ଟ କାରଖାନା ଦୀର୍ଘ ୫ବର୍ଷ ହେବ ଚାଲିଥିଲା ବେଳେ କେହି ଏହାର ଟେର ପାଇ ନ ଥିଲେ। ହେଲେ କୌଣସି ସୂତ୍ରରୁ ଖବର ପାଇ ବିଞ୍ଝାରପୁର ଥାନା ଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ ସଦଳବଳେ ଗତ ଶନିବାର ସନ୍ଧ୍ୟାରେ ଏହି ନକଲି କାରାଖାନା ଉପରେ ଚଢାଉ କରି ନକଲି ସିମେଣ୍ଟ କାରଖାନାକୁ ସିଲ କରିବା ସହିତ ୭୮୬ ନକଲି ସିମେଣ୍ଟ ବସ୍ତା ସମେତ ଅନ୍ୟାନ୍ୟ ଉପକରଣ ସାମଗ୍ରୀ ଜବତ କରଥିଲେ। ଏହି ଘଟଣାରେ ସମ୍ପୃକ୍ତ ରାଜୀବ ଲୋଚନ ସାହୁ (୫୦)ଙ୍କ ଦୁଇ ସହଯୋଗୀ ପରିକ୍ଷୀତ ମଲ୍ଲିକ(୬୦) ଓ ରଞ୍ଜନ ଗୁରୁ(୫୦)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲଣ କରିଥିଲେ। ହେଲେ ଏହି ଘଟଣା ଜଣାପଡିବା ପରେ ଏହି ଘଟଣାରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡ ଠିକାଦାର ଅର୍ନ୍ତଧ୍ୟାନ ହୋଇଯିବା ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ ସନ୍ଦେହ ଘେରରେ ଥିବା ଉକ୍ତ ଠିକାଦାରଙ୍କ ଦ୍ୱାରା ପରିଚାଳିତ ଏହି ନକଲି ସିମେଣ୍ଟ କାରଖାନା ଦୀର୍ଘଦିନରୁ କେତକ ରାଜନେତା, ପୂର୍ବତନ ଥାନା କର୍ମଚାରୀଙ୍କ ସୁରକ୍ଷାରେ ରହି ବେଧଡକ ଏହି କାରନାମା ହେଉଥିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି। ଏହି ନକଲି ସିମେଣ୍ଟ ଯାଜପୁର, କେନ୍ଦ୍ରପଡା ଓ ଜଗତସିଂହପୁର ଅଞ୍ଚଳରେ ବିକ୍ରି କରାଯାଉଥିଲା। ନନଟ୍ରେଡ ସିମେଣ୍ଟକୁ ଆଣି ଠିକାଦାର ଜଣକ ରାମକୋ, ଏଲଆଣ୍ଡଟି, କୋଣାର୍କ ଆଦି ନାମକରା କମ୍ପାନୀ ନାମରେ ଏହି ସିମେଣ୍ଟ ବିକ୍ରୟ କରୁଥିଲେ। ଅନ୍ୟପକ୍ଷରେ ଏହି ମାଷ୍ଟର ମାଇଣ୍ଡ ଠିକାଦାର ନିଜର ଲକ୍ଷ ଲକ୍ଷ ଟଙ୍କାର ସିମେଣ୍ଟ ବ୍ୟବସାୟକୁ ଛାଡି ଅର୍ନ୍ତଦ୍ଧାନ ହୋଇଯିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏପରିକି ଏହି ଠିକାଦାରଙ୍କ ସିମେଣ୍ଟ ଗୋଦାମ ଘରକୁ ପୋଲିସ ତଲାସ କଲେ ବହୁ ଗୁମର ଫିଟିବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟ ପକ୍ଷରେ ଏହି ଘଟଣାରେ ଏସଡିପିଓ ପ୍ରଶାନ୍ତ କୁମାର ମଲ୍ଲ ପ୍ରତ୍ୟେକ୍ଷ ଅନୁଧ୍ୟାନ କରିବା ସହିତ ଘଟଣାକୁ ଗୁରୁତର ସହିତ ନେଇଥିଲେ। ହେଲେ ଏହି ଘଟଣାର ମାଷ୍ଟରମାଇଣ୍ଡ ଜଣେ ଠିକାଦାର ନିକଟରେ ଏପର୍ଯ୍ୟନ୍ତ ପୋଲିସ ନ ପହଞ୍ଚି ପାରିଥିବାରୁ ପୋଲିସ ରାଜନୈତିକ ଚାପରେ କାର୍ଯ୍ୟ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଘଟଣା ସମ୍ପର୍କରେ ପୁରା ନଜର ରହିଛି ବୋଲି ଥାନାଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ କହିଥିଲା ବେଳେ ଖୁବଶୀଘ୍ର ନକଲି ସିମେଣ୍ଟ କାରଖାନାର ମାଷ୍ଟରମାଇଣ୍ଡ ନିକଟରେ ପହଞ୍ଚିବୁ ବୋଲି କହିଛନ୍ତି।

DSPL-184

ବନ୍ୟପ୍ରାଣୀ ସପ୍ତାହ ୨୦୧୮

ଚଳିତ ବର୍ଷ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଉତ୍ସବ
୦୫-୧୦-୨୦୧୮ ତାରିଖ ଶୁକ୍ରବାର ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ
ଜୟଦେବ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ।
ଏହି ସମାରୋହରେ
ଓଡ଼ିଶାର ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ
ଶ୍ରୀଯୁକ୍ତ ବିଜୟଶ୍ରୀ ରାଉତରାୟ
ମୁଖ୍ୟ ଅତିଥିଭାବେ ଯୋଗଦେବା ପାଇଁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି
ଏବଂ
ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଅସିତ କୁମାର ତ୍ରିପାଠୀ, ଭା.ପ୍ର.ସେ.
ଏହି ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଯୋଗଦାନ କରିବେ।

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡିଶା
ଡ. ଦେବବ୍ରତ ସ୍ୱାଇଁ ଭା.ବ.ସେ.
ଉକ୍ତ ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ମଧ୍ୟ ଯୋଗଦାନ କରିବେ।

ଉକ୍ତ ଉତ୍ସବରେ ଉପସ୍ଥିତ ରହି ଏହାକୁ ସାଫଲ୍ୟ ମଣ୍ଡିତ କରିବାକୁ
ଆପଣଙ୍କୁ ବିନୀତ ଅନୁରୋଧ।




ଡ. ସନ୍ଦୀପ ତ୍ରିପାଠୀ
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, (ବନ୍ୟପ୍ରାଣୀ) ତଥା
ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଓଡିଶା, ଭୁବନେଶ୍ୱର

08006/13/0001/1819



ସନ୍ତୁଷ୍ଟ ଲୋକ କେବେହେଲେ ଦରିଦ୍ର ନୁହେଁ କି ଅସନ୍ତୁଷ୍ଟ ଲୋକ କେବେହେଲେ ଧନୀ ନୁହେଁ।

- ଜର୍ଜ ଏଲିୟଟ୍



## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଜେନାପୁର,୩।୧୦(ଡି.ଏନ.ଏ.):** ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତର ରାଁପୁରକଇଥା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମହିଳା ଜଣକ ହେଲେ ମିନାରାଣୀ ପ୍ରଧାନ(୨୫)। ସୂଚନାଯୋଗ୍ୟ ଯେ, ସୁକିନ୍ଦା ଥାନା ଅନ୍ତର୍ଗତ ବୈରୀମାଳ ଗ୍ରାମର ହୃଷିକେଶ ପ୍ରଧାନଙ୍କ ଝିଅ ମିନାରାଣୀଙ୍କୁ ଗତ ୩ବର୍ଷ ହେଲା ରାଁପୁରକଇଥା ଗ୍ରାମର ବିକ୍ରମ ବାରିକ ବିବାହ କରିଥିଲେ। ବୁଧବାର ସକାଳେ ନିଜ ଘର କୋଣରେ ଥିବା ଏକ ଲୁହା ହୁକରେ ମିନାରାଣୀଙ୍କ ଶବ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ପାରିବାରିକ କଳହରୁ ମିନାରାଣୀ ଆତ୍ମହତ୍ୟା କରିଛନ୍ତି ବୋଲି ଶ୍ୱଶୁର ଘର ପରିବାର ଲୋକେ କହୁଛନ୍ତି। ଅପରପକ୍ଷେ ମିନାରାଣୀଙ୍କ ମା’ ଭାଗ୍ୟବତୀ ପ୍ରଧାନ ଯୌତୁକ ଦାବି କରି ତାଙ୍କ ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରିଛନ୍ତି ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଶବ ଜବତ କରି ଘଟଣାର ତଦନ୍ତ ଚଳାଇଛନ୍ତି।

### ଶିକ୍ଷକ ସଂଘ ପକ୍ଷରୁ ମହମବତୀ ଶୋଭାଯାତ୍ରା

**ବିଞ୍ଝାରପୁର,୩।୧୦(ଡି.ଏନ.ଏ):** ବିଞ୍ଝାରପୁର ଶିକ୍ଷା ମଣ୍ଡଳର ୧୪ଟି ଆଞ୍ଚଳିକ ସାଧନକେନ୍ଦ୍ରରେ ପ୍ରାଥମିକ ଶିକ୍ଷକ ସଂଘ ଆହ୍ୱାନରେ ସଇଁତଳା ବ୍ଲକ ଅନ୍ତର୍ଗତ ଘୁମୁସରଠାରେ ଅଭିଭାବକଙ୍କ ଆକ୍ରମଣରେ ଗତ ୨୯ ତାରିଖରେ ମୃତ୍ୟୁବରଣ କରିଥିବା ଜଣେ ଶିକ୍ଷକଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇ ଅଳକୁଣ୍ଡଠାରେ ବୁଧବାର ପୂର୍ବାହ୍ନରେ ମହମବତୀ ଶୋଭାଯାତ୍ରା କରାଯାଇଛି। ଏହି ଶୋଭାଯାତ୍ରାରେ ବିଞ୍ଝାରପୁର ଶିକ୍ଷାମଣ୍ଡଳର ୧୪ଟି ଆଞ୍ଚଳିକ ସାଧନ କେନ୍ଦ୍ରର କର୍ମକର୍ତ୍ତା ସାମିଲ ଥିଲେ। ସୂଚନାଯୋଗ୍ୟ ଯେ, ନନ୍ଦ ନିଜ ସ୍କୁଲରେ ସରକାରୀ ଭାବେ ପ୍ରଦାନ କରାଯାଇଥିବା କୃମିନାଶକ ବଟିକା ପିଲାଙ୍କୁ ଖାଇବା ପାଇଁ ଦେଇଥିଲେ । ଯାହାକୁ ଖାଇବା ପରେ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ପଡିଥିଲେ। ଏହି ଖବର ପାଇବା ପରେ ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଶିକ୍ଷକ ନନ୍ଦଙ୍କୁ ସେପ୍ଟେମ୍ବର ୨୪ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଶିକ୍ଷକଙ୍କର ଗତ ୨୯ରେ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ବିଞ୍ଝାରପୁର ବ୍ଲକର ଶିକ୍ଷକମାନେ ମହମବତୀ ଧରି ଶୋଭଯାତ୍ରାରେ ସାମିଲ ହୋଇଥିଲେ।

### ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ଡୁବୁରୀ, ୩।୧୦(ଡି.ଏନ୍.ଏ.):** ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇଙ୍କ ଦ୍ୱାରା ବୁଧବାର ଡୁବୁରୀ ପଞ୍ଚାୟତରେ ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏଥିସହ ବିଧାୟକ ପଞ୍ଚାୟତର ବିଭିନ୍ନ ଯୋଜନାରେ ନିର୍ମିତ ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବିଧାୟକ ଡୁବୁରୀସ୍ଥିତ ଏମ୍ଏଲ ଲ୍ୟାଡରେ ନିର୍ମିତ ସିଆରିଆ ବନଫୁଲ ମଣ୍ଡପ, ଆମ ଗାଁ ଆମ ବିକାଶ ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସିଆରିଆ ମହାନ୍ତ ସାହିରେ ମହିଳା କମ୍ୟୁନିଟି ସେଣ୍ଟରର, ଦେହୁରି ସାହିରେ ବିଧାୟକଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ମହିଳା କମ୍ୟୁନିଟ ସେଣ୍ଟର ଓ ଟାଟା ଷ୍ଟିଲ ଅନୁଦାନରେ ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ସିଆରିଆ ପ୍ରାଥମିକ ବିଦ୍ୟାଳୟର ପାଚେରିର ମଧ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଡୁବୁରୀ ମଙ୍ଗଳା ସାହିରେ ବିଧାୟକଙ୍କ ପାଣ୍ଠିରୁ ୨.୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମହିଳା କମ୍ୟୁନିଟି ସେଣ୍ଟର ଓ ୯ ଲକ୍ଷ ଟଙ୍କା ବ୍ୟୟରେ ଅଟକଳରେ ନିର୍ମିତ ୩ଟି କ୍ଲବ ଘରକୁ ବିଧାୟକ ଘଡାଇ ଉଦ୍‌ଘାଟନ କରିଛନ୍ତି। ଶେଷରେ ଡୁବୁରୀ ଗ୍ରାମରେ ଡିଏମ୍ଏଫ ଫଣ୍ଡରେ ୩୮ ଲକ୍ଷ ଟଙ୍କା ବ୍ୟୟରେ ୨୦ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ପାଣି ଟାଙ୍କି ଉଦ୍‌ଘାଟିତ ହୋଇଯାଇଛି। ସୁକିନ୍ଦା ବ୍ଲକର ପୂର୍ବତନ ଅଧକ୍ଷ ବିଶ୍ୱଜିତ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଯୋଗଦେଇ ବିଧାୟକ ଗ୍ରାମାଞ୍ଚଳର ବିକାଶ ଦିଗରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ବ୍ଲକ ଉପାଧକ୍ଷ ବାବି ବରାଳ, ଜିଲା ପରିଷଦ ସଭ୍ୟା ସ୍ୱର୍ଣ୍ଣପ୍ରଭା ମଲ୍ଲିକ ଯୋଗଦେଇଥିଲେ। ୯ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ରାଉତ ଉତ୍ସବରେ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ସଞ୍ଜୟ ରାଉତ, ମକର ରାଉତ, ଜୟନ୍ତ ରାଉତ, ଚନ୍ଦ୍ରକାନ୍ତ ସ୍ୱାଇଁ, ଦଶରଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

■ ଏନ୍‌ସି କଲେଜରେ ବୋମାମାଡ଼, ସାଇନ୍-ଏ-ଡାଏ ଘୋଷଣା

# ଛାତ୍ର ସଂସଦ ନିର୍ବାଚନ ବାତିଲ

**ବିରଜାକ୍ଷେତ୍ର,୩।୧୦(ଡି.ଏନ୍.ଏ)**

ଯାଜପୁରର ସର୍ବପୁରାତନ ନରସିଂହ ଚୌଧୁରୀ (ଏନ୍‌ସି) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ବୁଧବାର ନାମାଙ୍କନ ପତ୍ର ଦାଖଲ ଥିବା ବେଳେ ମଙ୍ଗଳବାର ରାତିରେ ଛାତ୍ରୀ ନିବାସ ନିକଟରେ ବୋମାମାଡ଼ ହୋଇ ଛାତ୍ର ଅଶାନ୍ତି ଦେଖାଦେଇଥିଲା। ଫଳରେ କଲେଜ କର୍ତ୍ତୃପକ୍ଷ ମହାବିଦ୍ୟାଳୟରେ ଏଭଳି ଅଶାନ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି ବୁଧବାରଠାରୁ ସାଇନ୍-ଏ-ଡାଏ ଘୋଷଣା କରିଛନ୍ତି। ଯଦ୍ଵାରା କଲେଜରେ ଆସନ୍ତା ୧୧ ତାରିଖରେ ହେବାକୁ ଥିବା ଛାତ୍ରସଂସଦ ନିର୍ବାଚନ ବାତିଲ ହୋଇଯାଇଛି। ଗତବର୍ଷ ମଧ ଏହି ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ଲାଗିରହିବା ଯୋଗୁ ଛାତ୍ରସଂସଦ ନିର୍ବାଚନ ବାତିଲ ହୋଇଯାଇଥିଲା।

ସୂଚନା ଯେ, ବୁଧବାର ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ହେବାର ଥିଲା। ତେବେ ମଙ୍ଗଳବାର ରାତିରେ ମହାବିଦ୍ୟାଳୟ ଛାତ୍ରୀ ନିବାସ ନିକଟରେ ବୋମାମାଡ଼ ହୋଇଥିଲା। ଫଳରେ ଭୟଙ୍କର ଶବ୍ଦ ଯୋଗୁ ଛାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। ଏ ନେଇ ସମ୍ପୃକ୍ତ ଛାତ୍ରୀମାନେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇବା ସହ ଜୀବନ ବିପଦପୂର୍ଣ୍ଣ ରହିଥିବା ଅଭିଯୋଗ କରିଥିଲେ। ବୋମାମାଡ଼ ଘଟଣା ଓ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ମହାବିଦ୍ୟାଳୟ ଅଧକ୍ଷ ଫକୀର ମୋହନ ମଲ୍ଲିକ ମହାବିଦ୍ୟାଳୟକୁ ସାଇନ୍-ଏ-ଡାଏ ଘୋଷଣା କରିଛନ୍ତି। ଗତ ସୋମବାର ଯୁକ୍ତ ୩ ସେମିନାର ପରୀକ୍ଷା



ଫଳ ପ୍ରକାଶ ନ କରିବାକୁ ଛାତ୍ରମାନେ ଜିଦ୍ ଧରି ମହାବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇବା ସହ ଟାୟାର ଜାଳି ମୁଖ୍ୟ ଫାଟକକୁ ଅବରୋଧ କରିଥିଲେ। ଗତ ୨ବର୍ଷ ହେଲା ଛାତ୍ରସଂସଦ ନିର୍ବାଚନ ମହାବିଦ୍ୟାଳୟରେ ବାତିଲ କରାଯାଉଛି। ଗତ ୨ ବର୍ଷ ହେବ ରାଜନୈତିକ ପଶାପାଲିରେ ଛନ୍ଦିହୋଇ ଛାତ୍ରସଂସଦ ନିର୍ବାଚନକୁ ବାତିଲ କରାଯାଉଥିବା ଶୁଣିବାକୁ ମିଳୁଛି। ଚଳିତବର୍ଷ ଛାତ୍ରସଂସଦ ନିର୍ବାଚନ ଘୋଷଣା ପୂର୍ବରୁ ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳ ନିର୍ବାଚନକୁ ବାତିଲ କରିବା ନେଇ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ସୃଷ୍ଟି କରିଥିବା ଆଲୋଚନା ହେଉଛି। ଏହି ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପକ୍ଷରୁ ଛାତ୍ରୀ ନିବାସ ନିକଟରେ ବୋମାମାଡ଼ କରାଯାଇଥିବା ଅଭିଯୋଗ ହେଉଛି। ମହାବିଦ୍ୟାଳୟରେ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଓ ଯାଜପୁର ଥାନାର ଭାରପ୍ରାପ୍ତ ଅଧିକାରୀ ମାନସ ରଞ୍ଜନ ଚକ୍ର ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ। ମହାବିଦ୍ୟାଳୟ ସାଇନ୍-ଏ-ଡାଏ ହେବାପରେ ପୋଲିସ ପକ୍ଷରୁ ଛାତ୍ରୀଛାତ୍ର ନିବାସକୁ ଖାଲି କରାଯିବା ସହ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଜାଗା ଛାଡ଼ି ଚାଲିଯିବାକୁ ପୋଲିସ ସମସ୍ତଙ୍କୁ ପରାମର୍ଶ ଦେଇଥିଲା।

### ଶାସକ ଦଳକୁ ଦାୟୀ

ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଶାସକ ଦଳର ପ୍ରତ୍ୟେକ୍ଷ ହସ୍ତକ୍ଷେପ ଯୋଗୁ ମହାବିଦ୍ୟାଳୟକୁ ସାଇନ୍-ଏ-ଡାଏ ଘୋଷଣା କରାଯିବା ସହ ଛାତ୍ରସଂସଦ ନିର୍ବାଚନ ବାତିଲ ହୋଇଛି ବୋଲି ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ତଥା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଯାଜପୁର ନଗର ସମ୍ପାଦିକା ସଙ୍ଗୀତା ପଣ୍ଡା ଅଭିଯୋଗ କରିଛନ୍ତି। ଶାସକ ଦଳର ସମର୍ଥିତ ପ୍ରାର୍ଥୀଙ୍କ ପରୀକ୍ଷା ଫଳ ଖରାପ ହୋଇଥିବା ଯୋଗୁ ସେମାନେ ଏହି ନିର୍ବାଚନରେ ଭାଗ ନେଇପାରିବେ ନାହିଁ ବୋଲି ଜାଣିଥିଲେ। ତେଣୁ ହିଂସାକୁ ଆପଣେଇ ନିର୍ବାଚନକୁ ବାତିଲ କରିବା ଚେଷ୍ଟାରେ ସଫଳ ହୋଇଛନ୍ତି ବୋଲି ସଙ୍ଗୀତା ପଣ୍ଡାଙ୍କ ସହ ବହୁ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ପୂର୍ବତନ ଏନ୍‌ସି କଲେଜ ଛାତ୍ରନେତା ତଥା ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ କହିଛନ୍ତି ଯେ, ଶାସକ ବିଜେଡି ଦଳର ପ୍ରରୋଚନାରେ ଅଶାନ୍ତ ବାତାବରଣ ସୃଷ୍ଟି କରାଯାଇ ଛାତ୍ରସଂସଦ ନିର୍ବାଚନକୁ ବନ୍ଦ କରିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଏହାଦ୍ୱାରା ଛାତ୍ରଛାତ୍ରୀଙ୍କର ଗଣତାନ୍ତ୍ରିକ ଅଧିକାର କ୍ଷୁର୍ଣ୍ଣ କରାଯାଇଛି। ଦୀର୍ଘ ୨ବର୍ଷ ଧରି ଯେଭଳି ଏନ୍‌ସି ସ୍ୱୟଂଶାସିତ କଲେଜର ଛାତ୍ରସଂସଦ ନିର୍ବାଚନ ବାତିଲ କରାଯାଇଛି ତାହା ଶାସକ ଦଳର ନିର୍ବାଚନ ପୂର୍ବରୁ ପରାଜୟ ବୋଲି ନନ୍ଦ କହିଛନ୍ତି।

### ଫର୍ମ ପୂରଣ କରି ନ ପାରିବାରୁ ଅସନ୍ତୋଷ

ବୁଧବାର ଯୁକ୍ତ ୩ ଦ୍ୱିତୀୟବର୍ଷ ପିଲାଙ୍କର ତୃତୀୟବର୍ଷ ସେମିଷ୍ଟାର ପାଇଁ ଫର୍ମ ପୂରଣ ହେବା ନିମନ୍ତେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ୩ତାରିଖକୁ ଘୋଷଣା କରିଥିଲେ। ମାତ୍ର ବୁଧବାର ମହାବିଦ୍ୟାଳୟକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସାଇନ୍ ଏ ଡାଏ ଘୋଷଣା କରାଯିବାରୁ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ସେମିଷ୍ଟାର ପାଇଁ ଫର୍ମ ପୂରଣ କରି ନ ପାରି ଅସନ୍ତୋଷ ବ୍ୟକ୍ତ କରିଥିବା ଦେଖିବାକୁ ମିଳିଥିଲା।

### ନିର୍ବାଚନ ବାତିଲକୁ ଏଆଇଡିଏସ୍‌ଓ ବିରୋଧ

ନିର୍ବାଚନରେ ନାମାଙ୍କନପତ୍ର ଦାଖଲ ଦିନ ନ୍ୟସ୍ତସ୍ୱାର୍ଥ ରାଜନୈତିକ ଗୋଷ୍ଠୀଙ୍କ ଚକ୍ରାନ୍ତ ଫଳରେ ବୋମା ବିସ୍ଫୋରଣର ଦ୍ୱାହି ଦେଇ ଛାତ୍ର ନିର୍ବାଚନକୁ ବାତିଲ କରାଯାଇଛି। ଏହା ବିରୋଧରେ ଏଆଇଡିଏସ୍‌ଓ ନରସିଂହ ଚୌଧୁରୀ କଲେଜ କମିଟି ପକ୍ଷରୁ ଏହାକୁ ନିନ୍ଦାକରି ଏକ ପ୍ରତିବାଦ ସଭା କରାଯାଇଥିଲା। ଛାତ୍ର ସଂସଦ ନିର୍ବାଚନ ଛାତ୍ରଙ୍କ ପାଇଁ ଏହା ଏକ ଗଣତାନ୍ତ୍ରିକ ଅଧିକାର। ଏହାକୁ ବନ୍ଦ କରିବା ଅର୍ଥ ଗଣତନ୍ତ୍ର ଅଧିକାରର ହତ୍ୟା। ପରାଧୀନ ଭାରତବର୍ଷରୁ ସୁବାଷ ବୋଷଙ୍କ ଦ୍ୱାରା ସୃଷ୍ଟି ଏହି ଛାତ୍ର ନିର୍ବାଚନକୁ ଅଗଣତାନ୍ତ୍ରିକଭାବେ ବାତିଲ କରାଯାଇ ଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଛି ବୋଲି ଏଆଇଡିଏସ୍‌ଓ ତୀବ୍ର ନିନ୍ଦା କରିବା ସହିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ତୁରନ୍ତ ସାଇନ-ଏ-ଡାଏ ବାତିଲ କରି ସ୍ୱତନ୍ତ୍ର ବ୍ୟବସ୍ଥା ବଳୟରେ ପୁନଃ ଛାତ୍ରସଂସଦ ନିର୍ବାଚନ ପାଇଁ ଦୃଢ଼ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ଏହା ବିରୋଧରେ ଦୁର୍ବାର ଛାତ୍ର ଆନ୍ଦୋଳନ କରାଯିବ ବୋଲି ଏଆଇଡିଏସ୍‌ଓର ନରସିଂହ ଚୌଧୁରୀ ସଭାନେତ୍ରୀ ସସ୍ମିତା ଯେନା ଓ ସଙ୍ଗଠକ ବୃନ୍ଦ ଯଥା ବିକାଶ କୁମାର ପାଲ, ଅବିନାଶ ଦାସ, ଲୋକନାଥ ସେଠୀ, ରାମଚନ୍ଦ୍ର ଯେନା ଓ ସନ୍ତୋଷ କୁମାର ଯେନା ଚେତାବନୀ ଦେଇଥିଲେ।

### ନକଲି ବୋମା

ମହାବିଦ୍ୟାଳୟର ଛାତ୍ରୀ ନିବାସ ନିକଟରେ ପକାଯାଇଥିବା ବୋମା ନକଲି ବୋଲି କୁହାଯାଉଛି। ଛାତ୍ରୀ ନିବାସରେ ବୋମା ମାଡ଼ କରାଯାଇଥିଲେ ମଧ କୌଣସି କ୍ଷୟକ୍ଷତି ନ ହେବା ଓ ବୋମା ମାଡ଼ର ଚିହ୍ନବର୍ଣ୍ଣ ନ ଥିବା ଜଣାପଡ଼ିଛି। ଛାତ୍ରସଂସଦ ନିର୍ବାଚନକୁ ବାତିଲ କରିବା ନେଇ ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ଏହା ଏକ ଚାଲ୍ ବୋଲି ଶୁଣିବାକୁ ମିଳୁଛି।



### ସାଇନ୍-ଏ-ଡାଏ ବିରୋଧରେ ଧାରଣା

ମହାବିଦ୍ୟାଳୟ ଅଧକ୍ଷ ମହାବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ବୁଧବାର କଲେଜକୁ ସାଇନ୍-ଏ-ଡାଏ ଘୋଷଣା କରିଥିଲେ। ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ଘୋଷଣା ଅଗଣତାନ୍ତ୍ରିକ ଓ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଗତିକରୁଛି ନେଇ ମହାବିଦ୍ୟାଳୟର ବହୁସଂଖ୍ୟକ ଛାତ୍ରୀଛାତ୍ର ମହାବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ଧାରଣା ଦେବାସହ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ।



ଛାତ୍ରମାନେ ଧାରଣାରେ ବସିଛନ୍ତି।

## ଦ୍ୱିତୀୟ ଦିନରେ ମା’ ବିରଜାଙ୍କ ଷୋଡ଼ଶୋପଚାର ପୂଜା

**ବିରଜାକ୍ଷେତ୍ର,୩।୧୦(ଡି.ଏନ୍.ଏ)**

ଦୁର୍ଗାପୂଜା ନିମନ୍ତେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ଷୋଡ଼ଶୋପଚାର ପୂଜା ଦ୍ୱିତୀୟାଷ୍ଟମୀ ତଥା ମୂଳାଷ୍ଟମୀରୁ ଆରମ୍ଭ ହୋଇଛି। ବୁଧବାର ଷୋଡ଼ଶୋପଚାର ପୂଜା ଦ୍ୱିତୀୟ ଦିନରେ ପହଞ୍ଚିଛି। ଦ୍ୱିତୀୟ ଦିନ ଷୋଡ଼ଶୋପଚାର ପୂଜା ନିମନ୍ତେ ପାଳିଆ ସେବାୟତ ବୁଧବାର ପ୍ରାତଃରୁ ମା’ଙ୍କୁ ବୈତରଣୀ ଜଳରେ ସ୍ନାନ କରିବା ପରେ ବେଶ କରାଯାଇ ବାଲ୍ୟଭୋଗ ଲାଗି ହୋଇଥିଲା। ରୀତିନୀତି ଅନୁଯାୟୀ ପୂର୍ବାହ୍ନରେ ପୂଜକ ଓ ପୁରୋଧାଙ୍କ ଦ୍ୱାରା ମା’ଙ୍କ ରତ୍ନ ସିଂହାସନ ନିକଟରେ ଷୋଡ଼ଶୋପଚାର ପୂଜା ବିଧିବିଧାନ ଅନୁଯାୟୀ ସମ୍ପନ୍ନ ହେବାପରେ ନୀତିଲାଗି ପହୁଡ଼ ହୋଇଥିଲା। ଅପରାହ୍ନରେ ପହୁଡ଼ ଖୋଲିବାପରେ ସନ୍ଧ୍ୟାରେ ଆଳତୀ ହୋଇଥିଲା। ରାତ୍ର ସମୟରେ ପୁନଶ୍ଚ ମା’ଙ୍କ ରତ୍ନ ସିଂହାସନ ନିକଟରେ ପୂଜକ ଓ ପୁରୋଧାଙ୍କ ଦ୍ୱାରା ଷୋଡ଼ଶୋପଚାର ପୂଜା କରାଯାଇ ନୀତି ଲାଗିବା ପରେ ପହୁଡ଼ ହୋଇଥିଲା। ଦୁର୍ଗାପୂଜା ନିମନ୍ତେ ଅନୁଷ୍ଠିତ ହୋଇଥିବା ୧୬ଦିନ ଷୋଡ଼ଶୋପଚାର ପୂଜା ନିମନ୍ତେ ଦିନ ଓ ରାତିରେ ବିଶେଷ ଷୋଡ଼ଶୋପଚାର ପୂଜା ଅନୁଷ୍ଠିତ ହୋଇଥାଏ। ଏହି ଷୋଡ଼ଶୋପଚାର ପୂଜା ନିମନ୍ତେ ମନ୍ଦିରର ଗୁମାସ୍ତାମାନେ ସମସ୍ତ ପ୍ରକାର ପୂଜା ସାମଗ୍ରୀ ଯୋଗାଇ ଦେଇଥିଲେ।



### ଖାଦ୍ୟ ସୁରକ୍ଷା ଯୋଜନାରେ ୬୭୦ ପଡିକାର୍ଡ ବଣ୍ଟନ

**ବିଞ୍ଝାରପୁର,୩।୧୦(ଡି.ଏନ.ଏ):** ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ବିଞ୍ଝାରପୁର ବ୍ଲକର ବିଭିନ୍ନ ଗ୍ରାପର ୬୭୦ ପରିବାରକୁ ପଡିକାର୍ଡ ଯୋଗାଇ ଦିଆଯାଇଥିବା ଜଣାପଡିଛି। ବୁଧବାର ପୂର୍ବାହ୍ନରେ ବିଞ୍ଝାରପୁର ବ୍ଲକ ପରିସରରେ ଆୟୋଜିତ ବଣ୍ଟନ ଉତ୍ସବରେ ବ୍ଲକର ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲ, ଅର୍ଥ ବିଭାଗର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଚିତ୍ତରଞ୍ଜନ ଦାସ, ଉପାଧକ୍ଷା କୁମୁଦିନୀ ଦାସ, ସହକାରୀ ଯନ୍ତ୍ରୀ ରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଅଧକ୍ଷ ସାମଲ ଖାଦ୍ୟ ସୁରକ୍ଷା ଯୋଜନାରେ ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତର ୬୭୦ ପରିବାରକୁ ପଡିକାର୍ଡ ବଣ୍ଟନ କରିଥିଲେ। ଏହି ଯୋଜନାରେ ୧୦୫୨୦ଜଣ ହିତାଧିକାରୀ ଉପକୃତ ହେବେ ବୋଲି ବିଞ୍ଝାରପୁର ବ୍ଲକ ଯୋଗାଣ ଅଧିକାରିଣୀ ସୌଭାଗ୍ନୀ ରାୟ ସୂଚନା ଦେଇଛନ୍ତି ।

■ ମୁଗୁପାଳ କଲେଜରେ ପ୍ରାର୍ଥିପତ୍ର ଦାଖଲ

## ୫ ପଦବୀ ପାଇଁ ୧୦ ପ୍ରାର୍ଥୀଙ୍କ ପ୍ରତିଦ୍ୱନ୍ଦ୍ୱିତା

**ରସୁଲପୁର,୩।୧୦(ଡିଏନଏ)**

ରସୁଲପୁର ବ୍ଲକ ଅଞ୍ଚଳର ଅଗ୍ରଣୀ କଲେଜ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ (ମୁଗୁପାଳ କଲେଜ)ର ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ସରିଛି। କଲେଜରେ ପ୍ରମୁଖ ୫ଟି ପଦବୀରେ ୧୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ବାଳିକାବାଳକ କମନରୁମ୍ ସମ୍ପାଦକ, ବିଦ୍ୟାର୍ଥୀ ସହାୟତା ସମ୍ପାଦକ, ସାମାଜିକ ସେବା ସଂସ୍ଥାର ସମ୍ପାଦକ ଭଳି କେତୋଟି ଗୁରୁତ୍ୱହୀନ ପଦବୀ ପାଇଁ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରି ନ ଥିବା ଜଣାପଡିଛି । ଲିଙ୍ଗଡୋ କମିଶନଙ୍କ ନିୟମ, ପରୀକ୍ଷାରେ ଖରାପ ପ୍ରଦର୍ଶନ ଆଶାୟୀଙ୍କ ପାଇଁ କାଳ ସାଜିଛି । ବହୁ ଆଶାୟୀ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବାରୁ ବଞ୍ଚିତ ହୋଇଛନ୍ତି । ନିର୍ଦ୍ଧାରିତ ସମୟ ସୀମା ସୁଦ୍ଧା ପ୍ରାର୍ଥୀପତ୍ର ଦାଖଲ ସରିଛି। ଗୁରୁବାର ଯାଞ୍ଚ କରାଯିବା ସହ ପୂର୍ବାହ୍ନ ୧୧ଟାରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ବିଧି ମୁତାବକ ଏଥି ପୂର୍ବରୁ କଲେଜ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ । ସଭାପତି ପଦବୀ ପାଇଁ ବିଜ୍ଞାନ ବିଭାଗରୁ ମହେଶ୍ୱର ପଣ୍ଡା ଓ କଳାରୁ ସତ୍ୟଜିତ୍ ସାହୁ, ସାଧାରଣ ସମ୍ପାଦକ ପଦବୀ ପାଇଁ ଚିନ୍ମୟୀସ୍ରୋତା ସାହୁ, ହରପ୍ରିୟା ଦାସ ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ବୋଲି ଅସମର୍ଥିତ ସୂତ୍ରରୁ ଜଣାପଡିଛି । ଏହାଛଡା ଉପସଭାପତି, ନାଟ୍ୟ ସଂସଦ ଓ କ୍ରୀଡା ସଂସଦ ପାଇଁ ଦୁଇଜଣ ଲେଖାଏଁ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି ବୋଲି କଲେଜ ପକ୍ଷରୁ ନିର୍ବାଚନ ଅଧିକାରୀ ହରିବଲ୍ଲଭ ଦାଶ ପ୍ରକାଶ କରିଛନ୍ତି ।

## ଯୁବମୋର୍ଚ୍ଚା ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ଯାଜପୁରରୋଡ,୩।୧୦(ନି.ପ୍ର.)**

କଳିଙ୍ଗନଗର ଶିଳ୍ପାଞ୍ଚଳର ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଓ ୧୫ ଦଫା ଦାବିପତ୍ର ନେଇ ବୁଧବାର ଯାଜପୁର ଜିଲା ଯୁବମୋର୍ଚ୍ଚା ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଏଥିସହ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଯୁବମୋର୍ଚ୍ଚା ସଭାପତି ଆଲେକ୍‌ଜାଣ୍ଡାର ଦାସଙ୍କ ନେତୃତ୍ୱରେ ଏକ ବାଇକ୍ ଶୋଭାଯାତ୍ରା ଧବଳଗିରିଠାରୁ ବାହାରି ସହର ପରିକ୍ରମା କରି ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସଭାପତି ଦାସଙ୍କ ନେତୃତ୍ୱରେ ଏକ ପ୍ରତିବାଦ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ବିଶ୍ୱରଞ୍ଜନ ବଡଜେନା, ଭାଜପା ଜିଲା ସଭାପତି ଗୌତମ ରାୟ, ସୁକିନ୍ଦା ଭାଜପା ନେତା ପ୍ରଦୀପ ବଳସାମନ୍ତ, ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କଳିଙ୍ଗନଗର ଶିଳ୍ପରାଞ୍ଚଳରେ ୧୨ରୁ ଉର୍ଦ୍ଧ୍ୱ ଶିଳ୍ପାନୁଷ୍ଠାନ ଗଢିଉଠିଛି । ହେଲେ ବିସ୍ଥାପିତଙ୍କୁ ନିଯୁକ୍ତି ଦିଆଯାଉନାହିଁ । ସେମାନେ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି । ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦାବି ପୂରଣ ନ କଲେ ଆଗାମୀ ଦିନରେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ଯୁବମୋର୍ଚ୍ଚା ପକ୍ଷରୁ କୁହାଯାଇଛି । ସ୍ଥାନୀୟ ଯୁବତୀଯୁବକଙ୍କ କର୍ମନିଯୁକ୍ତି ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ସମସ୍ୟା, ସହରକୁ ପ୍ରଦୂଷଣମୁକ୍ତ କରିବା ଆଦି ଦାବି ସାମିଲ ଥିଲା।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଯୁବମୋର୍ଚ୍ଚା ସଦସ୍ୟ।

■ ବନ୍ଧଡିହ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ବ୍ୟାପକ ଅନିୟମିତତା

# ଶନିବାର ମିଳୁନି ମଧ୍ୟାହ୍ନଭୋଜନ

**ରସୁଲପୁର,୩।୧୦(ଡିଏନଏ)**

■ ନିର୍ଦ୍ଧାରିତ ସମୟ ପୂର୍ବରୁ ବନ୍ଦ ହେଉଛି ବିଦ୍ୟାଳୟ

■ ଚଞ୍ଚକତା କରାଯାଇ ମଧ୍ୟାହ୍ନ ଭୋଜନ ଅର୍ଥ ହଡ଼ପ ଅଭିଯୋଗ




ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହ ପଞ୍ଚାୟତ ଅନ୍ତର୍ଗତ ବନ୍ଧଡିହ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ଉକ୍ତ ବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ନେଇ ଆପତ୍ତି ଉଠାଇଛନ୍ତି ସ୍ଥାନୀୟ ଅଞ୍ଚଳର ବାସିନ୍ଦା। ଶନିବାର ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ମିଳୁନି। ଏହିଦିନରେ ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟକୁ ବନ୍ଦ କରିଦିଆଯାଉଛି। ଅନ୍ୟ କାର୍ଯ୍ୟ ଦିବସଗୁଡିକରେ ପ୍ରଧାନ ଶିକ୍ଷୟିତ୍ରୀ ରିପୋର୍ଟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନଠାରୁ ଅଧିକ ଦର୍ଶାଉଛନ୍ତି। ଏହିଭଳି ଭାବେ ଚଞ୍ଚକତା କରାଯାଇ ମଧ୍ୟାହ୍ନଭୋଜନ ହଡ଼ପ କରାଯାଉଛି। ଏଥିପ୍ରତି କାହାରି ନଜର ନାହିଁ। ଘଟଣା ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।

ବନ୍ଧଡିହ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ୧ମ ରୁ ୫ମ ଶ୍ରେଣୀ ରହିଛି। ଉକ୍ତ ବିଦ୍ୟାଳୟରେ ୧୨୦ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ। ଶିକ୍ଷାଦାନ ବ୍ୟବସ୍ଥାକୁ ପରିଚାଳନା କରିବା ପାଇଁ ୪ଜଣ ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତ ହୋଇଛନ୍ତି। ସରକାରୀ ନିୟମ ଅନୁଯାୟୀ ଶନିବାର ବିଦ୍ୟାଳୟ ସକାଳୁଆ ହେବ। ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଚାଲିବ। ଏହିଦିନ ପିଲାଙ୍କୁ ଗରମ ରନ୍ଧା ଖାଦ୍ୟ ସହ ଅଣ୍ଡା ପ୍ରଦାନ କରାଯିବାର ନିୟମ ରହିଛି। ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ୧୨ଟା ପର୍ଯ୍ୟନ୍ତ ବିଦ୍ୟାଳୟରେ ଉପସ୍ଥିତ ରହିବେ। ଏଠାରେ ଉକ୍ତ ନିୟମକୁ ପାଳନ ଦିଗରେ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ପିଲାଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଇ ନ ଥିବା ବେଳେ କେବଳ ସିଝା ଅଣ୍ଡା ଧରାଇ ଦିଆଯାଇଛି। ପାଠପଢା ପ୍ରତି ଗୁରୁତ୍ୱ ଦିଆଯାଇ ନାହିଁ। ଶନିବାରକୁ ଅଘୋଷିତ ଛୁଟି ଭଳି ଶିକ୍ଷୟିତ୍ରୀଶିକ୍ଷକମାନେ ବ୍ୟବହାର କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଅଭିଯୋଗ ଅନୁଯାୟୀ ବିଦ୍ୟାଳୟକୁ ଆନୁମାନିକ ୨୫ରୁ ୩୦ ପିଲା ଆସିଥିଲେ। ମାତ୍ର ବିଦ୍ୟାଳୟରେ ୧୦୫ଜଣ ପିଲା ମଧ୍ୟାହ୍ନଭୋଜନ ଖାଇଛନ୍ତି ବୋଲି ରିପୋର୍ଟରେ ଦର୍ଶାଇଥିଲେ। ଏ ସମ୍ପର୍କରେ ଅଭିଯୋଗ ପାଇ ଧରିତ୍ରୀର ରସୁଲପୁର ପ୍ରତିନିଧି ସକାଳ ୧୦ଟା ୫ ମିନିଟରେ ବିଦ୍ୟାଳୟରେ ପହଞ୍ଚିଥିଲେ। ସେତେବେଳକୁ ବିଦ୍ୟାଳୟ ଛୁଟି ହୋଇସାରିଥିଲା। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀରାରାଣି ଜେନାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ତାଙ୍କ ବିରୋଧରେ ହେଉଥିବା ଅଭିଯୋଗକୁ ସେ ଅତି ହାଲୁକା ଭାବେ ନେଇଥିଲେ। ପ୍ରତ୍ୟେକ ଶନିବାର ବିଦ୍ୟାଳୟକୁ ଶୀଘ୍ର ଛୁଟି କରିଦିଅନ୍ତି ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟକୁ ଆସିଥିବା ପିଲାଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଇଛି। ସେଦିନ ବିଦ୍ୟାଳୟରେ ୧୦୫ ଜଣ ପିଲା ଉପସ୍ଥିତ ଥିଲେ ବୋଲି ପ୍ରକାଶ କରିଥିଲେ। ଏ ଦିଗରେ ଆଞ୍ଚଳିକ ସାଧନ କେନ୍ଦ୍ର ମଣ୍ଡଳାଧିଶ ମହେନ୍ଦ୍ର ମଲିକଙ୍କୁ ପଚାରିବାରୁ, ସେ ଏ ସମ୍ପର୍କରେ ତଦନ୍ତ କରିବେ ବୋଲି କହିଛନ୍ତି।



ଅନ୍ୟଠାରୁ ଯାହା ଉପକାର ପାଇଲ ତାକୁ ଭୁଲିଯିବା ଉଚିତ ନୁହେଁ କି ଅନ୍ୟପ୍ରତି କରିଥିବା ଉପକାର କଥା ଆଦୌ ମନେ ପକାଇବା ଉଚିତ ନୁହେଁ।

- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ରାଶନକାର୍ଡ, ଭତ୍ତା ବଣ୍ଟନ ମେଳା



**କୋରେଇ,୩।୧୦(ସ୍ୱ.ପ୍ର.):** ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ କୋରେଇ ବ୍ଲକର ୧୨୫୪ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇ ବୁଧବାର ରାଶନକାର୍ଡ ପ୍ରଦାନ କରାଯାଇଛି। ଏ ନେଇ କୋରେଇ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହକାରୀ ଯନ୍ତ୍ରୀ ମନୋଜ କୁମାର ସେନାପତି ଅଧକ୍ଷତା କରିଥିଲେ। ଯାଜପୁର ଏମ୍‌ପି ରୀତା ତରାଇ ମୁଖ୍ୟଅତିଥି ଓ ବିଧାୟକ ଆକାଶ ଦାସନାୟକ ସମ୍ମାନିତ ଅତିଥି ଓ ପଞ୍ଚାୟତ ସମିତି ଅଧକ୍ଷା ମାଳତି ଟୁଡୁ ଯୋଗଦେଇ ହିତାଧିକାରୀଙ୍କୁ ରାଶନକାର୍ଡ ଓ ଭତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ କୋରେଇ ବ୍ଲକ୍‌ର ୧୨୫୪ ପରିବାରର ମୋଟ ୪ ହଜାର ୪୮ ଜଣ ସଦସ୍ୟଙ୍କୁ ରାଶନକାର୍ଡ ପ୍ରଦାନ କରାଯାଇଥିବାବେଳେ ମଧୁବାବୁ ପେନ୍‌ସନ୍ ଯୋଜନାରେ ୫୪୪ ଜଣଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଏବଂ ୪୮ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ବାବଦରେ ୮ ଲକ୍ଷ ୮୮ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏପିଓ ରବି ନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମାତାଜି ଆଏଚ, ଅମୂଲ୍ୟ କୁମାର ମହାନ୍ତି, କେ.ଆକସ୍ମିକା ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଳାଦ୍ରୀ ଭୁଷଣ ସାହୁ, ସୁରେଖା ସେଠୀ, ଦିପ୍ତୀମୟୀ କୁଅଁର, ସୌଭାଗ୍ୟ ମହାନ୍ତି, ନିର୍ମଳା ରାଉତ, ପ୍ରକାଶ ମଲ୍ଲିକ, ଗଣେଷ ସାହୁ, ରୁନୁ ଭୂୟାଁଙ୍କ ସମେତ ବହୁ ଜନ ପ୍ରତିନିଧି ଏବଂ ହିତାଧିକାରୀ ଉପସ୍ଥିତ ଥିଲେ।

### ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ

**ବରୀ,୩।୧୦(ସ୍ୱ.ପ୍ର.):** ବରୀ ନିର୍ବାଚନମଣ୍ଡଳୀ ଅଧୀନ ସ୍ୱାଇଁଖଣ୍ଡ ପଞ୍ଚାୟତରେ ବୁଧବାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ ହୋଇଛି। ଏ ନେଇ ପ୍ରଶାସନ ପକ୍ଷରୁ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ପ୍ରଶାନ୍ତ କୁମାର ପାଢ଼ି ସଭାପତିତ୍ୱ କରିଥିଲେ। ବରୀ ବିଧାୟକ ଦେବାଶିଷ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଏହି ଯୋଜନାରେ ବରୀରେ କେହି ଉପାସ ରହିବେ ନାହିଁ ବୋଲି କହିଥିଲେ। ବରୀ ବ୍ଲକରେ ୧ ଲକ୍ଷ ୨୭ ହଜାର ୪୯୧ ପରିବାର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବାବେଳେ ୧୦ ହଜାର ୪୧ ଜଣ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇପାରିଛନ୍ତି। ପ୍ରଥମ କରି ୪୬ ଜଣ ହିତାଧିକାରୀଙ୍କୁ ବିଧାୟକ ନାୟକ ଖାଦ୍ୟ ବଣ୍ଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ନୀରିକ୍ଷକ ପ୍ରଶାନ୍ତ କୁମାର ନାୟକ, ହୃଦାନନ୍ଦ ପଣ୍ଡା, ଭିଏଲଡବ୍ଲ୍ୟୁ, ଜିଆରଏସ୍, ସ୍ୱାଇଁଖଣ୍ଡ ସରପଞ୍ଚ କିରଣବାଳା ଜେନା, ବିଜୟ କୁମାର ଜେନା, ଅଶୋକ ସାମଲ, କେଦାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ଟୁନି ଢାବାରେ ଚଢାଉ, ଜଣେ ଗିରଫ

**କୋରେଇ,୩।୧୦(ସ୍ୱ.ପ୍ର.):** ଏସ୍‌ଡିପିଓ ପି.କେ ସାହୁଙ୍କ ତତ୍ତ୍ୱାବଧାନରେ ବୁଧବାର ରାତିରେ ଜିଲା ପୋଲିସ ମୁଖ୍ୟାଳୟର ସ୍ପେଶାଲ ବ୍ରାଞ୍ଚ କୋରେଇ ଥାନା ଅନ୍ତର୍ଗତ ରଗଡ଼ି ଛକ ନିକଟ ଟୁନି ଢାବାରେ ଚଢାଉ କରି ବିପୁଳ ପରିମାଣର ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ କାହ୍ନା ପରିଡା। ଢାବା ମାଲିକ ଫେରାର ଥିବା ଜଣାପଡ଼ିଛି।

### କାଚରାସାହି ଗ୍ରାମରେ ସଫେଇ କାର୍ଯ୍ୟକ୍ରମ

**କୋରେଇ,୩।୧୦(ସ୍ୱ.ପ୍ର.):** କୋରେଇ ବ୍ଲକ ଅନ୍ତର୍ଗତ କାଚରାସାହି ପଞ୍ଚାୟତ କାଚରାସାହି ଗ୍ରାମରେ ଚଣ୍ଡୀ କ୍ଲବ ପକ୍ଷରୁ ମଙ୍ଗଳବାର ସଫେଇ କାର୍ଯ୍ୟକ୍ରମ କରାଯାଇଛି। ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ କରାଯିବା ସହ ଗ୍ରାମରେ ଥିବା ଡ୍ରେନ୍, ନଳକୂପ ଓ ପୋଖରୀ ସଫା କରିଥିଲେ। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଯୁବକ ସଫେଇ କାର୍ଯ୍ୟକ୍ରମରେ ଯୋଗଦେବା ସହ ଘରଘର ବୁଲି ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୋଇ ପାଇଖାନା ନିର୍ମାଣ କରିବାକୁ ଲୋକଙ୍କୁ ବୁଝାଇଥିଲେ। ସୋମନାଥ ବାରିକ, ଆଲୋକ ରଞ୍ଜନ ମଳିକ, ନରେଶ ପୃଷ୍ଟି, ସିଲୁ ବେହେରା, ସତ୍ୟନାରାୟଣ ପଟ୍ଟନାୟକ, ରବୀନ୍ଦ୍ର ବେହେରା, ପ୍ରଶାନ୍ତ ସାହୁ, ଚନ୍ଦ୍ରଶେଖର ସାହୁ, କାର୍ତ୍ତିକ ସେଠୀ, ହେମନ୍ତ ବାରିକ, ବିପିନ୍ ବାରିକ ପ୍ରମୁଖ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ୍ ହୋଇଥିଲେ।

■ ସଚେତନତା କର୍ମଶାଳାରେ ସୀମିତ ସଫଳତା

# ଲୋକ ପ୍ରତିନିଧିଙ୍କ ଚାପରେ ଯୋଜନା ବାଟବଣା

**ଯାଜପୁର ଅଫିସ,୩।୧୦**

ପ୍ରତ୍ୟେକ ସରକାରୀ ଯୋଜନା ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ। ଏହିସବୁ ଯୋଜନାକୁ ସଂପୃକ୍ତ ବିଭାଗ କାର୍ଯ୍ୟକାରୀ କରିବାକୁ ନିୟୋଜିତ ରହିଛନ୍ତି। କିନ୍ତୁ କେତେକ ଲୋକ ପ୍ରତିନିଧିଙ୍କ ଚାପରେ ବିଭିନ୍ନ ଲୋକହିତକର ଯୋଜନା ବାଟବଣା ହେଉଛି। ଏହାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟକୁ ପହଞ୍ଚି ପାରୁନାହିଁ। ବିଶେଷ କରି ଯାଜପୁର ଜିଲାରେ ଏହାର ପ୍ରଭାବ ବେଶି ପଡିଛି। ପ୍ରଧାନମନ୍ତ୍ରୀ ଅବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ରାଜୀବ ଆବାସ ଆଦି ଯୋଜନାରେ ଅଧିକ ଚଞ୍ଚକତା କରାଯାଉଛି। ବିଞ୍ଝାରପୁର ବ୍ଲକରେ ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ପ୍ରମାଣିତ ହୋଇ ସାରିଥିଲେ ହେଁ ତଦନ୍ତ କେବଳ କାଗଜକଲମରେ ସୀମିତ ରହିଛି। ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଦବଦବା ଯୋଗୁ ତଦନ୍ତ ଆଗକୁ ଯାଇ ପାରୁ ନ ଥିବା ସ୍ପଷ୍ଟ ଜଣାପଡୁଛି। ସେହିପରି ଯାଜପୁର ପୌର ପରିଷଦରେ ରାଜୀବ ଆବାସ ଯୋଜନାରେ ଝୁମ୍ପୁଡିବାସୀଙ୍କ ନାମରେ ୪.୧୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଟ୍ରାନଜିଟ ହାଉସ ମାର୍କେଟ କମ୍ପ୍ଲେକ୍ସରେ ପରିଣତ ହୋଇଛି। ସିଏଜି ରିପୋର୍ଟରେ ଏହା ଧରାପଡିଥିଲେ ହେଁ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଚାପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ। ଲୋକାଲ ଅଡିଟ ଫଣ୍ଡରେ ବଡଚଣା ନିର୍ବାଚନ ମଣ୍ଡଳିରେ ଏମଏଲଏ ଲାଡ ପାଣ୍ଠିର ଦୂରୁପଯୋଗ ହୋଇଥିବା ସ୍ପଷ୍ଟ ଜଣାପଡିଛି। ଜିଲାରେ ଏଭଳି ଅନେକ ଦୃଷ୍ଟାନ୍ତ ରହିଛି, ଯେଉଁଥିପାଇଁ ରାଜ୍ୟ ସରକାର ବଦନାମ ହେଉଛି। ଯାଜପୁର ଜିଲାର କେତେକ ପ୍ରଭାବଶାଳୀ ରାଜନେତାଙ୍କ କବଜାରେ ଥିବା ପ୍ରଶାସନ ମଧ୍ୟ ନୀରବଦ୍ରଷ୍ଟା ସାଜିଛି। ଏହିକ୍ରମରେ ଜିଲା ପ୍ରଶାସନ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ମିଳିତ ସହଯୋଗରେ ସରକାରୀ ଯୋଜନା ସଚେତନତା କାର୍ଯ୍ୟକ୍ରମ ଓ ଓଡିଶା ଲୋକସେବା ଅଧିକାର ଅଧିନିୟମ ପ୍ରଶିକ୍ଷଣ କେତେଦୂର କାର୍ଯ୍ୟକାରୀ ହେବ ତାହା ସହଜେ ଅନୁମେୟ। ତବେ ଜନପ୍ରତିନିଧିମାନେ ଯୋଜନା ଓ ସରକାରୀ କାର୍ଯ୍ୟାଳୟ ସମ୍ପର୍କରେ ଅବଗତ ହେଲେ ହିଁ ସାଧାରଣ ଲୋକଙ୍କୁ ସେବା ଯୋଗାଇବା ସହଜ ହୋଇପାରିବ ବୋଲି ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର କର୍ମଶାଳାରେ ମତବ୍ୟକ୍ତ କରିଛନ୍ତି। ବୁଧବାର ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ୨ ଦିନିଆ ଏହି କର୍ମଶାଳାକୁ ଉଦଘାଟନ କରି ଜିଲା ପରିଷଦ ସଭାପତି ମହାନ୍ତି କହିଥିଲେ ଯେ, ଏହାର ଉପଯୋଗ କାର୍ଯ୍ୟ ନିର୍ବାହକୁ ତ୍ୱରାନ୍ୱିତ କରିବ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ବିଭିନ୍ନ ଉଦାହରଣ ଛଳରେ ଜାଣିଲେ, ଜିଣିବା ଓ ଜାଣିବାର ଅଧିକାର ସମସ୍ତଙ୍କ ବୋଲି ମତବ୍ୟକ୍ତ କରିଥିଲେ। ସହକାରୀ ଜିଲାପାଳ ଉମେଶଚନ୍ଦ୍ର ଲେଙ୍କାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ଡେପୁଟୀ କଲେକ୍ଟର ଶେତକୁମାର ଦାସ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ସହକାରୀ ଜିଲାପାଳ ତିଳୋତ୍ତମା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ବିଷୟ ବିଷାରଦ ରାଜକିଶୋର ପଟ୍ଟନାୟକ ଓ ମଞ୍ଜୁଳା ଆଚାର୍ଯ୍ୟ କର୍ମଶାଳା ସମ୍ପର୍କରେ ବିଷଦ ଆଲୋଚନା କରିବା ସହ ଲୋକ ପ୍ରତିନିଧିଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିମାନେ ଯୋଗ ଦେଇଥିଲେ। ତେବେ କେବଳ ଭାଷଣବାଜି ନୁହେଁ ଗରିବ, ଅସହାୟ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାକୁ ଉପଯୁକ୍ତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ବୈଠକରେ କେତେକ ମତବ୍ୟକ୍ତ କରିଛନ୍ତି।

**ଦବି ଯାଉଛି ସିଏଜି, ଲୋକାଲ ଫଣ୍ଡ ଅଡିଟ ରିପୋର୍ଟ**



ସଚେତନତା କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

## ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ




ପଦଯାତ୍ରାରେ ମଞ୍ଚାସୀନ ଅତିଥିବୃନ୍ଦ।

**କୋରେଇ,୩।୧୦(ସ୍ୱ.ପ୍ର.)**

କୋରେଇ ବିଜେଡି ପକ୍ଷରୁ ମଙ୍ଗଳବାର ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଛି । ଏହି ପଦଯାତ୍ରା ଏକ ମାସ ପର୍ଯ୍ୟନ୍ତ ଚାଲିବ। ଖମଣ ପଞ୍ଚାୟତର ଠାକୁର ପାଟଣା ଛକଠାରୁ ଶଙ୍ଖଚିଲା ହାଟ ପଡିଆ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା । ପଦଯାତ୍ରାରେ ଶତାଧିକ ମହିଳାଙ୍କ ଯୋଗଦାନ ବିଧାୟକ ଆକାଶ ଦାସନାୟକଙ୍କ କାର୍ଯ୍ୟଦକ୍ଷତାର ପରିଚୟ ଦେଇଛି । ଏହି ଅବସରରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ବିଧାୟକ ଆକାଶ ଦାସ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷା ଅମୂଲ୍ୟ ବାଳା ପାତ୍ର, ଧରଣୀଧର ଘଡାଇ, ମାତାଜୀ ଆଏଚ, ପ୍ରୀତିରଞ୍ଜନ ସାହୁ, ପ୍ରହଲ୍ଲାଦ ପଣ୍ଡା, ପିନାକ ରଞ୍ଜନ ଦାସ, ସୁରେନ୍ଦ୍ର ମିଶ୍ର, ବଳରାମ ସାହୁ, ସୁଧାଂଶୁ ବରାଳ, ମାନସ ମହାନ୍ତି, ସୁବାସ ବଳ, ଧନେଶ୍ୱର ବାରିକ, ଅତୟ କୁମାର ମହାନ୍ତି, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ନିର୍ମଳା ରାଉତ, ରୁନୁବାଳା ଭୂୟାଁ, ଗୋପାଳ ସେଠୀ, ପ୍ରକାଶ ମଲିକ, ସୁରେଖା ସେଠୀ, ଅଶୋକ ବାରିକ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ କର୍ମୀଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ କୁମାର ବେହେରା, ଶିତେସ ପରିଡା, ସଞ୍ଜିବ ନାୟକ, ମନୋଜ ପରିଡା, ମଣିନ୍ଦ୍ର ସାହୁ, କୈଳାସ ସାହୁ, ଗୋଲକ ମାଝୀ, ବଳରାମ ସେଠୀ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ଧନେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଓଲେଇ ଚନ୍ଦନପୁର ପଞ୍ଚାୟତରେ ଡେଙ୍ଗୁ ଆତଙ୍କ

## ପହଞ୍ଚିଲା ସ୍ୱାସ୍ଥ୍ୟ ଅଧିକାରୀ ଟିମ୍

**ସିଂହପୁର,୩।୧୦(ଡି.ଏନ୍.ଏ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଓଲେଇ ଚନ୍ଦନପୁର ପଞ୍ଚାୟତରେ ଡେଙ୍ଗୁରେ ୬ ଜଣ ଆକ୍ରାନ୍ତ ହୋଇଛନ୍ତି। ସ୍ୱାସ୍ଥ୍ୟ ଅଧିକାରୀ ଟିମ୍ ବୁଧବାର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରିଛି। ଅଳିଆ ଅବର୍ଜନା ଜମିବା, ଅଚଳ କୂପରେ ଜମି ରହିଥିବା ପଚା ପାଣି ଯୋଗୁ ଡେଙ୍ଗୁ ବ୍ୟାପୁଥିବା ଜଣାପଡିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ପ୍ରତିକାର ପାଇଁ ସଚେତନତା କରାଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ବ୍ଲିଚିଂ ପାଉଡର ଓ ମଶା ମରା ଔଷଧ ଦିଆଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ବୁଧବାର ସ୍ୱାସ୍ଥ୍ୟ ବିଭାଗ ପହଞ୍ଚିବା ପରେ ସାଧାରଣ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଞ୍ଝାରପୁର ଜନସ୍ୱାସ୍ଥ୍ୟ ଅଧିକାରୀ ରଜତ ମିଶ୍ର, ଏସ.କେ ସୁଜାଇନ, ଏନ.ଏମ୍ ଅନପୂର୍ଣ୍ଣା ପାଢୀ ଡେଙ୍ଗୁ ଅଞ୍ଚଳ ଅନୁଧାନ କରିଥିଲେ।



ସ୍ୱାସ୍ଥ୍ୟ ଅଧିକାରୀ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

### ଚଳନ୍ତା ଟ୍ରେନ୍‌ରୁ ସ୍ତ୍ରୀଙ୍କୁ ଠେଲି ଦେଇଥିବା ଅଭିଯୋଗ: ସ୍ୱାମୀ ଗିରଫ

**ଯାଜପୁରରୋଡ,୩।୧୦(ନି.ପ୍ର.)**

ଚଳନ୍ତା ଟ୍ରେନରୁ ସ୍ତ୍ରୀଙ୍କୁ ଠେଲି ଦେଇଥିବା ଅଭିଯୋଗରେ ମଙ୍ଗଳବାର ଯାଜପୁରରୋଡ ରେଳବାଇ ପୋଲିସ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗସ୍ଥିତ ପୂର୍ବ ମେଦିନାପୁର ଏଗରା ଜିଲାର ରବି ମାଝି । ଏ ନେଇ ପୋଲିସ ଏକ ମାମଲା(୬୩/୧୮) ରୁଜୁ କରିଛି। ସୂଚନାଯୋଗ୍ୟ, ଗତ ରବିବାର ଇଷ୍ଟକୋଷ୍ଟ ଏକ୍ସପ୍ରେସରୁ ରବି ତାଙ୍କ ସ୍ତ୍ରୀ ସାବିତ୍ରୀ ଦାସଙ୍କୁ ଯଖପୁରା ରେଳଷ୍ଟେଶନରେ ଠେଲି ଦେଇଥିଲେ । ଫଳରେ ସ୍ତ୍ରୀଙ୍କ ଗୋଡ କଟିଯାଇଥିଲା । ଏ ସମ୍ପର୍କରେ ଯାଜପୁର ରେଳବାଇ ଫାଣ୍ଡିରେ ଅଭିଯୋଗ ହୋଇଥିଲା । ଫାଣ୍ଡି ଅଫିସର ସରୋଜ କୁମାର ଦାସ ଘଟଣାର ତଦନ୍ତ କରୁଥିଲେ । ରବିଙ୍କ ବୟାନ ଅନୁସାରେ ସ୍ତ୍ରୀଙ୍କ ସହ ଝଗଡା ହେବାରୁ ସେ କ୍ରୋଧାନ୍ୱିତ ହୋଇ ଚଳନ୍ତା ଟ୍ରେନରୁ ପେଲିଦେବା ସହ ନିଜେ ମଧ୍ୟ ଡେଇଁ ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଦାନଗଦୀ ପୋଲିସ ଡାକ୍ତରଖାନାରୁ ତାଙ୍କୁ ଗିରଫ କରିଥିଲା ।

## ଟ୍ରାଫିକ୍ ସମସ୍ୟା ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

**ଚଣ୍ଡିଖୋଲ,୩।୧୦(ଡି.ଏନ.ଏ)**

ଯାଜପୁର ଜିଲାର ପ୍ରବେଶ ପଥ ଭାବେ ପରିଚିତ ଚଣ୍ଡିଖୋଲ ଛକ ଟ୍ରାଫିକ୍ ସମସ୍ୟା ଦିନକୁଦିନ ବୃଦ୍ଧି ପାଉଛି। ଗତ ସେପ୍ଟମ୍ବର ୧୦ ତାରିଖରେ ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ନେଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ନ ହେବାରୁ ବୁଧବାର ଚଣ୍ଡିଖୋଲ ଟ୍ରାଫିକ୍ ଥାନା ପରିସରରେ ପୁନର୍ବାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଅଧ୍ୟକ୍ଷତା କରିଥିଲେ। ଚଣ୍ଡିଖୋଲ ଛକର ସମସ୍ୟା ସହ ୫ ନଂ (କ), ୫୩ ନଂ ଓ ୧୬ ନଂ ଜାତୀୟ ରାଜପଥର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜପଥରେ ହମ୍ପସ୍ ନିର୍ମାଣ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ବ୍ୟବସାୟୀଙ୍କୁ ଥଇଥାନ କରିବା, ଯାତ୍ରୀ ବିଶ୍ରାମଗାର, ଉନ୍ନତମାନର ବସ୍‌ଷ୍ଟାଣ୍ଡ ନିର୍ମାଣ, ପାର୍କିଂ ବ୍ୟବସ୍ଥା, ପରିମଳ ବ୍ୟବସ୍ଥା ଉପରେ ବିଧାୟକ ଶତପଥୀ ବିଶେଷ ଗୁରୁତ୍ୱ ଦେଇଥିଲେ। ଡୁବୁରୀଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ସୃଷ୍ଟି ହୋଇଥିବା ଖାଲଖମାଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ପୂରଣ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସ୍ୱୟଂଚାଳିତ ଟ୍ରାଫିକ୍ ସିଗନାଲ୍ ବ୍ୟବସ୍ଥା ଓ ରାଜପଥ ଉପରେ ଚାଳକଙ୍କ ନିମନ୍ତେ ରେଡିୟମ ସିଗନାଲ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଯାଜପୁର ଏସ୍‌ପି ଚରଣ ସିଂ ମୀନା ପ୍ରସ୍ତାବ ରଖିଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଏଥିରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଯାଜପୁର ଜିଲା ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଜାତୀୟ ରାଜପଥ ଓଡ଼ିଶା ମୁଖ୍ୟ ଆର.ବି. ପଣ୍ଡା, ୧୬ ନଂ ଜାତୀୟ ରାଜପଥ ପକଳ୍ପ ଅଧିକାରୀ ଶିଶୁ ମୋହନ, ଜାତୀୟ ରାଜପଥ ୫୩ ନଂ ଜେନେରାଲ ମ୍ୟାନେଜର ପି.କେ. ସାବତ, ୫ ନଂ (କ)ର ମୁଖ୍ୟ ଯନ୍ତ୍ରୀ ପୁଜା ମିଶ୍ର, ଅଶୋକ କୁମାର ଦାଶ, ଚଣ୍ଡିଖୋଲ ଆର.ଟି.ଓ ଲାଲମୋହନ ସେଠୀ, କେଦାରନାଥ ସାହୁ, ଅରବିନ୍ଦ ସାମଲ, ସଭ୍ୟା ସୁମତୀ ବାସ୍କେ, ଚାଚାଲିନ୍ ସ୍ୱାଇଁ, ସଂଜୟ ସ୍ୱାଇଁ, ସନ୍ତୋଷ କୁମାର ରାଉତ, ପୁଷ୍ପରାଜ ନାୟକ, ଦୀଲିପ କୁମାର ଚୌଧୁରୀ, ଗଣେଶ୍ୱର ବରାଳ, ନିରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇଥିଲେ। ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ଚଣ୍ଡିଖୋଲ ଟ୍ରାଫିକ ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ମାରାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟାନ୍ୟ ଅତିଥିବୃନ୍ଦ।

# ସରିଲା ନାମାଙ୍କନପତ୍ର ଦାଖଲ: ବିଜୟ ପାଇଁ ରଣକୌଶଳ

### ସାଧୁଗୌଡ଼େଶ୍ୱର ମହାବିଦ୍ୟାଳୟ

**ଦଶରଥପୁର,୩।୧୦(ଡିଏନ୍‌ଏ):** ଛାତ୍ର ସଂସଦ ନିର୍ବାଚନ ପାଇଁ ଦଶରଥପୁର ବ୍ଲକ ଅଧୀନ ସାଧୁଗୌଡ଼େଶ୍ୱର ମହାବିଦ୍ୟାଳୟର ଆଶାୟୀ ପ୍ରାର୍ଥୀ ବୁଧବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଦଳର ପତିଆରାକୁ ବୃଦ୍ଧି କରିବା ସହ ଦଳୀୟ ସମର୍ଥନରେ ପ୍ରାର୍ଥୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଜିତାଇବା ପାଇଁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ଲାଗିପଡ଼ିଛନ୍ତି । ଏ ନେଇ ଛାତ୍ର ବିଜେଡି ପକ୍ଷରୁ ମହାବିଦ୍ୟାଳୟଠାରୁ କିଛି ଦୂରରେ ଅବସ୍ଥିତ ସାଧୁଗୌଡେଶ୍ୱର ମନ୍ଦିର ସମ୍ମୁଖ ହାଟ ପଡିଆଠାରେ ନିର୍ବାଚନ ରଣନୀତି ପ୍ରସ୍ତୁତି ସମ୍ବନ୍ଧରେ ଦଳୀୟ ନେତା ଓ କର୍ମୀଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିମିରକାନ୍ତି ସେନାପତି ସଭାପତିତ୍ୱ କରିଥିଲେ। ବିଜେଡିର ଯାଜପୁର ଜିଲା ସଭାପତି ସରୋଜ ମହାପାତ୍ର, ଦଶରଥପୁର ବ୍ଲକ ଅଧକ୍ଷା ସୁଜାତା ସାହୁ, ରଞ୍ଜନ ପୃଷ୍ଟି, ମଙ୍ଗଳପୁର ସରପଞ୍ଚ ଶିଶିର ଧଳ, ଭାଗିରଥି ସାହୁ, ବିରଜା ମଲ୍ଲିକ୍, ଚୌବନ ବାରିକ୍, ସୁବାସ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜେଡି ସମସ୍ତ ଆସନ ପାଇଁ ପ୍ରାର୍ଥୀ ଦେଇଥିବାବେଳେ ଭାଜପା ଏବଂ କଂଗ୍ରେସ ସମସ୍ତ ଆସନ ପାଇଁ ପ୍ରାର୍ଥୀ ଦେଇପାରି ନ ଥିଲେ। ତେବେ ମିଳିତ ମଞ୍ଚ ନାମରେ ଗଠିତ ହୋଇଥିବା ଏହି ମଞ୍ଚକୁ ଜିଲା ସଭାପତି ମହାପାତ୍ର କଡ଼ା ସମାଲୋଚନା କରିଥିଲେ। ସଭା ଶେଷ ହେବା ପରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ବିଜେଡି ପକ୍ଷରୁ ରାଜେଶ ପଣ୍ଡା ସଭାପତି, ଜ୍ୟୋତି ପ୍ରକାଶ ଶତପଥୀ ଉପସଭାପତି, ଶ୍ରୀନିବାସ ଲେଙ୍କା ସାଧାରଣ ସମ୍ପାଦକ, ସତ୍ୟରଞ୍ଜନ ମଲ୍ଲିକ୍ ଯୁଗ୍ମ ସମ୍ପାଦକ ଓ ଅନ୍ୟାନ୍ୟ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ମିଳିତ ମଞ୍ଚ ତରଫରୁ ଦୀପକ ଦାସ ସଭାପତି, ବିମଳ କୁମାର ନାୟକ ଉପସଭାପତି, ଅମିୟ ରଞ୍ଜନ ତ୍ରିପାଠୀ ସାଧାରଣ ସମ୍ପାଦକ, ମଳୟ ରଞ୍ଜନ ତରାଇ ଯୁଗ୍ମସମ୍ପାଦକ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।



ନିର୍ବାଚନ ପାଇଁ ଛାତ୍ର ବିଜେଡି ପକ୍ଷରୁ ଆୟୋଜିତ ବୈଠକ।

### ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ

**ଯାଜପୁରରୋଡ,୩।୧୦(ନି.ପ୍ର.):** ଛାତ୍ରସଂସଦ ନିର୍ବାଚନ ପାଇଁ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ବୁଧବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଜୋରସୋର ପ୍ରସ୍ତୁତି କରାଯାଉଛି । ୨୦୧୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ୩ ଦଳର ନେତୃବୃନ୍ଦ ଛାତ୍ରସଂସଦ ନିର୍ବାଚନ ପାଇଁ ପ୍ରାର୍ଥୀ ମନୋନୀତ କରିଛନ୍ତି । ଭାଜପା, ବିଜେଡି ଓ ଛାତ୍ର କଂଗ୍ରେସର ଭିନ୍ନ ଭିନ୍ନ ଶୋଭାଯାତ୍ରାରେ ମହାବିଦ୍ୟାଳୟକୁ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଶାନ୍ତ ବାତାବରଣ ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା । ୨ ବର୍ଷ ଧରି ନିର୍ବାଚନ ବାତିଲ ହୋଇଥିବାରୁ ଚଳିତ ବର୍ଷ ଶାନ୍ତିଶୃଙ୍ଖଳା ସହ ନିର୍ବାଚନ ସମାପନ କରିବା ପାଇଁ ୩ ଦଳର ଛାତ୍ରନେତା ଉଦ୍ୟମ ଜାରି ରଖିଛନ୍ତି । ବିଜେଡି ପକ୍ଷରୁ ଦିବ୍ୟଜ୍ୟୋତି ନାୟକ ସଭାପତି, ଅଭିଜିତ୍ ଦାସ ସମ୍ପାଦକ, କଂଗ୍ରେସ ପକ୍ଷରୁ ଶୁଭକାନ୍ତ ପାତ୍ର ସଭାପତି, ତୃପ୍ତିରଞ୍ଜନ ସାହୁ ସମ୍ପାଦକ, ଏବିଭିପି ପକ୍ଷରୁ ବିଶ୍ୱଜିତ୍ ସାହୁ ସଭାପତି, ରଞ୍ଜନ କୁମାର ବଳ ସମ୍ପାଦକ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଗୁରୁବାର ଚୂଡ଼ାନ୍ତ ପ୍ରାର୍ଥୀପତ୍ର ପ୍ରକାଶ ପାଇବ ବୋଲି କଲେଜ ଅଧକ୍ଷ ହେମନ୍ତ କୁମାର ରାଉତ ସୂଚନା ଦେଇଛନ୍ତି । ସିଦ୍ଧାର୍ଥ ଶଙ୍କର ସାମଲ, ଛାତ୍ର କଂଗ୍ରେସ ପକ୍ଷରୁ କୋରେଇ ନିର୍ବାଚନମଣ୍ଡଳୀ ଯୁବକଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ ପ୍ରମୁଖ ନିଜ ନିଜ ଦଳର ନିର୍ବାଚନ ପରିଚାଳନା କରିଥିଲେ ।

### ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ

**ରତ୍ନଗିରି,୩।୧୦(ଡି.ଏନ୍.ଏ):** ବରୀ ଅଞ୍ଚଳର ସର୍ବପୁରାତନ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ ବୁଧବାର ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା। ହେଲେ ସନ୍ଧ୍ୟାରେ କେତେଜଣ ଛାତ୍ର କଲେଜ ପରିସରରେ ଅଧକ୍ଷଙ୍କ କାର୍ଯ୍ୟାଳୟ ନିକଟରେ ଥିବା ବିଭିନ୍ନ ଆସବାସ ପତ୍ର ଭଙ୍ଗାରୁଜା କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ନାମାଙ୍କନ ପତ୍ର ଦାଖଲ ପରେ ନିର୍ବାଚନକୁ ନେଇ ରାଜନୀତି ହେଉଥିବା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଅଭିଯୋଗ କରିଥିଲେ । ଅଭିଯୋଗ କରିଥିବା ଛାତ୍ର ଭଙ୍ଗାରୁଜା କରିଛନ୍ତି ବୋଲି ଅଧକ୍ଷଙ୍କ ତରଫରୁ ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ପରିସ୍ଥିତିକୁ ଆୟତ୍ତ କରିବା ପାଇଁ ଥାନା ପକ୍ଷରୁ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି। ସଭାପତି ପଦ ପାଇଁ ୪, ଉପ ସଭାପତି ପାଇଁ ୧, ସାଧାରଣ ସମ୍ପାଦକ ୟପାଇଁ ୩, କ୍ରୀଡା ସମ୍ପାଦକ ପାଇଁ ୩, ନାଟ୍ୟ ସମ୍ପାଦକ ପାଇଁ ୨, ବିଜ୍ଞାନ ବିଭାଗ ସମ୍ପାଦକ ୧, ବାଣିଜ୍ୟ ବିଭାଗ ସମ୍ପାଦକ ପାଇଁ ଜଣେ ନାମାଙ୍କନ ପତ୍ର ଦାଖଲ କରିଥିବା ସୂଚନା ମିଳିଛି ।



ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ ଭଙ୍ଗାରୁଜା କରାଯାଇଛି।

### ମହାପୁରୁଷ ହାଡିଦାସ, ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ

**ଚଣ୍ଡିଖୋଲ/ଛତିଆ ୩।୧୦(ଡି.ଏନ.ଏ):** ଉଚ୍ଚ ଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁଯାୟୀ ବୁଧବାର ସମସ୍ତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ବଡ଼ଚଣା ବ୍ଲକର ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଚଣ୍ଡିଖୋଲ, ବିଷ୍ଣୁସାମନ୍ତରାୟ ମହାବିଦ୍ୟାଳୟ ନୂଆହାଟ, ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ଛତିଆର ଛାତ୍ରୀଛାତ୍ର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଭିନ୍ନ ଛାତ୍ର ସଙ୍ଗଠନ ତରଫରୁ ପ୍ରାର୍ଥୀମାନେ ଶୋଭାଯାତ୍ରା ଯାଇ ନାମାଙ୍କନ ଦାଖଲ କରିଥିଲେ। ସେହିପରି ଛାତ୍ର ସଂସଦ ନିର୍ବାଚନ ପାଇଁ ଛତିଆସ୍ଥିତ ମହାପୁରୁଷ ହାଡିଦାସ ମହାବିଦ୍ୟାଳୟରେ ବୁଧବାର ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ପ୍ରାର୍ଥୀମାନେ ସମର୍ଥକଙ୍କ ଗହଣରେ ମହାବିଦ୍ୟାଳୟ ପରିସରରୁ ଶୋଭାଯାତ୍ରାରେ ବାହାରିନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସଭାପତି ପାଇଁ ୩, ସମ୍ପାଦକ ପାଇଁ ୩, ଉପସଭାପତି ପାଇଁ ୨ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ଖେଳ ସମ୍ପାଦକ ପାଇଁ ୧ ଓ ସହକାରୀ ଖେଳ ସମ୍ପାଦକ ପାଇଁ ଜଣେ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି ।

## ସଂକ୍ଷେପରେ

### ମାଙ୍କଡ଼ା ପଥର କ୍ୱାରୀରେ ଖସି ବୃଦ୍ଧ ମୃତ

ଓଡ଼ଗାଁ,୩।୧୦(ସ୍ୱ.ପ୍ର.):ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ଓ ଥାନା ଅନ୍ତର୍ଗତ ଟାଙ୍ଗିଆ ସାହି ନିକଟସ୍ଥ ମାଙ୍କଡା ପଥର କ୍ୱାରୀ(ଖଣି)ରେ ପଡି ବେଣୁ ନାହାକ(୬୦) ନାମକ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ବେଆଇନ ଭାବେ ମାଙ୍କଡା ପଥର ଖୋଲାଯିବା ପରେ ସେଠାରେ ଏକ ବଡ ଧରଣର ବାର୍ଣ୍ଣି ସୃଷ୍ଟି ହୋଇଥିଲା । ଏହାକୁ ନିକଟସ୍ଥ ଗ୍ରାମବାସୀ ଶୌଚାଦି କାର୍ଯ୍ୟ ନିମନ୍ତେ ବ୍ୟବହାର କରୁଥିଲେ। ଏପରିସ୍ଥଳେ ବେଣୁ ମଙ୍ଗଳବାର ସନ୍ଧ୍ୟାରେ ସେଠାକୁ ସୌଚ ହେବା ନିମନ୍ତେ ଯାଇଥିବାବେଳେ ଗୋଡ ଖସି ପ୍ରାୟ ୬ ଫୁଟ ପାଣି ଭିତରକୁ ଚାଲିଯାଇଥିଲେ। ତାଙ୍କର ପୁଅ ବୋହୂମାନେ କାମଧନ୍ଦା ନିମନ୍ତେ ଭୁବନେଶ୍ୱରରେ ରହୁଥିବା ବେଳେ ସେ ପତ୍ନୀଙ୍କ ସହିତ ଗାଁରେ ରହୁଥିଲେ। ବୃଦ୍ଧଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ମୃତ ଦେହ ଜବତ କରିବା ସହିତ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ୯/୧୮ ରୁଜୁ ହୋଇଥିବା ଜଣାଯାଇଛି । ଅନ୍ୟପକ୍ଷେ ବୃଦ୍ଧଙ୍କ ମୁଣ୍ଡର ପଛ ପାର୍ଶ୍ୱ ଓ ମୁହଁରେ କ୍ଷତ ଚିହ୍ନ ଥିବାରୁ ତାଙ୍କ ମୃତ୍ୟୁର କାରଣକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ।

### ୧ ଘଣ୍ଟା ଅନ୍ଧାରରେ ରହିଲା ଡାକ୍ତରଖାନା



ନୟାଗଡ଼ ଅଫିସ,୩।୧୦: ବୁଧବାର ସନ୍ଧ୍ୟାରେ ପ୍ରାୟ ଏକଘଣ୍ଟା ଅନ୍ଧାରରେ ରହିଲା ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ। ଏହି ସମୟରେ ଡାକ୍ତରଙ୍କ ଠାରୁ ଆରମ୍ଭ କରି ରୋଗୀମାନେ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟା ୭ଟା ୩୦ରେ ଲାଇନ୍ କଟି ଯାଇଥିଲା। ମେଡ଼ିକାଲ୍‌ରେ ଜେନେରେଟର ବନ୍ଦୋବସ୍ତ ଥିଲା ବେଳେ ମଧ ଏହାକୁ କଣ ପାଇଁ ଲଗା ଯାଇ ନ ଥିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହି ସମୟରେ ରୋଗୀମାନେ ଲାଇନ୍ କରି ଡାକ୍ତରଙ୍କୁ ଦେହ ଦେଖାଉଥିବା ବେଳେ ଡାକ୍ତରମାନେ ମଧ ଟର୍ଚ୍ଚ ଲାଇଟ୍ ଆଲୁଅରେ ପ୍ରେସ୍କ୍ରିପସନ୍ ଲେଖୁଥିବା ଦେଖିବାକୁ ମିଳିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହିଭଳି ଅବ୍ୟବସ୍ଥା ହେଉଥିବା ବେଳେ ଅନ୍ୟ ଉପାନ୍ତ ଅଞ୍ଚଳରେ ଲାଇନ୍ ଚାଲିଗଲେ କିପରି ଭାବେ ରୋଗୀସେବା ହେଉଥିବା ତାହା ସହଜରେ ଅନୁମେୟ। ଏ ନେଇ ମେଡ଼ିକାଲ୍ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ଉତ୍ତର ମିଳି ନ ଥିଲା।

### ଚୁଆରେ ପଡ଼ି ଯୁବକ ମୃତ

ଖୋର୍ଦ୍ଧା ଅଫିସ/ବୋଲଗଡ,୩।୧୦: ଚୁଆରେ ପଡି ବୋଲଗଡ ବ୍ଲକ ସାନପଦର ଆଦିବାସୀ ସାହିର ଶଙ୍କର ନାୟକ (୩୭) ପ୍ରାଣ ହରାଇଛନ୍ତି। ଶଙ୍କର ବୁଧବାର ଅପରାହ୍ନରେ ସ୍ଥାନୀୟ ଗହୀର ମଝିର ଚୁଆକୁ ଗାଧୋଇବାକୁ ଯାଇଥିଲେ। ଘରକୁ ନ ଫେରିବାରୁ ଖୋଜାଖୋଜି କରାଯିବାରୁ ଚୁଆରେ ପଡିଥିବା ଦେଖାଯାଇଥିଲା।

# ଚାଷୀଙ୍କୁ ଠକିଲା ଉଦ୍ୟାନ ବିଭାଗ

ନୟାଗଡ଼ ଅଫିସ,୩।୧୦

ନୟାଗଡ଼ ଜିଲା ଉଦ୍ୟାନ ବିଭାଗ ଚାଷୀମାନଙ୍କୁ ଠକିଥିବା ଅଭିଯୋଗ ହୋଇଛି। ଏ ନେଇ ଚାଷୀମାନେ ବୁଧବାର ବିଭାଗୀୟ କାର୍ଯ୍ୟାଳୟକୁ ଆସି ସେମାନଙ୍କ ପ୍ରାପ୍ୟ ଦାବି କରିଛନ୍ତି। ଯାହାକୁ ନେଇ ଉଦ୍ୟାନ ବିଭାଗ ଚର୍ଚ୍ଚାର ପରିସରକୁ ଆସିଛି । ଏହାର ସମାଧାନ ପାଇଁ ଚାଷୀମାନେ ପ୍ରାୟ ୩ ଘଣ୍ଟା କାଳ ଉଦ୍ୟାନ ଉପନିର୍ଦ୍ଦେଶକ(ଡିଡିଏଚ୍)ଙ୍କୁ ଘେରାଉ କରିଥିଲେ। ୨ ସପ୍ତାହ ପରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଫେରି ଯାଇଛନ୍ତି।

ଗଣିଆ ବ୍ଲକ ବିଜୟନଗର ଗ୍ରାମର ଚାଷୀ ଭିକାରୀ ଚରଣ ସାହୁଙ୍କ ଅଭିଯୋଗ ଅନୁଯାୟୀ ସେ ତାଙ୍କର ଏକ ହେକ୍ଟର ଜମିରେ ପାମ ଅଏଲ ଚାଷ କରିବା ପାଇଁ ଉଦ୍ୟାନ ବିଭାଗଠାରୁ କାର୍ଯ୍ୟାଦେଶ ପାଇବା ସହ ଗଛ ନେଇଥିଲେ। ଚଳିତବର୍ଷ ଜୁନ୍ ମାସରେ ସେ ତାଙ୍କ ଜମିରେ ଗଛ ଲଗାଇଥିଲେ। ପରେ ଗଛରେ ସାର ଦେଇ ଏହାକୁ ବଢ଼ାଇଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ଏହି ଗଛ ଲଗାଯାଇଥିବାରୁ ହେକ୍ଟର ପିଛା ୩ ବର୍ଷ ପାଇଁ ୨.୫ ଲକ୍ଷ ଟଙ୍କା ବିଭାଗ ତରଫରୁ ପ୍ରଦାନ କରାଯାଇଥାନ୍ତା। କିଛି ଦିନ ତଳେ ସେ ଆସି ଜାଣିବାକୁ ପାଇଲେ ଯେ ତାଙ୍କୁ ଉଦ୍ୟାନ ବିଭାଗ ଏମଜିଏନଆରଇଜିଏସ୍ ଯୋଜନାରେ ନ କରି ଏମଆଇଡିଏଚ୍ ଯୋଜନାରେ ସମ୍ପୃକ୍ତ କରିଛି। ଯାହା ଦ୍ୱାରା ତାଙ୍କୁ ୩ ବର୍ଷରେ ମାତ୍ର ୨୦ ହଜାର ଟଙ୍କା ମିଳିବ। ଏହା ଜାଣିବା ପରେ ସେ ଏ ନେଇ ଅଧିକାରୀଙ୍କୁ ଜଣାଇବାରୁ ସେମାନେ କିଛି



ଡିଡିଏଚ୍‌ଙ୍କ କାର୍ଯ୍ୟାଳୟରେ ଚାଷୀମାନେ।

- ୨.୫ ଲକ୍ଷ ପରିବର୍ତ୍ତେ ଦିଆଯିବ ୨୦ ହଜାର ଟଙ୍କା
- ଚାଷୀଙ୍କ ହୋହଲ୍ଲାରେ କମ୍ପିଲା କାର୍ଯ୍ୟାଳୟ
- ୩ ଘଣ୍ଟା ଧରି ଡିଡିଏଚଙ୍କୁ ଘେରିଲେ ଚାଷୀ

କରିପାରିବେ ନାହିଁ ସରକାରଙ୍କ ତରଫରୁ ଯାହା ନୀତି ନିୟମ ଅଛି। ସେହି ଅନୁସାରେ ଟଙ୍କା ମିଳିବ ବୋଲି କହିଥିଲେ। ଯାହାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଖାଲି ଭିକାରୀ ଚରଣ ନୁହନ୍ତି ଲୋକନାଥ ବେହେରା, ଜଳଧର ନାୟକ, ସୁଧୀର କୁମାର ଦଳବେହେରା, ବିଜୟ ସାହୁଙ୍କ ସମେତ ଏକାଧିକ ଚାଷୀ ଏହିଭଳି ଅଭିଯୋଗ କରିଛନ୍ତି। କିଏ ପାମ ଅଏଲ ଚାଷ କରିଛି ତ ଆଉ କିଏ କାଜୁ ଗଛ ଚାଷ କରିଛି। ଏତେ କମ୍ ଟଙ୍କା ମିଳିବା ନେଇ ଜାଣିବା ପରେ ବହୁ ଚାଷୀ ବୁଧବାର ଡିଡିଏଚ୍ କାର୍ଯ୍ୟାଳୟକୁ ଆସି ଘେରାଉ କରିଥିଲେ। ସିଧା କାର୍ଯ୍ୟାଳୟରେ ପଶି ଡିଡିଏଚ୍‌ଙ୍କ ସହିତ ଯୁକ୍ତିତର୍କ କରିଥିଲେ। ଚାଷୀମାନେ ଜୁନ୍ ମାସରେ ଗଛ ଲଗାଇ ବଢ଼ାଇ ଦେଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଉଦ୍ୟାନ ଉପ କୃଷି ନିର୍ଦ୍ଦେଶକ (ଡିଡିଏ) ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ (ଡିଆରଡିଏ)କୁ ପ୍ରକଳ୍ପ ମଞ୍ଜୁର କରିବା ପାଇଁ ଆବଶ୍ୟକ କାଗଜପତ୍ର ପଠାଉନାହାନ୍ତି। ଯାହା ଦ୍ୱାରା ତାଙ୍କ ଜମି ଜିଓ ଟ୍ୟାଗିଂ ହୋଇପାରି ନାହିଁ, ଫଳରେ ତାଙ୍କୁ ଏ ପର୍ଯ୍ୟନ୍ତ କୌଣସି ଟଙ୍କା ମିଳିନାହିଁ। ସେହିଭଳି ଏମାନେ ହାତରୁ ଟଙ୍କା ଖର୍ଚ୍ଚ କରି ଚାଷ କରିଥିବା ବେଳେ ସେମାନଙ୍କ ଟଙ୍କା ମିଳିବ କି ନାହିଁ ସେ ନେଇ ଚିନ୍ତିତ ଅଛନ୍ତି। ଅଧିକାରୀଙ୍କ ଠକିବା ନୀତି ଯୋଗୁ ଏହିଭଳି ହେଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଏ ନେଇ ଡିଡିଏଚ୍ ଭାଗୀରଥି ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି ଗ୍ରାମ୍ୟ ପଞ୍ଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ଚାଷୀମାନଙ୍କୁ କେବଳ ଜ୍ଞାନ କୌଶଳ ଦିଆଯିବ ବୋଲି ଆମ ପାଖକୁ ଚିଠି ଆସିଛି। ଯେଉଁଥିରେ ବିଡିଓଙ୍କ ନିକଟକୁ ଚିଠି ଯିବ ଓ ପରେ ସେମାନେ ଚାଷୀଙ୍କୁ ଟଙ୍କା ଦେବେ ବୋଲି ସୂଚନା ଦେଇଥିଲେ। ଦୁଇ ସପ୍ତାହ ଭିତରେ ଏ ନେଇ ଆଲୋଚନା କରି ଚାଷୀମାନଙ୍କୁ ସେମାନେ ପ୍ରାପ୍ୟ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରଧାନ କହିଥିଲେ। ସରକାର କୃଷକମାନଙ୍କୁ ସଶକ୍ତୀକରଣ ପାଇଁ ନାରା ଦେଉଥିବା ବେଳେ ବିଭାଗର କିଛି କର୍ମଚାରୀଙ୍କ ଏହିଭଳି ଠକିବା ନୀତିକୁ ସାଧାରଣରେ ନିନ୍ଦା କରାଯାଉଛି।

## ଫରେଷ୍ଟ ବିଟରୁ କାଠ ଚୋରା ଚାଲାଣ ବେଳେ ଜବତ କଲେ ଗ୍ରାମବାସୀ

ନୂଆଗାଁ,୩।୧୦(ଡି.ଏନ.ଏ.)

ନୟାଗଡ ଜିଲା ମହୀପୁର ବନାଞ୍ଚଳ ଅଧୀନ ମହିତମା ବିଟ୍ (ଫରେଷ୍ଟ ସେକ୍ସନ)ରୁ ଟ୍ରାକ୍ଟର ଯୋଗେ ବୁଧବାର କାଠ ଚୋରା ଚାଲଣ ହେଉଥିବା ବେଳେ ମହିତମା ଗ୍ରାମବାସୀଙ୍କ ଦ୍ୱାରା ଜବତ କରାଯାଇଛି। ଜନସାଧାରଣ ଜଙ୍ଗଲ ଲୁଟ କରୁଥିବା ନେଇ ଅଭିଯୋଗ ହେଉଥିଲେ ମଧ୍ୟ ତାହାକୁ ରୋକିବା ବଦଳରେ ବନ ବିଭାଗ କର୍ମଚାରୀ ଜବତ ହୋଇଥିବା କାଠକୁ ଲୁଟୁଥିବା ଦେଖିବାକୁ ମିଳିଛି ।

ପ୍ରକାଶ ଯେ, ବୁଧବାର ଅପରାହ୍ନରେ ଓଡି୨୫ ୦୨୧୬ ନମ୍ବର ବିଶିଷ୍ଟ ଟ୍ରାକ୍ଟରରେ ପୂର୍ବରୁ ଜବତ ହୋଇଥିବା କାଠ ଲୋଡ କରାଯାଉଥିବାର ମହିତମା ଗ୍ରାମବାସୀ ଦେଖିଥିଲେ। କେତେକ ସାମାଜିକ କର୍ମୀ ଓ ଯୁବକଙ୍କ ମନରେ ସନ୍ଦେହ ହେବାରୁ ସେମାନେ ଟ୍ରାକ୍ଟର ଡ୍ରାଇଭରଙ୍କୁ ପଚାରିଥିଲେ। କାଠ କେଉଁ ସ୍ଥାନକୁ ନିଆଯିବ ଏବଂ କିଏ କହିଛନ୍ତି ପଚାରିବାରେ ସେ କହିଥିଲେ ନୟାଗଡ ପିଟିଏସକୁ କାଠ ସବୁ ନେବା ପାଇଁ ମହିତମା ଫରେଷ୍ଟର କହିଛନ୍ତି। କାଠ ନେବା ପାଇଁ ପରମିଟ ଅଛିକି ନାହିଁ ବୋଲି ପଚାରିବାରେ କୌଣସି ପରିମିଟ ଦିଆ ଯାଇ ନଥିବା ଡ୍ରାଇଭର କହିଥିଲେ। ଏପରି କାର୍ଯ୍ୟ ଦେଖି ମହିତମା ଫରେଷ୍ଟରଙ୍କୁ ଖୋଜିବାରେ ସେ କିମ୍ବା ଅନ୍ୟ କୌଣସି ବନ ବିଭାଗ କର୍ମଚାରୀଙ୍କୁ ସେଠାରେ ଦେଖିବାକୁ ପାଇ ନଥିଲେ । ଏ ନେଇ ମହିତମା ଫରେଷ୍ଟର ରମେଶ କୁମାର ମଲିକଙ୍କୁ ଯୋଗାଯୋଗ କରିବାରେ ସେ ଚତୁରତାର ସହ କଥାକୁ ଏଡାଇ ଫୋନ କାଟି ଦେଇଥିଲେ । ଏ ନେଇ ମହିପୁର ବନାଞ୍ଚଳ ଅଧିକାରୀ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ସହ ମଧ୍ୟ ଯୋଗାଯୋଗ ହୋଇ ପାରି ନଥିଲା । ରେଞ୍ଜର ଆସିବା ପରେ ତାଙ୍କୁ ଜବତ ଗାଡି ଓ କାଠ ହସ୍ତାନ୍ତର କରିବା ପାଇଁ ଗ୍ରାମବାସୀ ଅପେକ୍ଷା କରିଥିଲେ ମଧ୍ୟ ଖବର ଲେଖା ହେବା ସୁଦ୍ଧା କୌଣସି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନଥିଲେ।



ଗ୍ରାମବାସୀଙ୍କ ଦ୍ୱାରା ଜବତ ହୋଇଥିବା ଗାଡି ଓ କାଠ।

## ପ୍ରଧାନଶିକ୍ଷକଙ୍କ ବଦଳି ଦାବିରେ ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ର, ଅଭିଭାବକ

ଭାପୁର,୩।୧୦(ଡି.ଏନ.ଏ.)

ନୟାଗଡ ଜିଲା ଭାପୁର ବ୍ଲକ ବଳଦିଆନୂଆଗାଁ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ବୁଧବାର ଛାତ୍ର ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ପ୍ରଧାନଶିକ୍ଷକଙ୍କ ବଦଳି ୩ ଦିନ ମଧ୍ୟରେ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ବ୍ଲକର ବଳଦିଆନୂଆଗାଁ ଗ୍ରାମରେ ୧୯୬୪ ମସିହାରେ ସ୍ଥାପିତ ହୋଇଛି ନୋଡାଲ ଉଚ୍ଚ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ବଳଦିଆନୂଆଗାଁ ପଞ୍ଚାୟତର ଆଇସିଆଁଖୋଲ, ଦାରୁଡିପ, ପଥରପୁଞ୍ଜି, ବଳଦିଆନୂଆଗାଁ, ଓଳାସ ଓ ନିକଟସ୍ଥ ଖୋର୍ଦ୍ଧା ଜିଲା କଳାଙ୍ଗ ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ୨୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ୬ଷ୍ଠରୁ ୧୦ମ ଶ୍ରେଣୀ ମଧ୍ୟରେ ଅଧ୍ୟୟନ କରନ୍ତି।

**ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି ପରେ ତାଲା ଖୋଲିଲା**



ସ୍କୁଲ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା।

ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବ୍ୟବହାରରେ ଅଭିଭାବକମାନେ ଅତିଷ୍ଠ ହୋଇ ବୁଧବାର ସକାଳ ୯ଟାରୁ ତାଲା ପକାଇ ସ୍କୁଲ ଭିତରକୁ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଛାଡ଼ିନଥିଲେ। ଏହି ଖବରପାଇ ବ୍ଲକ ଶିକ୍ଷାଧିକାରୀ ନୀଳକଣ୍ଠ ମହାନ୍ତି, ଫତେଗଡ଼ ଥାନା ଆଇଆଇସି ଆଶୁତୋଷ ମିଶ୍ର ଘଟଣାସ୍ଥଳକୁ ଯାଇ ଅଭିଭାବକଙ୍କ ସହ ଆଲୋଚନା କରି ପ୍ରଧାନଶିକ୍ଷକଙ୍କ ବଦଳି ୩ ଦିନ ମଧ୍ୟରେ ହେବ ବୋଲି କହିଥିଲେ। ଏହାପରେ ସ୍କୁଲ ଫାଟକ ଖୋଲାଯାଇଥିଲା ଓ ଶିକ୍ଷକ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ପ୍ରବେଶ କରିଥିଲେ।

## ବନ୍ଧୁକ ବିକ୍ରି ଅଭିଯୋଗରେ ଅଟୋ ଡ୍ରାଇଭର ଗିରଫ

ନୟାଗଡ଼ ଅଫିସ,୩।୧୦

ବନ୍ଧୁକ ବିକ୍ରି ଅଭିଯୋଗରେ ନୟାଗଡ଼ ସହରରେ ରହୁଥିବା ଜଣେ ଅଟୋ ଡ୍ରାଇଭରଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣଙ୍କ ହେଲେ ନୟାଗଡ଼ ଏନ୍ଏସି ଯଦୁମଣି ନଗରର ଦୀପକ କୁମାର ବସନ୍ତରାୟ। ପୋଲିସ ଠାରୁ ମିଳିଥିବା ସୂଚନା ଅନୁସାରେ, ଦୀପକ କେନ୍ଦ୍ରାପଡ଼ାରୁ ବନ୍ଧୁକ ଆଣି ନୟାଗଡ଼ ସହରରେ ବିକ୍ରି କରନ୍ତି । ଏ ନେଇ ପୋଲିସ ତଦନ୍ତ କରିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ସେ ଏକ ବନ୍ଧୁକ ବିକ୍ରି କରିବେ ବୋଲି ଜାଣିବାକୁ ପାଇଥିଲା। ସନ୍ଧ୍ୟା ୭ଟାରେ ରତନପୁର ଦେବର୍ତ୍ତାପଲ୍ଲି ରାସ୍ତାରେ ଦୀପକ ଛିଡ଼ା ହୋଇ ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଦୀପକଙ୍କ ଠାରୁ ଏକ ୯ ଏମ୍ଏମ୍‌ର ବିଦେଶୀ ବନ୍ଧୁକ, ୯ ଜୀବନ୍ତ ଗୁଳି ଓ ୨ ମାଗାଜିନ୍ ଜବତ କରାଯାଇଛି। ବନ୍ଧୁକକୁ ଦୀପକ ଜଣେ ଗ୍ରାହକଙ୍କୁ ୬୦ ହଜାର ଟଙ୍କାରେ ବିକ୍ରି କରିଥାନ୍ତେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ଟାଉନ ଥାନାରେ ୧୪୩/୧୮ରେ ଏକ ମାମଲା ରୁଜୁ କରାଯାଇ ଦୀପକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଟିଟୋ ଗ୍ୟାଙ୍ଗର ସଦସ୍ୟ ବାବୁ ସହ ଦୀପକଙ୍କର ପୂର୍ବରୁ ଲିଙ୍କ ଥିବା ଜଣାପଡ଼ିଛି। ଏଣୁ ଦରକାର ପଡ଼ିଲେ ପୋଲିସ ତାଙ୍କୁ ରିମାଣ୍ଡରେ ଆଣି ତଦନ୍ତ କରିବ ବୋଲି ମଧ ପୋଲିସ ସୂଚନା ଦେଇଛି।



ଗିରଫ ଦୀପକ।

### ଆୟୁଷ୍ମାନ ଭାରତ ଯୋଜନା

## ଗଣିଆ ବ୍ଲକ ପରିକ୍ରମା କଲା ଜନଜାଗରଣ ରଥ

ଗଣିଆ,୩।୧୦(ଡି.ଏନ୍.ଏ.)

ମାଗଣା ସ୍ୱାସ୍ଥ୍ୟସେବା ଯୋଜନାକୁ ନେଇ ଉଭୟ ବିଜେଡି ଓ ଭାଜପା ମଧ୍ୟରେ ଚାଲିଛି ଜୋରଦାର କସରତ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନେଇ ବିଜେଡି ପକ୍ଷରୁ ବ୍ୟାପକ ପ୍ରଚାର ପ୍ରସାର କରାଯାଉଥିବା ବେଳେ ଆୟୁଷ୍ମାନ ଭାରତ ଯୋଜନାକୁ ନେଇ ଭାଜପା ମଧ ପଛରେ ପଡ଼ି ନାହିଁ। କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ଆୟୁଷ୍ମାନ ଭାରତ ଯୋଜନା ସମ୍ପର୍କରେ ତୃଣମୂଳ ସ୍ତରରେ ଲୋକଙ୍କୁ ଅବଗତ କରଯିବା ପାଇଁ ଗତ ସେପ୍ଟେମ୍ବର ୩୦ରୁ ସାରା ରାଜ୍ୟରେ ସପ୍ତାହ ବ୍ୟାପି ବ୍ୟାପକ ଜନଜାଗରଣ ସୃଷ୍ଟି କରାଯାଉଛି। ଭାଜପା ପକ୍ଷରୁ ଏହି ଜନଜାଗରଣ ରଥ ମଙ୍ଗଳବାର ଗଣିଆ ବ୍ଲକର ବିଭିନ୍ନ ଗାଁ ପରିକ୍ରମା କରିଥିଲା। ଏଥିରେ ଭାଜପାର ନୟାଗଡ଼ ଜିଲା ସଭାପତି ସନ୍ନ୍ୟାସୀ ନାୟକ, ଜିଲା ସାଧାରଣ ସମ୍ପାଦକ ମନୋଜ ବେହେରା, ପୂର୍ବତନ ଜିଲା ସଭାପତି ପ୍ରସନ୍ନ କୁମାର ଦାଶ, କନ୍ଧମାଳ ଜିଲା ସ୍ୱଚ୍ଛ ଭାରତ ମିଶନ ସଂଯୋଜକ ଡାକ୍ତର ରବି ନାରାୟଣ ନନ୍ଦ, ବ୍ଲକ ସଭାପତି ଚନ୍ଦ୍ରଶେଖର ଦାସ, ରାଘବ ମଲ୍ଲିକ ଓ ଦୀନବନ୍ଧୁ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ସାରା ଭାରତରେ ଓଡ଼ିଆ ଲୋକଙ୍କ ମାଗଣା ସ୍ୱାସ୍ଥ୍ୟ ସେବା ପାଇବାରେ ବିଜେଡି ସରକାର ବାଧକ ସାଜିଛି ବୋଲି ଅଭିଯୋଗ କରିଥିଲେ। ଏଥିସହ କେନ୍ଦ୍ରରେ ୪ବର୍ଷର ଭାଜପା ସରକାରର ସଫଳତା ଓ କେନ୍ଦ୍ରୀୟ ଯୋଜନାଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହିତ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ତେବେ ଆଗାମୀ ଦିନରେ ଲୋକମାନେ ରାଜ୍ୟ ସରକାରଙ୍କୁ ଏହାର ଦୃଢ ଜବାବ ଦେବେ ବୋଲି ଜିଲା ସଭାପତି ନାୟକ କହିଥିଲେ।



ଜନଜାଗରଣ ରଥ ସହ ଭାଜପା ନେତା ଓ କର୍ମୀମାନେ।

### ୭ ପଥର ବୋଝେଇ ଟ୍ରକ ଓ ୨ କ୍ରଶର ମେଶିନ୍ ଜବତ

ରଣପୁର,୩।୧୦(ଡି.ଏନ.ଏ.): ନୟାଗଡ ଜିଲା ରଣପୁର ତହସିଲ ବେଣ୍ଟଠାରେ ନବନିର୍ମିତ ଚିଙ୍ଗୁଡି ଫ୍ୟାକ୍ଟ୍ରିକୁ ବୁଧବାର ରାତ୍ର ୮ଟାରେ ସ୍ଥାନୀୟ ତହସିଲଦାର ଏବଂ ପୋଲିସ ଫୋର୍ସ ଚଢ଼ାଉ କରିଛି। ବେଆଇନ ଭାବେ ଚୋରାରେ ଚାଲାଣ କରାଯାଉଥିବା ୭ଟି ମାଙ୍କଡା ପଥର ବୋଝେଇ ଟ୍ରକ ସହିତ ୨ଟି କ୍ରସର ମେସିନ୍‌କୁ ଜବତ କରି ଚାନ୍ଦପୁର ଥାନାରେ ରଖାଯାଇଛି। ଘଟଣାରୁ ପ୍ରକାଶ ଯେ, କେରଳ ରାଜ୍ୟର ଜନୈକ ବ୍ୟବସାୟୀ ୧୬ ନଂ ଜାତୀୟ ରାଜପଥର ବେଣ୍ଟଠାରେ ଏକ ଚିଙ୍ଗୁଡି ଫ୍ୟାକ୍ଟ୍ରି କରୁଛନ୍ତି। ୫ ଏକରରୁ ଊର୍ଦ୍ଧ୍ୱ ପରିମିତ ଜମିରେ ଏହି ଫ୍ୟାକ୍ଟ୍ରି କରାଯାଉଥିଲା ବେଳେ ବେଆଇନ ଭାବେ ସେହି ଜମିରୁ ମାଙ୍କଡା ପଥର ଉତ୍ତୋଳନ ସହ ୨ଟି କ୍ରସର ମେସିନ୍ ବସାଯାଇଥିଲା । ରଣପୁର ତହସିଲଦାର ସୁଶାନ୍ତ କୁମାର ପତି ଫ୍ୟାକ୍ଟ୍ରି ଉପରେ ଚଢ଼ାଉ କରିଥିଲେ । ତେବେ ଏହି ଘଟଣାରେ କେହି ଗିରଫ ହୋଇ ନ ଥିବା ସୂଚନା ମିଳିଛି।

### ୧୬ ଲିଟର ମଦ ଜବତ, ୪ଗିରଫ

ଦଶପଲ୍ଲା,୩।୧୦(ଡି.ଏନ.ଏ.): ମଙ୍ଗଳ ଓ ବୁଧବାର ୨ଦିନ ଧରି ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ଦଶପଲ୍ଲା ଓ ଗଣିଆ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୧୬ଲିଟର ଦେଶୀମଦ ଜବତ କରାଯାଇଥିବା ବେଳେ ୪ ଜଣ ଗିରଫ ହୋଇଛନ୍ତି। ଅବକାରୀ ସୁପରିଟେଣ୍ଡେଣ୍ଟ ହମିଦୁଲ୍ଲା ଖାଁଙ୍କ ନିର୍ଦ୍ଦେଶକ୍ରମେ ଦଶପଲ୍ଲା ଅବକାରୀ ବିଭାଗ ସବ୍ ଇନ୍‌ସ୍ପେକ୍ଟର ସତ୍ୟନାରାୟଣ ଦାଶଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା। ଚଢାଉ ବେଳେ ଦଶପଲ୍ଲା ବ୍ଲକ ଦିଣ୍ଡାଭୂଇଁ ଗ୍ରାମର ଶଙ୍କର ବିଶ୍ୱାଳଙ୍କ ଠାରୁ ୮ଲିଟର, ପଥୁରିଆ ଗ୍ରାମର ପ୍ରମିଳା ଖମାରୀଙ୍କ ଠାରୁ ୪ଲିଟର, ଗାମ୍ଭିରି ଗ୍ରାମର ବିଦ୍ୟାଧର କହଁରଙ୍କ ଠାରୁ ୨ଲିଟର ଏବଂ ଗଣିଆ ବ୍ଲକ କିଶୋରପ୍ରସାଦ ଗ୍ରାମର ମାନସ କୁମାର ସାହୁଙ୍କ ଠାରୁ ୨ଲିଟର ଦେଶୀମଦ ଜବତ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇଛି। ଦିର୍ଘଦିନ ଧରି ସେମାନେ ବେଆଇନ ଭାବେ ଚୋରାରେ ଏହି ମଦ ବ୍ୟବସାୟ କରି ଆସୁଥିବା ଅବକାରୀ ବିଭାଗ ପକ୍ଷରୁ ଜଣାପଡିଛି। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

DSPL-184

ବନ୍ୟପ୍ରାଣୀ ସପ୍ତାହ ୨୦୧୮

ଚଳିତ ବର୍ଷ **ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ** ପାଳନ ଉତ୍ସବ
**୦୫-୧୦-୨୦୧୮ ତାରିଖ ଶୁକ୍ରବାର ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ**
**ଜୟଦେବ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ।**
ଏହି ସମାରୋହରେ
ଓଡ଼ିଶାର ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ
**ଶ୍ରୀଯୁକ୍ତ ବିଜୟଶ୍ରୀ ରାଉତରାୟ**
ମୁଖ୍ୟ ଅତିଥିଭାବେ ଯୋଗଦେବା ପାଇଁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି
ଏବଂ
ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର
**ଶ୍ରୀଯୁକ୍ତ ଅସିତ କୁମାର ତ୍ରିପାଠୀ,** ଭା.ପ୍ର.ସେ.
ଏହି ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଯୋଗଦାନ କରିବେ।

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡିଶା
**ଡ. ଦେବବ୍ରତ ସ୍ୱାଇଁ** ଭା.ବ.ସେ.
ଉକ୍ତ ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ମଧ ଯୋଗଦାନ କରିବେ ।

ଉକ୍ତ ଉତ୍ସବରେ ଉପସ୍ଥିତ ରହି ଏହାକୁ ସାଫଲ୍ୟ ମଣ୍ଡିତ କରିବାକୁ ଆପଣଙ୍କୁ ବିନୀତ ଅନୁରୋଧ।

**ଡ. ସନ୍ଦୀପ ତ୍ରିପାଠୀ**
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, (ବନ୍ୟପ୍ରାଣୀ) ତଥା
ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଓଡିଶା, ଭୁବନେଶ୍ୱର

08006/13/0001/1819



ଅନ୍ୟଠାରୁ ଯାହା ଉପକାର ପାଇଲ ତାକୁ ଭୁଲିଯିବା ଉଚିତ ନୁହେଁ କି ଅନ୍ୟପ୍ରତି କରିଥିବା ଉପକାର କଥା ଆଦୌ ମନେ ପକାଇବା ଉଚିତ ନୁହେଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ୫ ଓ ୬ ତାରିଖରେ ବଣ୍ଟା ହେବ ନୂଆ ରାଶନ କାର୍ଡ

ଭାପୁର,୩।୧୦(ଡି.ଏନ.ଏ.): ଭାପୁର ବ୍ଲକର ୨୦ ପଞ୍ଚାୟତରେ ନୂତନ ଚୟନ ହୋଇଥିବା ଉପଭୋକ୍ତାମାନଙ୍କୁ ୫ ଓ ୬ ତାରିଖରେ ରାଶନ କାର୍ଡ ବଣ୍ଟନ କରାଯିବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଭାପୁର ବିଡିଓ ଅନ୍ତର୍ଯ୍ୟାମୀ ଦାଶ ୩ ତାରିଖରେ ଜାରି କରିଥିବା ସରକାରୀ ଚିଠିରୁ ଏହା ଜଣାପଡିଛି। ୫ ତାରିଖରେ ବ୍ଲକର ଭଗବାନପୁର, ବାଘୁଆପଲ୍ଲୀ, ବାଇଗୁଣିଆ, ନିମାଣୀ, ଚକ୍ରଧରପ୍ରସାଦ, ବଡ଼ସହରା, ଗୋଲାପୋଖରୀ, ଭାପୁର, ଫତେଗଡ଼ ଓ ଶାଳପଡ଼ା ପଞ୍ଚାୟତରେ ରାଶନକାର୍ଡ ବଣ୍ଟନ କରାଯିବ । ସେହିଭଳି ୬ ତାରିଖରେ ବିଜିପୁର, ରାକମା, କଇଁଫୁଲିଆ, ବାଉଁଶବାଟୀ, ପଦ୍ମାବତୀ,କରବର,ଶାସନ, କେନ୍ଦୁପଲ୍ଲୀ, ପଥରଚକଡ଼ା ଓ ଧାନଚାଙ୍ଗଡ଼ା ପଞ୍ଚାୟତରେ ବଣ୍ଟନ ହେବ। ଏହି ୨ ଦିନରେ ବ୍ଲକର ୨୦ ପଞ୍ଚାୟତରେ ବିଧାୟକଙ୍କ ଦ୍ୱାରା ନୂତନ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବ। ଏହି କାର୍ଯ୍ୟ ଉଭୟ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟାରେ ସମାପ୍ତ ହେବ।

### ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ



ଦଶପଲ୍ଲା,୩।୧୦(ଡି.ଏନ.ଏ.): ପ୍ରଶାସନ ପକ୍ଷରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଦଶପଲ୍ଲା କୁଞ୍ଜବନଗଡ ପଞ୍ଚାୟତ ସମ୍ମୁଖରେ ଥିବା ସରକାରୀ ଜାଗା ପୂର୍ବରୁ ଜୁଡିସିଆଲକୁ ହସ୍ତାନ୍ତର କରାଯିବା ପାଇଁ ରହିଥିବା ବେଳେ ଏହା ଉପରେ ଜଣେ ମହିଳା ଗୃହ ନିର୍ମାଣ କରି ରହିଥିଲେ। ଏନେଇ ତାଙ୍କୁ ପୂର୍ବରୁ ନୋଟିସ କରାଯାଇଥିବା ବେଳେ ବୁଧବାର ତହସିଲଦାର ତଥା ଏକଜକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ପ୍ରମୋଦ କୁମାର ଦଳବେହେରା, ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ ଏବଂ ଏନ୍ଏସି କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଜେସିବି ଲଗାଇ ଏହାକୁ ଉଚ୍ଛେଦ କରାଯାଇଛି।

### ବୃକ୍ଷରୋପଣ କାର୍ଯ୍ୟକ୍ରମ

ନୟାଗଡ଼ ଅଫିସ,୩।୧୦: ନୟାଗଡ଼ ବ୍ଲକ ଗମ୍ଭାରିଡିହି ଯୁବ ବାହିନୀ ପକ୍ଷରୁ ମଙ୍ଗଳବାର ବୃକ୍ଷରୋପଣ ଓ ନିଶା ନିବାରଣକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରଖିବା ସହ ବୃକ୍ଷରୋପଣ ଦ୍ୱାରା ପରିବେଶକୁ ସୁସ୍ଥ ରଖିବା ପାଇଁ ବିଜୁ ଯୁବବାହିନୀର ସଦସ୍ୟମାନେ ଲୋକମାନଙ୍କୁ ସଚେତନ କରାଇଥିଲେ। ସ୍ଥାନୀୟ ସରପଞ୍ଚ ଦିବାକର ମିଶ୍ର, ସମିତିସଭ୍ୟ, ଯୁବବାହିନୀର ସମସ୍ତ କମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ହାଇସ୍କୁଲ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭାପୁର,୩।୧୦(ଡି.ଏନ୍.ଏ.): ଭାପୁର ବ୍ଲକ ଫତେଗଡ଼ ହାଇସ୍କୁଲର ଶିକ୍ଷକ ଜଟରାମ ବରାଡ଼ଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉତ୍ସବରେ ଜିଲା ଶିକ୍ଷାଧିକାରୀ ଅଭୟ ମଲିକ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଜିଲା ଶିକ୍ଷାଧିକାରୀଙ୍କ ସହ ଜିଲା ଓଷ୍ଟା ସଭାପତି ନିରଞ୍ଜନ ଆଚାର୍ଯ୍ୟ, ଉକ୍ତ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବନବିହାରୀ ପୃଷ୍ଟି, ଶିକ୍ଷା କମିଟିର ସଭ୍ୟ ଲୋକନାଥ ଆଚାର୍ଯ୍ୟ, ହରିହର ଓଝା, ଭାପୁର ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶୈଳବାଳା ରଥ, ବଡ଼ସହରା ହାଇସ୍କୁଲର ପ୍ରଧାନଶିକ୍ଷକ ନୀଳମଣି ସାହୁ ଯୋଗଦେଇଥିଲେ। ଏହି ସଭାରେ ବିଦାୟୀ ଶିକ୍ଷକଙ୍କୁ ଛାତ୍ରୀଛାତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ନିର୍ବାଚନ ବାତିଲ

## ■ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ

ନୟାଗଡ଼ ଅଫିସ,୩।୧୦

ନୟାଗଡ଼ ସହରସ୍ଥିତ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ଚଳିତବର୍ଷ ଛାତ୍ରସଂସଦ ନିର୍ବାଚନକୁ ବାତିଲ କରାଯାଇଛି। ବହୁ ଛାତ୍ରୀଙ୍କ ଅନୁରୋଧକ୍ରମେ ଏହି ନିର୍ବାଚନକୁ ବାତିଲ କରାଯାଇଥିବା ବୁଧବାର ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ସୂଚନା ମିଳିଛି। ହେଲେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଚାପରେ ନିର୍ବାଚନକୁ ବାତିଲ କରାଯାଇଥିବା ନେଇ ସୂଚନା ମିଳିଛି। ପରୀକ୍ଷା ଆଳରେ ନିର୍ବାଚନ ବନ୍ଦ କରାଯାଇଥିବା ନେଇ କଲେଜ କର୍ତ୍ତୃପକ୍ଷ ନିର୍ବାଚନ ବାତିଲକୁ ଏକ ଛାତ୍ରୀ ଗୋଷ୍ଠୀ ବିରୋଧ କରୁଛନ୍ତି।

ପ୍ରକାଶ ଯେ, ବୁଧବାର ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରିବାର ସମୟ ଥିଲା। ସକାଳ ସମୟରେ କିଛି ଛାତ୍ରୀ ଅଧ୍ୟକ୍ଷାଙ୍କୁ ଭେଟି ନିର୍ବାଚନ ନ ହେବା ପାଇଁ ଅନୁରୋଧ କରିଥିଲେ। ଏହା ପରେ ଅନ୍ୟ କିଛି ଛାତ୍ରୀ ନିର୍ବାଚନ ହେଉ ବୋଲି କହିଥିଲେ। ସେମାନେ ନାମାଙ୍କନ ପତ୍ର ଆଣିବା ପାଇଁ କାଉଣ୍ଟରକୁ ଗଲାବେଳକୁ ସେମାନଙ୍କୁ ବଭିନ୍ନ ଆଳ ଦେଖାଇ ଫର୍ମ ଦିଆ ଯାଇ ନ ଥିଲା। ଏହା ପରେ କିଛି ଛାତ୍ରୀ ଏ ନେଇ ଅଧ୍ୟକ୍ଷାକୁ ଭେଟିଥିଲେ। ବୁଝାସୁଝା ପରେ ମଧ୍ୟାହ୍ନ ୧୨ଟା ହୋଇଯାଇଥିଲା। ନାମାଙ୍କନ ପତ୍ର ଦାଖଲର ସମୟ ସରି ଯାଇଥିବାରୁ କଲେଜ କର୍ତ୍ତୃପକ୍ଷ ଆଉ କିଛି ବ୍ୟବସ୍ଥା କରି ନ ଥିଲେ। ସେହିଭଳି ଯେଉଁ ଛାତ୍ରୀମାନେ ନିର୍ବାଚନ ଦାବି କରୁଥିଲେ ସେମାନଙ୍କୁ ବିଭିନ୍ନ ଧମକ ଦିଆଯାଇଥିବା ନେଇ ମଧ ଆଲୋଚନା ହେଉଛି। ଫଳରେ ଭୟରେ କେହି ପାଟି ଫିଟାଉ ନାହାନ୍ତି। ଏ ନେଇ କଲେଜ ଅଧ୍ୟକ୍ଷା ପୁଷ୍ପଲତା ଦାଶଙ୍କୁ ପଚାରିବାରୁ କିଛି ଦିନ ପରେ ପିଲାଙ୍କ ପରୀକ୍ଷା ଅଛି। ସେଥିପାଇଁ ଶତାଧିକ ଛାତ୍ରୀ ନିର୍ବାଚନ ନ ହେଉ ବୋଲି ଦରଖାସ୍ତ କରିଥିଲେ। ତେଣୁ ଛାତ୍ରୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିର୍ବାଚନ ବାତିଲ କରାଯାଇଥିବା ଦାଶ ପ୍ରକାଶ କରିଥିଲେ।



ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ଉଷ୍ମ ପରିବେଶ।

### ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଭାପତି ପଦବୀ ପାଇଁ ୭ ଜଣ ବୁଧବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଆଦିତ୍ୟ ନାରାୟଣ ସାହୁ, ଲିପୁ ଗୋଛାୟତ, ରାଜେଶ କୁମାର ପରିଡ଼ା, ରଶ୍ମୀରଞ୍ଜନ ପରିଡ଼ା, ଶମ୍ଭୁରାଜ ପ୍ରଧାନ, ସୁବ୍ରତ କୁମାର ବେହେରା ଓ ସୁଜିତ କୁମାର ନାୟକ। ସେହିଭଳି ଉପସଭାପତି ପଦବୀ ପାଇଁ ଅବିନାଶ ପୃଷ୍ଟି ଓ ଶୁକଦେବ ସ୍ୱାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସମ୍ପାଦକ ପଦବୀ ପାଇଁ ଅଭିଜିତ୍ ସାହୁ, ଜ୍ୟୋତିରଞ୍ଜନ ସ୍ୱାଇଁ, ରଶ୍ମିତା ବେହେରା, ସୌମ୍ୟରଞ୍ଜନ ପଣ୍ଡା, ସୁଜିତ କୁମାର ସାଥୁଆ ନାମାଙ୍କନ ଦାଖଲ କରିଥିବାବେଳେ ସେକ୍ରେଟାରୀ ଆଥ୍‌ଲେଟିକ୍ କ୍ଲବ୍‌ରେ ଶଶିଭୂଷଣ ମଲ୍ଲିକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେକ୍ରେଟାରୀ ଡ୍ରାମାଟିକ୍ ଆସୋସିଏଶନ, ସେକ୍ରେଟାରୀ ବୟଜ୍ କମନ ରୁମ୍, ସେକ୍ରେଟାରୀ ଗାଲର୍ସ କମନ ରୁମ, ସେକ୍ରେଟେରୀ ସାଇନ୍ସ ଆସୋସିଏଶନ୍ ପାଇଁ ମଧ୍ୟ ନାମାଙ୍କନ ପତ୍ର ଦାଖଲ ହୋଇଛି। ଡ଼ିଏସ୍ଏ ସମ୍ପାଦକ ଓ ଏସ୍ଏସ୍‌ଜି ସମ୍ପାଦକ ପାଇଁ କେହି ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି। ପ୍ରାର୍ଥୀମାନେ ସକାଳେ ଶୋଭାଯାତ୍ରାରେ ସହର ପରିକ୍ରମା କରି କଲେଜକୁ ଯାଇ ନାମାଙ୍କନ ସେଟ୍ ଦାଖଲ କରିଥିଲେ। ଗୁରୁବାର ପୂର୍ବାହ୍ନ ୧୧ଟାରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଏହା ପରେ ଅପରାହ୍ନ ୨ଟାରୁ ୪ଟା ପ୍ରାର୍ଥୀମାନେ ନାମାଙ୍କନ ପତ୍ର ପ୍ରତ୍ୟାହାର କରିପାରିବେ। ଅପରାହ୍ନ ୫ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

### ଶରଣକୂଳ ମହାବିଦ୍ୟାଳୟ

ଓଡ଼ଗାଁ ବ୍ଲକ ଶରଣକୂଳ ମହାବିଦ୍ୟାଳୟରେ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସଭାପତି ପ୍ରାର୍ଥୀଭାବେ କାହ୍ନୁଚରଣ ଦେରା, ଉପସଭାପତି ଭାବେ ସାଗର ବେହେରା, ସମ୍ପାଦକ ଭାବେ ଶକ୍ତିପ୍ରସାଦ ଡାକୁଆ, ନାଟ୍ୟ ସଂସଦ ସମ୍ପାଦକ ଭାବେ ପିଣ୍ଟୁ ବରାଡ଼, ପୂଜା ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ର, ଖେଳ ସମ୍ପାଦକ ବିଭୂତି ସାହୁ , ବାଳିକା କମନ ରୁମ୍ ସମ୍ପାଦକ ଇତିଶ୍ରୀ ସାହୁ, ଏସ୍ଏସ୍‌ଜି ସମ୍ପାଦକ ଭାବେ ଅମିତ କୁମାର ସାହୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି।



ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

### ଓଡ଼ଗାଁ କଲେଜରେ ନିର୍ବାଚନ ବାତିଲ

ଓଡ଼ଗାଁ ୩।୧୦(ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁରେ ଅବସ୍ଥିତ ରଘୁନାଥ ସମବାୟ ମହାବିଦ୍ୟାଳୟରେ ଚଳିତ ବର୍ଷର ଛାତ୍ର ସଂସଦ ନିର୍ବାଚନ ବାତିଲ ହୋଇଥିବା ଜଣାଯାଇଛି। ବୁଧବାର ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ନିମନ୍ତେ ସମୟ ନିର୍ଦ୍ଧାରିତ ଥିବା ବେଳେ ଧାର୍ଯ୍ୟ ସମୟ ମଧ୍ୟରେ କେହି ଜଣେ ହେଲେ ନାମାଙ୍କନ ପତ୍ର ଦାଖଲ କରି ନ ଥିଲେ । ଆଶାୟୀ ପ୍ରାର୍ଥୀ ଆବଶ୍ୟକ ନାମାଙ୍କନ ପତ୍ର ନ କିଣିବାକୁ ସେମାନଙ୍କ ଉପରେ ଚାପ ପ୍ରୟୋଗ କରାଯାଇଥିବା ଆଲୋଚନା ହେଉଥିବା ବେଳେ ଜଣେ ମାତ୍ର ଛାତ୍ର ଶେଷ ମୁହୂର୍ତ୍ତରେ ଗୋଟିଏ ନାମାଙ୍କନ ପତ୍ର କିଣିବାପରେ ଘଣ୍ଟାରେ ୧୨ଟା ବାଜିଯାଇଥିଲା । ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ମୁଖ୍ୟ ନିର୍ବାଚନ ଅଧିକାରୀ ଅଶ୍ୱିନୀ କୁମାର ନାୟକ ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ନାମାଙ୍କନ ପତ୍ର ଦାଖଲ ହୋଇନଥିବା କାରଣ ଦର୍ଶାଇ କଲେଜ ନିର୍ବାଚନ ବାତିଲ ହୋଇଥିବା ନେଇ ବିଜ୍ଞପ୍ତି(୬୨୨) ପ୍ରକାଶ କରିଥିଲେ । ଅନ୍ୟପକ୍ଷେ ଆଗାମୀ ବର୍ଷମାନଙ୍କରେ ସ୍ଥାନୀୟ କଲେଜକୁ ୱାର୍ଲଡ ବ୍ୟାଙ୍କ ଅନୁଦାନ ବାବଦକୁ କୋଟି କୋଟି ଟଙ୍କାର ଅନୁଦାନ ଆସିବାକୁ ଥିବାରୁ ଛାତ୍ର ସଂସଦ ନିର୍ବାଚନ ହେଲେ ସେମାନେ ଏଥିରେ ଅଯଥା ହସ୍ତକ୍ଷେପ କରିବେ। ଏଣୁ କୁଆଡେ ନିର୍ବାଚନକୁ ଭଣ୍ଡୁର କରିବାକୁ ଗୋଟିଏ ଟାଣୁଆ ଗୋଷ୍ଠୀ ଉଦ୍ୟମ କରିଥିବା ଏବଂ ଏଥିରେ ଫଳପ୍ରଦ ହୋଇଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

## ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ବେଳେ ହିଂସା

ରଣପୁର,୩।୧୦(ସ୍ୱ.ପ୍ର.): ନୟାଗଡ଼ ଜିଲା ରଣପୁର ଥାନା ରାଜସୁନାଖଳା ମହାବିଦ୍ୟାଳୟରେ ବୁଧବାର ଛାତ୍ର ସଂସଦ ନିର୍ବାଚନ ପାଇଁ କ୍ୟାମ୍ପସରେ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଏହି ସମୟରେ ହିଂସା ଭଳି ପରିସ୍ଥିତି ସୃଷ୍ଟି ହେବାରୁ ତୁରନ୍ତ ଅଧ୍ୟାପକ, ଅଧ୍ୟକ୍ଷ ଓ ପୋଲିସ ଏଠାରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଥିଲା। ପ୍ରକାଶ ଯେ, ସକାଳ ୯ଟାରୁ କଲେଜ ପରିସରରେ ଆଶାୟୀ ପ୍ରାର୍ଥୀ ସେମାନଙ୍କ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ହେଲେ କିଛି ଅଣଛାତ୍ର କଲେଜ ଡ୍ରେସ୍ କୋଡ୍ ପିନ୍ଧି ପ୍ରବେଶ ନେଇ କିଛି ସମୟ ପାଇଁ ପ୍ରାକ୍ ନିର୍ବାଚନୀ ହିଂସା ଦେଖା ଦେଇଥିଲା । ଖବର ପାଇ ଶରଣକୁଳ ଏସ୍‌ଡିପିଓ ନାରାୟଣ ବାରିକ, ରଣପୁର ଥାନା ଅଧିକାରୀ ଛତ୍ରପତି କଅଁର, ସୁନାଖଳା ଫାଣ୍ଡି ଅଧିକାରୀ ସୁବାସ ଚମ୍ପତି ପହଞ୍ଚିବା ପରେ ପରିସ୍ଥିତି ଆୟତ୍ତାଧୀନ ହୋଇ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ନାମାଙ୍କନ କାର୍ଯ୍ୟ ଚାଲିଥିଲା। ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପାର୍ଥୀପତ୍ର ଯାଞ୍ଚ କରାଯାଇଥିଲା । ୧୧ରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ ବୋଲି କଲେଜ ପକ୍ଷରୁ ସୂଚନା ମିଳିଛି ।

# ପଲିଥିନ୍ ଓ ପ୍ଲାଷ୍ଟିକ୍ ବର୍ଜନ ନେଇ ଗ୍ରୀନ ଆର୍ଥର ଅଭିଯାନ



ପ୍ଲାଷ୍ଟିକ୍ ଓ ପଲିଥିନ ବର୍ଜନ ଅଭିଯାନରେ ସାମିଲ ଶ୍ରଦ୍ଧାଳୁ ଓ ସେବାୟତମାନେ।

ଖଣ୍ଡପଡା,୩।୧୦(ସ୍ୱ.ପ୍ର.)

ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବରେ ପରିଚିତ କଣ୍ଟିଲୋର ଶ୍ରୀ ନୀଳମାଧବ ପୀଠ। ଶ୍ରୀଜୀଉଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତ୍ୟହ ଶତାଧିକ ପର୍ଯ୍ୟଟକ ଆସିଥାନ୍ତି। ମଙ୍ଗଳବାର ବହୁ ଶ୍ରଦ୍ଧାଳୁ ପଲିଥିନ୍ ଜରିରେ ଭୋଗ ଧରି ନୀଳମାଧବ ମନ୍ଦିରକୁ ଆସିଥିଲେ । ତେବେ ଭଗବାନଙ୍କୁ ଦର୍ଶନ ନିମନ୍ତେ ଆସିଥିବାରୁ ଏହି ଶ୍ରଦ୍ଧାଳୁମାନଙ୍କୁ ନୟାଗଡ଼ର ଏକ ସାମାଜିକ ସଙ୍ଗଠନ 'ଗ୍ରୀନ ଆର୍ଥ' ଧନ୍ୟବାଦ ଜଣାଇଥିଲେ ମଧ ପଲିଥିନ୍‌ରେ ଭୋଗ ଆଣିବା ଦ୍ୱାରା ଏହା ପରିବେଶର କିଭଳି କ୍ଷତି କରିଥାଏ ସେ ସମ୍ବନ୍ଧରେ ସଚେତନ କରିଥିଲେ। ପ୍ଲାଷ୍ଟିକ ଓ ପଲିଥିନ୍‌କୁ ବର୍ଜନ କରନ୍ତୁ ବୋଲି ଏହି ସଂଗଠନ ଲୋକଙ୍କୁ ବୁଝାଇଥିଲା। ଶ୍ରଦ୍ଧାଳୁମାନଙ୍କୁ ସଦସ୍ୟମାନେ ଛୋଟ ଛୋଟ ଚାଙ୍ଗୁଡି ଦେଇଥିଲେ। ଗ୍ରୀନ୍ ଆର୍ଥର ସମ୍ପାଦକ ଆଦିତ୍ୟ ପ୍ରସାଦ ଦାଶ, ଚେତନା ସଂଗଠନର ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ଦୁରୁଦୁରା ଗ୍ରାମ ଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାରର ସମ୍ପାଦକ ସଞ୍ଜୟ କୁମାର ସାହୁ ପଲିଥିନ୍ ବାରଣ ନେଇ ସଚେତନତା ସୃଷ୍ଟି କରିଥିଲେ। ପଲିଥିନ୍ ବର୍ଜନ ପାଇଁ ସରକାରଙ୍କ ନିଷ୍ପତ୍ତିକୁ ପ୍ରତ୍ୟେକ ବ୍ୟକ୍ତି ପାଳନ କରିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୀଳମାଧବ ଜୀଉ ପୂଜକ ସମାଜର ପୂର୍ବତନ ସଭାପତି ତଥା ସମିତି ସଭ୍ୟ ସରୋଜ କୁମାର ମିଶ୍ର, ଗଣେଶ ମିଶ୍ର, ପୀତବାସ ମିଶ୍ର, ଅକ୍ଷୟ କୁମାର ମିଶ୍ର, ଅଶୋକ କୁମାର ମିଶ୍ର, ସଚ୍ଚିଦାନନ୍ଦ ମିଶ୍ର ଓ ଅଖିଳ କୁମାର ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ ।

## ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ

ବୋଲଗଡ଼,୩।୧୦(ଡି.ଏନ.ଏ.): ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ପାଇଁ ବୁଧବାର ନାମାଙ୍କନ ପତ୍ର ଦାଖଲ ହୋଇଛି। ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କର ନାମାଙ୍କନ ପତ୍ର ଶାନ୍ତିଶୃଙ୍ଖଳାର ସହିତ ଦାଖଲ କରିଥିଲେ। ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଛାତ୍ର ସଂସଦର ବିଭିନ୍ନ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ ପରେ ପ୍ରାର୍ଥୀପତ୍ରଗୁଡିକୁ ଯାଞ୍ଚ କରାଯାଇଛି। ମାତ୍ର ଗୁରୁବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ବିଜ୍ଞପ୍ତି ମହାବିଦ୍ୟାଳୟ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇବ ବୋଲି ଅଧ୍ୟାପକ ହେମନ୍ତ କୁମାର ରଥ ସୂଚନା ଦେଇଛନ୍ତି ।

## ସୁନା ବନ୍ଧକ ହିତାଧିକାରୀ କରିବେ ରାସ୍ତାରୋକୋ

ରଣପୁର,୩।୧୦ (ସ୍ୱ.ପ୍ର.)

ରଣପୁର ଥାନା ଶାରଙ୍ଗଧରପୁର ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ବ୍ୟାଙ୍କରେ ନିଜର ସୁନା ଅଳଙ୍କାର ବନ୍ଧକ ରଖି କେତେଜଣ ହିତାଧିକାରୀ ଲୋନ ନେଇଥିଲେ। ୮ମାସ ତଳେ ଏହି ବ୍ୟାଙ୍କରେ ସଶସ୍ତ୍ର ଡକାୟତମାନେ ପଶି ବ୍ୟାଙ୍କକର୍ମଚାରୀଙ୍କୁ ମାଡମାରି ସମସ୍ତ ସୁନା ଅଳଙ୍କାର ସହିତ ଟଙ୍କା ଲୁଟି ନେଇଥିଲେ । ଏହା ପରେ ବନ୍ଧକଦାତା ନିଜ ସୁନା ଅଳଙ୍କାର ପାଇବା ପାଇଁ ବ୍ୟାଙ୍କ ଘେରାଉ କରିଥରଲେ । ବ୍ୟାଙ୍କ ଉଚ୍ଚ ଅଧିକାରୀମାନେ ଘଟଣା ସ୍ଥଳକୁ ଆସି ସେମାନଙ୍କର ସୁନା ଅଳଙ୍କାରକୁ ଶୀଘ୍ର ଫେରାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏପର୍ଯ୍ୟନ୍ତ ହିତାଅଧିକାରୀମାନେ ସେମାନଙ୍କର ସୁନା କି ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। କିଛି ହିତାଧିକାରୀ ଏହି ବ୍ୟାଙ୍କ ଶାଖାରେ ଋଣ ପରିଶୋଧ କରିଥିଲେ ମଧ ଆଉ କିଛି ହିତାଧିକାରୀ ଋଣ ପରିଶୋଧ କରିବାକୁ ଅପେକ୍ଷା କରଛନ୍ତି। କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ସେମାନଙ୍କ ଟଙ୍କା ଗ୍ରହଣ କରୁ ନ ଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ତେଣୁ ହିତାଧିକାରୀମାନେ ବୁଧବାର ସକାଳ ୧୦ଟାରେ ସୁନାଖଳା, ରଣପୁର ଶାରଙ୍ଗଧରପୁରଠାରେ ଥିବା ମୁଖ୍ୟରାସ୍ତାକୁ ଅବରୋଧ କରିବା ପାଇଁ ନୟାଗଡ ଜିଲାପାଳ, ଏସ୍‌ପି ଓ ସ୍ଥାନୀୟ ପ୍ରଶାସନଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି ।

# ଜିଲାପାଳଙ୍କ ଆହାର କେନ୍ଦ୍ର ପରିଦର୍ଶନ

ନୟାଗଡ଼ ଅଫିସ,୩।୧୦

ନୟାଗଡ଼ ଜିଲାପାଳ ଡ. ଏନ୍ ତିରୁମାଲା ନାୟକ ବୁଧବାର ସହରସ୍ଥିତ ଆହାର କେନ୍ଦ୍ରକୁ ପରିଦର୍ଶନ କରିଥିଲେ। ମଧ୍ୟାହ୍ନ ୧୨ଟାରେ ଜିଲାପାଳ ପହଞ୍ଚି ଲୋକମାନଙ୍କୁ ଖାଦ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରକାଶ ଯେ ରୋଟାରୀ କ୍ଲବର ପରିଚାଳନାରେ ଚାଲୁଥିବା ଏହି କେନ୍ଦ୍ରରେ ପ୍ରତିଦିନ ୬୦୦ ଲୋକଙ୍କ ପାଇଁ ଖାଦ୍ୟ ରନ୍ଧାଯାଉଛି, ଏହାକୁ ୭୦୦ କରିବା ପାଇଁ କ୍ଲବର ପରିଚାଳନା କର୍ତ୍ତୃପକ୍ଷ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲାପାଳ ଏହାକୁ ସମ୍ମତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା, ରୋଟାରିଆନ୍ ପ୍ରମୋଦ ପଟ୍ଟନାୟକ, ଧୀରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ଆହାର କେନ୍ଦ୍ର ପରିଦର୍ଶନ କରୁଛନ୍ତି।

## ଅର୍ଥନୀତି ବିଭାଗ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଖଣ୍ଡପଡା,୩।୧୦(ସ୍ୱ.ପ୍ର.)

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଅର୍ଥନୀତି ବିଭାଗରେ ଚଳିତ ବର୍ଷର ଯୁକ୍ତ ୩ ପ୍ରଥମ ବର୍ଷିକ କଳା ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବୁଧବାର ମା' ନାରାୟଣୀଙ୍କ ପୀଠରେ ପୁରାତନ ଛାତ୍ରୀଛାତ୍ରମାନେ ସ୍ୱାଗତ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ସମ୍ବର୍ଦ୍ଧନା ଉତ୍ସବ କଲେଜ ଅଧ୍ୟକ୍ଷ ସୁକାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହିଉତ୍ସବରେ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ମୁଖ୍ୟ ଡ. ପବିତ୍ର କୁମାର ସୁବୁଦ୍ଧି, ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ମାନସୀ ଦ୍ୱାରୀ, ଅଧ୍ୟାପକ ରାଜୀବ ଲୋଚନ ମିଶ୍ର, ରମେଶ ଚନ୍ଦ୍ର ସାହୁ, ସୁମନ୍ତ କୁମାର ଯେନା, ହୃଷୀକେଶ ମିଶ୍ର, ଅଶୋକ କୁମାର ମହାରଣା ଓ କଳ୍ପନା ନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଶିକ୍ଷାର ମହତ୍ତ୍ୱ ନେଇ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ ।

# ସମାଧାନ ପାଇଁ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ବୋଲଗଡ଼, ୩।୧୦(ଡି.ଏନ.ଏ.)

ବିଭିନ୍ନ ଦାବିରେ ବୋଲଗଡ଼ ବ୍ଲକ ବାଙ୍କୋଇ କେସିପିଏନ୍ ଡିଗ୍ରୀ ମହାବିଦ୍ୟାଳୟରେ ବୁଧବାର ଛାତ୍ରୀଛାତ୍ର ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଚଳିତ ବର୍ଷ ଧାର୍ଯ୍ୟ ହୋଇଥିବା ରିଆଡ଼ମିସନ ଦେୟ କମାଇବା, ଆବଶ୍ୟକ ଅନୁସାରେ ଫ୍ୟାନ ଲଗାଇବା, ପାନୀୟ ଜଳର ବ୍ୟବସ୍ଥା ଓ ବାର୍ଷିକ ଉତ୍ସବ ପାଳନ ଆଦି ଦାବି ହୋଇଛି। ଛାତ୍ରୀଛାତ୍ର ମହାବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଏ ଘଟଣା ନେଇ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟ, ଅଧ୍ୟାପକ ପ୍ରଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ପିଲାମାନଙ୍କୁ ବୁଝାସୁଝା କରିଥିଲେ। ଦାବିଗୁଡିକ ସମାଧାନ କରିବାକୁ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନାପୂର୍ବକ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।



ଛାତ୍ରମାନେ ଗେଟ୍ ସମ୍ମୁଖରେ ତାଲା ପକାଇ ଧାରଣାରେ ବସିଛନ୍ତି।

# ଅବ୍ୟବସ୍ଥା ମଧ୍ୟରେ ଗଡ଼ିଆସାହି ପୋଲିସ ଫାଣ୍ଡି

ଖଣ୍ଡପଡା,୩।୧୦(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଗଡିଆସାହି ପଞ୍ଚାୟତଟି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ । ଏହି ବଣପାହାଡ଼ ଘେରା ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ଦିଗରେ ଦୀର୍ଘବର୍ଷରୁ ପ୍ରତିଷ୍ଠିତ ଏହି ଫାଣ୍ଡିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ମାତ୍ର ଉକ୍ତ ଫାଣ୍ଡିର ବିଭିନ୍ନ ସମସ୍ୟା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି । ଖଣ୍ଡପଡା ଥାନା ଅଧୀନରେ ଥିବା ଏହି ଫାଣ୍ଡିରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ସେଠାରେ କାର୍ଯ୍ୟରତ ପୋଲିସ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଖଳିସାହି-କୋସକା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ ବିପଦସଙ୍କୁଳ ଭଡ଼ାଘରେ ଦୀର୍ଘ ବର୍ଷ ଧରି ଏହା କାର୍ଯ୍ୟ କରୁଛି। ଏଠାରେ ଆବଶ୍ୟକ ସ୍ଥାନର ଅଭାବ, ବର୍ଷାଦିନେ ଛାତରୁ ପାଣି ଗଳିବା ଯୋଗୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରଖିବାରେ ସମସ୍ୟା ଉପୁଜିଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଅଞ୍ଚଳରେ ଭଡ଼ାଘର ମିଳୁ ନ ଥିବାରୁ କର୍ମଚାରୀମାନେ ରହିବା ନିମନ୍ତେ ମଧ ଅସୁବିଧା ଭୋଗ କରୁଛନ୍ତି। ଗଡିଆସାହିଠାରେ ପୋଲିସ ଫାଣ୍ଡିର ନୂତନ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ଅନୁଦାନ ଅର୍ଥ ମଞ୍ଜୁର ହୋଇଥିଲେ ହେଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବରୁ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଅଦ୍ୟାବଧି ଜାଗା ଚିହ୍ନଟ ହୋଇପାରୁ ନ ଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ଫଳରେ ଉକ୍ତ ଫାଣ୍ଡିର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି। ଆଇନଶୃଙ୍ଖଳା ବ୍ୟବସ୍ଥାରେ ସୁଧାର ଆଣିବା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ଅବସ୍ଥିତ ପୋଲିସ ଫାଣ୍ଡି, ବିଟ୍ ହାଉସ ଓ ଥାନାଗୁଡିକର ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଥିଲେ ହେଁ ଗଡିଆସାହି ଫାଣ୍ଡିଟି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି । ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ସଂକ୍ଷେପରେ

### ସେକ୍ସ ର୍ୟାକେଟ୍ ଠାବ ଜଣେ ଗିରଫ, ୨ ଦେହଜୀବୀ ଅଟକ

**ବ୍ରହ୍ମପୁର ଅଫିସ,୩।୧୦:** ବ୍ରହ୍ମପୁର ଟାଉନ ଥାନା ଅଧୀନ ନୀଳାଦ୍ରୀ ବିହାର ତୃତୀୟ ଲେନ୍‌ର ଏକ ଭଡା ଘରେ ସେକ୍ସ ରାକେଟ ଠାବ କରିଛି ପୋଲିସ । ଘଟଣାରେ ଜଣେ ରାଣୀ ମହୁମାଛିଙ୍କ ସମେତ ୨ ଦେହଜୀବୀଙ୍କୁ ଅଟକ ରଖାଯାଇଛି। ଅନ୍ୟ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ବିହାରର ସୁମନ କୁମାର ସୌରଭ । ଦେହଜୀବୀଙ୍କ ମଧ୍ୟରୁ ଜଣେ ନୟାଗଡ ଏବଂ ଅନ୍ୟ ଜଣେ କନ୍ଧମାଳ ଜିଲାର ବୋଲି ଜଣାପଡିଛି । ଦୀର୍ଘ ଦିନ ଧରି ଟାଉନ ଥାନାଅଞ୍ଚଳର ବିଭିନ୍ନ ସାହିରେ ଭଡା ସୂତ୍ରରେ ଘର ନେଇ ଦଲାଲମାନେ ଦେହ ବ୍ୟବସାୟ ଚଲାଇଥିବା ବେଳେ ବିଶେଷ ସୂତ୍ରରୁ ଖବରପାଇ ନୀଳାଦ୍ରୀ ବିହାର ତୃତୀୟଲେନରେ ଚାଲିଥିବା ଭଡା ଘରେ ପୋଲିସ ଗୁରୁବାର ଅପରାହ୍ନରେ ଚଢାଉ କରିଥିଲା । ଚଢାଉ ସମୟରେ ଅସଙ୍ଗତ ଅବସ୍ଥାରେ ଦେହଜୀବୀ ଏବଂ ଗ୍ରାହକଙ୍କୁ ଠାବ କରିଥିଲା । ସେଠାରୁ ବହୁ ଆପତ୍ତିଜନକ ସାମଗ୍ରୀ ପୋଲିସ ଜବତ କରିଥିବା ଜଣାପଡିଛି। ଏ ନେଇ ନଂ୨୦୪/୧୮ରେ ମାମଲା ରୁଜୁ କରାଯାଇଛି।

### କର୍କଟ ରୋଗରେ କଏଦୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୩।୧୦:** ଏକ ଆପରାଧୀକ ମାମଲାରେ ଗୁଣୁପୁର ଜେଲରେ ସଜା କାଟୁଥିବା ଜଣେ କଏଦୀଙ୍କର ବୁଧବାର ରାତିରେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମତ୍ୟୁ ଘଟିଛି । ମୃତକ ହେଲେ ବଲାଙ୍ଗୀର ଜିଲା ବେଲପଡା ଗ୍ରାମର ଜଗନ୍ନାଥ ମେହେର (୪୫) । ଜଗନ୍ନାଥ ଗୁଣପୁର ଜେଲରେ ସଜା କାଟୁଥିବା ବେଳେ ସେପ୍ଟେମ୍ବର ୨୯ରେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ । ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେ କର୍କଟ ରୋଗରେ ପୀଡିତ ଥିଲେ ବୋଲି ଜଣାପଡିଛି । ଏନେଇ ବୈଦ୍ୟନାଥପୁର ଥାନାରେ ନଂ. ୪୯୪/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

### ଦୁର୍ଘଟଣାରେ ଚିକିତ୍ସାଧୀନଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୩।୧୦:** ଏକ ଦୁର୍ଘଟଣାରେ ଶୀକାର ହୋଇ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ସାଇକଲ ଆରୋହୀଙ୍କ ବୁଧବାର ରାତିରେ ମତ୍ୟୁ ଘଟିଛି । ମୃତକ ହେଲେ ସୋରଡା ଥାନା ଢେପପଲ୍ଲୀ ଗ୍ରାମର ଜୁରିଆ ପ୍ରଧାନ (୭୫) । ବୁଧବାର ଅପରାହ୍ନରେ ଜୁରିଆ ସାଇକଲରେ ସୋରଡା ଅଭିମୁଖେ ଯାଉଥିବା ବେଳେ ଗଣିଆ ଛକରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ହୋଇଥିଲେ । ସଙ୍କଟାପନ୍ନ ସ୍ଥିତିରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ବୈଦ୍ୟନାଥପୁର ଥାନାରେ ନଂ ୪୯୬/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି ।

■ ସ୍ୱଚ୍ଛହେବ ଆବର୍ଜନା ସ୍ଥଳ

# ଆରମ୍ଭ ହେଲା ଅଣ୍ଡରଗ୍ରାଉଣ୍ଡ ବିନ୍ ନିର୍ମାଣ କାର୍ଯ୍ୟ

**ବ୍ରହ୍ମପୁର ଅଫିସ,୩।୧୦**

ବ୍ରହ୍ମପୁର ମହାନଗରକୁ ମଙ୍ଗଳବାର ଗାନ୍ଧୀ ଜୟନ୍ତୀ ଅବସରରେ ବାହ୍ୟମଳମୁକ୍ତ ଅଞ୍ଚଳଭାବେ ଘୋଷଣା ହୋଇଛି । ଏବେ ମହାନଗରକୁ ସ୍ୱଚ୍ଛ, ସୁନ୍ଦର ଓ ଶ୍ରେଷ୍ଠ ସହରରେ ପରିଣତ କରିବା ନେଇ ପ୍ରୟାସ ଆରମ୍ଭ କରାଯାଇଛି । ବିଭିନ୍ନ ସମୟରେ ସହରରେ ଥିବା ଆବର୍ଜନାସ୍ଥଳ ସଫା ରହୁ ନ ଥିବା ଓ ଦୁର୍ଗନ୍ଧ ପରିବେଶ ନେଇ ଅଭିଯୋଗ ହୋଇ ଆସୁଥିବା ବେଳେ ଏଥିରୁ ସବୁଦିନ ପାଇଁ ସହରକୁ ମୁକ୍ତ କରିବାକୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ସହରର ବିଭିନ୍ନ ସ୍ଥାନରେ ଆବର୍ଜନାସ୍ଥଳକୁ ଉଠାଇ ସେଠାରେ ଅଣ୍ଡରଗ୍ରାଣ୍ଡ ବିନ ଡଷ୍ଟବିନ ଲଗାଯିବାକୁ ସ୍ଥିର ହୋଇଛି । ଓଡିଶାର ପ୍ରଥମ ସହର ଭାବେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଏନେଇ ସେପ୍ଟେମ୍ବର ମାସରୁ କାର୍ଯ୍ୟ ଆରମ୍ଭ ହୋଇଛି। ଅକ୍ଟୋବର ଶେଷ ସୁଧା ସହରର ନିର୍ଦ୍ଧାରିତ ୧୪ଟି ସ୍ଥାନରେ ୫୦ ଅଣ୍ଡର ବିନ ଡଷ୍ଟବିନ ଲଗାଯିବ । ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରୁ ସମସ୍ତ ଡଷ୍ଟବିନ କାର୍ଯ୍ୟକ୍ଷମ ହେବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି ।

ବ୍ରହ୍ମପୁରକୁ ଭାରତର ଏକ ଶ୍ରେଷ୍ଠ, ସୁନ୍ଦର ଓ ସ୍ୱଚ୍ଛ ସହରରେ ପରିଣତ କରିବା ନେଇ ଗତ ବର୍ଷ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । କିନ୍ତୁ ଆବର୍ଜନାସ୍ଥଳକୁ ନିୟମିତ ସଫା ରଖିବା ତଥା ସେଠାରୁ ଆବର୍ଜନା ନିଷ୍କାସନ କରିବା ଦିଗରେ ବିଏମ୍‌ସି ବିଫଳ ରହିଥିଲା । ଅନେକ ଆବର୍ଜନା ସ୍ଥଳ ସହରର ବିଭିନ୍ନ ଜନଗହଳି ପୂର୍ଣ୍ଣ ସ୍ଥାନ ନିକଟରେ ରହିଥିବାରୁ ଏହାକୁ ନିୟମିତ ସଫା କରିବା ତଥା ହଟାଇବାକୁ ବହୁବାର ଦାବି ହୋଇଥିଲା । ସହରବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ଓ ସହରକୁ ସ୍ୱଚ୍ଛ, ସୁନ୍ଦର କରିବା ଲକ୍ଷ୍ୟ ନେଇ ବିଏମ୍‌ସି ପକ୍ଷରୁ ସହରର ଆବର୍ଜନାସ୍ଥଳରେ ଅଣ୍ଡରଗ୍ରାଉଣ୍ଡ ବିନ ଡଷ୍ଟବିନ ସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଅଗଷ୍ଟ ୩୧ ସ୍ୱାୟତ୍ତଶାସନ ଦିବସରେ ଏହି ଡଷ୍ଟବିନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହାପରେ ପ୍ରଥମ ପର୍ଯ୍ୟାୟରେ ୧୪ ସ୍ଥାନରେ ୫୦ ଡଷ୍ଟବିନ ଲଗାଯିବା ନେଇ ସ୍ଥାନ ଚିହ୍ନଟ କରାଯାଇଥିଲା । ସେପ୍ଟେମ୍ବରରେ ନିର୍ଦ୍ଧାରିତ ସ୍ଥାନରେ ଡଷ୍ଟବିନ ସ୍ଥାପନ ନେଇ କାର୍ଯ୍ୟ ଆରମ୍ଭ ହୋଇଛି ।

ବିଏମ୍‌ସି ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ସହରରେ ପ୍ରତ୍ୟେକ ଡଷ୍ଟବିନ ପାଇଁ ୩.୨୫ ଲକ୍ଷ ଖର୍ଚ୍ଚ ହେଉଥିବା ବେଳେ ପ୍ରତ୍ୟେକ ଡଷ୍ଟବିନର ଧାରଣ



ସହରରେ ଚାଲିଥିବା ଅଣ୍ଡରଗ୍ରାଉଣ୍ଡ ବିନ୍ ଡଷ୍ଟବିନ ନିର୍ମାଣ କାର୍ଯ୍ୟ ।

କ୍ଷମତା ୨.୫ କ୍ୟୁବିକ ମିଟର ରହିଛି । ପ୍ରଥମ ପର୍ଯ୍ୟାୟରେ ଲାଗିବାକୁ ଥିବା ୧୪ ସ୍ଥାନ ମଧ୍ୟରୁ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଓ କପିଳେଶ୍ୱର ପେଟା ନିକଟରେ ସର୍ବାଧିକ ୬ ଲେଖାଏ ଡଷ୍ଟବିନ ସ୍ଥାପନ କରାଯିବାକୁ ଥିବା ବେଳେ ଆମ୍ବ ମାର୍କେଟ, ବୈକୁଣ୍ଠନଗର ଓ ପଞ୍ଚୁଦେବାଳୟ ମନ୍ଦିର ନିକଟରେ ୪ ଲେଖାଏ ଡଷ୍ଟବିନ ସ୍ଥାପନ ହେବ । ସେହିପରି ଜେନେନା ହସ୍‌ପିଟାଲ ରୋଡ, ଲାଞ୍ଜିପଲ୍ଲୀ ଦୁର୍ଗାମନ୍ଦିର, ଲାଠିରୋଡରେ ୨ ଟି ଲେଖାଏ

■ନଭେମ୍ବର ପ୍ରଥମ ସପ୍ତାହରେ କାର୍ଯ୍ୟକ୍ଷମ ଲକ୍ଷ୍ୟ

■ପ୍ରଥମ ପର୍ଯ୍ୟାୟରେ ୧୪ ସ୍ଥାନରେ ଲାଗିବ ୫୦ ଡଷ୍ଟବିନ

ଡଷ୍ଟବିନ ଲାଗିବ । ସେଥିମଧ୍ୟରୁ ବର୍ତ୍ତମାନ ସୁଧା ୫ ସ୍ଥାନରେ ଡଷ୍ଟବିନ ସ୍ଥାପନ ନେଇ ପ୍ରାଥମିକ ନିର୍ମାଣ କାର୍ଯ୍ୟ ସରିଛି । ଆଉ ୮ ସ୍ଥାନରେ ଡଷ୍ଟବିନ ସ୍ଥାପନ ନେଇ କାର୍ଯ୍ୟ ଚାଲୁ ରହିଥିବା ସହକାରୀ ନିର୍ବାହୀଯନ୍ତ୍ରୀ ଜିତେନ୍ଦ୍ର ପଟ୍ଟନାୟକ କହିଛନ୍ତି । ଅନ୍ୟପକ୍ଷରେ ଏହି ଡଷ୍ଟବିନ ସ୍ଥାପନ ଓ ପରିଚାଳନା ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ ପ୍ରଦାନ କରାଯାଇଛି । ଏନେଇ ଉକ୍ତ ସଂସ୍ଥା ସହ ବିଏମ୍‌ସିର ୩ ବର୍ଷ ପାଇଁ ଚୁକ୍ତିନାମା ସ୍ୱାକ୍ଷର ହୋଇଛି । ଚୁକ୍ତିନାମା ଅନୁସାରେ ଏହି ଡଷ୍ଟବିନ ସ୍ଥାପନ ପରେ ଉକ୍ତ ସଂସ୍ଥା ଏଥିରୁ ଆବର୍ଜନା ନିଷ୍କାସନ କରିବ । ଏଥିପାଇଁ ସ୍ୱତନ୍ତ୍ର ଭ୍ୟାନ ନିୟୋଜିତ ହେବ । ଏହି ଡଷ୍ଟବିନ ସ୍ଥାପନ ପରେ ସମସ୍ତ ଆବର୍ଜନା ସ୍ଥଳରେ ବିଏମ୍‌ସି ପକ୍ଷରୁ ଗ୍ରିନେରିରେ ପରିଣତ କରାଯିବାର ଯୋଜନା ରଖାଯାଇଥିବା କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି।

### ଡିଏଲଏସ୍‌ଏ ପକ୍ଷରୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ

**ବ୍ରହ୍ମପୁର ଅଫିସ,୩।୧୦**

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ହତ୍ୟା ଘଟଣାରେ ମୃତକଙ୍କ ପରିବାର ବର୍ଗଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଇଛି । ଜିଲା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ବିଭୂପ୍ରସାଦ ରାଉତରାୟଙ୍କ ନିର୍ଦ୍ଦେଶାକ୍ରମେ ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ଏହି ଅର୍ଥ ପ୍ରଦାନ କରିଛନ୍ତି । ପ୍ରକାଶଯେ, ୨୦୧୨ ଏପ୍ରିଲ ୬ରେ ଗୋପାଳପୁର ଥାନା ଅଧୀନ ଶୀତଳାପଲ୍ଲୀ ଗ୍ରାମର ବି.ଘନ ରେଡ୍ଡୀ ଓ ବି.ଏଙ୍କେଟେଶୁଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଯେଉଁଥିରେ ଘନ ରେଡ୍ଡୀଙ୍କର ମୃତ୍ୟୁ ହୋଇଥିଲା । ମାମଲାଟି ତତ୍କାଳୀନ ଜିଲା ଜଜ୍‌ଙ୍କ ନିକଟରେ ବିଚାରାଧୀନ ଥିଲା । ଯାହା ଗତ ଫେବୃୟାରୀ ୨୪ରେ ଶେଷ ଶୁଣାଣି ହୋଇଥିଲା । ମୃତକଙ୍କ ପରିବାର ବର୍ଗ ଯଥା ଘନଙ୍କ ସ୍ତ୍ରୀଙ୍କୁ ୧ଲକ୍ଷ ୫୦ ହଜାର ଟଙ୍କା ଏବଂ ତାଙ୍କ ମାଆଙ୍କୁ ୫୦ ହଜାର ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ନିମନ୍ତେ ଆଦେଶ ଦେଇଥିଲେ । ଉକ୍ତ ଆଦେଶ ଓ ଜିଲା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ସଚିବ ଦାସ ମୃତକଙ୍କ ମାଆ ଜି.ଦାନାମା ଓ ତାଙ୍କ ସ୍ତ୍ରୀ ଜି.ମସିଆନୁଙ୍କୁ ଉକ୍ତ କ୍ଷତିପୂରଣ ଅର୍ଥ ରାଶି ପ୍ରଦାନ କରିଥିବା ସୂଚନା ଦିଆଯାଇଛି ।

■ ବ୍ରହ୍ମପୁର ପୋଲିସ, ଆମ ପୋଲିସ ସମିତି ମିଳିତ ବୈଠକ

# ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ବ୍ରହ୍ମପୁର ଅଫିସ,୩।୧୦**

ପାର୍ବଣ ଋତୁରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ନେଇ ବୁଧବାର ବ୍ରହ୍ମପୁର ପୋଲିସ ଏବଂ ଆମ ପୋଲିସ ସମିତି ମିଳିତ ବୈଠକ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଥିବା ଭିଡିଓ କନ୍‌ଫରେନ୍ସିଂ ହଲରେ ଅନୁଷ୍ଠିତ ହୋଇଯାଇଛି । ଏସ୍‌ପି ପିନାକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସଙ୍କ ସମେତ ବ୍ରହ୍ମପୁର ସହରରେ ଗୋଷାଣୀନୂଆଗାଁ, ବୈଦ୍ୟନାଥପୁର, ବଡବଜାର ଏବଂ ଟାଉନ ୪ ଥାନା ଅଧିକାରୀ ଓ ବରିଷ୍ଠ ନାଗରିକ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ। ଆଗକୁ ଦୁର୍ଗାପୂଜା ଥିବା ବେଳେ ପରେ ପରେ ଅନ୍ୟାନ୍ୟ ପର୍ବପର୍ବାଣି ରହିଛି। ଏହି ସମୟରେ ବିଭିନ୍ନ ପୂଜା କମିଟି ପକ୍ଷରୁ ମେଢ ଏବଂ କଳାକୁଞ୍ଜ ମାନ ସ୍ଥାପନ ହେବ । ସେହିପରି ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏଣୁ ଭିଡ ଏବଂ ଟ୍ରାଫିକ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯାଇଥିଲା । ଆମ ପୋଲିସ ସମିତି ସଦସ୍ୟ ଏବଂ ବରିଷ୍ଠ ନାଗରିକ ସଦସ୍ୟମାନଙ୍କ ସହାୟତା ଦ୍ୱାରା ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରାଯିବ ବୋଲି କୁହାଯାଇଛି । ବ୍ରହ୍ମପୁର ପୋଲିସ ପକ୍ଷରୁ



ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ ଅଧ୍ୟକ୍ଷତାରେ ପୋଲିସ ଏବଂ ଆମ ପୋଲିସ ସମିତିର ମିଳିତ ବୈଠକ ।

ସହରର ୭୦୦ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କ ସୁରକ୍ଷା ଲାଗି ଆମ ପୋଲିସ ସମିତି ଏବଂ ସ୍ଥାନୀୟ ଥାନାଧିକାରୀଙ୍କୁ ଆଡମିନ୍ ରଖାଯାଇ ଏକ ୱାଟସଅପ୍ ଗ୍ରୁପ୍ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଉକ୍ତ ଗ୍ରୁପ୍‌ରେ ସମସ୍ୟା ନେଇ ପୋଷ୍ଟ କଲେ ପୋଲିସ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି । ସେହିପରି ସହରରେ ୪ ଥାନାର ୪ ପାଟ୍ରୋଲିଂ ଭ୍ୟାନ୍ ସମେତ ବ୍ରହ୍ମପୁର ପୋଲିସର ୮ପାଟ୍ରୋଲିଂ ଭ୍ୟାନ ରହିଛି । ତେବେ ପାର୍ବଣ ଋତୁ ପାଇଁ ଅଧିକ ଦୁଇଟି

**ବରିଷ୍ଠ ନାଗରିକଙ୍କ ସୁରକ୍ଷା ନେଇ ହେବ ୱାଟସ୍‌ଆପ୍ ଗ୍ରୁପ୍**

ପାଟ୍ରୋଲିଂ ଭ୍ୟାନ୍ ଅଣାଯାଇ ସହରରେ କଡାକଡି ପାଟ୍ରୋଲିଂ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି । ସେହିପରି ସୋସିଆଲ ମିଡିଆରେ ମିଥ୍ୟା ଖବର, ଗୁଜବକୁ ଗୁରୁତ୍ୱ ନ ଦେଇ ପୋଲିସର ସହାୟତା ନେବା ପାଇଁ ପରାମର୍ଶ ଦିଆଯାଇଛି । ଅନ୍‌ଲାଇନ ଠକାମୀର ଯେଭଳି ଶିକାର ନ ହୁଅନ୍ତି , ସେ ନେଇ ମଧ୍ୟ ସଚେତନ କରାଯାଇଥିଲା । ସହର ମଧ୍ୟରେ ବିଭିନ୍ନ ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ଥିବା ମଦଦୋକାନରେ ନିଶାସକ୍ତଙ୍କ ଭିଡ ରହୁଥିବାରୁ ଯାତାୟାତରେ ସମସ୍ୟା ନେଇ ଅଭିଯୋଗ ଉଠିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଥିଲେ । ସ୍ପିଡ୍ ବାଇକ୍ ରାଇଡର୍ ଏବଂ ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ଷ୍ଟଣ୍ଟ ଶୋ କରୁଥିବା ଦେଖିଲେ ପୋଲିସକୁ ଖବରଦେବା ପାଇଁ କୁହାଯାଇଛି । ସମସ୍ତଙ୍କ ମତାମତ ନେଇ ଆମ ପୋଲିସ ସମିତିକୁ ଯେଭଳି ଦୃଢୀଭୂତ କରାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିଲା । ଶେଷରେ ଏସଆଇ ମହେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

କୋର୍ଟରେ ହାଜର ହେଲେ ରମେଶ ଜେନା

# ନଭେମ୍ବର ୧୪ , ୧୫ରେ ବିଚାର ଧାର୍ଯ୍ୟ

**ବ୍ରହ୍ମପୁର ଅଫିସ,୩।୧୦**

ତିନିଗୋଟି ମାମଲାର ବିଚାର ନେଇ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କୁ ବୁଧବାର ବ୍ରହ୍ମପୁର ପ୍ରଥମ ଶ୍ରେଣୀ ଅତିରିକ୍ତ ଜିଲା ଦୌରା ଜଜ୍ ସଞ୍ଜୟ କୁମାର ସାହୁଙ୍କ ନିକଟରେ ହାଜର କରାଯାଇଥିଲା । ବ୍ରହ୍ମପୁର ସଦରଥାନା ଅନ୍ତର୍ଗତ ରେଗିଡି ଗ୍ରାମର ସୁରେଶ ପ୍ରଧାନ ହତ୍ୟା ମାମଲାରେ ଅଭିଯୁକ୍ତ ଥିବା ରମେଶଙ୍କ ବିଚାର ନେଇ ୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ସେମାନେ ହତ୍ୟାକାଣ୍ଡ ସମ୍ପର୍କରେ କୌଣସି ସୂଚନା ପାଇ ନ ଥିବା ବିଚାରପତିଙ୍କ ନିକଟରେ ବୟାନ ରଖିଥିଲେ। ସେହିପରି ଶ୍ରୀକ୍ଷେତ୍ର ବିହାରରେ ବେଆଇନ ଗୁଟ୍‌ଖା କାରଖାନା ଠାବ ଘଟଣାରେ ବୁଧବାର ଚାର୍ଜ ଫ୍ରେମ କରାଯାଇଥିବା ଜଣାପଡିଛି । ପରବର୍ତ୍ତୀ ଦିନ ଧାର୍ଯ୍ୟ ହେଲେ ସେବେଠାରୁ ବିଚାର ହେବ ବୋଲି ଜଣାପଡିଛି । ସେହିପରି ବହୁ ଚର୍ଚ୍ଚିତ ଚିକେନ ରବି ହତ୍ୟା ମାମଲାରେ ରମେଶଙ୍କ ବିଚାର ପାଇଁ ମୃତକଙ୍କ ପରିବାର ବର୍ଗଙ୍କ ସାକ୍ଷ୍ୟ ଗ୍ରହଣ ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ କୌଣସି ସାକ୍ଷୀ କୋର୍ଟରେ ପହଞ୍ଚି ନ ଥିଲେ। ଫଳରେ ତିନୋଟି ମାମଲାର ପରବର୍ତ୍ତୀ ବିଚାର ପାଇଁ ନଭେମ୍ବର ୧୪ ଓ ୧୫ ତାରିଖ



ପ୍ରଥମ ଅତିରିକ୍ତ ଜିଲା ଦୌରା ଜଜ୍ କୋର୍ଟରେ ରମେଶଙ୍କୁ ହାଜର କରାଯାଇଛି ।

ଧାର୍ଯ୍ୟ କରାଯାଇଥିବା ରମେଶଙ୍କ ଓକିଲ ନିର୍ମଳ ସାହୁ ସୂଚନା ଦେଇଛନ୍ତି । ସେହିପରି ଖଲ୍ଲିକୋଟ କଲେଜ ପଡିଆରେ ପୂର୍ବତନ କର୍ପୋରେଟର ମୁନା ଜେନାଙ୍କର କୌଣସି କାର୍ଯ୍ୟ ପାଇଁ ବନ୍ଧା ଯାଇଥିବା ଟେଣ୍ଟ ଓ ତୋରଣ ପୋଡିଦେବା ମାମଲାରେ ଗୁରୁବାର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ରମେଶ ହାଜର ହେବେ ବୋଲି ଜଣାପଡିଛି। ପ୍ରକାଶଯେ, ରମେଶଙ୍କ ନାମରେ ୫୧ ମାମଲା ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ବିଭିନ୍ନ ମାମଲାରେ ଛନ୍ଦି ହୋଇ ରମେଶ ଛତ୍ରପୁର ଜେଲରେ ଥିବା ବେଳେ ଜୁଲାଇ ୨୫ ରେ ଜାମିନ ପାଇ ସେ ମୁକୁଳିଛନ୍ତି ।

■ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ

# ଛାତ୍ର ସଂସଦର ସମସ୍ତ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ

**ବ୍ରହ୍ମପୁର ଅଫିସ,୩।୧୦**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ଛାତ୍ର ସଂସଦର ସମସ୍ତ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବା ଜଣାପଡିଛି। ବୁଧବାର ପୂର୍ବାହ୍ନ ୧୧ଟାରୁ ନାମାଙ୍କନ ପତ୍ର ଦାଖଲ ହୋଇ ଅପରାହ୍ନ ୧ ଟାରେ ଶେଷ ହୋଇଥିଲା । ସଂସଦର ୭ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ସମସ୍ତ ୭ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଥିବା ଜଣାପଡିଛି । ଛାତ୍ର ସଂସଦ ସଭାପତି ପଦବୀ ପାଇଁ ଦ୍ୱିତୀୟ ବର୍ଷ ଆଇନ ଛାତ୍ର ଚିନ୍ମୟ କୁମାର ହୋତା ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଉପସଭାପତି ପାଇଁ ପ୍ରଥମ ବର୍ଷର ଆଇନ ଛାତ୍ରୀ ସୁମିଶ୍ରୀ ବେହେରା ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ଛାତ୍ର ସଂସଦ ସମ୍ପାଦକ ପାଇଁ ଶେଷ ବର୍ଷ ଛାତ୍ର ସତ୍ୟନାରାୟଣ ସାହୁ, ସହସମ୍ପାଦକ ପାଇଁ ପ୍ରଥମ ବର୍ଷର ଛାତ୍ର ଆଦିତ୍ୟ କୁମାର ଦାସ, କ୍ରୀଡା ସଂସଦ ସମ୍ପାଦକ ପାଇଁ ପ୍ରଥମ ବର୍ଷର ବି.ତେଜେଶ୍ୱର ରାଓ, ନାଟ୍ୟ ସଂସଦ ସମ୍ପାଦକ ପାଇଁ ସନ୍ଦୀପ ଜେନା, ନାଟ୍ୟ ସଂସଦ ସହସମ୍ପାଦକ ପାଇଁ ପ୍ରଥମ ବର୍ଷର ଗଣେଶ ଗୌଡ ନାମାଙ୍କନ ପତ୍ର ଦାଖଲ କରିଥିବା ବିଜ୍ଞପ୍ତି ପ୍ରକାଶ ପାଇଛି । ଆପୋସ ବୁଝାମଣା ହୋଇ ମହାବିଦ୍ୟାଳୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରିବା ପାଇଁ ଛାତ୍ରୀଛାତ୍ରମାନେ ଏଭଳି ସମୂହ ନିଷ୍ପତ୍ତି ନେଇ ସମସ୍ତ ପ୍ରାର୍ଥୀଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ କରାଇଥିବା ଜଣାପଡିଛି । ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ସରୋଜ କୁମାର ଦାସ, ଅଧ୍ୟାପକ ପି.କେ.ଦୀକ୍ଷିତ, ସୁମନ କଲ୍ୟାଣ ଚୌଧୁରୀ, ସେକ୍ସନ ଅଫିସର ଉପେନ୍ଦ୍ର ନାରାୟଣ ମହାପାତ୍ର, ଆସିଷ୍ଟାଣ୍ଟ କଣ୍ଟ୍ରୋଲର ପର୍ଶୁରାମ ପାତ୍ର ଏବଂ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ସେକ୍ସନ ଅଫିସର ସୁଧାଂଶୁ ମୋହନ ନନ୍ଦ ପ୍ରମୁଖ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ଆଇନ ଶୃଙ୍ଖଳା ପାଇଁ ବୈଦ୍ୟନାଥପୁର ଆଇଆଇସି ଜୟକୃଷ୍ଣ ପଟ୍ଟନାୟକଙ୍କ ସମେତ ପୋଲିସ ଫୋର୍ସ ମୁତୟନ ରହିଥିଲେ ।



ଛାତ୍ର ସଂସଦ ସଭାପତି ଏବଂ ଅନ୍ୟାନ୍ୟ ପଦବୀ ପାଇଁ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି ।

■ଗଞ୍ଜାମ ଜିଲା ଫୁଟବଲ୍ ଲିଗ୍ ଉଦ୍‌ଘାଟିତ

# ପ୍ରଥମ ମ୍ୟାଚ୍‌ରେ ନଟରାଜ କ୍ଲବ ବିଜୟୀ

**ବ୍ରହ୍ମପୁର ଅଫିସ,୩।୧୦**

ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ତରଫରୁ ଜିଲା ଫୁଟବଲ୍ ଲିଗ୍ ବୁଧବାର ଅପରାହ୍ନରେ ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମ୍ୟାଚ୍ ନଟରାଜ ଫୁଟବଲ୍ କ୍ଲବ ଏବଂ ନୀଳକଣ୍ଠେଶ୍ୱର ଫୁଟବଲ୍ କ୍ଲବ ମଧ୍ୟରେ ଖେଳାଯାଇଥିଲା। ମ୍ୟାଚ୍‌ରେ ନଟରାଜ କ୍ଲବ ୩–୦ ଗୋଲ୍‌ରେ ଏକପାଖିଆ ଭାବେ ବିଜୟୀ ହୋଇଛି। ଦଳର ହିମାଂଶୁ ବେହେରା ପ୍ରଥମାର୍ଦ୍ଧର ଚତୁର୍ଥ ମିନିଟ୍‌ରେ ପ୍ରଥମ ଗୋଲ୍ ସ୍କୋର କରି ଦଳକୁ ୧–୦ ଗୋଲ୍‌ରେ ଆଗୁଆ କରିଥିଲେ । ୧୫ ମିନିଟ୍‌ରେ ତ୍ରିଦେବ ମୁଖୀ ଏକ ଗୋଲ୍ ଦେଇ ସ୍କୋରକୁ ୨–୦ କରି ଦେଇଥିଲେ । ତେବେ ଦ୍ୱିତୀୟାର୍ଦ୍ଧର ୩୬ତମ ମିନିଟ୍‌ରେ ତ୍ରିଦେବ ଆଉ ଏକ ଗୋଲ୍ ସ୍କୋର କରି ଦଳକୁ ୩–୦ରେ ବିଜୟୀ କରାଇଥିଲେ । ଅଫିସିଆଲ୍ ଭାବେ ବିନାୟକ ହୋତା, ଏମ୍.ବାଲକ୍ରିଷ୍ଣା, ରମେଶ ବେହେରା, ଅଭିମନ୍ୟୁ ବେହେରା ଏବଂ ଭିନ୍‌ସେଣ୍ଟ ଦାସ ମ୍ୟାଚ୍ ପରିଚାଳନା କରିଥିଲେ ।

ଏହା ପୂର୍ବରୁ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ଜିଲା କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଏବଂ ପୂର୍ବତନ କର୍ପୋରେଟର୍ ଆର୍. ମୁରଲୀ ମୋହନ ପ୍ରମୁଖ ଯୋଗ ଦେଇଥିଲେ । ଜିଲା କ୍ରୀଡ଼ା ସଂସଦ ସହ ସମ୍ପାଦକ(ଫୁଟବଲ୍) ସୀତାରାମ ବେହେରା, କେଦାର ଚୌଧୁରୀ, ଶରତ ଚନ୍ଦ୍ର ମହାପାତ୍ର, ତାରିଣୀ ସାମନ୍ତରାୟ, କେ.ଅରବିନ୍ଦ, ଶିବାନନ୍ଦ ଷଡ଼ଙ୍ଗୀ, ଡି. ଆପ୍ପା ରାଓ, ବସନ୍ତ ପାଣିଗ୍ରାହୀ, ଦୁର୍ଗା ପଟ୍ଟନାୟକ, ନିମାଇଁ ବେବର୍ତ୍ତା, ଡି.ଏସ୍. ଚୌଧୁରୀଙ୍କ ସମେତ ସଂସଦର ବହୁ କର୍ମକର୍ତ୍ତା ପରିଚାଳନା କରିଥିଲେ । ସୂଚନାଯୋଗ୍ୟ, ଜିଲା ଫୁଟବଲ୍ ଲିଗ୍‌ରେ ମୋଟ ୧୬ ଦଳ ଭାଗ ନେଇଛନ୍ତି । ଗ୍ରୁପ୍–ଏ'ରେ ଇଲେଭେନ୍ ଷ୍ଟାର୍, କାଶିରାମ ଫୁଟବଲ୍ କ୍ଲବ, ବାରାକ୍ସ ଫୁଟବଲ୍ କ୍ଲବ ଏବଂ ଖେମୁଣ୍ଡି ଫୁଟବଲ୍ କ୍ଲବ ରହିଛି । ଗ୍ରୁପ୍–ବି'ରେ ନଟରାଜ ଫୁଟବଲ୍ କ୍ଲବ, ବ୍ରହ୍ମପୁର ପୋଲିସ, ନୀଳକଣ୍ଠେଶ୍ୱର ଫୁଟବଲ୍ କ୍ଲବ ଏବଂ ଆସିକା ଫୁଟବଲ୍ କ୍ଲବ ରହିଛି । ଗ୍ରୁପ୍–ସି'ରେ ମୋହନ ନାୟକ ଫୁଟବଲ୍ କ୍ଲବ, ଛତ୍ରପୁର ଟାଉନ୍ କ୍ଲବ, ଲିଓ ଫୁଟବଲ୍ କ୍ଲବ ଏବଂ ତୁଳସୀନଗର ଫୁଟବଲ୍ କ୍ଲବ ରହିଛି । ସେହିଭଳି ଗ୍ରୁପ୍–ଡି'ରେ ପତିତପାବନ ସଂଘ ଫୁଟବଲ୍ କ୍ଲବ, ମର୍ନିଂ ଫୁଟବଲ୍ କ୍ଲବ, ହିଞ୍ଜିଳିକାଟୁ ଫୁଟବଲ୍ କ୍ଲବ ଏବଂ ୟଙ୍ଗ ବଏଜ୍ ଫୁଟବଲ୍ କ୍ଲବ ରହିଛି । ପ୍ରଥମ ପର୍ଯ୍ୟାୟରେ ଗ୍ରୁପ୍ ସ୍ତରରେ ଲିଗ୍ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଟିମ୍‌ଗୁଡ଼ିକ ସେମିଫାଇନାଲ୍‌ରେ ପ୍ରବେଶ କରିବେ । ୧୪ତାରିଖରେ ପ୍ରଥମ ଏବଂ ୧୫ତାରିଖରେ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ । ୧୬ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଗୁରୁବାର ତିନିଟି ମ୍ୟାଚ୍ ଖେଳାଯିବ । ସକାଳେ ଗ୍ରୁପ୍–ଡି'ର ହିଞ୍ଜିଳିକାଟୁ ଫୁଟବଲ୍ କ୍ଲବ ଏବଂ ୟଙ୍ଗ ବଏଜ୍ ଫୁଟବଲ୍ କ୍ଲବ ଓ ଗ୍ରୁପ୍–ଏ'ର ବାରାକ୍ସ ଫୁଟବଲ୍ କ୍ଲବ ଏବଂ ଖେମୁଣ୍ଡି ଫୁଟବଲ୍ କ୍ଲବ ମଧ୍ୟରେ ଖେଳାଯିବ । ଅପରାହ୍ନରେ ଏକମାତ୍ର ମ୍ୟାଚ୍ ଗ୍ରୁପ୍–ବି'ର ବ୍ରହ୍ମପୁର ପୋଲିସ ଏବଂ ଆସିକା ଫୁଟବଲ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ।



ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।